ଧରିତ୍ରୀ
DHARITRI

ଧରିତ୍ରୀ 50 Years

ପୃଷ୍ଠା-୧୨+୮

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୩୦/୨୦୨୪ (୧୨+୮=୨୦ ପୃଷ୍ଠା) | Bhubaneswar, Tuesday, April 30/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୧୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 156 | ମୂଲ୍ୟ ₹୭/-

ଟସ୍କୁ ଫେରିଲେ ଦୀପିକା

ତୀରନ୍ଦାଜ ଦୀପିକା କୁମାରୀଙ୍କୁ ପୁନର୍ବାର ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟସ୍କ)ରେ ସାମିଲ କରାଯାଇଛି।

୧୨

୦୨

ପୁଅ ଅଭ୍ୟାନଙ୍କ ସହ ୱାର୍କଆଉଟ୍ କଲେ ଦିୟା

ବଲିଉଡ୍ ଅଭିନେତ୍ରୀ ଦିୟା ମିର୍ଜା ସୋମବାର ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ସେ ତାଙ୍କ ପୁଅ ଅଭ୍ୟାନଙ୍କ ସହ ୱାର୍କ୍‌ଆଉଟ୍ କରୁଛନ୍ତି।

ଓଡ଼ିଶାରେ ପ୍ରଚଣ୍ଡ ରୌଦ୍ରତାପ, ସେପଟେ ଜମ୍ମୁକଶ୍ମୀରର ଅନନ୍ତନାଗରେ ପ୍ରବଳ ତୁଷାରପାତ ନେଇ ରାସ୍ତାରେ ଟ୍ରାଫିକ ଜାମ୍ ଦେଖାଦେଇଛି।

ଆରମ୍ଭ ହେଲା ତୃତୀୟ ପର୍ଯ୍ୟାୟ ନାମାଙ୍କନ

ମେ' ୨୫ରେ ୬ ଲୋକ ସଭା, ୪୨ ବିଧାନସଭା ଆସନରେ ମତଦାନ

ଭୁବନେଶ୍ୱର,୨୯।୪(ଅନିଲ ଦାସ)

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଅର୍ଥାତ୍ ମେ' ୨୫ ତାରିଖରେ ହେବାକୁ ଥିବା ନିର୍ବାଚନ ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ଲୋକ ସଭା ଆସନ ଓ ଏହା ଅଧୀନରେ ଥିବା ୪୨ଟି ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ବିଜ୍ଞପ୍ତି ପ୍ରକାଶ ହେବା ସହିତ ଏହି ସବୁ ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ମେ'୬ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ଚାଲିବ।

ମେ'୭ରେ ନାମାଙ୍କନପତ୍ର ଯାଞ୍ଚ ହେବ ଓ ୯ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ହୋଇପାରିବ। ଏହି ୪୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ୍ ୯୪ ଲକ୍ଷ ୪୧ ହଜାର ୭୯୭ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରେ ୪୬ ଲକ୍ଷ ୧୪ ହଜାର ୧୩୪ ମହିଳା ଭୋଟର ଥିବା ବେଳେ ୪୮ ଲକ୍ଷ ୨୬ ହଜାର ୩୭୫ ପୁରୁଷ ଭୋଟର ରହିଛନ୍ତି। ଏହି ପର୍ଯ୍ୟାୟରେ କୁଚିଣ୍ଡା, ରେଙ୍ଗାଲି, ସମ୍ବଲପୁର, ରେଢାଖୋଲ, ଦେବଗଡ଼, ତେଲକୋଇ, ଘଷିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର, ଚଣ୍ଡୁଆ, କରଞ୍ଜିଆ, ଢେଙ୍କାନାଳ, ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ପାଲଲହଡା, ତାଳଚେର, ଅନୁଗୋଳ, ଛେଣ୍ଡିପଦା, ଆଠମଲ୍ଲିକ, ବଡ଼ମ୍ବା, ବାଙ୍କି, ଆଠଗଡ଼, ବାରବାଟୀ କଟକ, ଚୌଦ୍ୱାର-କଟକ, କଟକ ସଦର, ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି, ଜୟଦେବ, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଏକାମ୍ର ଭୁବନେଶ୍ୱର, ଜଟଣୀ, ବେଗୁନିଆ, ଖୋର୍ଦ୍ଧା, ଚିଲିକା, ରଣପୁର, ଖଣ୍ଡପଡ଼ା ଓ ନୟାଗଡ଼ ବିଧାନସଭା ଆସନରେ ଭୋଟ୍ ଗ୍ରହଣ ହେବ। ୬ଟି ସଂସଦୀୟ କ୍ଷେତ୍ରରୁ କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ଲୋକ ସଭା ଆସନ ଓ ଏହା ଅଧୀନରେ ଥିବା ☞ପୃଷ୍ଠା-୪

ପ୍ରଥମ ଦିନରେ ହେଭିୱେଟ୍‌ଙ୍କ ପ୍ରାର୍ଥୀପତ୍ର ଦାଖଲ

ନାମାଙ୍କନ ଭରିଲେ ଦିଲ୍ଲୀପ, ସମିତ, ସଙ୍ଗୀତା, ସଞ୍ଜୟ, ରଣେନ୍ଦ୍ର

ଭୁବନେଶ୍ୱର,୨୯।୪(ଅନିଲ ଦାସ): ଗ୍ରୀଷ୍ମର ପ୍ରକୋପ ବଢ଼ିବା ସାଙ୍ଗକୁ ରାଜ୍ୟରେ ନିର୍ବାଚନ ବାତାବରଣ ମଧ୍ୟ ଉଷ୍ମ ହେବାରେ ଲାଗିଛି। ନିର୍ବାଚନ କମିଶନ ୩ଟି ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ପରେ ନାମାଙ୍କନ ଦାଖଲ ପ୍ରକ୍ରିୟା ମଧ୍ୟ ଜୋର ଧରିଛି। ବିଭିନ୍ନ ଦଳର ବହୁ ହେଭିୱେଟ୍ ନେତା ଶୋଭାଯାତ୍ରା କରି ସୋମବାର ନାମାଙ୍କନ ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ରାଉରକେଲାରୁ ଦିଲ୍ଲୀପ ରାୟ, ☞ପୃଷ୍ଠା-୪

ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀ ପୋଲିସର ସମନ

ନିର୍ବାଚନ ସମୟରେ ଦଳର ମୁଖ୍ୟମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କ ନେତୃତ୍ୱରେ ଦଳ ନିର୍ବାଚନ ଲଢ଼ିଥାଏ। ହେଲେ ଏବେ ଦଳର ମୁଖ୍ୟମନ୍ତ୍ରୀମାନଙ୍କୁ କେନ୍ଦ୍ର ସରକାର ବିଭିନ୍ନ ମାମଲାରେ ବିବ୍ରତ କରୁଥିବା ଦେଖିବାକୁ ମିଳୁଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏବଂ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଗିରଫ କରି ଜେଲରେ ରଖିଛି। ଏବେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ଦିଲ୍ଲୀ ପୋଲିସ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କୁ ସମନ୍ କରିଛି। ତାହା ପୁଣି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଏକ ଭିଡିଓକୁ ନେଇ, ଯାହାକି ଫେକ୍ ବୋଲି ଭାଜପା ନେତାମାନେ କହୁଛନ୍ତି।

ନୂଆଦିଲ୍ଲୀ,୨୯।୪

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଉପରେ ଏକ ଜାଲିଆତି ଭିଡିଓ ସହ ସମ୍ପୃକ୍ତି ଅଭିଯୋଗରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀଙ୍କୁ ଦିଲ୍ଲୀ ପୋଲିସ ସମନ ଜାରି କରିଛି। ତାଙ୍କ ସମେତ ତେଲଙ୍ଗାନାର ୪ ଜଣଙ୍କୁ ଏହି ମାମଲାରେ ନୋଟିସ ଜାରି କରାଯାଇ ତଦନ୍ତରେ ସାମିଲ ହେବାକୁ କୁହାଯାଇଛି। ତେଲଙ୍ଗାନା କଂଗ୍ରେସର ଏକ୍ସ ହ୍ୟାଣ୍ଡେଲରେ ଶାହାଙ୍କ ସମ୍ପର୍କିତ ଭିଡିଓ ଶେୟାର କରାଯାଇଥିବା ଅଭିଯୋଗ ହୋଇଛି। ପରେ ଦଳର କେତେଜଣ ନେତା ଉକ୍ତ ଭିଡିଓକୁ ରିପୋଷ୍ଟ କରିଥିଲେ। ଅନୁସୂଚିତ ଜାତି/ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ସଂରକ୍ଷଣ କୋଟା ହଟାଇବା ଭାଜପାର ଏଜେଣ୍ଡା ବୋଲି ଉକ୍ତ ଭିଡିଓରେ ଦର୍ଶାଯାଇଥିଲା। କୋଟା ଉଚ୍ଛେଦ ସପକ୍ଷରେ ଶାହା କହୁଥିବାର ଭିଡିଓରେ ଦେଖିବାକୁ ମିଳିଥିଲା। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଏଡିଟ୍ ହୋଇଥିବା ଉକ୍ତ ଭିଡିଓ ବ୍ୟାପକ ଭାବେ ପ୍ରସାରିତ ହେବା ପରେ ଭାଜପା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଭିଯୋଗ ଆଧାରରେ ଦିଲ୍ଲୀ ପୋଲିସ ଆଇପିସିର ବିଭିନ୍ନ ଦଫା ସମେତ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୬ସି ଆଧାରରେ ମାମଲା ରୁଜୁ କରିଛି। ସୋସିଆଲ ମିଡିଆ ଏକ୍ସ ଏବଂ ଫେସ୍‌ବୁକ୍‌କୁ ମଧ୍ୟ ଦିଲ୍ଲୀ ପୋଲିସ ନୋଟିସ୍ ପଠାଇ ଭିଡିଓ ଅପ୍‌ଲୋଡ଼ ଏବଂ ଶେୟାର ହୋଇଥିବା ଆକାଉଣ୍ଟଗୁଡ଼ିକ ଉପରେ ତଥ୍ୟ ମାଗିଛି। ଏକ ନିର୍ବାଚନୀ ରାଲିରେ ଶାହା ଦେଇଥିବା ମୂଳ ଭାଷଣକୁ ବିକୃତ କରିବା ପାଇଁ ହେରଫେର କରାଯାଇଥିବା ଭାଜପା ଅଭିଯୋଗ କରିଛି।

କଂଗ୍ରେସ ଏଡିଟ୍ ହୋଇଥିବା ଏହି ଭିଡିଓକୁ ଭାଇରାଲ କରି ସମ୍ପୂର୍ଣ୍ଣ ମିଛ ଖବର ପ୍ରସାର କରାଉଛି, ଯାହାକି ବଡ଼ ଧରଣର ହିଂସା ସୃଷ୍ଟି କରିପାରେ। ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

ଡଙ୍ଗା ଯାଉଛି କୁଆଡ଼େ

ଆଜି ହିଞ୍ଜିଳିରୁ ନାମାଙ୍କନ ଭରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୪(ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପାରମ୍ପରିକ ଆସନ ହିଞ୍ଜିଳିରୁ ନାମାଙ୍କନ ପତ୍ର ଦାଖଲ କରିବେ। ଷଷ୍ଠଥର ପାଇଁ ସେ ଏହି ଆସନରୁ ବିଜେଡିରୁ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ନାମାଙ୍କନ ପାଇଁ ସେ ପୂର୍ବାହ୍ନ ୧୦ଟା ୨୦ ମିନିଟରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ☞ପୃଷ୍ଠା-୪

ସିବିଆଇ ତଦନ୍ତ ଉପରେ ସୁପ୍ରିମକୋର୍ଟଙ୍କ ରୋକ

ନୂଆଦିଲ୍ଲୀ,୨୯।୪ (ପି.ଟି.)

ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି

ପଶ୍ଚିମବଙ୍ଗରେ ବେଆଇନ ଭାବେ ନିଯୁକ୍ତି ପାଇଥିବା ୨୫,୭୫୩ ଶିକ୍ଷକଙ୍କ ନିଯୁକ୍ତି ରଦ୍ଦ ପାଇଁ କାଲ୍‌କାଟା ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଲଗାଇବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ତେବେ ଏହି ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ସିବିଆଇ ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସର୍ବୋଚ୍ଚ ଅଦାଲତ ସ୍ଥଗିତାଦେଶ ଲଗାଇଛନ୍ତି। ଫଳରେ ମମତା ବାନାର୍ଜୀଙ୍କୁ ସରକାରଙ୍କ ବଡ଼ ଆଶ୍ୱସ୍ତି ମିଳିଛି।

ଅନ୍ୟପକ୍ଷରେ ନିଯୁକ୍ତି ପରୀକ୍ଷା କରାଇଥିବା ସଂସ୍ଥାକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବେଆଇନ ଭାବେ ନିଯୁକ୍ତି ପ୍ରଦାନ ଲାଗି ଓଏମ୍‌ଆର୍ ଉତ୍ତର ଖାତାଗୁଡ଼ିକୁ ନଷ୍ଟ କରାଯିବା ସହ ଫଳାଫଳର ସଫ୍ଟୱେର କପିକୁ ଲିଭାଇଦିଆଯାଇଥିଲା। ସେହିପରି ଚୟନ କମିଟିରେ ନ ଥିବା କେତେଜଣଙ୍କୁ ସେଥିରେ ସାମିଲ କରାଯାଇଥିଲା। ହାଇକୋର୍ଟଙ୍କ ରାୟ କିପରି ଭୁଲ୍, ତାହାର ସନ୍ତୋଷଜନକ ଜବାବ ଦେବାକୁ ହେବ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଆବେଦନକାରୀ ପଶ୍ଚିମବଙ୍ଗ ସରକାରଙ୍କୁ କହିବା ସହ ପରବର୍ତ୍ତୀ ଶୁଣାଣି ମେ'୬କୁ ଧାର୍ଯ୍ୟ କରିଛନ୍ତି। ଖଣ୍ଡପୀଠରେ ସିଜେଆଇଙ୍କ ସମେତ ଜଷ୍ଟିସ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରା ରହିଛନ୍ତି। ସୂଚନାଯୋଗ୍ୟ, ୨୦୧୬ରେ ପଶ୍ଚିମବଙ୍ଗ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ☞ପୃଷ୍ଠା-୪

ନାମାଙ୍କନ ଫେରାଇ ଭାଜପାରେ ମିଶିଲେ କଂଗ୍ରେସ ପ୍ରାର୍ଥୀ

ନୂଆଦିଲ୍ଲୀ,୨୯।୪

ଭୋଟ ପୂର୍ବରୁ କଂଗ୍ରେସ ଏହାର ଦ୍ୱିତୀୟ ଲୋକ ସଭା ପ୍ରାର୍ଥୀଙ୍କୁ ହରାଇଛି। ମଧ୍ୟପ୍ରଦେଶର ଇନ୍ଦୋରରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଅକ୍ଷୟକାନ୍ତି ବାମ୍ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯାଇ ସୋମବାର ଭାଜପାରେ ସାମିଲ ହୋଇଛନ୍ତି। ବାମ୍‌ଙ୍କୁ ଭାଜପା ଭୟଭୀତ କରାଇ ଦଳରେ ସାମିଲ କରିଛି ବୋଲି କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନେତ ଅଭିଯୋଗ କରିଛନ୍ତି। କିଛିଦିନ ପୂର୍ବରୁ ସୁରଟର କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନପତ୍ରରେ ପ୍ରସ୍ତାବକମାନଙ୍କ ଦସ୍ତଖତ ମେଳ ନ ହେବାରୁ ତାଙ୍କ ପ୍ରାର୍ଥିତ୍ୱ ଖାରଜ ହୋଇଯାଇଥିଲା

ଅକ୍ଷୟକାନ୍ତି ବାମ୍

ଏବଂ ସେଠାରୁ ଭାଜପା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

ମେ' ୧୩ରେ ଅନୁଷ୍ଠିତ ହେବାକୁ ଥିବା ୪ର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗି ସୋମବାର ନାମାଙ୍କନପତ୍ର ଦାଖଲର ଶେଷ ଦିନ ଥିଲା। କଂଗ୍ରେସ ପ୍ରାର୍ଥୀ ବାମ୍‌ଙ୍କ ସମେତ ୩ ଜଣ ପ୍ରାର୍ଥୀ ସୋମବାର ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଏହି ପ୍ରକ୍ରିୟାର ଭିଡିଓଗ୍ରାଫ୍ ହୋଇଥିବା ଜିଲାପାଳ ଆଶିଷ ସିଂ ଖବରଦାତାମାନଙ୍କୁ କହିଛନ୍ତି। ସୋମବାର ବାମ୍ ଭାଜପା ବିଧାୟକ ରମେଶ ମେଣ୍ଡୋଲାଙ୍କ ସହ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କ ନାମାଙ୍କନପତ୍ର ଫେରାଇ ନେଇଥିଲେ। ବାମ୍‌ଙ୍କ ବିରୋଧରେ ଭାଜପା ଏହାର ବିଦାୟୀ ଏମ୍‌ପି ଶଙ୍କର ଲାଲ୍‌ୱାନିଙ୍କୁ ଇନ୍ଦୋରରୁ ପ୍ରାର୍ଥୀ କରିଛି। ବାମ୍ ପୂର୍ବରୁ ୩ ଥର ବିଧାୟକ ହୋଇଥିଲେ। ସେ ପ୍ରାର୍ଥିତ୍ୱରୁ ଓହରିଯାଇ ଭାଜପାରେ ସାମିଲ ହୋଇଥିବାରୁ ସ୍ଥାନୀୟ କଂଗ୍ରେସ ନେତାମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜଣକ ପରେ ଜଣେ ପ୍ରାର୍ଥୀଙ୍କୁ ଧମକାଯାଉଥିବାରୁ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଥିବା କଂଗ୍ରେସ ମୁଖପାତ୍ର ଶ୍ରୀନେତ କହିଛନ୍ତି। ନିର୍ବାଚନ କମିଶନଙ୍କ ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନାକୁ ନେଇ ସେ ବିସ୍ମୟ ପ୍ରକଟ କରିଛନ୍ତି। ଜଣେ ନିର୍ବାଚନ ପୂର୍ବରୁ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇ ଭାଜପାରେ ଯୋଗଦେବା ସାଧାରଣ କଥା ନୁହେଁ। ତାଙ୍କ ବିରୋଧରେ ହତ୍ୟା ମାମଲା ଥିଲା। ତାଙ୍କୁ ନିଶ୍ଚିତ ଭାବେ ଧମକ ଦିଆଯାଇ ଭୟଭୀତ କରାଯାଇଥାଇପାରେ ବୋଲି ଶ୍ରୀନେତ କହିଛନ୍ତି।

ଚର୍ମ କର୍କଟ ଟିକାର ମାନବ ପରୀକ୍ଷା ଆରମ୍ଭ

ଚର୍ମ କର୍କଟ ରୋଗର ପ୍ରତିକାର ପାଇଁ ବିଶ୍ୱର ପ୍ରଥମ ଟିକା ଉପରେ ହ୍ୟୁମ୍ୟାନ ଟ୍ରାଏଲ୍ ଆରମ୍ଭ ହୋଇଛି। ବ୍ରିଟେନ୍‌ର ଜଣେ ରୋଗୀ ଏହି ପରୀକ୍ଷାରେ ସାମିଲ ହୋଇଛନ୍ତି। ଟିକା ଚର୍ମ କର୍କଟ ବିପଦ ଆଶଙ୍କା ୪୯ ପ୍ରତିଶତ ହ୍ରାସ କରୁଥିବା ଦ୍ୱିତୀୟ ପର୍ଯ୍ୟାୟ ଅଧ୍ୟୟନରୁ ଜଣାପଡ଼ିଥିଲା। ବ୍ରିଟେନର ୟୁନିଭର୍ସିଟି କଲେଜ୍ ଲଣ୍ଡନ ହସ୍ପିଟାଲରେ ଟିକା ଉପରେ ପରୀକ୍ଷା କରାଯାଉଛି।

ସଂକ୍ଷେପରେ

୩ ବିମାନବନ୍ଦରକୁ ବୋମା ଧମକ

ନୂଆଦିଲ୍ଲୀ,୨୯।୪

ଦେଶର ୩ଟି ପ୍ରମୁଖ ବିମାନବନ୍ଦରକୁ ବୋମାରେ ଉଡ଼ାଇଦେବା ଲାଗି ଧମକ ମିଳିଛି। ଜୟପୁର, କାନପୁର ଏବଂ ଗୋଆ ବିମାନବନ୍ଦର କର୍ତ୍ତୃପକ୍ଷ ସୋମବାର ଇମେଲ୍ ଯୋଗେ ଏହି ଧମକ ପାଇଛନ୍ତି। ଫଳରେ ଉକ୍ତ ଏୟାରପୋର୍ଟଗୁଡ଼ିକରେ ସୁରକ୍ଷା ବଢ଼ାଇ ଦିଆଯିବା ସହ ତଲାସି ଅଭିଯାନ ଜାରି ରହିଛି। ଏହା ମିଥ୍ୟା ଧମକ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଥିବାବେଳେ କିଏ ଇମେଲ୍ ପଠାଇଛି, ତାହା ଖୋଜି ବାହାର କରିବା ଲାଗି ଉଦ୍ୟମ ଚାଲିଛି। ଦୁଇଦିନ ପୂର୍ବରୁ ଅନ୍ୟ କୋଲକାତା, ଜୟପୁର ସମେତ ଅନ୍ୟ କେତେକ ବିମାନବନ୍ଦରକୁ ଅନୁରୂପ ଇମେଲ୍ ଆସିଥିଲା। ବିଭିନ୍ନ ସଂସ୍ଥା ପକ୍ଷରୁ ତଲାସି କରାଯାଇ ଜଣକୁ ମୁମ୍ବାଇ ପୋଲିସ ଗିରଫ କରିଥିବାବେଳେ ଇମେଲ୍ ମିଛ ଥିବା ଜଣାପଡ଼ିଥିଲା।

କେନିୟାରେ ଡ୍ୟାମ୍ ଭୁଶୁଡ଼ି ୪୫ ମୃତ

ନାଇରୋବି, ୨୯।୪

ଆଫ୍ରିକୀୟ ଦେଶ କେନିୟାରେ ଗୋଟିଏ ଡ୍ୟାମ୍ ଭୁଶୁଡ଼ି ପଡ଼ିବାରୁ ୪୫ ଜଣଙ୍କର ମୃତ୍ୟୁ ଘଟିଛି। ପଶ୍ଚିମ କେନିୟାର ଗ୍ରେଟ୍ ରିଫ୍ଟ ଭ୍ୟାଲି ଅଞ୍ଚଳର ମାଇ ମହିଉଠାରେ ଥିବା ପୁରାତନ କିଜବେ ଡ୍ୟାମ ଭୁଶୁଡ଼ି ପଡ଼ିଥିବା କେନିୟା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଦୁର୍ଘଟଣାରେ ଏବେ ସୁଦ୍ଧା ୧୦୯ ଜଣଙ୍କୁ ଆହତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ୪୯ରୁ ଅଧିକ ବ୍ୟକ୍ତି ନିଖୋଜ ଥିବା କେନିୟା ଗୃହ ମନ୍ତ୍ରଣାଳୟ ପ୍ରକାଶ କରିଛି। ତେବେ ଡ୍ୟାମ୍ ଭାଙ୍ଗିଯିବା ପରେ ସ୍ଥାନୀୟ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ଲୋକଙ୍କ ଘର ମଧ୍ୟରେ ପାଣି ପଶିବାରେ ଲାଗିଛି। ଫଳରେ ମାଇ ମହିଉ ନିକଟସ୍ଥ ଏକ ମୁଖ୍ୟ ସଡ଼କ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। କେନିୟାର ପଶ୍ଚିମ ପ୍ରାନ୍ତରେ ମାସେରୁ ଅଧିକ ସମୟ ଧରି ଲଗାଣ ବର୍ଷା ଲାଗି ରହିଥିବାରୁ ଡ୍ୟାମ୍ ଭୁଶୁଡ଼ି ପଡ଼ିଥିବା ଅନୁମାନ କରାଯାଉଛି।

ମସ୍‌ଜିଦରେ ମୌଲବୀଙ୍କୁ ପିଟି ହତ୍ୟା

ଆଜମେର,୨୯।୪

ରାଜସ୍ଥାନର ଆଜମେରରେ ଥିବା ଏକ ମସ୍‌ଜିଦରେ ୩ ଜଣ ମୁଖାପିନ୍ଧା ବ୍ୟକ୍ତି ପ୍ରବେଶ କରି ମୌଲବୀଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ଶନିବାର ରାତିରେ ମୌଲବୀ ମହମ୍ମଦ ମାହିର ତାଙ୍କର ୬ ଜଣ ପିଲାଙ୍କ ସହ ମସ୍‌ଜିଦ ପରିସରରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଆକ୍ରମଣକାରୀମାନେ ପିଲାମାନଙ୍କୁ ଭୟଭୀତ କରାଇ ତଡ଼ିଦେବା ପରେ ମୌଲବୀଙ୍କୁ ମାଡ଼ ମାରିଥିଲେ। ଏହି ଘଟଣାରେ କାହାକୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ। ପୋଲିସ ଘଟଣାର ତଦନ୍ତ ଚଳାଇଥିବାବେଳେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଉତ୍ତରାଖଣ୍ଡର ପଉରୀଠାରେ ବ୍ୟାପକ ଜଙ୍ଗଲ ଜଳୁଛି।

ତୃତୀୟ ପର୍ଯ୍ୟାୟରେ ୯% ମହିଳା ପ୍ରାର୍ଥୀ

ନୂଆଦିଲ୍ଲୀ, ୨୯।୪

୧୮% ପ୍ରାର୍ଥୀଙ୍କ ନାଁରେ ଆପରାଧିକ ମାମଲା, ୨୯% କୋଟିପତି

ଆସନ୍ତା ମାସ ୭ରେ ତୃତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୯୫ଟି ଲୋକ ସଭା ଆସନରେ ୧୩୫୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିମଧ୍ୟରୁ ୧୮ ପ୍ରତିଶତ ପ୍ରାର୍ଥୀ ନିଜ ନାଁରେ ଆପରାଧିକ ମାମଲା ଥିବା ନେଇ ନାମାଙ୍କନ ପତ୍ର ଦାଖଲ ସମୟରେ ଦେଇଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ସେହିପରି ତୃତୀୟ ପର୍ଯ୍ୟାୟରେ ସମୁଦାୟ ୧୩୫୨ ପ୍ରାର୍ଥୀଙ୍କ ମଧ୍ୟରୁ ୯ ପ୍ରତିଶତ ଅର୍ଥାତ ୧୨୩ ମହିଳା ପ୍ରାର୍ଥୀ ରହିଛନ୍ତି। ଆସୋସିଏଶନ ଅଫ୍ ଡେମୋକ୍ରାଟିକ ରିଫର୍ମସ(ଏଡିଆର) ଓ ନ୍ୟାଶ୍‌ନାଲ ଇଲେକ୍ସନ ୱାଚ୍ ଦ୍ୱାରା ତୃତୀୟ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ବିଶ୍ଳେଷଣରୁ ଏହି ତଥ୍ୟ ସାମ୍‌ନାକୁ ଆସିଛି। ତୃତୀୟ ପର୍ଯ୍ୟାୟରେ ୧୮ ପ୍ରତିଶତ ଅର୍ଥାତ ୨୪୪ ପ୍ରାର୍ଥୀଙ୍କ ନାଁରେ ଆପରାଧିକ ମାମଲା ରୁଜୁ ହୋଇଛି। ୨ ମୁଖ୍ୟ ଜାତୀୟ ଦଳ ଭାଜପାର ୨୭ ପ୍ରତିଶତ ଓ କଂଗ୍ରେସର ୩୮ ପ୍ରତିଶତ ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ରହିଛି। ସେହିପରି ହତ୍ୟା ପରି ସଙ୍ଗିନ ମାମଲା ୨୯ ଜଣ ପ୍ରାର୍ଥୀଙ୍କ ନାଁରେ ରହିଥିବାବେଳେ ମହିଳାଙ୍କ ପ୍ରତି ଅପରାଧ ମାମଲା ୩୮ ଜଣ ପ୍ରାର୍ଥୀଙ୍କ ବିରୋଧରେ ରହିଛି। ଅନ୍ୟପକ୍ଷରେ ତୃତୀୟ ପର୍ଯ୍ୟାୟରେ ୨୯ ପ୍ରତିଶତ ଅର୍ଥାତ ୩୯୨ ଜଣ ପ୍ରାର୍ଥୀ କୋଟିପତି ରହିଛନ୍ତି। ଏହି ପର୍ଯ୍ୟାୟରେ ଭାଜପା ପକ୍ଷରୁ ୯୪ ପ୍ରତିଶତ କୋଟିପତି ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ କଂଗ୍ରେସ ପକ୍ଷରୁ ୮୮ ପ୍ରତିଶତ କୋଟିପତି ପ୍ରାର୍ଥୀ ରହିଛନ୍ତି। ତୃତୀୟ ପର୍ଯ୍ୟାୟରେ ପ୍ରତି ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୫.୬୬ କୋଟି ରହିଛି। ପ୍ରତି ଭାଜପା ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୪୪.୦୭ କୋଟି ହୋଇଥିବାବେଳେ କଂଗ୍ରେସର ପ୍ରତି ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୨୦.୫୯ କୋଟି ରହିଛି।

ଟ୍ରୁଡୋଙ୍କ ଉପସ୍ଥିତିରେ ଖଲିସ୍ତାନୀ ସ୍ଲୋଗାନ

ଟରଣ୍ଟୋ, ୨୯।୪

ଜଷ୍ଟିନ ଟ୍ରୁଡୋ

କାନାଡ଼ାର ଟରଣ୍ଟୋରେ ସୋମବାର ଖାଲ୍‌ସା ଦିବସ ପାଳନ ହେଉଥିବାବେଳେ ଏଥିରେ ବହୁ ସଂଖ୍ୟାରେ ଶିଖ୍ ସମ୍ପ୍ରଦାୟର ଲୋକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ସମ୍ବୋଧନ କରୁଥିବା ସମୟରେ ଉପସ୍ଥିତ ଥିବା ଲୋକମାନଙ୍କ ମଧ୍ୟରୁ କେତେ ଜଣ ଖଲିସ୍ତାନ ସମର୍ଥନରେ ସ୍ଲୋଗାନ ଦେଇଥିଲେ। ତେବେ ଦେଶରେ ରହୁଥିବା ୮ ଲକ୍ଷ ଶିଖ୍ ଜନସାଧାରଣଙ୍କ ଅଧିକାର ଓ ସ୍ୱାଧୀନତାକୁ କାନାଡ଼ା ସରକାର ରକ୍ଷା କରିବେ ବୋଲି ନିଜ ସମ୍ବୋଧନରେ ଟ୍ରୁଡୋ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବିବିଧତା କାନାଡାର ସବୁଠାରୁ ବଡ଼ ଶକ୍ତି ହୋଇଥିବା କହି ବିନା ଭୟରେ ନିଜ ଧର୍ମକୁ ଅନୁସରଣ କରିବାକୁ ସେ ଉପସ୍ଥିତ ଥିବା ଶିଖ୍ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ସୂଚନାଯୋଗ୍ୟ, ଗତ ବର୍ଷ ଜୁନ୍ ୧୮ରେ ଭାରତ ଦ୍ୱାରା ଘୋଷିତ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜରଙ୍କ ହତ୍ୟା ହୋଇଥିଲା। ଏଥିରେ ଭାରତ ସରକାରଙ୍କ ହାତ ଥିବା ଟ୍ରୁଡୋ ଅଭିଯୋଗ ଆଣିଥିଲେ। ଭାରତ ପକ୍ଷରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଥିବାବେଳେ ଏହାକୁ ନେଇ ୨ ଦେଶ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା।

କାନାଡା ଉପଉଚ୍ଚାୟୁକ୍ତଙ୍କୁ ଭାରତର ସମନ

ନୂଆଦିଲ୍ଲୀ,୨୯।୪

ଜଷ୍ଟିନ ଟ୍ରୁଡୋ ଭାଷଣ ଦେଲାବେଳେ ଖଲିସ୍ତାନ ସପକ୍ଷରେ ସ୍ଲୋଗାନ ଦିଆଯିବା ଘଟଣାରେ ନୂଆଦିଲ୍ଲୀ କାନାଡାର ଉପଉଚ୍ଚାୟୁକ୍ତଙ୍କୁ ସମନ ଜାରି କରିଛି। ଏଭଳି ସ୍ଲୋଗାନ ଦୁଇ ଦେଶର ସମ୍ପର୍କକୁ ପ୍ରଭାବିତ କରିବା ସହ ହିଂସାର ପରିବେଶକୁ ପ୍ରୋତ୍ସାହିତ କରୁଥିବା ଭାରତ କାନାଡା କର୍ତ୍ତୃପକ୍ଷଙ୍କୁ ଜଣାଇଛି। ଜଣେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଖଲିସ୍ତାନୀ ସପକ୍ଷବାଦୀ ସ୍ଲୋଗାନକୁ ନେଇ ଭାରତ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। କାନାଡାର ବିଭିନ୍ନ କାର୍ଯ୍ୟକ୍ରମରେ ଏଭଳି ବିଶୃଙ୍ଖଳିତ କାର୍ଯ୍ୟକୁ ଅନୁମତି ଦିଆଯାଉଥିବା ନୂଆଦିଲ୍ଲୀ କହିଛି। ବିଚ୍ଛିନ୍ନତାବାଦ, ଉଗ୍ରବାଦ ଓ ହିଂସାକୁ କାନାଡାରେ ରାଜନୈତିକ ସ୍ଥାନ ଦିଆଯାଉଥିବା ଏଥିରୁ ପୁଣିଥରେ ପ୍ରତିଫଳିତ ହୋଇଛି।

ସୂଚନାଯୋଗ୍ୟ, ଗତବର୍ଷ ଜୁନ୍ ୧୮ରେ କାନାଡାର ସୁରିଖିତ ଏକ ଗୁରୁଦ୍ୱାରା ବାହାରେ ଖଲସ୍ତାନ ଟାଇଗର ଫୋର୍ସ ମୁଖ୍ୟ ହରଦୀପ୍ ସିଂ ନିଜ୍ଜାରଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ନିଜ୍ଜାର ହତ୍ୟା ଘଟଣାରେ ଟ୍ରୁଡୋ ଗତବର୍ଷ ସେପ୍ଟେମ୍ବରରେ ଭାରତ ସରକାରଙ୍କୁ ଦାୟୀ କରିଥିଲେ। ଏହା ପରଠାରୁ ଭାରତ ଓ କାନାଡା ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା।

ପନ୍ନୁନଙ୍କୁ ହତ୍ୟା ପାଇଁ ହିଟ୍ ଟିମ୍‌କୁ ଲଗାଇଥିଲେ ର' ଅଫିସର

ନୂଆଦିଲ୍ଲୀ,୨୯।୪

ଗୁର୍‌ପତୱନ୍ତ ସିଂ ପନ୍ନୁନ

ଆମେରିକା ମାଟିରେ ଖଲିସ୍ତାନୀ ଆତଙ୍କବାଦୀ ଗୁର୍‌ପତୱନ୍ତ ସିଂ ପନ୍ନୁନଙ୍କୁ ହତ୍ୟା କରିବା ପାଇଁ ଭାରତ ଯୋଜନା କରିଥିଲା ବୋଲି ଅଭିଯୋଗ ହୋଇଆସୁଛି। ଆମେରିକା ଗଣମାଧ୍ୟମରେ ନିକଟରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଭାରତର ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ଅଫିସର ବିକ୍ରମ ଯାଦବ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ହତ୍ୟା କରିବା ନିମନ୍ତେ ଏକ ହିଟ୍ ଟିମ୍‌କୁ ନିୟୋଜିତ କରିଥିଲେ। ବିଭିନ୍ନ ସରକାରୀ ସଂଗଠନରେ କାର୍ଯ୍ୟରତ ବିକ୍ରମ ପନ୍ନୁନଙ୍କ ନ୍ୟୁୟର୍କ ଠିକଣା ଓ ଅନ୍ୟାନ୍ୟ ତଥ୍ୟ ଉକ୍ତ ହିଟ୍ ଟିମ୍‌କୁ ଜଣାଇଥିଲେ। ପନ୍ନୁନଙ୍କୁ ଆମେରିକାରେ ହତ୍ୟା ଯୋଜନା ପଛରେ ନୂଆଦିଲ୍ଲୀ ସମ୍ପୃକ୍ତ ଥିବା ନେଇ ୨୦୨୨ ନଭେମ୍ବରରେ ସେଠାର ଏକ ଗଣମାଧ୍ୟରେ ରିପୋର୍ଟ ପ୍ରକାଶ ପାଇଥିଲା। ଆମେରିକା ଉକ୍ତ ଉଦ୍ୟମକୁ ବିଫଳ କରିବା ସହ ଭାରତ ସରକାରଙ୍କୁ ଚେତାବନୀ ଦେଇଥିଲା ବୋଲି ସେତେବେଳେ ଉକ୍ତ ରିପୋର୍ଟରେ ଉଲ୍ଲେଖ ଥିଲା। ତେବେ ଆମେରିକାର ଏଭଳି ଅଭିଯୋଗକୁ ଭାରତ ଖଣ୍ଡନ କରିଆସିଛି।

ତଳକୋର୍ଟରେ ଜାମିନ ଆବେଦନ କରିନ କାହିଁକି

ନୂଆଦିଲ୍ଲୀ,୨୯।୪(ପି.ଟି.)

କେଜ୍‌ରିୱାଲଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଗିରଫ ହୋଇ ଜେଲରେ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତଳ କୋର୍ଟରେ ଜାମିନ ପାଇଁ ଆବେଦନ କରିନାହାନ୍ତି କ'ଣ ପାଇଁ ବୋଲି ସୁପ୍ରିମକୋର୍ଟ ସୋମବାର ପ୍ରଶ୍ନ କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଗିରଫଦାରିକୁ ଚ୍ୟାଲେଞ୍ଜ କରି କେଜ୍‌ରିୱାଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜାମିନ ପାଇଁ ତଳକୋର୍ଟରେ ଆବେଦନ କରାଯାଇଥିଲା କି ବୋଲି ଶୁଣାଣି ବେଳେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ତଳ କୋର୍ଟରେ ଜାମିନ ପାଇଁ ଆବେଦନ କରାଯାଇ ନ ଥିବା କେଜ୍‌ରିୱାଲଙ୍କ ଓକିଲ ଅଭିଷେକ ସିଂଘ୍‌ଭି ଜଣାଇଥିଲେ। ଆପ୍ ନେତାଙ୍କୁ ବେଆଇନ ଭାବେ ଗିରଫ କରାଯିବା ସହ ବିଭିନ୍ନ କାରଣକୁ ନେଇ ତଳକୋର୍ଟରେ ଜାମିନ ଆବେଦନ ହୋଇ ନ ଥିବା ସିଂଘ୍‌ଭି କହିଥିଲେ। ସୂଚନାଯୋଗ୍ୟ, ଇଡି ମାର୍ଚ୍ଚ ୨୧ରେ କେଜ୍‌ରିୱାଲଙ୍କୁ ଗିରଫ କରିବା ପରେ ସେ ଏବେ ତିହାର ଜେଲରେ ରହିଛନ୍ତି। ତାଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ଗତ ୧୫ ତାରିଖରେ ଇଡିକୁ ଜବାବ ମାଗିଥିଲେ। ବର୍ତ୍ତମାନ ରଦ୍ଦ ହୋଇଥିବା ଦିଲ୍ଲୀ ଅବକାରୀ ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାର ତଦନ୍ତରେ ସାମିଲ ହେବା ପାଇଁ ଇଡି କେଜ୍‌ରିୱାଲଙ୍କୁ ବାରମ୍ବାର ସମନ କରିବା ସତ୍ତ୍ୱେ ସେ ହାଜର ହୋଇ ନ ଥିଲେ। ତେଣୁ ତାଙ୍କୁ ଗିରଫ କରିବା ବ୍ୟତୀତ ଇଡି ପାଖରେ ଅନ୍ୟ ବିକଳ୍ପ ନ ଥିଲା ବୋଲି ଗତ ୯ ତାରିଖରେ ଦିଲ୍ଲୀ ହାଇକୋର୍ଟ ତାଙ୍କ ରାୟରେ କହିଥିଲେ।

କେଜ୍‌ରିୱାଲ, ଆତିଶୀଙ୍କ ନାଁରେ ମାନହାନି ମାମଲା

ନୂଆଦିଲ୍ଲୀ,୨୯।୪

ଭାଜପା ଓ ଏହାର ସଦସ୍ୟମାନଙ୍କୁ ଅପମାନିତ କରିଥିବା ଅଭିଯୋଗରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ମନ୍ତ୍ରୀ ଆତିଶୀଙ୍କ ବିରୋଧରେ ସୋମବାର ଦିଲ୍ଲୀର ଏକ ଅଦାଲତରେ ମାନହାନି ମାମଲା ଦାଏର ହୋଇଛି। ଭାଜପା ଦିଲ୍ଲୀ ଶାଖାର ଗଣମାଧ୍ୟମ ମୁଖ୍ୟ ପ୍ରବୀଣ ଶଙ୍କର କପୁର ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ତନ୍ୟା ବାମନିୟାଲଙ୍କ ନିକଟରେ ଅଭିଯୋଗ ଦାଏର କରିଛନ୍ତି। ମେ' ୪ରେ ଏହା ଉପରେ ତଥ୍ୟ ପ୍ରମାଣର ରେକର୍ଡ କରାଯିବ। ଅଭିଯୋଗ ଅନୁଯାୟୀ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ୨ ନେତା ଭାଜପା ବିରୋଧରେ ମିଥ୍ୟା, ମନଗଢ଼ା ମନ୍ତବ୍ୟ ଦେଇଥିଲେ। ଦିଲ୍ଲୀ ସରକାରଙ୍କୁ ଭାଙ୍ଗିଦେବା ପାଇଁ ଭାଜପା କେତେଜଣ ଆପ୍ ନେତାଙ୍କୁ କିଣିବାକୁ ଉଦ୍ୟମ ଚଳାଇଥିବା କେଜ୍‌ରିୱାଲ ଏବଂ ଆତିଶୀ କହିଥିଲେ। ସର୍ବସାଧାରଣରେ ଭାଜପା ଏବଂ ଏହାର କର୍ମୀମାନଙ୍କ ମର୍ଯ୍ୟାଦା ହାନି କରିବା ପାଇଁ ଆପ୍ ନେତା ଏଭଳି ମନଗଢ଼ା ଅଭିଯୋଗ ଆଣିଥିବା ପ୍ରବୀଣ ତାଙ୍କ ପିଟିଶନରେ ଦର୍ଶାଇଛନ୍ତି।

ସଡ଼କ ଦୁର୍ଘଟଣାରେ ୮ ମୃତ, ୨୩ ଆହତ

ବେମେତାରା,୨୯।୪

ଛତିଶଗଡ଼ର ବେମେତାରାରେ ଏକ ମାଲ୍‌ବାହୀ ଗାଡ଼ି ଅନ୍ୟ ଏକ ମିନି ଟ୍ରକ୍‌କୁ ଧକ୍କା ଦେବାରୁ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ୨୩ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫ ଜଣ ମହିଳା ଓ ୩ ଜଣ ପିଲା ରହିଛନ୍ତି। ସେମାନେ ଏକ ପାରିବାରିକ ଉତ୍ସବରେ ଯୋଗଦେଇ ଉକ୍ତ ମାଲ୍‌ବାହୀ ଗାଡ଼ିରେ ଫେରୁଥିବାବେଳେ ରବିବାର ରାତିରେ କଥିଆ ଗ୍ରାମ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ମିନି ଟ୍ରକ୍‌ଟି ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇଥିବାବେଳେ ମାଲ୍‌ବାହୀ ଯାନଟି ଏହାକୁ ଧକ୍କା ଦେଇଥିଲା।

ଫୁଚର୍‌ସତ୍

୨୫୧ ଥର ଜେଲ ଯାଇଥିବା ପ୍ରାର୍ଥୀ

ଲକ୍ଷ୍ନୌ: ଲକ୍ଷ୍ନୌ ଲୋକ ସଭା ଆସନରୁ ସମାଜବାଦୀ ପାର୍ଟି(ଏସ୍‌ପି) ରବିଦାସ ମେହରୋତ୍ରାଙ୍କୁ ପ୍ରାର୍ଥୀ କରିଛି। ଚଳିତ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବହୁ ପୁରାତନ ଛାତ୍ର ନେତାଙ୍କ ମଧ୍ୟରୁ ସେ ଅନ୍ୟତମ। ତେବେ ଏହି ବରିଷ୍ଠ ରାଜନେତାଙ୍କ ନାମରେ ଏକ ବିରଳ ରେକର୍ଡ ରହିଛି।

ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଥିବା ରବିଦାସ ସମୁଦାୟ ୨୫୧ ଥର ଜେଲ ଯାଇ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି। ୬୬ ବର୍ଷୀୟ ରବିଦାସ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ନେତା ହୋଇଥିବାବେଳେ ସେ ନିଜର ୪୦ ବର୍ଷର ରାଜନୈତିକ କ୍ୟାରିୟରରେ ବହୁ ବାଧାବିଘ୍ନ ଦେଇ ଗତି କରିଛନ୍ତି। ଏହାସତ୍ତ୍ୱେ ମଧ୍ୟ ଉତ୍ସାହର ସହ ସେ ବିଭିନ୍ନ ସାମାଜିକ କାର୍ଯ୍ୟ କରି ଚାଲିଛନ୍ତି। ଏତେଥର ଜେଲ ଯାଇ ରେକର୍ଡ କରିବା ସମ୍ପର୍କରେ ସେ ନିଜ ପ୍ରତିକ୍ରିୟା ରଖିଛନ୍ତି। ତାଙ୍କ ବିରୋଧରେ ରୁଜୁ ହୋଇଥିବା ଅଧିକାଂଶ ମାମଲା ତାଙ୍କ

ଛାତ୍ର ଜୀବନର ହୋଇଥିବା ସେ କହିଛନ୍ତି। ସେତେବେଳେ ସେ ବିଶ୍ୱବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କର ବିଭିନ୍ନ ସମସ୍ୟା ନେଇ ପ୍ରତିବାଦ କରିବା ସହ ଧାରଣା ଦେଇଥିଲେ। ରାଜନୀତିରେ ଯୋଗ ଦେବା ପରେ ମଧ୍ୟ ଜନସାଧାରଣଙ୍କ ସ୍ୱାର୍ଥ ସମ୍ବନ୍ଧିତ ବିଭିନ୍ନ ପ୍ରସଙ୍ଗରେ ସେ ଅନେକବାର ପ୍ରତିବାଦ, ବିକ୍ଷୋଭ ଓ ଧାରଣାରେ ସାମିଲ ହୋଇଥିବାରୁ ତାଙ୍କ ବିରୋଧରେ ଏତେସଂଖ୍ୟକ ମାମଲା ରୁଜୁ କରାଯାଇଛି। ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ସେ ସବୁବେଳେ ଲଢ଼େଇ ଜାରି ରଖିଥିବାରୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ତାଙ୍କୁ ବାରମ୍ବାର ଜେଲ୍ ପଠାଯାଇଥିବା ରବିଦାସ କହିଛନ୍ତି। ତେବେ ତାଙ୍କ ବିରୋଧରେ ଏତେସଂଖ୍ୟକ ମାମଲା ରୁଜୁ ହୋଇଥିଲେ ମଧ୍ୟ ସେଥିମଧ୍ୟରୁ ଗୋଟିଏ ବି ଆପରାଧିକ

ନାହିଁ କୌଣସି ଆପରାଧିକ ମାମଲା

ମାମଲା ନଥିବା ସେ କହିଛନ୍ତି।

ସେ ଏମ୍‌ପି ଭାବେ ନିର୍ବାଚିତ ହେଲେ, ଜାତି, ସମ୍ପ୍ରଦାୟ ଓ ଧର୍ମ ନିର୍ବିଶେଷରେ ସମସ୍ତଙ୍କ ଜୀବନରେ ବିକାଶ ଆଣିବା ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ତାଙ୍କ ଦଳ ଦେଇଥିବା ବିଭିନ୍ନ ପ୍ରତିଶ୍ରୁତି ବିଷୟରେ ସେ ନିଜ ଭୋଟରଙ୍କୁ ଅବଗତ କରାଉଛନ୍ତି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଖରାପ ଥିବା ଏବଂ ମହିଳା ଓ ଶିଶୁ ସୁରକ୍ଷିତ ନଥିବା କହି ଏଥର ଫଳାଫଳ ତାଙ୍କ

ରାସ୍ତାପାର୍ଶ୍ୱକୁ ଓଲଟିଲା ବରଯାତ୍ରୀ ବସ୍: ୫୦ ଆହତ, ୧୬ ଗୁରୁତର

ବାଲିକୁଦା, ୨୯।୪ (ତାପସ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ତିହୁଡ଼ି-ନହରଣା ରାସ୍ତାର ଶୋଭାସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ରବିବାର ରାତିରେ ଏକ ବରଯାତ୍ରୀ ବସ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରୁ ବିଲକୁ ଓଲଟି ପଡିଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ବରଯାତ୍ରୀ ଆହତ ହୋଇଥିବା ବେଳେ ୧୬ ଜଣ ଗୁରୁତର ହୋଇଛନ୍ତି। ଆହତଙ୍କ ମଧ୍ୟରେ ୮ରୁ ୧୦ ଜଣ ନାବାଳକ ରହିଛନ୍ତି। ଖବରପାଇ ୮ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଆହତ ଓ ଗୁରୁତରମାନଙ୍କୁ ଉଦ୍ଧାର କରି ପ୍ରଥମେ ବାଲିକୁଦା ଓ ପରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଗୁରୁତରମାନଙ୍କ

ମଧ୍ୟରୁ ମାନସ କାଣ୍ଡି(୪୨), ସୁଷମା କାଣ୍ଡି(୬୦), ରଥ କାଣ୍ଡି (୬୫), ଦିଲୀପ କାଣ୍ଡି, ବୁଲିକାଣ୍ଡି (୫୪), ଜନିଆ କାଣ୍ଡି (୪୫), ମାଳତୀ କାଣ୍ଡି (୪୦), ଉଲ୍ଲାସ ବହିରା (୪୫), ନାଗା କାଣ୍ଡି(୨୮)ଙ୍କ ବ୍ୟତୀତ ଅନ୍ୟମାନଙ୍କ ପରିଚୟ ମିଳିପାରିନାହିଁ। ବାଲିକୁଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରିଛି।

ମିଳିଥିବା ସୂଚନା ମୁତାବକ, ବାଲିକୁଦା ବ୍ଲକ ବନ୍ଦର ମେରାଇନ୍ ଥାନା ଅନ୍ତର୍ଗତ ଧନୁହରବେଳାରୀ ଗାଁର ଗୋବିନ୍ଦ କାଣ୍ଡିଙ୍କ ପୁଅ ମଳୟରଞ୍ଜନ କାଣ୍ଡିଙ୍କର ବାହାଘର ଗୋପାଳପୁରସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏହି ବିବାହ ଉତ୍ସବରେ ବରଯାତ୍ରୀଙ୍କୁ ନେବା ପାଇଁ ବାବା ମଣି (ଓଡି-୦୨-ସିଏଫ୍-୫୨୬୪ ନମ୍ବର) ନାମକ ଏକ ଘରୋଇ ବସ୍ ଆସିଥିଲା। ବରଯାତ୍ରୀମାନେ ବିବାହ ଉତ୍ସବରେ ଯୋଗଦେଇ ଭୋଜି ଖାଇ ଉକ୍ତ ବସ୍‌ରେ ଫେରୁଥିବାବେଳେ ଏହି ଦୁର୍ଘଟଣା ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଉକ୍ତ ରାସ୍ତାରେ ବସ୍ ଆସୁଥିବାବେଳେ ଚାଳକଙ୍କ ଆଖି ଲାଗିଯିବାରୁ ବାମ ପଟକୁ ମାଡ଼ିଯାଇ ୮ରୁ ୧୦ ଫୁଟ ତଳେ ଥିବା ବିଲକୁ ଓଲଟି ପଡ଼ିଥିଲା।

ଯବାନଙ୍କ ସହ ଗୁଳି ବିନିମୟ, ଜଣେ ମାଓବାଦୀ ମୃତ

ମାଲକାନଗିରି, ୨୯।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ସୁକ୍‌ମା ଜିଲାରେ ସୋମବାର ଡିଆର୍‌ଜି ଯବାନଙ୍କ ସହ ଗୁଳି ବିନିମୟରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନେକେ ଆହତ ହୋଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ସୋମବାର ସକାଳେ ଡିଆର୍‌ଜି ଯବାନମାନେ ସୁକ୍‌ମା ଜିଲା ସଲାତୋଗ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଲାଗି ବାହାରିଥିଲେ। ଉକ୍ତ ଅଞ୍ଚଳରେ ପହଞ୍ଚିଲା ପରେ ମାଓବାଦୀମାନେ ଯବାନମାନଙ୍କୁ ଦେଖି ପ୍ରଥମେ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳିଚାଳନା କରିଥିବା ସୂଚନା ମିଳିଛି। ତେବେ ଏହି ଗୁଳି ବିନିମୟରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଯବାନ ଏଥିରେ ଆହତ ହୋଇଥିବା ମଧ୍ୟ ସୂଚନା ମିଳିଛି। ତେବେ ରିପୋର୍ଟ ଲେଖିବା ସୁଦ୍ଧା ସେହି ଅଞ୍ଚଳରେ ସର୍ଚ୍ଚ ଅପରେଶନ ଚାଲିଛି। ଯବାନମାନେ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ସୁକୁମା ଏସ୍‌ପି କିରଣ ଚୌହାନ ସୂଚନା ଦେଇଛନ୍ତି।

ପ୍ରସାଦ ଖାଇ ୨୫ରୁ ଊର୍ଦ୍ଧ୍ୱ ଅସୁସ୍ଥ

ବେତନଟୀ, ୨୯।୪ (ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ସଠିଲୋ ଗ୍ରାମରେ ମନ୍ଦିର ପ୍ରସାଦ ଖାଇ ଛୋଟ ପିଲାଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇପଡ଼ିଛନ୍ତି। ଚିକିତ୍ସା ପାଇଁ ସମସ୍ତେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ରବିବାର ଏହି ଗ୍ରାମର ଟଙ୍କଧର ରାଉତଙ୍କ ଶ୍ରାଦ୍ଧ ଦିବସ ଥିଲା। ତାଙ୍କ ଭାଇ ଦିଲୀପ ରାଉତ ବେତନଟୀ ନିକଟସ୍ଥ ହନୁମାନ ମନ୍ଦିରରୁ ପ୍ରସାଦ ମଗାଇଥିଲେ। ଶ୍ରାଦ୍ଧ ଦିବସ ଭୋଜିରେ ବନ୍ଧୁ ବାନ୍ଧବ, ପଡ଼ୋଶୀ ଓ ପରିବାର ଲୋକେ ଖାଇବା ପରେ କିଛି ପ୍ରସାଦ ବଳକା ରହିଯାଇଥିଲା। ଏହି ବଳକା ପ୍ରସାଦକୁ ନିକଟସ୍ଥ ବେଣାଗଇଆ ସାହିର ଛୋଟ ପିଲାଙ୍କ ସମେତ ବଡ଼ ଲୋକଙ୍କୁ ମଧ୍ୟ ସନ୍ଧ୍ୟାରେ ଖାଇବାକୁ ଦିଆଯାଇଥିଲା। ଉକ୍ତ ପ୍ରସାଦ ଖାଇଥିବା ସମସ୍ତଙ୍କର ସୋମବାର ଝାଡ଼ା, ବାନ୍ତି ଆରମ୍ଭ ହୋଇଯାଇଥିଲା। ଅସୁସ୍ଥମାନଙ୍କୁ ବାଇକ୍ ଓ ଆମ୍ବୁଲାନ୍ସ ଯୋଗେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅସୁସ୍ଥ ଭୂମି ମାଝୀ, ଉର୍ମିଳା ଜେନା, କଳ୍ପନା ବାରିକ, ପ୍ରିୟଙ୍କା ସୋରେନ, ତପନ ହାଁସଦା, ନାକୁଲା ମୁର୍ମୁ, ଶିବରାମ ମାଝୀ, ଜୁଲୁ ସୋରେନ, ରଣଜିତ ମୁର୍ମୁ

ଡାକ୍ତରଖାନାରେ ଚିକିତ୍ସାଧୀନ ଅସୁସ୍ଥମାନେ।

ମାମାଲି ମାରାଣ୍ଡି, ଦେବୀ ହାଁସଦା, ଇଲିସା ସୋରେନ, ବୈଦ୍ୟନାଥ ମାରାଣ୍ଡି, ପୁରୁଷୋତ୍ତମ ମୁର୍ମୁ, ସାବିତ୍ରୀ ମାଝୀ, ଧରିତ୍ରୀ ମାଝୀ, ପୁଟୀ ମାଝୀ ପ୍ରମୁଖ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅସୁସ୍ଥଙ୍କ ସଂଖ୍ୟା ବଢ଼ିପାରେ ବୋଲି କୁହାଯାଉଛି। ବାସି ଖାଦ୍ୟ ଖାଇ ଲୋକେ ଏଭଳି ଅସୁସ୍ଥ ହୋଇପଡ଼ିଥିବା ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର କହିଛନ୍ତି। ବଡ଼ସାହି ବିଧାୟକ ସନାତନ ବିଜୁଲି ସଠିଲୋ ସମିତିସଭ୍ୟ କିଶୋର କୁମାର ନାୟକ, ସାମାଜିକ କର୍ମୀ ଉଜ୍ଜ୍ୱଳ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାଳିଚରଣ ସୋରେନ, ଯୁବନେତା ସୁଧାକର ପଣ୍ଡା ପ୍ରମୁଖ ଡାକ୍ତରଖାନା ଯାଇ ଅସୁସ୍ଥମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

ମାଓବାଦୀ ଗତିବିଧି, ନିର୍ବାଚନ ସମୀକ୍ଷା କଲେ ଡିଜିପି

ନୂଆପଡ଼ା, ୨୯।୪ (ମକାରୁ ବେମାଲ)

ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅରୁଣ କୁମାର ଷଡଙ୍ଗୀ ସୋମବାର ଦିନିକିଆ ନୂଆପଡ଼ା ଜିଲା ଗସ୍ତରେ ଆସି ମାଓବାଦୀ ଗତିବିଧି ଓ ସାଧାରଣ ନିର୍ବାଚନ ଉପରେ ସମୀକ୍ଷା କରିଛନ୍ତି। ପ୍ରଥମେ ସେ ମାଓବାଦୀ ପ୍ରବଣ ସୁନାବେଡ଼ା ଅଭୟାରଣ୍ୟର ଧରମବନ୍ଧା ଅଞ୍ଚଳକୁ ଯାଇ ମାଓବାଦୀ ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟଠାରେ ଉଚ୍ଚ ପଦାଧିକାରୀଙ୍କ ସହିତ ଜିଲାରେ ମାଓବାଦୀ ଗତିବିଧି, ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବରେ କରିବା ପାଇଁ ଆଲୋଚନା କରିଥିଲେ।

ଏଠାରେ ଏକ ଖବରଦାତା ସମ୍ମିଳନୀରେ ପୋଲିସ ମହାନିର୍ଦ୍ଦେଶକ ଷଡ଼ଙ୍ଗୀ ସୂଚନା

ଖବରଦାତା ସମ୍ମିଳନୀରେ ପୋଲିସ ମହାନିର୍ଦ୍ଦେଶକ ସୂଚନା ଦେଉଛନ୍ତି।

ଦେଇ କହିଥିଲେ, ଗତ ଜାନୁଆରୀ ପ୍ରଥମ ସପ୍ତାହରେ ନିର୍ବାଚନ ସମ୍ବନ୍ଧୀୟ ସବୁପ୍ରକାର ପଦକ୍ଷେପ ନିଆଯାଇଥିଲା। ରାୟଗଡା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଜିଲାରେ ଏ ନେଇ ସମୀକ୍ଷା କରିଥିଲୁ। ନୂଆପଡ଼ା ଓ କଳାହାଣ୍ଡି ଜିଲା ବାକି ରହିଯାଇଥିଲା। ଏହି ଦୁଇ ଜିଲାରେ ମାଓବାଦୀମାନଙ୍କ ଗତିବିଧି ରହିଛି। ବିଶେଷ କରି ନୂଆପଡ଼ା ଜିଲା ସୀମାନ୍ତ ଛତିଶଗଡ ଅଞ୍ଚଳରେ ମାଓବାଦୀ ସକ୍ରିୟ ରହିଛନ୍ତି। ଏହି ଦୁଇଟି ସୀମାନ୍ତ ଜିଲାରେ ୧୩ଟି ଆନ୍ତଃ ରାଜ୍ୟ ସୀମା ରହିଛି। ସୀମାନ୍ତ ଅଞ୍ଚଳରେ କଡାକଡି ଭାବରେ ଯାଞ୍ଚ ଚାଲିଛି। ଜିଲାରେ ୧୦ ସେକ୍ସନ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ମହଜୁଦ ଅଛନ୍ତି। ଆହୁରି ସୁରକ୍ଷା ବାହିନୀ ଆସିବା ଯୋଜନା ରହିଛି। ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରାକ୍ ପ୍ରସ୍ତୁତି, ସୀମା ସୁରକ୍ଷା ପୋଷ୍ଟ ନିର୍ମାଣ, ବେଆଇନ ଚୋରାମଦ କାରବାର, ମାଦକ ଦ୍ରବ୍ୟ, ଫ୍ଲାଇଂ ସ୍କ୍ୱାଡ୍ ଗଠନ, ଯାଞ୍ଚ, ଫ୍ଲାଗ୍‌ମାର୍ଚ୍ଚ ଆଦି ଉପରେ ଡିଜିପି ସମୀକ୍ଷା କରିଛନ୍ତି। ତାଙ୍କ ସହିତ ଏଡିଜିପି କଟକ ସଞ୍ଜୟ କୁମାର, ଏଡିଜି ପୋଲିସ ଅପରେଶନ ଭୁବନେଶ୍ୱର ଏସ୍ ଦେବଦତ୍ତ ସିଂ, ଡିଆଇଜି ଭୁବନେଶ୍ୱର ଡ. କନୱର ବିଶାଲ ସିଂ, ଦକ୍ଷିଣପଶ୍ଚିମାଞ୍ଚଳ ଡିଆଇଜି କୋରାପୁଟ ଚରଣ ସିଂ ମୀନା, ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କ୍ଷେତକୁ ସୁନ୍ଦର ବାର ଫସଲ
ଦେହକୁ ସୁନ୍ଦର ବୁଦ୍ଧି ଅକଳ।

ସାଧାରଣତଃ କ୍ଷେତଟି ଫସଲରେ ପରିପୂର୍ଣ୍ଣ ଥିବାବେଳେ ଏହା ଆଖିକୁ ଖୁବ୍ ସୁନ୍ଦର ଦେଖାଯାଇଥାଏ। ଠିକ୍ ସେହିପରି ବୁଦ୍ଧି ଓ ବିବେକ ମଣିଷର ବ୍ୟକ୍ତିତ୍ୱକୁ ପ୍ରକାଶ କରୁଥିବାବେଳେ ସମାଜରେ ଏଭଳି ବ୍ୟକ୍ତିଙ୍କୁ ଯଶ ଓ ସମ୍ମାନ ମିଳିଥାଏ। ରୂପ କେବଳ ବାହ୍ୟ ସୌନ୍ଦର୍ଯ୍ୟକୁ ପ୍ରକାଶ କରିଥାଏ, ଯେତେବେଳେ କି ବୁଦ୍ଧି ଓ ବିବେକ ମଣିଷର ଅନ୍ତର୍ନିହିତ ଗୁଣକୁ ମଧ୍ୟ ଦର୍ଶାଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

କ୍ଷମା ଗୁଣେ ନର ଭୂଷିତ ହୋଇଲେ
ମିଳିଥାଏ ବଡ଼ ପଣ
ଅସାଧ ସାଧନ କରିପାରେ ଜନ
ଥିଲେ ଏହି ଦିବ୍ୟ ଗୁଣ।

କ୍ଷମା ହିଁ ସର୍ବଶ୍ରେଷ୍ଠ ଗୁଣ ବୋଲି କୁହାଯାଇଥାଏ। ଏଭଳି ଗୁଣ ବହିଥିବା ବ୍ୟକ୍ତି ସମସ୍ତଙ୍କ ପ୍ରିୟଭାଜନ ହେବା ସହ ମାନ ସମ୍ମାନ ଲାଭ କରୁଥିବାର ଦେଖିବାକୁ ମିଳିଥାଏ। କେବଳ କ୍ଷମା ହିଁ ଅସାଧକୁ ସାଧନ କରିପାରେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

'ରାଜନୈତିକ ଦଳର ରାଲି, ସଭାରେ ପ୍ରଚୁର ପାଣି ଓ ଓଆର୍‌ଏସ୍ ରଖାଯିବା ଆବଶ୍ୟକ'

ଭୁବନେଶ୍ୱର, ୨୯।୪ (ସୁନିତ୍ ମିଶ୍ର)

ଖରାକୁ ନେଇ ଜିଲାପାଳମାନଙ୍କୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ବର୍ତ୍ତମାନର ଗ୍ରୀଷ୍ମ ପ୍ରବାହ ଓ ଉତ୍ତାପକୁ ଦେଖି ଆସନ୍ତା ସପ୍ତାହ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ। ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ରାଜନୈତିକ ଦଳ ରାଲି ଓ ସଭାର ଆୟୋଜନ କରୁଛନ୍ତି। ଏହିସବୁ ସ୍ଥାନରେ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଓ ଓଆରଏସ୍ ରଖାଯିବା ଆବଶ୍ୟକ, ଯାହା ଫଳରେ ଜନସାଧାରଣ ଗ୍ରୀଷ୍ମ ପ୍ରବାହରୁ ଅନେକାଂଶରେ ରକ୍ଷା ପାଇପାରିବେ ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି। ଲୋକସେବା ଭବନ ସ୍ଥିତ ୨ୟ ମହଲା ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ କହିଛନ୍ତି, ନିର୍ବାଚନ ସମ୍ପର୍କିତ ରାଲି ଓ ସଭାଗୁଡ଼ିକରେ ରାଜନୈତିକ ଦଳଗୁଡ଼ିକ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଏବଂ ଓଆର୍‌ଏସ୍ ସୁବନ୍ଦୋବସ୍ତକୁ ଜିଲାପାଳମାନେ ସୁନିଶ୍ଚିତ କରିବେ। ପାନୀୟ ଜଳ ସହିତ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହକୁ ଅବ୍ୟାହତ ରଖିବା ପାଇଁ ଜିଲାପାଳମାନେ ବିଦ୍ୟୁତ୍ ବିଭାଗର କର୍ତ୍ତୃପକ୍ଷଙ୍କ ସହ ନିୟମିତ ଆଲୋଚନା କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଜଳଛତ୍ରକୁ ଅଧିକ ବ୍ୟାପକ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଗଣମାଧ୍ୟମ ମାଧ୍ୟମରେ ଅଂଶୁଘାତ ଓ ଅଦିନିଆ ବଜ୍ରପାତ ସମ୍ପର୍କରେ ଜନସାଧାରଣଙ୍କୁ ସତର୍କ ଏବଂ ସଚେତନ କରିବା ପାଇଁ ସେ ବିଭିନ୍ନ ବିଭାଗକୁ ପରାମର୍ଶ ଦେଇଛନ୍ତି। ବିଭିନ୍ନ ପ୍ରକାର ବିପର୍ଯ୍ୟୟର ସୁପରିଚାଳନା ପାଇଁ ଜିଲା ତଥା ଉପଖଣ୍ଡ ପ୍ରଶାସନମାନେ ଓଡ଼ିଶା ଡିଜାଷ୍ଟର ରିସୋର୍ସ ନେଟୱର୍କ (ଓଡିଆରଏନ୍) ପୋର୍ଟାଲର ସାହାଯ୍ୟ ନେବା ପାଇଁ ସେ କହିଛନ୍ତି। ବୈଠକରେ ଜଙ୍ଗଲରେ ନିଆଁ ଲାଗୁଥିବା ସ୍ଥାନ ଓ ତାହାର ପ୍ରଶମନ ପାଇଁ ନିଆଯାଉଥିବା ପଦକ୍ଷେପ, ପ୍ରତ୍ୟେକ ବୁଥ କାଛରେ ଗ୍ରୀଷ୍ମପ୍ରବାହ ଓ ବଜ୍ରପାତ ସମ୍ପର୍କିତ ସଚେତନତା ବାର୍ତ୍ତା ଲଗାଇବା, ଡାକ୍ତରଖାନାଗୁଡ଼ିକର ଆଇସିୟୁର ସୁବ୍ୟବସ୍ଥା ଆଦି ସମ୍ପର୍କରେ ବିଶଦ ଆଲୋଚନା ହୋଇଛି। ଏହି ଅବସରରେ ଲୋକସେବା ଭବନର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

ଗାଡ଼ିରୁ ୩ ଲକ୍ଷ ୨୭ ହଜାର ଟଙ୍କା ଜବତ କଲା ଫ୍ଲାଇଂ ସ୍କ୍ୱାଡ୍

ନବରଙ୍ଗପୁର, ୨୯।୪ (ସଦାଶିବ ପ୍ରହରାଜ)

ନବରଙ୍ଗପୁରରେ ଫ୍ଲାଇଂ ସ୍କ୍ୱାଡ ସୋମବାର ଗୋଟିଏ ଗାଡ଼ିରୁ ୩ଲକ୍ଷ ୨୭ ହଜାର ଟଙ୍କା ଜବତ କରିଛି। ଉକ୍ତ ଟଙ୍କାକୁ ଏବେ ଜିଲା କୋଷାଗାରରେ ଜମା କରାଯାଇଛି।

ସୂଚନାନୁଯାୟୀ, ନବରଙ୍ଗପୁରରୁ ସିକଡ଼ାଗୁଡ଼ା ଯାଉଥିବା ଗୋଟିଏ ଗାଡ଼ି (ଓଡି-୧୦ୱାଇ-୧୬୭୨)କୁ ଫ୍ଲାଇଂ ସ୍କ୍ୱାଡ୍ କର୍ଣ୍ଣାମାଳ ପଞ୍ଚାୟତ ନିକଟ ରିଙ୍ଗିଗୁଡ଼ା ଛକଠାରେ ଅଟକାଇଥିଲେ। ଫ୍ଲାଇଂ ସ୍କ୍ୱାଡ୍ କୋଡ଼ିଙ୍ଗା ତହସିଲଦାର ତଥା ମାଜିଷ୍ଟ୍ରେଟ ସୁବ୍ରତ ବେହେରାଙ୍କ ଉପସ୍ଥିତିରେ ଗାଡ଼ି ଯାଞ୍ଚ କରିଥିଲେ। ଏହି ସମୟରେ ଏକ ବ୍ୟାଗରୁ ୩ ଲକ୍ଷ ୨୭ ହଜାର ଟଙ୍କା ବାହାରିଥିଲା। ଡ୍ରାଇଭର ସୁକଦେବ ଭତ୍ରା, କୋଦଭାଟା ଗାଁର ଧନସାଇ ଭତ୍ରା, ପଣ୍ଡୁଗୁଡା ଗାଁର ଜନାର୍ଦ୍ଦନ

ଭତ୍ରା ଉକ୍ତ ଗାଡ଼ିରେ ଥିଲେ। ଜବତ ଟଙ୍କା ଜଣେ ବ୍ୟବସାୟୀଙ୍କର ବୋଲି ସେମାନେ କହିଥିଲେ। କିନ୍ତୁ ଏ ସମ୍ବନ୍ଧିତ କୌଣସି କାଗଜପତ୍ର ଦେଖାଇ ନ ପାରିବା ସହ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ତହସିଲଦାର ବେହେରା ଜିଲାପାଳ କମଳଲୋଚନ ମିଶ୍ର, ଜିଲା ଅଧିକାରୀ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଅର୍ଣ୍ଣବ ମୁଖାର୍ଜୀଙ୍କ ସହ ଆଲୋଚନା କରିଥିବା ସହ ଜବତ ଟଙ୍କା ଜିଲା କୋଷାଗାରରେ ଜମା କରାଯାଇଛି। ନିଜର ସନ୍ତୋଷଜନକ ଉତ୍ତର ଓ କାଗଜପତ୍ର ଦେଖାଇବା ପରେ ଜବତ ଟଙ୍କା ପାଇପାରିବେ ବୋଲି ସୂଚନା ଦିଆଯାଇଛି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

୨ ଦୁର୍ଘଟଣାରେ ୪ ବାଇକ୍ ଆରୋହୀ ମୃତ

ଚଣ୍ଡିଖୋଲ/ବଡ଼ଚଣା/ ପଡିଆବାହାଲ (ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲୀପ କୁମାର ମହାନ୍ତି/ ରାଧାମୋହନ ଷଡଙ୍ଗୀ), ୨୯।୪

ବଡ଼ଚଣାରେ ୨, ସମ୍ବଲପୁରରେ ୨

ଯାଜପୁର ଓ ସମ୍ବଲପୁର ଜିଲାରେ ସୋମବାର ପୃଥକ୍ ସଡ଼କ ଦୁର୍ଘଟଣା ଘଟି ୪ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ୧୬ ନଂ. ଜାତୀୟ ରାଜପଥରେ ପୂର୍ବାହ୍ନରେ ଯାଜପୁର ଜିଲା ବଡ଼ଚଣା ଓଭରବ୍ରିଜ୍‌ରେ ଏକ ଗାଡ଼ି ଧକ୍କାରେ ୨ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନୟାଗଡ଼ ଜିଲା ଫତେପୁର ଥାନା ଅନ୍ତର୍ଗତ ବିଜିପୁର ଗ୍ରାମର ଶତ୍ରୁଘ୍ନ ପଣ୍ଡା (୪୪) ଏବଂ ପଦ୍ମାବତୀପୁର ଗ୍ରାମର କେଶବ ଚନ୍ଦ୍ର ବେହେରା (୩୨)। ଦୁହେଁ ଏକ ବାଇକ୍ (ନଂ.ଓଡି ୦୨ କେ ୩୮୯୫)ରେ ନୟାଗଡ଼ରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବାବେଳେ କୌଣସି ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ। ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପହଞ୍ଚି ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଉଭୟ ଏକ ଫାଇନାନ୍ସ କମ୍ପାନୀରେ ଚାକିରି କରନ୍ତି। କମ୍ପାନୀ କାର୍ଯ୍ୟରେ ଚଣ୍ଡିଖୋଲ ଯିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି। ମୃତକଙ୍କ ସମ୍ପର୍କୀୟ ପ୍ରହ୍ଲାଦ ପଣ୍ଡାଙ୍କ ଅଭିଯୋଗ ଆଧାରରେ ଏକ ମାମଲା(ନଂ.୨୨୦/୨୪) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିର ପତ୍ତା ମିଳିନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ସକାଳ ପ୍ରାୟ ୮ଟାରେ ଯୁବକ ଦ୍ୱୟ ଏକ ଟ୍ରକ୍‌କୁ ଓଭରଟେକ୍ କରିଥିଲେ। ଏହି ସମୟରେ ଟ୍ରକଟି ସାଇଡ୍ ମା

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ମାରାଥନ ଫର ଭୋଟର୍ସ ସଚେତନତା, ସ୍ଥାନ: ଇନଫୋସିଟି ଛକ, ସମୟ: ସକାଳ ୬ଟା ।
- ବିଜେଡି ଭୁବନେଶ୍ୱର ଜିଲା ସଭାପତି ସୁଶାନ୍ତ ରାଉତଙ୍କ ଶୋଭାଯାତ୍ରା, ସ୍ଥାନ: ମାଉସୀମା ଛକ, ସମୟ: ସକାଳ ୯ଟା ୩୦ ।
- ଲିଟିଲଷ୍ଟାର ଗ୍ରୁପର ୨୨ତମ ବ୍ୟକ୍ତିତ୍ୱ ବକାଶ କର୍ମଶାଳା ଉଦ୍‌ଯାପନ ଉତ୍ସବ, ସ୍ଥାନ: ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ, ସମୟ: ପୂର୍ବାହ୍ନ ୧୦ଟା ।
- ଭୁବନେଶ୍ୱର (ଉତ୍ତର) ସିପିଆଇ ପ୍ରାର୍ଥୀ ଶଙ୍କର୍ଷଣ ବାରିକଙ୍କ ନାମାଙ୍କନ ପତ୍ର ଦାଖଲ ନିମନ୍ତେ ଶୋଭାଯାତ୍ରା, ସ୍ଥାନ: କମ୍ୟୁନିଷ୍ଟ ପାର୍ଟି ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୧ଟା ।
- ନନ୍ଦିତା ଦାସଙ୍କ ସହ ଟକ୍ ଶୋ, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ଅପରାହ୍ନ ୪ଟା ।
- ହାପିନେସ୍– ଟେନସନ୍ ବାଏବାଏ କାର୍ଯ୍ୟକ୍ରମ, ସ୍ଥାନ: ରେଲ୍ ଅଡିଟୋରିୟମ୍, ଚନ୍ଦ୍ରଶେଖରପୁର, ସମୟ: ଅପରାହ୍ନ ୫ଟା ୩୦ ।
- କେନ୍ଦ୍ରାପଡ଼ା ଜିଲା ବିକାଶ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ସଦନ, ମାଷ୍ଟରକ୍ୟାଣ୍ଟିନ, ସମୟ: ଅପରାହ୍ନ ୫ଟା ୩୦ ।
- ପୂର୍ବତନ ବିଧାୟକ ଡ. ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଚତୁର୍ଦ୍ଦଶ ଶ୍ରାଦ୍ଧ ବାର୍ଷିକ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍–୯, ସମୟ: ସନ୍ଧ୍ୟା ୬ଟା ।
- ଏକ ଦିବସୀୟ ଧର୍ମସତ୍ର 'ଆର୍ଯ୍ୟ ଆଷ୍ଟାଙ୍ଗିକ ମାର୍ଗ', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ 'ଶ୍ରୀଜଗନ୍ନାଥାୟନ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

ପୁରୀ

- ନିମାପଡ଼ା ସହକାରୀ ମଣ୍ଡଳ ଶିକ୍ଷଧିକାରୀ ସୌଦାମିନୀ ଦାଶଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ପ୍ରାଜ୍ଞିସିଂ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହାଟ ବଜାର, ନିମାପଡ଼ା, ସମୟ: ସକାଳ ୯ଟା ।
- ଶ୍ରୀଶ୍ରୀ ଅଷ୍ଟପ୍ରହର ନାମଯଜ୍ଞ ନଗର କୀର୍ତ୍ତନ ଓ ମହୋତ୍ସବ, ସ୍ଥାନ: ମା' ସପ୍ତମାତୃକା ବିଜେସ୍ଥଳୀ ପରିସର, ସର୍ବପଡ଼ା, ନିମାପଡ଼ା, ସମୟ: ପୂର୍ବାହ୍ନ ୧୧ଟା ।

ଖୋର୍ଦ୍ଧା

- ଶ୍ରୀରାମଚରିତ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀନୃସିଂହ ଦେବଙ୍କ ପୀଠ, ପଣ୍ଡାଳମ, ବେଗୁନିଆ ଉପକଣ୍ଠ, ସମୟ: ସନ୍ଧ୍ୟା ୭ଟା ।

ବାଲେଶ୍ୱର

- ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ୮ନଂ. ୱାର୍ଡ଼, ତାରିଣୀ ମନ୍ଦିର ଛକ, ମଠସାହି, ବାଲେଶ୍ୱର, ସମୟ: ସକାଳ ୭ଟା ୩୦ ମିନିଟ୍ ।
- ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ୧୦ନଂ. ୱାର୍ଡ଼ ସିଦ୍ଧେଶ୍ୱର ମନ୍ଦିର ଛକ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦ ମିନିଟ୍ ।
- କଂଗ୍ରେସର ସଂକଳ୍ପ ସମାବେଶ, ସ୍ଥାନ: ଥାନା ଛକ, ଭୋଗରାଇ, ସମୟ: ଅପରାହ୍ନ ୫ଟା ।

ଭଦ୍ରକ

- ଶ୍ରୀ ଶ୍ରୀ ହନୁମାନଙ୍କ ବାର୍ଷିକୋତ୍ସବ, ସ୍ଥାନ: ବଳିବିନ୍ଧା, ବାସୁଦେବପୁର, ସମୟ: ସକାଳ ୮ଟା ।
- ଭାଜପାର ପଦଯାତ୍ରା, ସ୍ଥାନ: ଘଣ୍ଟେଶ୍ୱର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା ।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଆନ୍ଦୋଳ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ରାମପୁର, ବନ୍ତ, ସମୟ: ଅପରାହ୍ନ ୪ଟା ।
- ମା' ସିଦ୍ଧବାସୁଳୀଙ୍କ ପୀଠରେ ଯଜ୍ଞ ଉଦ୍‌ଯାପିତ, ସ୍ଥାନ: ବେଗନା, ବନ୍ତ, ସମୟ: ଅପରାହ୍ନ ୪ଟା ।
- ବିଜେଡିର କର୍ମୀ ବୈଠକ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ଅପରାହ୍ନ ୫ଟା ।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ରାମକୃଷ୍ଣପୁର, ବନ୍ତ, ସମୟ: ଅପରାହ୍ନ ୫ଟା ।
- ଜଗବନ୍ଧୁ ମେମୋରିଆଲ ଆନ୍ତଃରାଜ୍ୟ ଫ୍ଲଡ଼ଲାଇଟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଏ.ବି. ହାଇସ୍କୁଲ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା ।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ମୌସୁଧା, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା ।
- ବିଜେଡିର କର୍ମୀ ବୈଠକ, ସ୍ଥାନ: ରମ୍ପିଳା, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା ୩୦ ।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ରାତି ୮ଟା ।

କେନ୍ଦୁଝର

- ଏକ୍ସ ପ୍ଲୋରେକ୍ସ ୨୦୨୪, ସ୍ଥାନ: ଡିମ୍ବୋ ଦାନି ଗ୍ରୁପ ଅଫ ସଂସ୍ଥାନ ପରିସର, କେନ୍ଦୁଝର ସଦର, ସମୟ: ସନ୍ଧ୍ୟା ୫ ଟା ।

ମୟୂରଭଞ୍ଜ

- ଆମେ– ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ।
- ଅଲ୍ ଓଡ଼ିଶା ଲୟର ଆସୋସିଏଶନର ଅଧିବେଶନ, ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା ୩୦ ।

ବ୍ରହ୍ମପୁର

- ଏବିଭିପି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନେହେରୁ ନଗର ୯ମ ଲେନ, ସମୟ: ଅପରାହ୍ନ ୪ଟା ।

ଗଞ୍ଜାମ

- କ୍ରିକେଟ ମ୍ୟାଚ, ସ୍ଥାନ: ଭଞ୍ଜନଗର ବ୍ଲକ ରାଇଗୋଛା, ସମୟ: ସକାଳ ୯ ଟା ।
- ଭଞ୍ଜନଗର କଂଗ୍ରେସ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ, ସ୍ଥାନ: ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା ।

କନ୍ଧମାଳ

- ଠାକୁରାଣୀ ଯାତ୍ରାର ଅଷ୍ଟମ ସନ୍ଧ୍ୟାରେ ଘଟ ପରିକ୍ରମା,ସ୍ଥାନ:ମାହାଡାଗାଣ୍ଡା,ସମୟ: ସନ୍ଧ୍ୟା ୬ ଟା ।
- ଦେବ ସଭାର୍ ଯାପନୀ,ସ୍ଥାନ:ଗବାଟବାଡ଼ି ଗ୍ରାମ,ସମୟ:ସକାଳ ୭ଟା ।

ସମ୍ବଲପୁର

- ସମ୍ବଲପୁର ଲୋକ ସଭା ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ, ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ଏବଂ ରେଙ୍ଗାଲୀ ବିଜେଡି ବିଧାୟକ ପ୍ରାର୍ଥୀ ସୁଦର୍ଶନ ହରିପାଳଙ୍କ ନାମଙ୍କନ ପତ୍ର ଦାଖଲ, ସ୍ଥାନ: ଉପଜିଲାପାଳ କାର୍ଯ୍ୟଳୟ, ସମୟ: ସକାଳ ୮ ଟା ।
- ଭାଜପା ମିଶ୍ରଣ କାର୍ଯ୍ୟକ୍ରମ, ସ୍ଥାନ:ହାଉସିଂବୋର୍ଡ କଲୋନୀ, ସମୟ:ସନ୍ଧ୍ୟା ୬ଟା ।

ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ଅସୀଚାଳନା ଏକାଦଶ ଦିବସ ତାଲିମ ଶିବିର, ସ୍ଥାନ: ଆର.ଏନ୍. ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ।
- ବଲାଙ୍ଗୀରରେ ମିଳିତ ଚିତ୍ରକଳା ପ୍ରଦର୍ଶନୀ ଷଷ୍ଠ ଦିନ, ସ୍ଥାନ: ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ।
- ଜଗନ୍ନାଥପଡା ପ୍ରସିଦ୍ଧ ରାମଲୀଳା ଦ୍ୱାଦଶ ରଜନୀ, ସ୍ଥାନ: ଜଗନ୍ନାଥ ମନ୍ଦିର, ଜଗନ୍ନାଥପଡା, ବଲାଙ୍ଗୀର, ସମୟ: ରାତି ୧୦ଟା ୩୦ ।

ସୁବର୍ଣ୍ଣପୁର

- ଶ୍ରୀରାମ ଲୀଳା ନାଟକର ଚତୁର୍ଦ୍ଦଶ ଦିବସ, ସ୍ଥାନ: ବାଗବର, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା ।
- ପଦଯାତ୍ରା ଜରିଆରେ ବିଜେଡିର ସୋନପୁର ନିର୍ବାଚନମଣ୍ଡଳୀସ୍ତରୀୟ ଶକ୍ତିପ୍ରଦର୍ଶନ, ସ୍ଥାନ: ସୁବର୍ଣ୍ଣପୁର ସହର, ପୂର୍ବାହ୍ନ ୧୦ଟା ।
- ବିଜେଡିର ମିଶ୍ରଣ ପର୍ବ, ସ୍ଥାନ: ବିନିକା ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ସଙ୍କୀର୍ତ୍ତନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଭାଲୁଡୁଙ୍ଗୁରି ଶୃଙ୍ଗଦର ମଠ, ବୀରମହାରାଜପୁର, ସମୟ: ଅପରାହ୍ନ ୪ଟା ।
- ଦୁର୍ଗା ମନ୍ଦିରରେ ସନ୍ଧ୍ୟା ଆଳତୀ, ସ୍ଥାନ: ବିନିକା ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦ ।
- ଶ୍ରୀରାମ ଲୀଳା ନାଟକର ବିଭୀଷଣ ସରଣ ପରିବେଷଣ, ସ୍ଥାନ: ଚମ୍ପାମାଳ, ବୀରମହାରାଜପୁର, ସମୟ: ରାତ୍ରି ୧୧ଟା ।
- ରାମଲୀଳା ନାଟକରେ ରାବଣ ବଧ ପରିବେଷଣ, ସ୍ଥାନ: ତିକୁଡା,ଉଲୁଣ୍ଡା ବ୍ଲକ, ସମୟ : ରାତ୍ରୀ ୧୧ଟା ।
- ଶ୍ରୀରାମ ଲୀଳା ନାଟକ ରାମ ଅଭିଷେକ ପରିବେଷଣ, ସ୍ଥାନ: ମୁର୍ଷୁଣ୍ଡି, ବୀରମହାରାଜପୁର ବ୍ଲକ, ସମୟ: ରାତ୍ରି ୧୧ଟା ।

ରାଉରକେଲା

- ହନୁମାନ ଟେମ୍ପଲ ଟ୍ରଷ୍ଟର ରୌପ୍ୟ ଜୟନ୍ତୀ ଦ୍ୱିତୀୟ ଦିବସ, ସ୍ଥାନ: କୋଏଲନଗର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା ।
- ରାଉରକେଲା ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ବିର୍ସାମୁଣ୍ଡା ଛକ, ସମୟ: ସକାଳ ସାଢ଼େ ୭ଟା ।

ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସଞ୍ଚାର ପଡ଼ିଆ ହାଟପଦା, ବରଗଡ଼, ସମୟ: ସକାଳ ୮ଟା ।

କଳାହାଣ୍ଡି

- ଶ୍ରୀରାମ ନବମୀ ପାରାୟଣ, ସ୍ଥାନ: କେସିଙ୍ଗା ବ୍ଲକ୍‌ର ବାଲସି ଗ୍ରାମସ୍ଥିତ ଘୋଡାବହାଲି, ସମୟ: ଅପରାହ୍ନ ୪ଟା ।
- ଶିବ ମହାପୁରାଣ ଜ୍ଞାନଯଜ୍ଞ, ସ୍ଥାନ: ଆମ୍ବେଡକର ଛକ ନିକଟ ଶ୍ୟାମଜୀ ରାଇସମିଲ, ସମୟ: ସକାଳ ୬ଟା ।
- ଭାଜପା ଲୋକ ସଭା ପ୍ରାର୍ଥିନୀ ମାଳବିକା କେଶରୀ ଦେଓ ଓ ଭବାନୀପାଟଣା ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ ନାଏକଙ୍କ ମାରାଥନ ପ୍ରଚାର, ସ୍ଥାନ: କର୍ଲାପଡା, ଭବାନୀପାଟଣା ବ୍ଲକ, ସମୟ: ପୂର୍ବାହ୍ନ ୯ଟା ।

ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: ଖଡିଆଳ ବ୍ଲକ ଶରଧାପୁର ପଞ୍ଚାୟତ ଢକସର ଗ୍ରାମ, ସମୟ: ସକାଳ ୮ଟା ।
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ହାତିସରା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ।

ବୌଦ୍ଧ

- ବହିରାରେ ଶ୍ରୀରାମଳୀଳା ଉତ୍ସବର ଚତୁର୍ଦଶ ସନ୍ଧ୍ୟାରେ ନାଟକ ମହୀରାବଣ ବଧ, ସ୍ଥାନ: ବହିରା ରାମଳୀଳା ମଣ୍ଡପ, କଣ୍ଟାମାଳ, ସମୟ: ରାତି ୯ଟା ।
- ଘଣ୍ଟାପଡା ଶ୍ରୀରଘୁନାଥ ନାଟ୍ୟ ସଂସଦର ରାମାୟଣ ପାରାୟଣ ଚତୁର୍ଦ୍ଦଶ ଦିବସ, ନାଟକ ରାବଣ ବଧ, ସ୍ଥାନ: ଘଣ୍ଟାପଡା ରଘୁନାଥଜୀଉ ମନ୍ଦିର, କଣ୍ଟାମାଳ, ସମୟ: ରାତି ୯ଟା ।
- ଘଣ୍ଟାପଡାର ଶ୍ରୀଜଗନ୍ନାଥ ନାଟ୍ୟ ସଂସଦର ଚତୁର୍ଦ୍ଦଶ ଦିବସ ନାଟକ ରାବଣ ବଧ, ସ୍ଥାନ: ଘଣ୍ଟାପଡା ଶ୍ରୀରାମ ମଣ୍ଡପ, ସମୟ: ରାତି ୯ଟା ।
- ବରଗାଁ ପଞ୍ଚାୟତର ମଲିକୁଦର ରାମାୟଣ ନାଟକର ଚତୁର୍ଦ୍ଦଶ ଦିବସ ନାଟକ ଶ୍ରୀରାମଙ୍କ ରାଜ୍ୟାଭିଷେକ, ସ୍ଥାନ: ମଲିକୁଦ ରାମଲୀଳା ମଣ୍ଡପ, ସମୟ: ରାତି ୯ଟା ।
- ବୌଦ୍ଧ ସହରର ଶ୍ରୀରାମଲୀଳା ଯାତ୍ରାର ଚତୁର୍ଦ୍ଦଶ ଦିବସର ନାଟକ ଲକ୍ଷ୍ମଣ ଶକ୍ତିଭେଦ, ସ୍ଥାନ: ଶ୍ରୀଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ରାତି ୧୦ଟା
- ବାଉଁଶୁଣୀ ଶ୍ରୀରାମଳୀଳା ମହୋତ୍ସବର ଚତୁର୍ଦ୍ଦଶ ଦିବସର ନାଟକ ମହୀରାବଣ ବଧ, ସ୍ଥାନ: ବାଉଁଶୁଣୀ ଛକ, ସମୟ: ରାତି ୧୦ଟା ।

ଦେବଗଡ଼

- ଭାଜପା ବିଧାୟକ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ସମୟ: ପୂର୍ବାହ୍ନ ୧୧ଟା ।

ଝାରସୁଗୁଡ଼ା

- ଶୀତଳା ଠାକୁରାଣୀଙ୍କ ସପ୍ତମୀ ପୂଜା, ସ୍ଥାନ: ଝାରସୁଗୁଡା ସଦର ବ୍ଲକସ୍ଥିତ ରେଲୱେ କଲୋନୀ ପଡ଼ିଆ, ସମୟ: ସକାଳ ୮ଟା ।
- ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଆମ୍ ଆଦମୀ ପାର୍ଟି ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ, ସ୍ଥାନ: ଝାରସୁଗୁଡା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ।

ଜଗତ୍‌ସିଂହପୁର

- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରଘୁନାଥପୁର ବ୍ଲକ, ସାଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ।
- ତିର୍ତ୍ତୋଲ ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ଆନନ୍ଦ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ।

କେନ୍ଦ୍ରାପଡ଼ା

- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ପୁରୁଷୋତମପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା ।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: କଂସାର, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୪ଟା ।

ଯାଜପୁର

- ଷଷ୍ଠ ବାର୍ଷିକ ସାଇ ଯଜ୍ଞର ଦ୍ୱିତୀୟ ଦିବସ,ସ୍ଥାନ: ବରୀ ବ୍ଲକ ବାଲିବିଲ ପଞ୍ଚାୟତ, ସମୟ: ସକାଳ ୬ଟା ।
- ବିଜେଡି କର୍ମୀ ସମାବେଶ, ସ୍ଥାନ: ଓଡିଶୋ ପଞ୍ଚାୟତ, ରସୁଲପୁର ବ୍ଲକ, ସମୟ:ସନ୍ଧ୍ୟା ୬ଟା ।
- ଯାଜପୁର ଅନ୍ୱେଷଣ ଥିଏଟରର ଗ୍ରୁପ ପକ୍ଷରୁ ପଥଚାରୀମାନଙ୍କୁ ଜଳସେବା, ସ୍ଥାନ: ଯାଜପୁର ଟାଉନ୍ ଗାନ୍ଧୀ ଛକ, ସମୟ: ସକାଳ ୮ଟା ।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଯାଜପୁର ପୌରପରିଷଦର ୮ ନମ୍ବର ୱାର୍ଡ ହାରୋ ପବ୍ଲିକ ସ୍କୁଲ, ସମୟ: ସନ୍ଧ୍ୟା ୭ଟା ।
- ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ବାରକଣା ଖେଳ ପଡ଼ିଆ, ସମୟ: ସନ୍ଧ୍ୟା ୫ଟା ।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: କମାଗଡ ମା' ହିଙ୍ଗୁଳା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।
- ନୟାଗଡର ଉମାକାନ୍ତ ସାହୁଙ୍କ ଦ୍ୱାରା ଶ୍ରୀରାମ ଚଳିତ ମାନସ, ସ୍ଥାନ: ଯାଜପୁର ରୋଡ୍ ମହତାବନଗର ଦେବେଶ୍ୱର ମନ୍ଦିର ପରିସର, ସମୟ: ରାତି ସାଢେ ୭ଟା ।

ନୟାଗଡ଼

- ଦଶପଲ୍ଲା କାଷ୍ଠ ମୁଖା ରାମଲୀଳା ଏକାଦଶ ଦିବସରେ ରାବଣ ବଧ, ସ୍ଥାନ: ଦଶପଲ୍ଲା ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- ଖଣ୍ଡପଡ଼ା ରାମଲୀଳାର ଅଷ୍ଟମ ଦିବସ, ସ୍ଥାନ: ଖଣ୍ଡପଡା ଗଡଭିତର ସାହି, ସମୟ: ରାତି ୯ଟା ।

ଅନୁଗୋଳ

- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ ଟା ।
- ନିର୍ବାଚନ ପାଇଁ ନାମାଙ୍କନ ପତ୍ର ବିକ୍ରି, ସ୍ଥାନ: ଅନୁଗୋଳ ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା ।
- ୭୮ତମ ବାଜି ରାଉତ ଛାତ୍ରାବାସ ବାର୍ଷିକ ଉତ୍ସବ, ସ୍ଥାନ: ଶାନ୍ତି ମନ୍ଦିର ସମୟ: ପୂର୍ବାହ୍ନ ୯ଟା୩୦ ।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦ ।

ରାୟଗଡ଼ା

- କାଶୀପୁର ବ୍ଲକ ବିଜେଡି ପକ୍ଷରୁ ମିନି ମାରାଥନ, ସ୍ଥାନ: ମାଇକଞ୍ଚ ଗ୍ରାମ, ସମୟ: ପୂର୍ବାହ୍ନ: ୧୧ଟା ୩୦ ।

ନବରଙ୍ଗପୁର

- ମାଁ ଠାକୁରାଣୀଙ୍କ କଳସୀ ଯାତ୍ରା ଉଦଯାପନ, ସ୍ଥାନ: ଡାବୁଗାଁ କଳସୀ ମଣ୍ଡପ, ସମୟ: ଅପରାହ୍ନ ୪ଟା ।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

ମେଷ

ଆପଣ ସାଧାରଣ ସ୍ଥିତିରୁ ଅସାଧାରଣ ସ୍ଥିତିରେ ଉପନୀତ ହେବାର ସୁଯୋଗ ପ୍ରାପ୍ତ କରିବେ । ଏପରିକି ପାରିବାରିକ ଓ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ । ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ର ମଧ୍ୟ ମନ୍ଦ ହେବନାହିଁ । ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ।

ବୃଷ

ଆପଣଙ୍କ ପାଇଁ ଦିନଟି ସବୁ ଦିଗରୁ ଭଲ, କିନ୍ତୁ କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ବିରୁଦ୍ଧାଚରଣ କରିପାରନ୍ତି । ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ବ୍ୟସ୍ତତା ପରିଲକ୍ଷିତ ହେବ । ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିପାରନ୍ତି । ସଭାସମିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ ।

ମିଥୁନ

ଯିଏ ଯାହା କହୁନା କାହିଁକି ଆପଣ କାହା କଥା ନ ଶୁଣି ନିଜ କାମରେ ମନ ଦେଲେ ସବୁ କିଛି ଠିକ୍ ହୋଇଯିବ । ପରିସ୍ଥିତି ଓଲଟା ହେବା ଫଳରେ ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହେବେ । ଅର୍ଥ ସମ୍ବନ୍ଧୀୟ କାର୍ଯ୍ୟରେ ସଫଳତା ମିଳିବ ଏବଂ ତଦନୁସାରେ ଖର୍ଚ୍ଚର ଦିଗ ମଧ୍ୟ ବ୍ୟାପକ ହୋଇପାରେ ।

କର୍କଟ

ଆଜି ଆପଣଙ୍କୁ ବିରୋଧ କରୁଥିବା ବ୍ୟକ୍ତିମାନେ ସାମ୍ନାରେ କିଛି କହିବାକୁ ସାହସ କରିପାରିବେ ନାହିଁ । ସାମଗ୍ରିକ ଦିଗରୁ ପୂର୍ବଠାରୁ ବର୍ତ୍ତମାନର ସ୍ଥିତି ଆକାଶପାତାଳ ଫରକ ଅନୁଭବ କରିବେ । ଅର୍ଥଲାଭ, ଉଚ୍ଚପଦବୀ ପ୍ରାପ୍ତି ସହ କାର୍ଯ୍ୟସିଦ୍ଧିର ସ୍ୱ

ଏନ୍‌କାଉଣ୍ଟରରେ ଗ୍ୟାଙ୍ଗ ମୁଖ୍ୟ ଆହତ

ଢେଙ୍କାନାଳ,୨୯।୪(ରତନ ନାୟାର)/
କାମାକ୍ଷାନଗର, (ସୁଧୀର ପରିଡ଼ା)

- ୧୮ ମାମଲାରେ ସମ୍ପୃକ୍ତି ଅଭିଯୋଗ
- ବନ୍ଧୁକ, ଗୁଳି, ବୋମା ସହ ଟଙ୍କା ଜବତ

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ପୁରୁଣା ଆଳତୁମା ଖୁଣ୍ଟାପଶି ଗୁଣ୍ଡିଚାନାଳୀ ଜଙ୍ଗଲରେ ସୋମବାର ସକାଳ ୫ଟା ୩୫ରେ ପୋଲିସ ଏନ୍‌କାଉଣ୍ଟରରେ କିଙ୍ଗ୍ ଅଫ୍ ଫରେଷ୍ଟ ଗ୍ୟାଙ୍ଗ୍‌ର ମୁଖ୍ୟ ସୁବାସ ଖୁଣ୍ଟିଆ ଓରଫ୍ ବୁବୁନା ଆହତ ହୋଇଛନ୍ତି। ଏକ ବଡ଼ଧରଣର ଅପରାଧ ପାଇଁ ଗ୍ୟାଙ୍ଗର ସଦସ୍ୟମାନେ ପ୍ରସ୍ତୁତ ହେଉଥିବା ବେଳେ କୌଣସି ସୂତ୍ରରୁ ଖବରପାଇ କାମାକ୍ଷାନଗର ପୋଲିସ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଗ୍ୟାଙ୍ଗର ସଦସ୍ୟମାନେ ପ୍ରଥମେ ଗୁଳି ଚଳାଇବା ସହ ବୋମା ପକାଇଥିଲେ। ପରେ ପୋଲିସ ପକ୍ଷରୁ ୨ ରାଉଣ୍ଡ୍ ଗୁଳିମାଡ଼ ହୋଇଥିଲା। ଏଥିରେ ଗ୍ୟାଙ୍ଗ ମୁଖ୍ୟ ସୁବାସ ଆହତ ହୋଇଥିଲେ। ତାଙ୍କ ଡାହାଣ ଗୋଡ ଆଣ୍ଠୁତଳ ଓ ପାଦରେ ଗୁଳି ବାଜିଥିଲା। ଗ୍ୟାଙ୍ଗର ୨ଜଣ ଖସିଯାଇଥିବା ବେଳେ ପୋଲିସ ସୁବାସଙ୍କୁ କାବୁ କରିନେଇଥିଲା। ତାଙ୍କୁ ପ୍ରଥମେ କାମାକ୍ଷାନଗର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରୁ ଗୋଟିଏ ଦେଶୀ ପିସ୍ତଲ, ଗୋଟିଏ ଜୀବନ୍ତ ଗୁଳି, ନଗଦ ୨ହଜାର ଟଙ୍କା, ଗୋଟିଏ ଅଫୁଟା ବୋମା ଜବତ କରିଛି। ଏହି ଘଟଣାରେ ଜଣେ ପୋଲିସ କନଷ୍ଟେବଳ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି।

ପୋଲିସ କହିଛି, ସୁବାସଙ୍କ ନାମରେ ମୋଟ ୧୮ଟି ମାମଲା ଥିବାବେଳେ ସେଥିରୁ ୧୬ ମାମଲା କାମାକ୍ଷାଗର ଥାନାରେ ରହିଛି। ଗୋଟିଏ ମାମଲା

ଏନ୍‌କାଉଣ୍ଟରରେ ଆହତ ହୋଇଥିବା କିଙ୍ଗ୍ ଅଫ୍ ଫରେଷ୍ଟ ଗ୍ୟାଙ୍ଗ ମୁଖ୍ୟ ସୁବାସ ଖୁଣ୍ଟିଆ।

ତୁମୁସିଙ୍ଗା ଥାନା ଏବଂ ଆଉ ଏକ ମାମଲା ପରଜଙ୍ଗ ଥାନାରେ ରୁଜୁ ହୋଇଛି। ବିଭିନ୍ନ ହତ୍ୟା, ହତ୍ୟା ଉଦ୍ୟମ, ରାହାଜାନି, ଲୁଣ୍ଠନ, ଦାଦାବଟି ଆଦାୟ ଆଦି ଅପରାଧରେ ସମ୍ପୃକ୍ତ ରାକେଶ ନାଥଙ୍କ ପ୍ରମୁଖ ସହଯୋଗୀ ହେଉଛନ୍ତି ସୁବାସ। ରାକେଶ ଏକ ହତ୍ୟା ମାମଲାରେ ଜେଲ ଭିତରେ ବିଚାରାଧୀନ କଏଦୀ ଭାବେ ରହିଥିବା ବେଳେ ସୁବାସ ଜାମିନରେ ଆସି ସହଯୋଗୀଙ୍କ ସହ ବିଭିନ୍ନ ସ୍ଥାନରେ ଅପରାଧ ଘଟାଇ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଥିଲେ। ସୁବାସଙ୍କୁ ଧରିବା ପାଇଁ ପ୍ରାୟ ଏକମାସ ହେବ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଥିଲା। କାମାକ୍ଷାନଗର ଏସ୍‌ଡିପିଓ ସ୍ନେହାଶିଷ ସାହୁଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ଧୀରେନ ବେହେରାଙ୍କ ନେତୃତ୍ୱରେ ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ପ୍ରଦୀପ କୁମାର ପାତ୍ର, ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ସୌଭାଗ୍ୟ ପାଣି ଓ ଏସ୍‌ଆଇ ସୌମ୍ୟରଞ୍ଜନ ମହାନ୍ତି ଏହି ଚଢାଉରେ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ ଏସ୍‌ପି ମଡକର ସନ୍ଦୀପ ସମ୍ପତ କହିଛନ୍ତି, ଏନକାଉଣ୍ଟର ହୋଇଥିବା ସୁବାସ ବହୁ ଆପରାଧିକ ମାମଲାରେ ସମ୍ପୃକ୍ତ। ତାଙ୍କର ସହଯୋଗୀମାନେ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ଜାଗାରେ ଚଢଉ ଜାରି ରହିଛି। ଖୁବଶୀଘ୍ର ସେମାନଙ୍କୁ ଧରାଯିବ।

ସରକାରୀ ନିର୍ଦ୍ଦେଶକୁ କିଏ ମାନୁଛି...

ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଭୁବନେଶ୍ୱର ଡିସିପି ଅଫିସ୍ ପରିସରରେ ଏକ ନିର୍ମାଣାଧୀନ କୋଠାରେ ସୋମବାର ପୂର୍ବାହ୍ନ ୧୧ଟା ପରେ ଶ୍ରମିକମାନେ ବିପଜ୍ଜନକ କାମ କରୁଛନ୍ତି।

ବିଦେଶୀ ମଦ ଜବତ, ୩ ଗିରଫ

ସମ୍ବଲପୁର,୨୯।୪(ପ୍ରମୋଦ ବହିଦାର)

ଝାରସୁଗୁଡ଼ାରୁ ବୁର୍ଲାକୁ ବେଆଇନ ଚୋରା ଚାଲାଣ ହେଉଥିବା ବିଭିନ୍ନ ବ୍ରାଣ୍ଡର ପ୍ରାୟ ୩ ଲକ୍ଷ ଟଙ୍କାର ବିଦେଶୀ ମଦ ଜବତ କରିଛି ସମ୍ବଲପୁର ଅବକାରୀ ବିଭାଗ। ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଅବକାରୀ ସହାକରୀ ଅଧିକ୍ଷକ ଅସୀତ ମଲ୍ଲିକ। ଏହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବେଲି ସେ କହିଛନ୍ତି। ଏହାସହ ବେଆଇନ ମଦ ବେପାର କରୁଥିବା ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସେ ସୂଚନା ଦେଇଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ଝାରସୁଗୁଡ଼ା ଝଣ୍ଡାଇକର ମନୋଜ ଡିଲା, ବୁର୍ଲାର ନିରଜ ଦଳାଇ ଓ ଜିତେନ୍ଦ୍ର ସାହୁ। ସେ କହିଛନ୍ତି ଯେ, ଗତ ରବିବାର ଏକ ପିକଅପ ଭ୍ୟାନ(ଓଡି-୨୩-ଏଫ୍-୨୩୦୧)କୁ ଲକ୍ଷ୍ମୀଡୁଙ୍ଗୁରୀ ନିକଟ ଜାତୀୟ ରାଜପଥ-୫୩ରେ ଅବକାରୀ ବିଭାଗ କର୍ମଚାରୀମାନେ ଅଟକ ରଖି ତଲାସୀ କରିଥିଲେ। ତଲାସୀ ବେଳେ ସେଥିରେ ଚାଲାଣ ହେଉଥିବା ୧୪୧ଟି ପେଟରେ ଥିବା ପ୍ରାୟ ୧୮୦୦ କେନ୍ ଓ ବୋତଲ ବିୟର ଥିବା ଦେଖିବାକୁ ମିଳିଥିଲା। ଯାହା ଝାରସୁଗୁଡ଼ାରୁ ବୁର୍ଲାକୁ ଯାଉଥିବା ଗାଡ଼ି ଚାଳକ କହିଥିଲେ। ବୋଝେଇ ହୋଇଥିବା ବିୟର ସମ୍ପର୍କିତ କୌଣସି ବୈଧ କାଗଜପତ୍ର ମଧ୍ୟ ଚାଳକଙ୍କ ନିକଟରେ ନ ଥିଲା। ପରେ ଚାଳକଙ୍କ ସୂଚନା ଅନୁସାରେ ବୁର୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅନ୍ୟ ୨ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ମଧ୍ୟ ବିପୁଳ ପରିମାଣର ବିଦେଶୀ ମଦ ଓ ବିୟର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟମାନେ ଫେରାର ହୋଇ ଯାଇଛନ୍ତି। ଖୁବ୍‌ଶୀଘ୍ର ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଅବକାରୀ ସହକାରୀ ଅଧିକ୍ଷକ କହିଛନ୍ତି।

ବାରିପଦା ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିଆଁ

- ଧୂଆଁରେ ଅଣନିଃଶ୍ୱାସୀ ହୋଇ ୩ କର୍ମଚାରୀ ଅସୁସ୍ଥ
- ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ

ବାରିପଦା,୨୯।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଜୋନାଲ ଶାଖାର ଦ୍ୱିତୀୟ ମହଲାରେ ସୋମବାର ଅପରାହ୍ନରେ ନିଆଁ ଲାଗିଥିଲା। ଅଗ୍ନିକାଣ୍ଡ ଯୋଗୁ ପ୍ରବଳ ଧୂଆଁରେ ୩ କର୍ମଚାରୀ ଅଣନିଃଶ୍ୱାସୀ ହୋଇ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ।

ବ୍ୟାଙ୍କର ଦ୍ୱିତୀୟ ମହଲାରେ ଥିବା କ୍ୟାଣ୍ଟିନରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। ଧୂଆଁ ଉଠିବା ପରେ କର୍ମଚାରୀମାନେ ଭୟଭୀତ ହୋଇ ତଳକୁ ଦୌଡ଼ିବାରେ ଲାଗିଥିଲେ। ଧୂଆଁ ବାହାରକୁ ବାହାରିବା ପରିବର୍ତ୍ତେ ସିଡି ଦେଇ ତଳକୁ ବାହାରିଥିଲା। ଫଳରେ କର୍ମଚାରୀମାନେ ବାହାରକୁ ବାହାରିବାରେ ଅସୁବିଧା ସୃଷ୍ଟି ହୋଇଥିଲା। କ୍ୟାଣ୍ଟିନରେ ଜଣେ ମହିଳା ଓ ୨ ପୁରୁଷ କର୍ମଚାରୀ ଫସି ରହି ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ସେମାନଙ୍କୁ

ନିଆଁ ଲାଗିବା ପରେ ବ୍ୟାଙ୍କ ପରିସରରେ ଲୋକେ ଭିଡ଼ ଜମାଇଛନ୍ତି।

ଉଦ୍ଧାର କରିଥିଲେ। ୨ଘଣ୍ଟା ପରେ ନିଆଁ ଆୟତ୍ତ ହୋଇଥିଲା। ଅଗ୍ନିକାଣ୍ଡରେ ବ୍ୟାଙ୍କର କିଛି କ୍ଷତି ହୋଇ ନ ଥିବା ବେଳେ କ୍ୟାଣ୍ଟିନର ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗିଥିବା କୁହାଯାଉଛି। ତଦନ୍ତ ପରେ ନିଆଁ ଲାଗିବାର କାରଣ ସ୍ପଷ୍ଟ ହେବ ବୋଲି ଅଗ୍ନିଶମ ବିଭାଗ କହିଛି। ତେବେ ବ୍ୟାଙ୍କରେ ଅଗ୍ନି ନିର୍ବାପକ ସିଲିଣ୍ଡର ରଖାଯାଇଥିଲେ ମଧ୍ୟ ବ୍ୟବହାର କରା ନ ଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ବ୍ୟାଙ୍କରେ ଜରୁରୀକାଳୀନ ପ୍ରସ୍ଥାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କରାଯାଇ ନ ଥିବା ଓ ବିଭାଗୀୟ ଗାଇଡ୍ ଲାଇନକୁ ଅଣଦେଖା କରାଯାଇଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ଜିଲା ଅତିରିକ୍ତ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେ କହିଛନ୍ତି, ବ୍ୟାଙ୍କକୁ ଯିବା ଆସିବା କରିବା ପାଇଁ କେବଳ ଗୋଟିଏ ମାତ୍ର ସିଡି ରହିଛି। ଅଗ୍ନି ନିର୍ବାପକ ବ୍ୟବସ୍ଥା ଠିକ୍ ଭାବେ ହୋଇ ନ ଥିବା ବେଳେ ବିଭାଗୀୟ ଅନୁମୋଦନ ସମ୍ପର୍କରେ ତଦନ୍ତ ଜାରି ରହିଛି। ସେହିପରି ବ୍ୟାଙ୍କ ପକ୍ଷରୁ ବ୍ୟବସାୟ ନିମନ୍ତେ ମ୍ୟୁନସିପାଲିଟିରୁ କୌଣସି ଅନୁମତି ନିଆଯାଇ ନ ଥିବା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି। ଏ ସଂକ୍ରାନ୍ତରେ ଜୋନାଲ ମ୍ୟାନେଜରଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି।

ଟ୍ରେନରୁ ସନ୍ଦେହଜନକ ଭାବେ ୨୧ ନାବାଳକ ଉଦ୍ଧାର

ବାଲେଶ୍ୱର, ୨୯।୪(ମାନସ ବିଶ୍ୱାଳ)

- ବାଳାଶ୍ରମରେ ରଖି ଯାଞ୍ଚ କରୁଛି ସିଡବ୍ଲ୍ୟୁସି

ହାଓ୍ୱଡାରୁ ଭୁବନେଶ୍ୱର ଆସୁଥିବା ଏକ ଟ୍ରେନରେ ସନ୍ଦେହଜନକ ଭାବେ ୨୧ ସଂଖ୍ୟାଲଘୁ ନାବାଳକଙ୍କୁ ରେଳବାଇ ପୋଲିସ ଉଦ୍ଧାର କରି ବାଲେଶ୍ୱର ସହଦେବଖୁଣ୍ଟାସ୍ଥିତ ବାଳାଶ୍ରମକୁ ହସ୍ତାନ୍ତର କରିଛି। ଶିଶୁ ମଙ୍ଗଳ ବିଭାଗର ଅଧିକାରୀ ଏବଂ ଜିଲା ଶିଶୁ ମଙ୍ଗଳ କମିଟିର ସଦସ୍ୟମାନେ ନାବାଳକଙ୍କ ପରିଚୟ ଖୋଜିବା ସହ ପିଲାମାନେ କେଉଁଠୁ କେଉଁଠିକୁ ଯାଉଥିଲେ, ତାଙ୍କୁ କିଏ ନେଇ ଯାଉଥିଲା, କାହିଁକି ନେଉଥିଲା ସେମାନଙ୍କର ପ୍ରକୃତ ଉଦ୍ଦେଶ୍ୟ କ'ଣ ଥିଲା ଭଳି ବିଭିନ୍ନ ଦିଗ ଉପରେ ତଦନ୍ତ ଜାରି ରଖିଛି।

ବିହାର ରାଜ୍ୟରୁ ୨୧ ସଂଖ୍ୟାଲଘୁ ନାବାଳକଙ୍କୁ ନେଇ ଜଣେ ଯୁବକ ହାଓ୍ୱଡ଼ାରୁ ଭୁବନେଶ୍ୱର ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍‌ରେ ଟିକେଟ କାଟ ଗୋଟିଏ ବଗିରେ ବସିଥିଲେ। ଉକ୍ତ ବଗିର ଅନ୍ୟ ଯାତ୍ରୀମାନେ ନାବାଳକଙ୍କ ଆଚାର ବ୍ୟବହାରରେ ସନ୍ଦେହ ପ୍ରକାଶ କରି ଖଡ଼ଗପୁରଠାରେ ରେଳବାଇ ପୋଲିସ (ଆର୍‌ପିଏଫ୍)କୁ ଖବର ଦେଇଥିଲେ। ଖଡ଼ଗପୁର ରେଳ ଷ୍ଟେଶନର ପର ଷ୍ଟେଶନରେ ଆର୍‌ପିଏଫ୍ ପୋଲିସ ଉକ୍ତ ନାବାଳକଙ୍କୁ ଠାବ କରି ବାଲେଶ୍ୱର ରେଳଷ୍ଟେଶନରେ ଓହ୍ଲାଇ ବାଲେଶ୍ୱର ଆରପିଏଫ୍ ସହାୟତାରେ ରବିବାର ମଧ୍ୟରାତିରେ ବାଳାଶ୍ରମକୁ ହସ୍ତାନ୍ତର କରିଥିଲେ। ପରେ ସୋମବାର ଜିଲା ଶିଶୁ ମଙ୍ଗଳ ଅଧିକାରିଣୀ ଦେବସ୍ମିତା ବାରିକ, ଜିଲା ଶିଶୁ ମଙ୍ଗଳ କମିଟି ଚେୟାରମ୍ୟାନ୍ ଡ. ମୃତ୍ୟୁଞ୍ଜୟ ପଣ୍ଡା, ସଦସ୍ୟ ଡ. ଶତ୍ରୁଘ୍ନ ମଲ୍ଲିକ, ପ୍ରିୟରଞ୍ଜନ ମହାନ୍ତି, ଅନିତା କର ଉକ୍ତ ନାବାଳକଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ସେମାନେ ଯାଜପୁରର ବ୍ରହ୍ମବରଦାରେ ଏକ ମଦ୍ରାସା ଅନୁଷ୍ଠାନରେ ପଢୁଛନ୍ତି ବୋଲି ଯୁବକ ଜଣକ କହିଥିଲେ। ହେଲେ କେଉଁ ପରିସ୍ଥିତିରେ ସେ ୨୧ନାବାଳକଙ୍କୁ ବିହାରରୁ ଆଣୁଥିଲେ, ସେ ବାବଦରେ ଉତ୍ତରରେ ତାଳମେଳ ନ ଥିଲା। ନାବାଳକମାନଙ୍କୁ ଉଦ୍ଧାର ପରେ ବାଲେଶ୍ୱରର କିଛି ବ୍ୟକ୍ତି ଜିଲା ଶିଶୁ ମଙ୍ଗଳରେ ପହଞ୍ଚି ସେମାନଙ୍କୁ ଛାଡ଼ି ଦେବାପାଇଁ ଚାପ ପକାଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବସ୍ମିତା ବାରିକ, ଶିଶୁ ମଙ୍ଗଳ କମିଟିର ସଦସ୍ୟ ମଲ୍ଲିକ ଏଥିରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଫଳରେ ନାବାଳକଙ୍କୁ ଅସ୍ଥାୟୀ ଭାବେ ଅଟକ ରଖାଯାଇଛି। ଉକ୍ତ ନାବାଳକଙ୍କ ମଧ୍ୟରୁ ୩/୪ଜଣ ବିହାର ରାଜ୍ୟ ଆରିହା ଜିଲାର ସଂଖ୍ୟାଲଘୁ ନାବାଳକ ବୋଲି ଜଣାପଡ଼ିଥିବା ବେଳେ ଅନ୍ୟମାନଙ୍କର ପରିଚୟ ମିଳିପାରି ନାହିଁ।

ଜିଲା ଶିଶୁ ମଙ୍ଗଳ କମିଟି ଚେୟାରମ୍ୟାନ୍ ଡ. ମୃତ୍ୟୁଞ୍ଜୟ ପଣ୍ଡା କହନ୍ତି, ବିହାର ରାଜ୍ୟର ଆରିହା ଜିଲାର ଡିସିପିଓଙ୍କ ସହ ଯୋଗାଯୋଗ କରାଯାଇଛି। ସେମାନଙ୍କ ପରିଚୟ ମିଳିଲେ ଆଇନ୍ ଅନୁସାରେ ପରିବାରଙ୍କ ସହ ଯୋଗାଯୋଗ କରାଯାଇ ସେମାନଙ୍କୁ ଛାଡ଼ିଦିଆଯିବ।

ବଡ଼ଘାଟିରେ ଓଲଟିଲା ମାଲ ବୋଝେଇ ଟ୍ରକ୍

ଖଲ୍ଲିକୋଟ,୨୯।୪(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବଡ଼ଘାଟିରେ ଭାରସାମ୍ୟ ହରାଇ ଏକ ମାଲ ବୋଝେଇ ଟ୍ରକ୍ ୫୦ ଫୁଟ ତଳକୁ ଓଲଟି ପଡ଼ିଛି। ପେପର ରୋଲ ବୋଝେଇ କରି ଆସୁଥିବା ଟ୍ରକ (ନଂ. ଟିଏସ ୨୯ଟି୧୪୧୮)ର ବ୍ରେକ୍ ଫେଲ ହୋଇଯିବାରୁ ତାହା ଓଲଟି ତଳକୁ ଖସି ପଡ଼ିଥିଲେ ମଧ୍ୟ ସୌଭାଗ୍ୟବଶତଃ ଡ୍ରାଇଭର ଓ ହେଲପର ବର୍ତ୍ତି ଯାଇଛନ୍ତି। ଟ୍ରକ୍‌ଟି ତେଲଙ୍ଗାନାରୁ ଖୋର୍ଦ୍ଧା ଅଭିମୁଖେ ଆସୁଥିଲା।

MCL
ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
କାର୍ଯ୍ୟାଳୟ, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୬୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in କରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5205

ମନ୍ଦିର ଦର୍ଶନ, ଶୋଭାଯାତ୍ରାରେ ଭାଜପା ପ୍ରାର୍ଥୀଙ୍କ ନିର୍ବାଚନୀ କାର୍ଯ୍ୟକ୍ରମ

ବଲାଙ୍ଗୀର, ୨୯।୪ (ବୀରେନ୍ଦ୍ର କୁମାର ଝାଙ୍କର)

- ସଙ୍ଗୀତା, ମୁକେଶ, ଗୋପାଲଜୀ ନାମାଙ୍କନ ଦାଖଲ କଲେ

୨୦୨୪ ନିର୍ବାଚନ ପାଇଁ ବିଭିନ୍ନ ଦଳର ପ୍ରାର୍ଥୀମାନଙ୍କ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହୋଇଛି। ବଲାଙ୍ଗୀର ଲୋକସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ଲୋଇସିଂହା ବିଧାନସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ବିଧାୟକ ଡ. ମୁକେଶ ମହାଲିଙ୍ଗ ଏବଂ ବଲାଙ୍ଗୀର ବିଧାନସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଗୋପାଲଜୀ ପାଣିଗ୍ରାହୀ ସୋମବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ବଲାଙ୍ଗୀର ସହର ଲୋକନାଥ ମନ୍ଦିର ଛକଠାରୁ ଲୋଇସିଂହା ବିଧାୟକ ପ୍ରାର୍ଥୀଙ୍କ ସହସ୍ରାଧିକ ସମର୍ଥକ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଥିଲେ। ସେହିପରି ପୁରୁଣା ଘରୋଇ ବସଷ୍ଟାଣ୍ଡ ନିକଟ ଭାଜପା କାର୍ଯ୍ୟାଳୟରୁ ଲୋକସଭା ପ୍ରାର୍ଥୀ ସଙ୍ଗୀତା ଦେବୀ, ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ଗୋପାଲଜୀ ସହସ୍ରାଧିକ ସମର୍ଥକଙ୍କ ସହ ବାହାରିଥିଲେ। ତିନି ପ୍ରାର୍ଥୀଙ୍କ ଶୋଭାଯାତ୍ରା ସହର ମଧ୍ୟସ୍ଥ ପାଟଣେଶ୍ୱରୀ ମନ୍ଦିରରେ ସମ୍ମିଳିତ ହୋଇଥିଲା। ସେଠାରେ ପୂଜାର୍ଚ୍ଚନା ଏବଂ ଦେବୀଙ୍କଠାରୁ ଆଶୀର୍ବାଦ ନେବା ପରେ ଏକ ଖୋଲା ଗାଡିରେ ତିନି ପ୍ରାର୍ଥୀ ସଙ୍ଗୀତା ଦେବୀ, ମୁକେଶ ଓ ଗୋପାଲଜୀଙ୍କ ସହ ପାଟଣାଗଡ ବିଧାୟକ ପ୍ରାର୍ଥୀ କନକବର୍ଦ୍ଧନ ସିଂଦେଓ, ତାଙ୍କ ଝିଅ ନିଭ୍ରିତି ସିଂଦେଓ ଶୋଭାଯାତ୍ରାରେ ସମଲେଶ୍ୱରୀ ମନ୍ଦିରକୁ ଆସିଥିଲେ। ଢୁଲଦୁଲି ବାଜା ଏବଂ ବ୍ୟାଣ୍ଡ ବାଜାର ତାଳେ ତାଳେ ସମର୍ଥକ ଏବଂ କର୍ମୀମାନେ ନାଚି ନାଚି ସହର ପରିକ୍ରମା କରିଥିଲେ। ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ତିନି ପ୍ରାର୍ଥୀ ଖୋଲା ଗାଡିରେ ବସି ବଲାଙ୍ଗୀର ମେନ୍ ମାର୍କେଟ ଦେଇ ଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲାପାଳ କାର୍ଯ୍ୟାଳୟରେ ସାଂସଦ ପ୍ରାର୍ଥୀ ସଙ୍ଗୀତା ଦେବୀ ତାଙ୍କ ନାମାଙ୍କନ ପତ୍ର ଜିଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କୁ ଦାଖଲ କରିଥିଲେ। ସଙ୍ଗୀତା ଦେବୀ ୪ ସେଟ୍ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନାମାଙ୍କନ ଦାଖଲ ବେଳେ ପୂର୍ବତନ ବିଧାୟକ କନକବର୍ଦ୍ଧନ ସିଂଦେଓ, ନିଭ୍ରିତି ସିଂଦେଓ, ପ୍ରସ୍ତାବକ ଦିନେଶ ଶର୍ମାଙ୍କ ସହ ଅନ୍ୟ ୩ ଜଣ ପ୍ରସ୍ତାବକ ଉପସ୍ଥିତ ଥିଲେ। ଏଡିଏମ୍ ଅଫିସ ଠାରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ସକାଶେ ଭାଜପା ପ୍ରାର୍ଥୀ ଡ. ମୁକେଶ ମହାଲିଙ୍ଗ ଏଡିଏମ୍ ଡ. ବିଜୟାନନ୍ଦ ସେଠୀଙ୍କୁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନାମାଙ୍କନ ପତ୍ର ଦା

ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ– ପୁଣ୍ୟ । ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ । –ଶ୍ରୀଅରବିନ୍ଦ

ଡଙ୍ଗା ଯାଉଛି କୁଆଡ଼େ

ଗୁଜରାଟ ପୋରବନ୍ଦର ଉପକୂଳରେ ତଟ ସୁରକ୍ଷା ବାହିନୀ, ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଏବଂ ନାର୍କୋଟିକ୍ସ କଣ୍ଟ୍ରୋଲ ବୋର୍ଡ(ଏନ୍‌ସିବି)ର ମିଳିତ ଅଭିଯାନରେ ୮୬ କେ.ଜି. ଡ୍ରଗ୍ସ ବା ନିଶାଦ୍ରବ୍ୟ ଏପ୍ରିଲ ୨୮ରେ ଜବତ କରାଯାଇଛି । ଏହି ଘଟଣାରେ ପାକିସ୍ତାନୀ ନାଗରିକ କୁହାଯାଉଥିବା ୧୪ ଜଣଙ୍କୁ ଗିରଫ କରାଯାଇଛି । ଜବତ ହୋଇଥିବା ଡ୍ରଗ୍ସର ମୂଲ୍ୟ ପାଖାପାଖି ୬୦୦ କୋଟି ଟଙ୍କା ହେବ ବୋଲି କୁହାଯାଇଛି । ଏହି ଘଟଣାର ଦିନକ ପରେ ଅର୍ଥାତ୍ ୨୯ ଏପ୍ରିଲରେ ପୁନର୍ବାର ଏକ ଭାରତୀୟ ମାଛଧରା ଡଙ୍ଗାରୁ ୧୭୩ କେଜି ଡ୍ରଗ୍ସ ଜବତ କରାଯିବା ସହ ୨ ଜଣ ଭାରତୀୟଙ୍କୁ ଗିରଫ କରାଯାଇଛି । ଗତ ମାସରେ ମଧ୍ୟ ପୋରବନ୍ଦର ଉପକୂଳରୁ ୪୦୦ କୋଟି ଟଙ୍କା ମୂଲ୍ୟର ମେଫେଡ୍ରୋନ (ଏକପ୍ରକାର ଅତି ଉତ୍ତେଜକ ନିଶାଦ୍ରବ୍ୟ) ଜବତ ହେବା ସହ ୬ ଜଣ ପାକିସ୍ତାନୀ ନାବିକଙ୍କୁ ଗିରଫ କରାଯାଇଥିଲା । ଉଲ୍ଲେଖନୀୟ ଯେ, ଏଭଳି ନିଶାଦ୍ରବ୍ୟ ଗୁଜରାଟ ଉପକୂଳରୁ ପ୍ରତିବର୍ଷ ବାରମ୍ବାର ଜବତ କରାଯାଉଛି । ସେପ୍ଟେମ୍ବର ୨୦୨୧ରେ ଗୁଜରାଟର ମୁନ୍ଦ୍ରା ବନ୍ଦରରୁ ୨୧,୦୦୦ କୋଟି ଟଙ୍କାର ୩,୦୦୦ କେଜି ହେରୋଇନ ଜବତ କରାଯିବା ଏକ ସର୍ବକାଳୀନ ରେକର୍ଡ ଭାବେ ରହିଛି । ଏହି ବନ୍ଦର ଏବେ ଗୌତମ ଆଦାନୀଙ୍କ କମ୍ପାନୀ ହାତରେ ରହିଛି । ସୂଚନାଯୋଗ୍ୟ, ଭାରତର ବିଶେଷ ଧନୀ ତାଲିକାରେ ଆଦାନୀ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଏବେ ଶେୟାର ବଜାରରେ ଆଦାନୀ ଗ୍ରୁପର ଦର କମିବା ଆରମ୍ଭ ହୋଇଗଲାଣି । ଆଦାନୀଙ୍କ କମ୍ପାନୀ ଦେଶର ବିଭିନ୍ନ ଉପକୂଳବର୍ତ୍ତୀ ରାଜ୍ୟରେ ୧୨ଟି ଛୋଟବଡ଼ ବନ୍ଦରର ପରିଚାଳନା ଦାୟିତ୍ୱ ନେଇଛି । ତେବେ ୨୦୨୧ରେ ମୁନ୍ଦ୍ରା ବନ୍ଦରରୁ ଜବତ ହୋଇଥିବା ଡ୍ରଗ୍ସରୁ ନିଶାଦ୍ରବ୍ୟ କାରବାରର ବଡ଼ ସୂଚନା ମିଳିଥିଲେ ମଧ୍ୟ ସମୟାନ୍ତରରେ ଗୁଜରାଟ ଉପକୂଳରୁ ବିପୁଳ ପରିମାଣର କୋକେନ, ହେରୋଇନ ଏପରି କି ଇ–ସିଗାରେଟ ଆଦି ନିଶାଦ୍ରବ୍ୟ ବରମ୍ବାର ଜବତ ହେବା ଘଟଣା ଚିନ୍ତାର ବିଷୟ । ଗୋଟିଏ ପଟେ ଦେଖିବାକୁ ଗଲେ ଗୁଜରାଟରେ ମଦ ବନ୍ଦ ଓ ଏହା 'ଡ୍ରାଏ ଷ୍ଟେଟ' ଭାବେ ପରିଚିତ । ଅନ୍ୟପଟେ ଗୁଜରାଟ ବର୍ତ୍ତମାନ ନିଶାଦ୍ରବ୍ୟ କାରବାରର କେନ୍ଦ୍ର ପାଲଟିଛି ବୋଲି ଏହିସବୁ ଘଟଣା ସ୍ପଷ୍ଟ କରୁଛି ।

କୌତୂହଳର ବିଷୟ ହେଉଛି ଯେ, ଭାରତର ଅନେକ ଚତୁର ବ୍ୟକ୍ତି ଚିନ୍ତା କରନ୍ତି ଗୁଜରାଟକୁ ଆସୁଥିବା ସବୁ ନିଶାଦ୍ରବ୍ୟ ପାକିସ୍ତାନ ପଠାଉଛି । ଡ୍ରଗ୍ସ କାରବାର ପୃଥିବୀର ଅନ୍ୟତମ ବୃହତ୍ ଲାଭଦାୟକ ବ୍ୟବସାୟ ବୋଲି ସମସ୍ତେ ଜାଣନ୍ତି । କ୍ରମାଗତ ଭାବେ ଏହି ବ୍ୟବସାୟ ବୃଦ୍ଧି ପାଇଆସୁଥିବା ଇଙ୍ଗିତ କରୁଛି ଯେ, ସେହି ସବୁ ଡ୍ରଗ୍ସ ସେବନକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି । ପାକିସ୍ତାନ ଏକ ମୁସଲମାନ ଦେଶ ହୋଇଥିବା ହେତୁ, ଗୁଜରାଟ ଭଳି ସେଠାରେ ମଧ୍ୟ ମଦ ନିଷିଦ୍ଧ । ଅନୁରୂପ ଭାବେ, ଗୁଜରାଟ ଭଳି ପାକିସ୍ତାନରେ ଯାହାକୁ ଯେତେ ମଦ ମିଳିବାର ସୂତ୍ର ରହିଛି । ଅର୍ଥାତ୍ ଗୁଜରାଟ ଡ୍ରାଏ ଷ୍ଟେଟ ନୁହେଁ କିମ୍ବା ପାକିସ୍ତାନ ମଦବିହୀନ ନୁହେଁ । ଅନ୍ୟପଟେ ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ, ଭାରତ ଭଳି ପାକିସ୍ତାନରେ ଡ୍ରଗ୍ସ ସେବନକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ସମୁଦ୍ର ବାଟ ଦେଇ ଆସୁଥିବା ଡ୍ରଗ୍ସ ପାକିସ୍ତାନରୁ ଆସୁଥାଇପାରେ । ଅନ୍ୟପଟେ ସେଗୁଡ଼ିକ ପାକିସ୍ତାନକୁ ଯାଉଥାଇପାରେ ମଧ୍ୟ । ଭାରତରେ ଆଜିର ରାଜନୈତିକ ସ୍ଥିତିରେ ପାକିସ୍ତାନ ଶବ୍ଦ ଉଚ୍ଚାରଣ କରିଦେଲେ ସବୁ ତ୍ରୁଟିକୁ ଜନସାଧାରଣ କ୍ଷମା କରିଦେଉଛନ୍ତି । ସେଥିପାଇଁ ହୁଏତ ୧୪ଜଣ ପାକିସ୍ତାନୀ ଗିରଫ ହେଲେ ବୋଲି ପ୍ରଚାର କରାଯାଉଥିବାବେଳେ ବାସ୍ତବ ସ୍ଥିତି ଜାଣିବା ସମ୍ଭବପର ନୁହେଁ । ଯେଉଁ ସ୍ଥାନରୁ ଡ୍ରଗ୍ସ ଆସୁଛି ସେହି ସାମଗ୍ରୀ ନେଇ ଅନେକ ଡଙ୍ଗା ଆସୁଥାଇପାରେ । ଅଧିକା ଭାରତକୁ ଆସୁଥିବେ ଏବଂ ହୁଏତ ତା'ଠାରୁ ଊଣା ପାକିସ୍ତାନ ମଧ୍ୟ ଯାଉଥିବେ । ସମ୍ଭବତଃ ପାକିସ୍ତାନ ଉଦ୍ଦେଶ୍ୟରେ ଯାଉଥିବା ଜାହାଜ ଭାରତୀୟ ସଂସ୍ଥା ଦ୍ୱାରା ଧରାପଡୁଥିବାବେଳେ ଭାରତ ପାଇଁ ଉଦ୍ଦିଷ୍ଟ ଅନେକ ଜାହାଜ ଖସିଯାଉ ଥାଇପାରେ । ଏଭଳି ପ୍ରଚ୍ଛଦପଟରେ ସତ୍ୟ ଜାଣିବା ଅତ୍ୟନ୍ତ କଷ୍ଟକର ।

ଯେଉଁ ସ୍ଥାନରୁ ଡ୍ରଗ୍ସ ଆସୁଛି ସେହି ସାମଗ୍ରୀ ନେଇ ଅନେକ ଡଙ୍ଗା ଆସୁଥାଇପାରେ। ଅଧିକା ଭାରତକୁ ଆସୁଥିବେ ଏବଂ ହୁଏତ ତା'ଠାରୁ ଊଣା ପାକିସ୍ତାନ ମଧ୍ୟ ଯାଉଥିବେ। ସମ୍ଭବତଃ ପାକିସ୍ତାନ ଉଦ୍ଦେଶ୍ୟରେ ଯାଉଥିବା ଜାହାଜ ଭାରତୀୟ ସଂସ୍ଥା ଦ୍ୱାରା ଧରାପଡୁଥିବାବେଳେ ଭାରତ ପାଇଁ ଉଦ୍ଦିଷ୍ଟ ଅନେକ ଜାହାଜ ଖସିଯାଉ ଥାଇପାରେ। ଏଭଳି ପ୍ରଚ୍ଛଦପଟରେ ସତ୍ୟ ଜାଣିବା ଅତ୍ୟନ୍ତ କଷ୍ଟକର ।

ଓଡ଼ିଆ ଭାଷା ସାହିତ୍ୟରେ 'ବର୍ଣ୍ଣବୋଧ'

ବିପିନ ବିହାରୀ ରାଉତ

'ଚକା ଚକା ଭଉଁରି, ମାମୁ ଘର ଚଉଁରି', 'ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନ କର ଆଉ', 'ପଶ୍ଚିମ ଦିଗରେ ବୁଡ଼ଇ ରବି, ଆହାକି ସୁନ୍ଦର ଲୋହିତ ଛବି', 'ବଂଶୀ ବାଜୁଛି ନଦୀ ତୀରେ, ହଂସ ଖେଳୁଛି ନଦୀ ନୀରେ' – ଏହିପରି ଚମତ୍କାର ଜୀବନ ଆବେଗର ଅତ୍ୟନ୍ତ ବିଲକ୍ଷଣ ପଂକ୍ତିଗୁଡ଼ିକର ଧାଡ଼ି ଅଗଣିତ ଓଡ଼ିଆଙ୍କ ଜିଭ ଆଗରେ ଏବେ ବି ପ୍ରତିଦିନ ଝଙ୍କୃତ ହେଉଥାଏ । ସମସ୍ତଙ୍କୁ ଏହା ଜଣା ଯେ, ଏହି କାଳଜୟୀ ଓ ଶିକ୍ଷା ପ୍ରଦାୟକ ନୈତିକ ଶିକ୍ଷାର ବାର୍ତ୍ତାବହ ତଥା ଜୀବନତ୍ତ୍ୱର ନୀତିବାଣୀର ମର୍ମସ୍ପର୍ଶୀ ଲେଖନୀ ହେଉଛି ଭକ୍ତକବି ମଧୁସୂଦନ ରାଓଙ୍କ ଅଦ୍ୱିତୀୟ ସୃଷ୍ଟି 'ବର୍ଣ୍ଣବୋଧ' । ଇତିମଧ୍ୟରେ ଏହାର ପୁନଃପ୍ରକାଶ ହେବାକୁ ଯାଉଛି । ପାଖାପାଖି ୧୧୦ ବର୍ଷ ପରେ କୋଟି କୋଟି ଓଡ଼ିଆ ଏହି ହୃଦୟସ୍ପର୍ଶୀ ପୁସ୍ତକକୁ ପୁଣିଥରେ ନୂଆ ରୂପରେ ପଢ଼ିବା ପାଇଁ ଯାଉଛନ୍ତି । ୧୯୦୧ ରେ ଏହି ବର୍ଣ୍ଣବୋଧକୁ ଲେଖିଥିଲେ ଭକ୍ତକବି ମଧୁସୂଦନ ରାଓ । ଓଡ଼ିଆ ବର୍ଣ୍ଣବୋଧ ଆମର କେବଳ ସମସାମୟିକ ଜୀବନକୁ ନୁହେଁ ଏପରି କ୍ୱଚିତ ଓଡ଼ିଆ ରହିଥିଲେ ଯେଉଁମାନେ କି ଏହାକୁ କେବଳ ଯେ ନ ପଢ଼ିଥିବେ ବରଂ ଏହାକୁ ବୁଝି ନ ଥିବେ । ଓଡ଼ିଆ ମାଟି, ପାଣି, ପବନ, ଓଡ଼ିଆ ଭାବନା, ଜୀବନ ଚେତନା, ପ୍ରାକୃତିକ ନୈସର୍ଗିକ ସୌନ୍ଦର୍ଯ୍ୟ, ଜୀବନ ନୈତିକ ଶିକ୍ଷା, ନୀତିବାଣୀର ଭାବନା ଏପରି ଅନେକ ଚେତନାରେ ସମ୍ପୂର୍ଣ୍ଣ ଭରପୂର ହୋଇଛି ଏହି ଭକ୍ତକବିଙ୍କ ମଧୁ ବର୍ଣ୍ଣବୋଧ ।

ଦେଢ଼ଶହ ବର୍ଷ ଧରି ଅନେକ କୋଟି ଓଡ଼ିଆଙ୍କ ଜୀବନ ପ୍ରାଣର ଏକ ପ୍ରକାର ଆବାହନୀ ଓ ସାମଗ୍ରିକ ଶିକ୍ଷାର ଅମାପ ବାର୍ତ୍ତା ଭରି ରହିଥିବା ଏହି ବର୍ଣ୍ଣବୋଧ ପୁନର୍ବାର ଓଡ଼ିଆରେ ପ୍ରକାଶିତ ହୋଇ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ୟାପକ ଉଦ୍ୟମ ଆରମ୍ଭ ହୋଇଛି । ଅନେକେ ହୁଏତ ଜାଣି ନ ଥିବେ ବଙ୍ଗଳା ସାହିତ୍ୟର ସାରସ୍ୱତ ନାୟକ ଓ ପ୍ରସିଦ୍ଧ ଲେଖକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ବଙ୍ଗଳା ଭାଷା ପାଇଁ 'ବର୍ଣ୍ଣ ପରିଚୟ' ପୁସ୍ତକଟି ଲେଖିଥିଲେ । ବର୍ଣ୍ଣବୋଧ ହେଉଛି ଓଡ଼ିଆ ଭାଷା ସାହିତ୍ୟ, ଜୀବନବୋଧର ଏପରି ଏକ ଜୀବନଦସ୍ତାବିଜ ; ଯାହାର ପ୍ରତିଟି ଧାଡ଼ି ଅମୃତସ୍ପର୍ଶୀ ଓ କାଳଜୟୀ । ଭକ୍ତକବି ମଧୁସୂଦନ ଏହି ପୁସ୍ତକଟି ମାତ୍ର ଗୋଟିଏ ରାତି ଭିତରେ ପ୍ରସ୍ତୁତ କରିପାରିଥିଲେ ମଧ୍ୟ ଏହାକୁ ସମୃଦ୍ଧ ଓ ତଥ୍ୟଭିତ୍ତିକ କରିବା ପାଇଁ ତାଙ୍କର ଦୀର୍ଘ ସମୟର ପରିଶ୍ରମ କିନ୍ତୁ ରହିଥିଲା । ୧୮୮୫ ମସିହାରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପୁସ୍ତକ ପ୍ରକାଶନୀ ସଂସ୍ଥା ମ୍ୟାକମିଲନ ଆଣ୍ଡ କମ୍ପାନୀ ଏହାର ପ୍ରକାଶନ ଦାୟିତ୍ୱ ନେଇଥିଲେ । ପରବର୍ତ୍ତୀ ସମୟରେ ବିଭିନ୍ନ ରୂପରେ ଏହି ବହିଟି ଅନେକବାର ବିଭିନ୍ନ ସଂସ୍କରଣ ମାଧ୍ୟମରେ ପ୍ରକାଶିତ ହୋଇଛି । ଆପଣ ଯେ କୌଣସି ଛୋଟବଡ଼ ବହି ଦୋକାନ କିମ୍ବା ରାସ୍ତାକଡ଼ର ବହି ଓ ମାଗାଜିନ ପସରା ମେଲାଇଥିବା



ବହି ଶପ୍‌ରେ ଭକ୍ତକବିଙ୍କ ମଧୁବର୍ଣ୍ଣବୋଧ ନିଶ୍ଚିତ ପାଇବେ । ଏହା ହିଁ ହେଉଛି କୋଟି କୋଟି ଓଡ଼ିଆଙ୍କ ଏହି ଶୀର୍ଣ୍ଣକାୟ ଚଟିବହିଟି ପ୍ରତି ଆବେଗ ଓ ଆକର୍ଷଣର ଡୋରି । ବର୍ଣ୍ଣବୋଧ ପୁସ୍ତକର ସମସାମୟିକ ଏହି ଭାଷା ବର୍ଣ୍ଣାଳୀର ଅନେକ ସୃଷ୍ଟି ମଧ୍ୟ କୃତବିଦ୍ୟ ଓଡ଼ିଆ ସାହିତ୍ୟ ସ୍ରଷ୍ଟାଙ୍କ ଦ୍ୱାରା ସମ୍ଭବ ହୋଇଥିଲା । ତତ୍କାଳୀନ ଓଡ଼ିଆ ଭାଷା ଓ ତଜ୍ଜନିତ ସାହିତ୍ୟର ଅଭାବକୁ ଲକ୍ଷ୍ୟ ରଖି ଯେଉଁକିଛି ପୁସ୍ତକ ପ୍ରକାଶ ହୋଇଥିଲା ସେଗୁଡ଼ିକ ହେଉଛି 'ବର୍ଣ୍ଣଶିକ୍ଷା', 'ବର୍ଣ୍ଣବୋଧକ', 'ବର୍ଣ୍ଣ ନିୟମ', 'ବର୍ଣ୍ଣ ପରିଚୟ', 'ଶିକ୍ଷା ମଞ୍ଜରୀ', 'ବାଳବୋଧିନୀ', 'ପ୍ରଥମ ପାଠ', 'ବର୍ଣ୍ଣ ବିଜ୍ଞାନ' ପ୍ରମୁଖ । ତେବେ ଏ ସବୁ ଭିତରେ ଭକ୍ତକବି ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧର ସ୍ୱତନ୍ତ୍ରତା ରହିଥିଲା । କାରଣ ଏଥିରେ ଭରି ରହିଥିଲା କେବଳ ଶିଶୁମାନଙ୍କ ପାଇଁ ନୁହେଁ ସବୁ ବୟସର ଲୋକମାନଙ୍କ ପାଇଁ ଜୀବନ ଶିକ୍ଷା ହେଉ ବା ନୈତିକ ଶିକ୍ଷା, ଆଧାତ୍ମିକ ଶିକ୍ଷା ହେଉ ବା ଭାବଗତ ଶିକ୍ଷା । ଏସବୁ ପରିପୃଷ୍ଠ ହୋଇଥିଲା ବର୍ଣ୍ଣବୋଧରେ ।

ଭକ୍ତକବି ଭାବେ ମଧୁସୂଦନ ରାଓ ଓଡ଼ିଆଙ୍କ ପାଖରେ ଏକ ପ୍ରାତଃ ସ୍ମରଣୀୟ ପରିଚିତ ବ୍ୟକ୍ତିତ୍ୱ । ବୃତ୍ତିଗତ କ୍ଷେତ୍ରରେ ସେ ଥିଲେ ଜଣେ ଶିକ୍ଷକ ଓ ଭାଷାବିତ୍ । ଓଡ଼ିଆ ଭାଷା ପ୍ରତି ତାଙ୍କର ରହିଥିଲା ଅମାପ ଆବେଗ, ଦୁର୍ବଳତା ଓ ଭଲପାଇବା । ବର୍ଣ୍ଣବୋଧ ଏକ ଏପରି ସରଳ ବୋଧଗମ୍ୟ ଓ ଭାଷା ଆବେଗ ତଥା ନୈତିକ ଶିକ୍ଷା ପ୍ରଦାୟକ ପୁସ୍ତିକା ଯାହା କି ବାସ୍ତବିକ ପ୍ରତିଟି ଓଡ଼ିଆଙ୍କ ଘରେ ଏକ ସଂଗ୍ରହଣୀୟ ଭାଷା ଦସ୍ତାବିଜ ଭାବେ ରହିବା କଥା । ଯେତେବେଳେ ଓଡ଼ିଆ ଭାଷାକୁ ବିଶେଷକରି ବଙ୍ଗଳାର ଆହ୍ୱାନକୁ ସାମ୍ନା କରିବାକୁ ପଡୁଥିଲା 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନଏ ।' ସେହି ଭାଷା ଆହ୍ୱାନକୁ ନିଜ ଭିତରେ ଶାଣିତ ଓ ତୀବ୍ର କରିଥିଲେ ଭକ୍ତକବି । ଓଡ଼ିଆ ଭାଷା, ବନାନ, ବର୍ଣ୍ଣ, ଶବ୍ଦ, ଯୁକ୍ତାକ୍ଷର ସବୁକିଛିକୁ ତଉଲି ଓ ଏହାର ସାମଞ୍ଜସ୍ୟ ରଖି ପ୍ରସ୍ତୁତ ହୋଇଥିବା ସେ ଦିନର ଭକ୍ତକବିଙ୍କ ଏହି ମହାର୍ଘ ବର୍ଣ୍ଣବୋଧ ଏ ଯାବତ୍ ତାହା ଆଗ୍ରହ ଓ ଆବେଗକୁ ଅତୁଟ ରଖିଛି । ଏହା କେବଳ ଓଡ଼ିଆ ଭାଷା, ଶିକ୍ଷା ବା ବର୍ଣ୍ଣମାଳା କିମ୍ବା ଯୁକ୍ତାକ୍ଷର ପ୍ରସ୍ତୁତିର ଏକ ଶିକ୍ଷା ପୁସ୍ତିକା ନୁହେଁ ଏହା ହେଉଛି ଭାବପୂର୍ଣ୍ଣ ପ୍ରକୃତି ହେଉ ବା ଜୀବନଚର୍ଯ୍ୟା, ଆଧାତ୍ମିକ ହେଉ ବା ଅମୃତ ନିର୍ଝର । ସବୁକିଛିକୁ ଏହା ଆକର୍ଷଣୀୟ ଭାବରେ ଏପରି ମର୍ମସ୍ପର୍ଶୀ ପ୍ରେରଣା ଦେଇଛି, ଯାହାକି ସମ୍ଭବତଃ ଆଉ ଏକ ବର୍ଣ୍ଣବୋଧ ସୃଷ୍ଟି ହୋଇ ନ ପାରେ । ନିତିଦିନିଆ ଜୀବନରେ ମାମୁଘରର ସ୍ମୃତି ରହିଛି ଏହି ବର୍ଣ୍ଣବୋଧରେ – 'ଚକା ଚକା ଭଉଁରି, ମାମୁଘର ଚଉଁରି' । କାଳ ରାତି ପାହିବା ପରେ ଜଣକ ଜୀବନ ଆରମ୍ଭ ହୋଇଥାଏ ସୂର୍ଯ୍ୟୋଦୟରୁ ଆଉ ଏହାକୁ ଆମ ସମସ୍ତଙ୍କ ପାଖରେ କାଉର ରାବ ଦ୍ୱାରା ହିଁ ଜଣାଯାଇଥାଏ । ଭକ୍ତକବି ବର୍ଣ୍ଣବୋଧରେ ଲେଖିଛନ୍ତି – 'ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନ କର ଆଉ' । ଏବେ ତ ପ୍ରଚଣ୍ଡ ଖରାର ନିଦାଘ ରୌଦ୍ରତାପ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଉଛି । ଜାଣିଛନ୍ତି ବର୍ଣ୍ଣବୋଧରେ ଏହା ବେଶ୍ ସୁସ୍ପଷ୍ଟ ହୋଇଛି – 'ବୈଶାଖ ମାସେ ବଡ଼ ଖରା, ଅତି ତପତ ହୁଏ ଧରା' । ଜୀବନ ଯାତ୍ରା ପଥରେ ଆମମାନଙ୍କ ଉଚିତ କର୍ତ୍ତବ୍ୟର ଶିକ୍ଷଣୀୟ ବାର୍ତ୍ତା ରହିଛି ଏଥିରେ ତାହା ହେଉଛି – 'ବଂଶୀ ବାଜୁଛି ନଦୀ ତୀରେ, ହଂସ ଖେଳୁଛି ନଦୀ ନୀରେ' । କେବଳ ସେତିକି ନୁହେଁ ପିଲାମାନଙ୍କୁ ଜୀବନ ପ୍ରାରମ୍ଭକୁ ନୈତିକ ଶିକ୍ଷାଦେଇ ଭକ୍ତକବି ଏଥିରେ ଲେଖିଛନ୍ତି – 'କୁବାକ୍ୟ କେବେ ନ କହିବ, ଆଳସ୍ୟ କେବେ ନ କରିବ । ମିଥ୍ୟାକୁ ପାପ ବୋଲି ଜାଣି, କହିବ ସଦା ସତ୍ୟବାଣୀ' । ପ୍ରତିଟି ମୁହୂର୍ତ୍ତ ଭଗବାନଙ୍କ ପାଇଁ ସମର୍ପିତ କରି ଜୀବନରେ ଆଧାତ୍ମିକ ତତ୍ତ୍ୱ ଓ ଭାବଧାରାକୁ ଶିଶୁମନରେ ଉଦ୍ରେକ କରିବା ପାଇଁ କବି ରଚନା କରିଛନ୍ତି – 'ଯାହା ମୁଁ କରଇ, ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମ ଈଶ୍ୱର ଜାଣୁଛନ୍ତି ପ୍ରତି କ୍ଷଣେ' ।

ଜାତିର ଆତ୍ମା ଭାବେ ଏକ ମାତୃଭାଷା ହେଉଛି ଜାତି ପାଇଁ ସମ୍ମାନ । ଭାଷା ଏକ ଶାସ୍ତ୍ରୀୟ ସ୍ୱୀକୃତି ଯେ ପାଇଥାଏ ଏହା ପଛରେ ରହିଛି ଓଡ଼ିଆ ଭାଷାର ଗୌରବମୟ ଇତିହାସ । ଭକ୍ତକବି ମଧୁସୂଦନଙ୍କ କାଳଜୟୀ ଅମୃତ ସୃଷ୍ଟି ବର୍ଣ୍ଣବୋଧ ଏ ଜାତିର, ଏ ଜାତିର ଅସ୍ମିତାର ସର୍ବୋପରି ଭାଷାର ମୂଳପିଣ୍ଡ କହିଲେ ଭୁଲ୍ ହେବନାହିଁ । ଏହି ଶୀର୍ଣ୍ଣକାୟ ଚଟି ବହିଟି କେବଳ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଏକ ନାମ ବାଚକ ପୁସ୍ତିକା ନୁହେଁ ଏହା ଯେଉଁ ଆବେଗ, ଉନ୍ମେଷ, ଜାତି ଓ ଭାଷା ପ୍ରତି ସମର୍ପଣ ଭାବ ସୃଷ୍ଟି କରେ ତାହା କମ ବଡ଼କଥା ନୁହେଁ । ଓଡ଼ିଆ ଭାଷାର ଶ୍ରେଷ୍ଠ ଓ ଗୌରବମୟ କୃତି ଓ ସ୍ୱୀକୃତି ହେଉଛି ଭକ୍ତକବି ମଧୁସୂଦନ ରାଓଙ୍କ ଏହି ବର୍ଣ୍ଣବୋଧ । ଓଡ଼ିଆ ଭାଷା ସାହିତ୍ୟ ଶିକ୍ଷାରେ ଧାଇମା'ର ଭୂମିକା ନେଇଥିବା ଭକ୍ତକବିଙ୍କ 'ବର୍ଣ୍ଣବୋଧ' ପ୍ରତିଟି ଓଡ଼ିଆଙ୍କ ଭାଷା ସାହିତ୍ୟର ଜୀବନ ସ୍ପନ୍ଦନ କହିଲେ ଅତ୍ୟୁକ୍ତି ହେବନାହିଁ ।

ଶ୍ରୀବିହାର କଲୋନୀ, କଟକ
ମୋ: ୯୪୩୭୬୬୬୪୫୩

ବିଭାଗର ନାମ ଭିଜିଲାନ୍ସ

ହରିଶଙ୍କର ମିଶ୍ର

ଆମ ରାଜ୍ୟରେ ଯେଉଁ ପ୍ରବକ୍ତାମାନେ ରାଜ୍ୟ ଦୁର୍ନୀତିମୁକ୍ତ ବୋଲି ପ୍ରଚାର ସର୍ବସ୍ୱ ଡିଣ୍ଡିମ ପିଟୁଛନ୍ତି ସେମାନେ ନିଶ୍ଚିତ ଦୁର୍ନୀତିକୁ ରାଜ୍ୟର ନୀତ ଭାବେ ସ୍ୱୀକାର କରୁଛନ୍ତି । ରାଜ୍ୟ ସାମଗ୍ରିକ ଭାବେ ଦୁର୍ନୀତି ପଙ୍କରେ ଉବୁଟୁବୁ ହେଉଥିବା ବେଳେ ସ୍ୱଚ୍ଛତା ବା ଶୂନ୍ୟ ସହନଶୀଳତାର ଆତ୍ମ ଡିଣ୍ଡିମ ଯାଦୁ ଆକ୍ରାନ୍ତ ବ୍ୟକ୍ତି ଯାଦୁ ମଲମ ବିକ୍ରି କରିବା ଭଳି ମନେହୁଏ । ଆମ ରାଜ୍ୟରେ ଦୁର୍ନୀତି ନିବାରଣ ପାଇଁ ଯେଉଁ ସଂସ୍ଥା ରହିଛି ତାହା ଭିଜିଲାନ୍ସ ଭାବେ ନାମିତ । ରାଜ୍ୟ ଗୃହ ବିଭାଗର ସ୍ୱତନ୍ତ୍ର ପଦବୀ ବା କ୍ୟାଡର କିଛି ନାହିଁ । ପୋଲିସ ବିଭାଗର ମୂଳ କର୍ମଚାରୀ ସେଠାରେ କାର୍ଯ୍ୟ କରନ୍ତି । ସେହି ବିଭାଗ ସାଧାରଣତଃ ଲାଞ୍ଚ ଗ୍ରହଣ ମାମଲା ପାଇଁ ଯେତେ ଗୁରୁତ୍ୱ ଦିଏ, ଖଣି, ପାଣି, ବାଲି, ଡାଲି, କୋଇଲା ବା ଚିଟ୍‌ଫଣ୍ଡ ପରି ବହୁଚର୍ଚ୍ଚିତ ଏବଂ ହଜାର ଶହ କୋଟିର ଦୁର୍ନୀତି ପାଇଁ ତା' ହାତର ଲମ୍ବ ନିଅଣ୍ଟ ହୁଏ । ସେଥିପାଇଁ ସେହି ବିଭାଗ, ଦୁର୍ନୀତି ମାମଲାରେ ତଳ ସ୍ତରୀୟ କର୍ମଚାରୀ ବା ଅଧିକାରୀଙ୍କୁ ହିଁ ନିଶାନା କରେ । ଅପରପକ୍ଷରେ ପ୍ରଥମ ଶ୍ରେଣୀ ଓ ତଦୂର୍ଦ୍ଧ୍ୱ ପଦବୀରେ କାର୍ଯ୍ୟରତ ଅଧିକାରୀମାନଙ୍କ ନାମରେ ଭିଜିଲାନ୍ସ ମାମଲା ପାଇଁ ସରକାରଙ୍କଠାରୁ ପୂର୍ବାନୁମତି ନେବାକୁ ବିଧି ରହିଛି । ଆଜିର ତାରିଖରେ ସେପରି ପଦବୀରେ ଥିବା ଅଧିକାରୀଙ୍କ ବିରୋଧରେ ମାମଲା ପାଇଁ ଭିଜିଲାନ୍ସ ବିଭାଗର ଶତାଧିକ ଆବେଦନ ମଞ୍ଜୁରୀ ଅପେକ୍ଷାରେ ରହିଛି । ଏହା ସତ୍ତ୍ୱେ ସରକାର ନୀରବ ରହିବା ଯେତିକି ସନ୍ଦେହଜନକ ସମ୍ପୃକ୍ତ ଅଧିକାରୀମାନେ ନିଶରେ ହାତମାରି ବେଧଡ଼କ ନିଜ ଅଭ୍ୟାସ ଜାରି ରଖିବା ସରକାରୀ ସ୍ୱଚ୍ଛତା ପ୍ରଚାର ପ୍ରତି ତତୋଽଧିକ ତାଚ୍ଛଲ୍ୟକର । ଆମ ରାଜ୍ୟର ରାଜସ୍ୱ, ଅବକାରୀ, ଯୋଗାଣ, ବ୍ଲକ, ପୋଲିସ, ପରିବହନ

ପୁରୀ ଲୋକ ସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ସମ୍ବିତ ପାତ୍ର ସୋମବାର ପୁରୀ ଜିଲାପାଳ ତଥା ରିଟର୍ନିଂ ଅଫିସର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

ପିପିଲି ବିଧାନସଭା ଆସନ ପାଇଁ ଭାଜପାର ଆଶ୍ରିତ ପଟ୍ଟନାୟକ ରିଟର୍ନିଂ ଅଫିସର ତଥା ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ସତ୍ୟବାଦୀ ବିଧାନସଭା ଆସନ ପାଇଁ ବିଜେଡିର ସଞ୍ଜୟ ଦାସବର୍ମା ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ପୁରୀ ବିଧାନସଭା ଆସନ ପାଇଁ ବିଜେଡିର ସୁନୀଲ ମହାନ୍ତି ରିଟର୍ନିଂ ଅଫିସର ତଥା ଉପଜିଲାପାଳ ଗୋପୀନାଥ କୁଅଁରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

ପ୍ରାର୍ଥୀପତ୍ର ଦାଖଲ ବେଳେ ବିଜେଡି- ଭାଜପା ମୁହାଁମୁହିଁ

ପୁରୀ,୨୯।୪(ଅଜିତ୍ ମହାନ୍ତି)

ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ପ୍ରାର୍ଥୀପତ୍ର ଦାଖଲ ସମୟରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନାମାଙ୍କନ ଶୋଭାଯାତ୍ରାରେ ଆସିଥିବା ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଥିଲେ। ପରସ୍ପରକୁ ଗାଳିଗୁଲଜ କରିବା ସହ ଧସ୍ତାଧସ୍ତି ସ୍ଥିତି ଉପୁଜିଥିଲା। ଉଭୟ ଦଳର କର୍ମୀମାନେ ଆଣିଥିବା ଫୁଲମାଳ ପରସ୍ପର ଉପରକୁ ଫିଙ୍ଗିଥିଲେ। 'ନବୀନ-ନବୀନ' ଓ 'ମୋଦି-ମୋଦି' ସ୍ଲୋଗାନରେ କମ୍ପିଥିଲା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର। କିଛି ସମୟ ପାଇଁ ପୋଲିସ ଦେଖଣାହାରୀ ସାଜିଥିବାବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ରଣକ୍ଷେତ୍ର ସଦୃଶ ପ୍ରତୀୟ ମାନ ହୋଇଥିଲା। ତେବେ ସ୍ଥିତି ବିଗଡ଼ିବା ପୂର୍ବରୁ ପୁରୀ ଏସ୍‌ପି ପିନାକ ମିଶ୍ର ଘଟଣାସ୍ଥଳରେ ଅଧିକ ପୋଲିସ ଫୋର୍ସ ସହ ପହଞ୍ଚି ନିୟନ୍ତ୍ରଣ କରିଥିଲେ। ଉଭୟ ଦଳର କର୍ମୀଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାର କରାଯାଇଥିଲା। ଫଳରେ ପରିବେଶ ଶାନ୍ତ ପଡ଼ିଥିଲା।

ସୂଚନାଯୋଗ୍ୟ, ନାମାଙ୍କନପତ୍ର ଦାଖଲର ପ୍ରଥମ ଦିନ ହୋଇଥିବାରୁ ଶୋଭାଯାତ୍ରାରେ ଭାଜପା ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର ତାଙ୍କ ସମର୍ଥକଙ୍କ ସହ ଆସି ଜିଲାପାଳ ତଥା ରିଟର୍ନିଂ ଅଫିସର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ସମୟରେ ସତ୍ୟବାଦୀ ଆସନ ପାଇଁ ନାମାଙ୍କନ ଦାଖଲ କରିବାକୁ ବିଜେଡି ପ୍ରାର୍ଥୀ

ପରସ୍ପରକୁ ଫୁଲମାଳ ଫିଙ୍ଗିଲେ, ବିଭିନ୍ନ ସ୍ଲୋଗାନ ଦେଲେ କର୍ମୀ

ସଞ୍ଜୟ ଦାସବର୍ମା ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ନିକଟକୁ ଆସିଥିଲେ। ଉଭୟ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଥିବାବେଳେ କର୍ମୀମାନେ ବାହାରେ ଥିଲେ। ଏହି ସମୟରେ ଭାଜପା ନେତ୍ରୀ ଉପାସନା ମହାପାତ୍ର କାର୍ଯ୍ୟାଳୟ ଭିତରକୁ ଯାଇଥିଲେ। ଫଳରେ କେତେଜଣ ଭାଜପା କର୍ମୀ ସଞ୍ଜୟଙ୍କ ସମର୍ଥକଙ୍କୁ ଟାର୍ଗେଟ କରି ଭାଜପା ଭାଜପା ସ୍ଲୋଗାନ ଦେଇଥିଲେ। ଅନୁରୂପ ଭାବେ ବିଜେଡି ସମର୍ଥକମାନେ ମଧ୍ୟ ବିଜେଡି ବିଜେଡି ସ୍ଲୋଗାନ ଦେଇଥିଲେ। ଫଳରେ ଏହା ବିବାଦର ରୂପ ନେଇଥିଲା। କର୍ମୀମାନେ ଧସ୍ତାଧସ୍ତି ହେବା ସହ ଫୁଲମାଳ ପରସ୍ପରକୁ ଫିଙ୍ଗିଥିଲେ। ସେହିପରି ଭାଜପା କର୍ମୀ ଜୟ ଶ୍ରୀ ରାମ, ଭାରତ ମାତା କି ଜୟ, ଓଡ଼ିଶାରେ ତାମିଲ ଶାସନ ଚଳିବ ନାହିଁ ଇତ୍ୟାଦି ନାରା ଦେଇଥିଲେ। ସେହିପରି ବିଜେଡି କର୍ମୀମାନେ ଜୟ ଜଗନ୍ନାଥ, ବିଜେଡି ବିଜେଡି ନାରାରେ କମ୍ପାଇଥିଲେ। ଅନେକ ପୋଲିସ କର୍ମଚାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ଫଳରେ ପ୍ରଥମରୁ ସ୍ଥିତି ନିୟନ୍ତ୍ରଣ ହୋଇପାରିନଥିଲା। ଏନେଇ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ନାମାଙ୍କନ ପତ୍ର ଦାଖଲ ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ଓ ସ୍ୱତନ୍ତ୍ର ପୋଲିସ ମୁତୟନ କରାଯାଇଛି। ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି।

ମନ୍ତ୍ରୀ ତଥା ଆଠଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମର୍ଥକଙ୍କ ସହ ତାଙ୍କ ପୁରୁଣା ସ୍କୁଟରରେ ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଛନ୍ତି।

ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାୟ ସୋମବାର ରିଟର୍ନିଂ ଅଫିସର ତଥା ପାନ୍‌ପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟରେ ଭାଜପା ଏମ୍‌ପି ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ଜିଲାପାଳ ଗୌରବ ଶିୱାଜୀ ଇସଲଧ୍ୱାରଙ୍କଠାରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ଅପରାଧୀଙ୍କୁ ଟିକେଟ ଦେବା ଭାଜପାର ସଂସ୍କୃତି: ବିଜେଡି

ଭୁବନେଶ୍ୱର,୨୯।୪(ଅନିଲଦାସ)

ଓଡ଼ିଆ ସଂସ୍କୃତି ବିଶ୍ୱର ଯେ କୌଣସି ରାଜନୈତିକ ଦଳ ଠାରୁ ଏତେ ବଡ଼ ଯେ କୌଣସି ଦଳ ନିଜକୁ ବଡ଼ ଭାବି ଓଡ଼ିଆ ସଂସ୍କୃତିର ସୁରକ୍ଷା ପାଇଁ ଚିନ୍ତା କରିପାରିବେ ନାହିଁ । କିନ୍ତୁ ଓଡ଼ିଶା ଭାଜପା ସଂସ୍କୃତିକୁ ପ୍ରଥମେ ବୁଝିବା ଜରୁରୀ। ଏହି ଦଳର ସଂସ୍କୃତି ହେଉଛି ସେମାନଙ୍କ ବିରୋଧରେ ଜଘନ୍ୟ ଅପରାଧ କରିଥିବା ସମସ୍ତ ରାଜନୈତିକ ନେତାଙ୍କୁ ସେମାନଙ୍କ ନେତାଙ୍କ ସହ ମିଶାଇବା ଏବଂ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଦଳୀୟ ନୀତି ଗ୍ରହଣ କରିବା ବୋଲି ବିଜେଡି ମୁଖପାତ୍ର ଇପ୍ସିତା ସାହୁ ଏବଂ ସ୍ୱୟଂ ପ୍ରକାଶ ମହାପାତ୍ର କହିଛନ୍ତି । ଉଭୟ ସୋମବାର ଗଣମାଧ୍ୟମକୁ କହିଛନ୍ତି ଯେ ଜୟନାରାୟଣ ମିଶ୍ର ଭାଜପାର ନେତା, ବିଧାୟକ ତଥା ବିରୋଧୀ ଦଳ ନେତା । ଯିଏ କି କର୍ତ୍ତବ୍ୟରତ ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ଚାପୁଡ଼ା ମାରିବା, ତହସିଲଦାରଙ୍କୁ ଧକ୍କା ଦେବା ସହିତ ଜେଲ ଯାଇଥିଲେ ଏବଂ ଏବେ ଜାମିନରେ ଅଛନ୍ତି । ତାଙ୍କ ବିରୋଧରେ ଅନେକ ଆପରାଧିକ ମାମଲା ରହିଛି । ସେହିପରି ଭାଜପା ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ଏକ ହତ୍ୟା ମାମଲାରେ ଜେଲରେ ଥିଲେ, ଏବେ ଜାମିନରେ ଅଛନ୍ତି, ଜଣେ ପୋଲିସ ଅଧିକାରୀଙ୍କୁ ମଧ୍ୟ ଆକ୍ରମଣ କରିଛନ୍ତି ଏବଂ ଏଭଳି ଲୋକମାନେ ସମାଜରେ ନେତୃତ୍ୱ ନେବେ । ଓଡ଼ିଶା ଭାଜପାର ଆଉ ଜଣେ ରୋଲ ମଡେଲ ହେଲେ ପ୍ରଶାନ୍ତ ଜଗଦ୍ଦେବ, ଯିଏ କି ଭାଜପାରର ଟାଉନ ସଭାପତିଙ୍କୁ ମାଡ଼ ମାରିବା ସହ ମାତାଲ ଅବସ୍ଥାରେ ଭାଜପା କର୍ମୀଙ୍କ ଉପରକୁ ତାଙ୍କ କାର୍ ଚଢ଼ାଇଥିଲେ । ଜଗଦ୍ଦେବଙ୍କ ବିରୋଧରେ ଓଡ଼ିଶା ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏବେ ଓଡ଼ିଶା ଭାଜପା ତାଙ୍କୁ ମୁଣ୍ଡରେ ବସାଇ ଖୋର୍ଦ୍ଧାରୁ ବିଧାୟକ ଭାବେ ପ୍ରାର୍ଥୀ କରିଛି । ଏବେ ସେହି ଖୋର୍ଦ୍ଧା ଜିଲା ଭାଜପା କର୍ମୀମାନେ ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି । ସେମାନେ ଜାଣିପାରୁ ନାହାନ୍ତି କ'ଣ କରିବେ। ଏହା ହେଉଛି ଓଡ଼ିଶା ଭାଜପାର ସଂସ୍କୃତି । ଏହା ଓଡ଼ିଆ ସଂସ୍କୃତି ନୁହେଁ ବରଂ ଭାଜପା ସଂସ୍କୃତି । ଓଡ଼ିଶା ଭାଜପାର ଅନ୍ୟ ଜଣେ ଆପରାଧିକ ପୋଷ୍ଟର ବୟ ପ୍ରଦୀପ ପାଣିଗ୍ରାହୀ ଯିଏ କି ଚାକିରି ପାଇଁ ନଗଦ ଟଙ୍କା ନେଇ ନିଜ ପରିବାରକୁ ଦୋଷୀସାବ୍ୟସ୍ତ କରି ଜେଲରେ ଥିଲେ, ଏବେ ଜାମିନରେ ଅଛନ୍ତି ଏବଂ ତାଙ୍କ ମାମଲା ଏବେ ବି ଚାଲୁଛି । ସେ ବ୍ରହ୍ମପୁର ଲୋକସଭା ପାଇଁ ପ୍ରାର୍ଥୀ ହୋଇଛନ୍ତି। ଓଡ଼ିଶା ଭାଜପା କର୍ମୀମାନେ ପାଣିଗ୍ରାହୀଙ୍କ ବିରୁଦ୍ଧରେ ଆନ୍ଦୋଳନ କରିଥିଲେ କିନ୍ତୁ ବର୍ତ୍ତମାନ ସେମାନେ ଭାଣ୍ଡିଆ ହୋଇଗଲେ । ଏହା ହେଉଛି ଭାଜପାର ସଂସ୍କୃତି। ଭାଜପା ସଂସ୍କୃତି ସୁନିଶ୍ଚିତ କରେ ଯେ ଆପରାଧିକ ପୃଷ୍ଠଭୂମି ଥିବା ଜଣେ ବି ନେତା ବାଦ୍ ପଡ଼ିବେ ନାହିଁ ଏବଂ ସେମାନେ ସେଭଳି ସବୁ ନେତାଙ୍କୁ କୋଳେଇ ନେବେ ଏବଂ ସେମାନଙ୍କୁ ଟିକେଟ ଏବଂ ସମ୍ମାନ ଦେବେ । କାରଣ ଏହା ଓଡ଼ିଶା ଭାଜପା ସଂସ୍କୃତି । ଓଡ଼ିଶାବାସୀ ଏବେ ପ୍ରକୃତ ଓଡ଼ିଶା ଭାଜପା ସଂସ୍କୃତିକୁ ଜାଣିଗଲେଣି ବୋଲି ବିଜେଡି ମୁଖପାତ୍ର ଦ୍ୱୟ କହିଛନ୍ତି ।

ଡିଜିଟାଲ ପ୍ରଚାର ନୂଆ ଟ୍ରେଣ୍ଡ୍

କଟକ,୨୯।୪(ଶିଳ୍ପା ପ୍ରିୟଦର୍ଶିନୀ)

ପୁଶିଂ କାର୍ଡ, ଏ-ଆଇ ପ୍ରଚାର, ଡିଜିଟାଲ ଚିରକୁଟର ଚାହିଦା

ପ୍ରାର୍ଥୀମାନେ ରୋଡ୍ ଶୋ ଓ ସମାବେଶ ଜରିଆରେ ଭୋଟରଙ୍କ ନିକଟତର ହେବାକୁ ପ୍ରୟାସ ଚଳାଇଥିବା ଦେଖିବାକୁ ମିଳୁଛି । ହେଲେ ନିର୍ବାଚନ ପ୍ରଚାରକୁ ସହଜ କରିବା ସହ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଏଥର ଡିଜିଟାଲ ପ୍ରଚାର ବ୍ୟବସ୍ଥା କରାଯାଇଛି। ଏଭଳି ପ୍ରୟାସ କରିଛନ୍ତି କଟକ ଚାଉଳିଆଗଞ୍ଜ ଅଞ୍ଚଳର ବ୍ୟବସାୟୀ ଈଶ୍ୱର ସାହୁ। ଆରାଧ୍ୟା ଗ୍ରାଫିକ୍ସ ନାମରେ ଖୋଲିଥିବା ନିଜ ଦୋକାନରେ ଈଶ୍ୱରଙ୍କ ସମେତ ଦୁଇଜଣ ଏହି ଡିଜିଟାଲ ପ୍ରଚାର ପାଇଁ କାମ କରୁଛନ୍ତି। ଡିଜିଟାଲ ପ୍ରଚାର ମଧ୍ୟରେ ଡିଜିଟାଲ ଭୋଟିଂ ପ୍ରୋସେସ୍ ପୁଶିଂକାର୍ଡ, ଏ-ଆଇ ପ୍ରଚାର, ଡିଜିଟାଲ ଚିରକୁଟ ରହିଛି। ସେହିପରି ଫ୍ଲାଗ୍ ବା ପ୍ରଚାର ପତାକା ମଧ୍ୟରେ ହ୍ୟାଣ୍ଡ୍ ଫ୍ୟାନ୍ ରହିଛି। ଏହି ଡିଜିଟାଲ ପ୍ରଚାର ପାଇଁ ପ୍ରାର୍ଥୀମାନେ ସୋସିଆଲ ମିଡିଆ ଫେସ୍‌ବୁକ୍‌ରେ ଆରାଧ୍ୟା ଗ୍ରାଫିକ୍ସ ପେଜ୍‌କୁ ଯାଇ ଅର୍ଡର କରିପାରିବେ। ଅର୍ଡରର ୩/୪ ଦିନ ମଧ୍ୟରେ ପ୍ରଚାର କରିବା ନେଇ ଡିଜିଟାଲ ସାମଗ୍ରୀ ପ୍ରାର୍ଥୀ ପାଇପାରିବେ। ଏନେଇ ଈଶ୍ୱର କହିଛନ୍ତି, ଏବେ ଡିଜିଟାଲ କ୍ଷେତ୍ରରେ ଲୋକେ ଅଧିକ ସକ୍ରିୟ ଅଛନ୍ତି। ନୂଆ ଢଙ୍ଗରେ ପ୍ରସ୍ତୁତ ଜିନିଷ ସମ୍ପର୍କରେ ଜାଣିବା ପାଇଁ ଲୋକଙ୍କ ମନରେ ଅଧିକ ଉତ୍କଣ୍ଠା ରହିଥାଏ। ସେଥିପାଇଁ ନିର୍ବାଚନକୁ ଦୃଷ୍ଟିରେ ରଖି ଡିଜିଟାଲ ପ୍ରଚାର ବ୍ୟବସ୍ଥା କରଛନ୍ତି, ଯେଉଁଥିରେ ପ୍ରାର୍ଥୀ ପ୍ରଚାର ପାଇଁ ଆବଶ୍ୟକ କରୁଥିବା ଫଟୋ, ଭିଡିଓ, ପିଡିଏଫ୍ ଭଳି ସମସ୍ତ ଜିନିଷ ପାଇପାରିବେ। **ଏ-ଆଇ ପ୍ରଚାର:** ପ୍ରାର୍ଥୀମାନେ ଏହାଦ୍ୱାରା ଡିଜିଟାଲ ବା ସୋସିଆଲ ମିଡିଆରେ ପ୍ରଚାର କରିପାରିବେ। ଏଥିପାଇଁ ପ୍ରାର୍ଥୀଙ୍କ ନାମ ଓ ଦଳୀୟ ଚିହ୍ନ ଆବଶ୍ୟକ। ପ୍ରାର୍ଥୀ ଯେଉଁ ଦଳର ହୋଇଥିବେ ସେହି ଦଳର ମୁଖିଆ ଯଥା- ଶଙ୍ଖ ଚିହ୍ନ ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପଦ୍ମ ଚିହ୍ନ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ଏଥିରେ ଲଗାଯାଇ ଭିଡିଓ ତିଆରି କରାଯିବ, ଯେଉଁଥିରେ ଦଳର ମୁଖ୍ୟ ପ୍ରାର୍ଥୀ ପାଇଁ ଏ-ଆଇ ମାଧ୍ୟମରେ ପ୍ରଚାର କରିବେ। ଏହି ଏ-ଆଇ ଭିଡିଓ ଦେଢ଼ ସେକେଣ୍ଡର ରହିବ। ଏହାର ଦାମ୍ ୫ ହଜାର ଟଙ୍କା ରହିଛି।

ଡିଜିଟାଲ ଭୋଟିଂ ପ୍ରୋସେସ୍ ପୁଶିଂ କାର୍ଡ

ଏକ ସଫ୍ଟୱେର ମାଧ୍ୟମରେ ଏହି ପୁଶିଂ କାର୍ଡ ବ୍ୟବସ୍ଥା ରହିଛି। ଏଥିପାଇଁ ସ୍ୱତନ୍ତ୍ର ଭାବେ ଏକ କାର୍ଡ ତିଆରି କରାଯାଇଛି, ଯେଉଁଥିରେ ପ୍ରାର୍ଥୀଙ୍କ ନାମ, ଫଟୋ, ଦଳୀୟ ଚିହ୍ନ, ଦଳର ମୁଖିଆଙ୍କ ଫଟୋ ରହିବ। ସେଥିରେ ମୁଖ୍ୟତଃ ଏକ ସ୍କାନର ରହିଛି। ପ୍ରଚାର ପାଇଁ ଏହି କାର୍ଡକୁ ପ୍ରାର୍ଥୀମାନେ ଭୋଟରଙ୍କୁ ଦେବେ। ଭୋଟର ଭୋଟ ଦେବାକୁ ଯିବା ପୂର୍ବରୁ ଏହାକୁ ସ୍କାନ୍ କରି ଭୋଟିଂ କରିବାର ସମସ୍ତ ପ୍ରକ୍ରିୟା ଜାଣିପାରିବେ। ଯେମିତିକି କେତେ ନମ୍ବର ବୁଥ୍‌କୁ ଯିବେ, ଇଭିଏମ୍‌ରେ କିପରି ଭୋଟ ଦେବେ ତାହା ଜାଣିପାରିବେ। ମୁଖ୍ୟତଃ ନୂଆ ଭୋଟରଙ୍କ ପାଇଁ ଏଭଳି ବ୍ୟବସ୍ଥା ଉପଯୋଗୀ ହୋଇପାରିବ। ପ୍ରଥମେ



ତିଆରି କରିବା ପାଇଁ ଏହାର ଦାମ୍ ୪ ହଜାର ଟଙ୍କା ରହିଛି ଏବଂ ଯେତେ ସଂଖ୍ୟକ କାର୍ଡ ପ୍ରିଣ୍ଟ କରିବାକୁ ଚାହିଁବେ ପ୍ରତି ପ୍ରିଣ୍ଟ ପିଛା ୧ଟଙ୍କା ଦାମ୍ ରହିଛି।

ଡିଜିଟାଲ ଚିରକୁଟ

ଭୋଟ ଦେବା ପୂର୍ବରୁ ପ୍ରାର୍ଥୀମାନେ ଘର ଘର ବୁଲି ପ୍ରଚାର କରନ୍ତି ଏବଂ ସମର୍ଥକମାନେ କାଗଜର ଚିରକୁଟ ବାଣ୍ଟିଥାନ୍ତି। ହେଲେ କାଗଜ ଚିରକୁଟ ବଦଳରେ ଏବେ ଘରେ ପହଞ୍ଚିବ ଡିଜିଟାଲ ଚିରକୁଟ। ପ୍ରଥମେ ପ୍ରାର୍ଥୀଙ୍କ ପାଇଁ ଡିଜିଟାଲ ଚିରକୁଟର ଆପ୍ ତିଆରି କରାଯିବ। ଏହି ଆପ୍‌କୁ ଯାଇ ପ୍ରାର୍ଥୀ ନିଜ ଫୋନ୍‌ରେ ଭୋଟରଙ୍କ ନାମ ଲେଖି ସର୍ଚ୍ଚ କଲେ କାଗଜ ଚିରକୁଟ ପରି କେଉଁ ଜାଗାରେ ଭୋଟ୍ ଦେବେ, ସିରିଏଲ ନମ୍ବର କ'ଣ ରହିଛି ଏ ସମସ୍ତ ତଥ୍ୟ ସେମାନଙ୍କୁ ଯୋଗାଇ ଦେବେ। କାଗଜ ଚିରକୁଟରେ ଯେପରି ପରିବାର ଲୋକଙ୍କ ତଥ୍ୟ ରହିଥାଏ, ଠିକ୍ ସେପରି ଡିଜିଟାଲ ଚିରକୁଟରେ ପରିବାର ଲୋକଙ୍କ ତଥ୍ୟ ଉପଲବ୍ଧ ହେବ। ଏହି ଡିଜିଟାଲ ଆପ୍ ତିଆରି ସମୟରେ ଏକ ଛୋଟ ପ୍ରିଣ୍ଟର ପ୍ରାର୍ଥୀଙ୍କୁ ଦିଆଯିବ, ଯେଉଁଥିରେ

ପ୍ରାର୍ଥୀ ଡିଜିଟାଲ ଚିରକୁଟକୁ ପ୍ରିଣ୍ଟ କରି ଭୋଟରଙ୍କୁ ଦେଇପାରିବେ ଅଥବା ଭୋଟରଙ୍କ ମୋବାଇଲ ହ୍ୱାଟ୍ସଆପ୍‌ରେ ପିଡିଏଫ୍ ଫାଇଲ ପଠାଇପାରିବେ। ଏହି ଡିଜିଟାଲ ଚିରକୁଟ ଓ ପ୍ରିଣ୍ଟରର ଦାମ୍ ୪୦ ହଜାର ଟଙ୍କା ରହିଛି।

ହ୍ୟାଣ୍ଡ ଫ୍ୟାନ୍

ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ନିର୍ବାଚନ ହେଉଛି। ଏହାକୁ ନଜରରେ ରଖି ନିର୍ବାଚନ ପ୍ରଚାର ପାଇଁ ପତାକା, ଯେଉଁଥିରେ ପ୍ରାର୍ଥୀଙ୍କ ନାମ, ଦଳୀୟ ଚିହ୍ନ, ଦଳର ମୁଖିଆଙ୍କ ଫଟୋ ଭଳି ସମସ୍ତ ତଥ୍ୟ ରହିବ। ଏହାକୁ ବିଞ୍ଜଣା ଆକୃତିର ତିଆରି କରାଯାଇଛି। ଏହାର ଦାମ୍ ୧୪ ଟଙ୍କା ରହିଛି।

ସଂକ୍ଷେପରେ

ମଦ୍ୟପ ଚାଳକ ଧରପଗଡ଼

ବଡ଼ଗାଁ,୨୯।୪(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ପୋଲିସ ପକ୍ଷରୁ ଗରିଆମାଲ ଗାଁ ନିକଟ ରାଜ୍ୟ ରାଜପଥ ଠାରେ ମଦ୍ୟପ ଚାଳକ ଧରପଗଡ ହେଉଛି। ଏହି ଧରପଗଡ ସମୟରେ ମଦୁଆ ବାଇକ ଚାଳକ ବରଙ୍ଗାକଛାର ଗ୍ରାମର ଜନ ରୋଶନ ସଏ ଧରାପଡିଛନ୍ତି। ପୋଲିସ ତାଙ୍କୁ ଗିରଫ କରି ୪୧ ନୋଟିସ ଦେଇ ଛାଡିଛି। ଗତ କିଛିଦିନ ହେଲା ମଦ୍ୟପ ଚାଳକଙ୍କ ଉପରେ ପୋଲିସ କଡା ନଜର ରଖିଛି।

ନାମାଙ୍କନ ଦାଖଲ କଲେ ଭାଜପା ବିଧାୟକ ପ୍ରାର୍ଥୀ ମୁକେଶ ମହାଲିଙ୍ଗ

ଲୋଇସିଂହା, ୨୯।୪(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ମୁକେଶ ମହାଲିଙ୍ଗ ସୋମବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶହଶହ ସମର୍ଥକଙ୍କ ଗହଣରେ ଅତିରକ୍ତ ଜଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଡ.ବିଜୟାନନ୍ଦ ସେଠୀଙ୍କ ନିକଟରେ ୨ ସେଟ୍ ନାମାଙ୍କନପତ୍ର ସେ ଦାଖଲ କରିଛନ୍ତି। ଏହି ଅବସରରେ ବିଧାୟକ ପ୍ରାର୍ଥୀ ମହାଲିଙ୍ଗ ପ୍ରତିକ୍ରିୟାରେ କହିଛନ୍ତି, ଓଡ଼ିଶାରେ ୨୦୨୪ରେ ଭାଜପା ସରକାର ଗଠନ କରିବ ଏବଂ କେନ୍ଦ୍ରରେ ମଧ୍ୟ ମୋଦିଙ୍କ ସରକାର ହେବ। ଆଗାମୀ ଦିନରେ ଲୋଇସିଂହା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ତାଙ୍କ ପାଥେୟ ହେବ ବୋଲି କହିଛନ୍ତି।

ଶିକ୍ଷକଙ୍କ ପରଲୋକ

ସୁନ୍ଦରଗଡ, ୨୯।୪(ଜୟ ନାରାୟଣ ମେଣ୍ଢୁଳି): ସୁନ୍ଦରଗଡର ବରିଷ୍ଠ ଆଦର୍ଶ ଶିକ୍ଷକ ହରିଶ୍ଚନ୍ଦ୍ର ମିଶ୍ର(୮୪)ଙ୍କ ସୋମବାର ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଖବର ଶୁଣି ଆରଆରଆଇଟି କଲୋନୀସ୍ଥିତି ବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷୟିତ୍ରୀ ଶିକ୍ଷକ, ତାଙ୍କର ଛାତ୍ରୀଛାତ୍ର ଓ ଆତ୍ମୀୟ ସ୍ୱଜନ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସୁନ୍ଦରଗଡ ରାଣୀ ବଗିଚା ନିକଟସ୍ଥ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର ହୋଇଛି। ସେ ସୁନ୍ଦରଗଡର ପୁରାତନ ଶିକ୍ଷାନୁଷ୍ଠାନ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ସମୟ ଶିକ୍ଷକତା କରିଥିଲେ। ଲେଫ୍ରିପଡ଼ା ବ୍ଲକରେ ସହକାରୀ ଶିକ୍ଷା ନିରୀକ୍ଷକ ଏବଂ ଉଜ୍ଜ୍ୱଳପୁର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସୁନ୍ଦରଗଡ ଜିଲା ଶିକ୍ଷଣ ପ୍ରଶିକ୍ଷଣ ପ୍ରତଷ୍ଠାନରେ ଜଣେ ବରିଷ୍ଠ ପ୍ରଶିକ୍ଷକ ଭାବେ ସେ କାର୍ଯ୍ୟ କରିବା ପରେ ସେବାନିବୃତ୍ତ ହୋଇଥିଲେ।

୩୩କେଭି ତାର ଚୋରି ଘଟଣା: କବାଡ଼ିଖାନାରୁ ଉଦ୍ଧାର, ୨ ଅଟକ

ଖଇରା, ୨୯।୪(ଉତ୍କଳବନ୍ଧୁ ପଣ୍ଡା)– ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କୋଚିଆକୋଇଲିଠାରେ ୩୩କେଭି ଲାଇନ ନିର୍ମାଣ ପାଇଁ ରଖାଯାଇଥିବା ତାର ଲୁଟ୍ ହେବାର ୩ଦିନ ପରେ ଖଇରା ପୋଲିସ ଉକ୍ତ ତାର ବୋଝେଇ ପିକଅପ ଭ୍ୟାନକୁ ଜବତ କରିବାରେ ସଫଳ ହୋଇଛି। ସିସିଟିଭି ଫୁଟେଜ ଆଧାରରେ ଏହି ତାର ଡ୍ରମକୁ କେନ୍ଦ୍ରାପଡା ଜିଲା ସଦର ଥାନା ଅଧୀନ ଏକ କବାଡିଖାନାରୁ ଉଦ୍ଧାର କରାଯାଇଛି। ଏଥିସହ ସମ୍ପୃକ୍ତ ୨ଜଣଙ୍କୁ ଖଇରା ଥାନାରେ ଅଟକ ରଖିଛି।

ନବଜୀବନର ବସନ୍ତ ମହୋତ୍ସବର କଳାକାରମାନେ ନୃତ୍ୟ ପରବେଷଣ କରୁଛନ୍ତି।.....

ସମ୍ବଲପୁରୀ ନାଟକ କେଡା ଭରିଦେଲା ଆଖିରେ ଲୁହ

ସୁନ୍ଦରଗଡ଼,୨୮।୪(ଜୟ ନାରାୟଣ ମେଣ୍ଢୁଳି)

ନବଜୀବନର ୨୪ତମ ବସନ୍ତ ମହୋତ୍ସବର ତୃତୀୟ ତଥା ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ବଲପୁରୀ ନାଟକ କେଡ଼ା ମଞ୍ଚସ୍ଥ ହୋଇଥିଲା। କେଡ଼ା ହେଉଛି ଏକ ଭିନ୍ନକ୍ଷମ ବ୍ୟକ୍ତିର କାହାଣୀ। ପଙ୍ଗୁ ବ୍ୟକ୍ତିର ଆଜିର ସମାଜରେ ସ୍ଥାନର ପରିଚାୟକ ହେଉଛି କେଡ଼ା। ଆଶିଷ କୁମାର ସୋନାରଙ୍କ ରଚିତ ଓ ସତ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ ଏହି ନାଟକକୁ ସଂଗୀତ ଦେଇଥିଲେ ସୌମ୍ୟଜିତ ସୌମିତ୍ର ବଡ଼ପଣ୍ଡା। ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ସଂଗୀତା ସାହୁ। ସମ୍ବଲପୁରର ଶ୍ରୀ କଳଚରାଳ ଆସୋସିଏଶନ ପ୍ରଯୋଜିତ ଏହି କେଡ଼ା ନାଟକରେ କେଡ଼ା ଚରିତ୍ରରେ ଅଭିଷେକ ଶର୍ମା, ଦୀନ ଚରିତ୍ରରେ ସତ୍ୟନାରାୟଣ,ଗିରି ଭୂମିକାରେ ସତ୍ୟନାରାୟଣ ସାହୁ, ସରସ୍ୱତୀ ଭୂମିକାରେ ମୀନା ବୋଷ, କୃଷ୍ଣ ଭୂମିକାରେ ଅନ୍ୱେଷା ରାୟଗୁରୁଙ୍କ ଅଭିନୟ ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଥିଲା। କେଡ଼ା ଭୂମିକାରେ ଅଭିନୟ କରିଥିବା ଅଭିଷେକ ଶର୍ମାଙ୍କ ଉଚ୍ଚକୋଟୀର ଅଭିନୟ ସମସ୍ତ ଦର୍ଶକଙ୍କ ଆଖିରେ ଲୁହ ଭରି ଦେଇଥିଲା। ତାଙ୍କ ଅଭିନୟରେ ବାରି ହୋଇ ପଡୁଥିଲା ଏକ ପଙ୍ଗୁ ବ୍ୟକ୍ତିର ହୃଦୟର ବ୍ୟଥା। ଉଦ୍‌ଯାପନୀ ସନ୍ଧ୍ୟାରେ ଅନ୍ୟ ଏକ ଆକର୍ଷଣ ଥିଲା ବିଭୁରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଓ ସସ୍ମିତା ସାହୁଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତ ସଙ୍ଗୀତ ନାଟକ ରାଧେ। ରାଧା– କୃଷ୍ଣ ଯେ ଅଭିନ୍ନ ତାହା ଦର୍ଶାଇଥିଲା ପ୍ରଭାତ ଭୋଳଙ୍କ କଳ୍ପିତ ଏହି ସଂଗୀତନାଟକ। ଏହା ପରେ ଭାପା ଅଧ୍ୟକ୍ଷ ଅମରେଶ ସାମଲ ଭାଓଲିନ ବାଦନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଓଡିଶା ସଂଗୀତ ନାଟକ ଏକାଡେମି ସଚିବ ପ୍ରବୋଧ ରଥ ଯୋଗ ଦେଇଥିଲେ। ସେ ତାଙ୍କ ଉଦବୋଧନରେ ପ୍ରସିଦ୍ଧ ନାଟ୍ୟକାର ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ନାଟକ ପ୍ରତି ଥିବା ଆକର୍ଷଣକୁ ବଖାଣିଥିଲେ। ସେପ୍ଟେମ୍ବର କିମ୍ବା ଅକ୍ଟୋବରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ତରଫରୁ ଏହି ଭଳି ଅନ୍ୟ ଏକ ଆୟୋଜନ କରିବାର ଦୃଢ଼ ପ୍ରତିଶ୍ରୁତି ମଧ୍ୟ ସେ ପ୍ରଦାନ କରିଥିଲେ। ଅତିଥିଭାବେ ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡା,କଳାକାର ରାଜକିଶୋର ମହାରଣା, ଗୁଣନିଧି ମହାନ୍ତି ଯୋଗ ଦେଇଥିଲେ। ନବଜୀବନର ବରିଷ୍ଠ ସଦସ୍ୟ ସମରେନ୍ଦ୍ର ଠାକୁର ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ନବଜୀବନ ଓ ନାଟକ ପ୍ରତି ଅବଦାନକୁ ବର୍ଣ୍ଣନା କରିଥିଲେ। ନବଜୀବନର ସଭାପତି ପ୍ରଭାତ ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ସଦସ୍ୟ ବିଶ୍ୱରଞ୍ଜନ ହୋତାଙ୍କ ମଞ୍ଚ ସଂଯୋଜନାରେ ସଂପାଦକ ଅଜୟ ବହିଦାର, କୋଷାଧ୍ୟକ୍ଷ ଶ୍ୟାମନନ୍ଦନ ସହାୟ, ବରିଷ୍ଠ ସଦସ୍ୟ ଚନ୍ଦ୍ରମଣି ମିଶ୍ର, କୁମୁଦ ପଣ୍ଡା, ଦେବେନ ଅମାତ, ବିଜୁ ମହାରଣା, ରାଜେନ୍ଦ୍ର ପଣ୍ଡା, ଗୋପକୃଷ୍ଣ ନାୟକ, ରିତା ସାହୁ,ଲତିକା ପଟ୍ଟନାୟକ, ଲକ୍ଷ୍ମୀପ୍ରଭା ପତି, ସିଦ୍ଧାନ୍ତ ପଣ୍ଡା ନାଟକ ମହୋତ୍ସବକୁ ପରିଚାଳନା କରିଥିଲେ।

ନବଜୀବନର ବସନ୍ତ ମହୋତ୍ସବ ଉଦ୍‌ଯାପିତ

ନାମାଙ୍କନ ପତ୍ର ଦାଖଲ କଲେ ଭାଜପା ପ୍ରାର୍ଥୀ ଶଙ୍କର ଓରାମ

କୁଆଁରମୁଣ୍ଡା,୨୯।୪(ମହେନ୍ଦ୍ର କୁମାର ସାହୁ)

ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଶଙ୍କର ଓରାମ ପାନପୋଷ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ଅତିରିକ୍ତ ଉପଜିଲାପାଳ ସରୋଜ ମିଶ୍ରଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ନାମାଙ୍କନ ପତ୍ର ଦାଖଲ ପୂର୍ବରୁ ଭାଜପା ପ୍ରାର୍ଥୀ ଶଙ୍କର ନିଜର ଶତାଧିକ ସମର୍ଥକଙ୍କ ଗହଣରେ ସ୍ଥାନୀୟ ସିଂହାସନୀ ମନ୍ଦିର ନିକଟରୁ ବିରାଟ ଶୋଭାଯାତ୍ରାରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ଦେଇ ଆମ୍ବେଡକର ଛକରେ ପହଞ୍ଚିଥିଲେ। ସେଠାରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ନାମାଙ୍କ ପତ୍ର ଦାଖଲ ପରେ ଶଙ୍କର ନିଜ ପ୍ରତିକ୍ରିୟାରେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ଆକୃଷ୍ଟ ହୋଇ ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟକ ମହିଳା ପୁରୁଷ ସ୍ୱଇଚ୍ଛାରେ ଯୋଗଦେଇଛନ୍ତି। ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ଭାଜପା ପାନପୋଷ ସାଂଗଠନିକ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ନାରୀ ନେତ୍ରୀ ରୀନା ମେହେର, ବରିଷ୍ଠ ନେତା ଶଙ୍କର ପୂଝାରି,ଜୀବନ ପ୍ରଦୀପ ଦାସ,ଶ୍ୟାମସୁନ୍ଦର ସାହୁ,ବୁଲୁ ଚାନ୍ଦ,ଦିଲୀପ ପଟେଲ,ବଲୁ ଡିୱାରୀ, ମୋତିଲାଲ ବଡାଇ, ଭୋଳାନାଥ ସାହୁ,ଭବାନୀ ଶଙ୍କର ପଣ୍ଡା,କୁନା ଦାସ,ଅରୁଣ ପାଣିଗ୍ରାହୀ,ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଭାଜପା ପର୍ଯ୍ୟବକ୍ଷକ ଦୋଳଗୋବିନ୍ଦ ଦାଶ, ଜୟଶଙ୍କର ନନ୍ଦ, ଖଗେଶ୍ୱର ଅମାତ, ବସନ୍ତ ଓରାମ,ମନୋଜ ବାର୍ଲା,ଶ୍ରମିକ ନେତା ହେମନ୍ତ କୁମାର ଜେନା,ପୂର୍ବତନ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଷମା ନାଏକ, ସାମାଜିକ କର୍ମୀ ମଧୁସୂଦନ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ବୀରମିତ୍ରପୁର ଭାଜପା ପ୍ରାର୍ଥୀ ଶଙ୍କର ଓରାମ ନିଜର ନାମାଙ୍କନ ପତ୍ର ଦାଖଲ ପାଇଁ ପାନପୋଷ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟକୁ ଶୋଭାଯାତ୍ରାରେ ଯାଉଛନ୍ତି।

ବୋହୂଙ୍କୁ ବିଷ ପିଆଇ ମାରିଦେଲେ: ଥାନାରେ ଅଭିଯୋଗ

ବାଲିଆପାଳ, ୨୯।୪(ଅମୂଲ୍ୟ କୁମାର ଦାସ)

ବାଲେଶ୍ୱର ସଦର ବ୍ଲକ ହଦଳୀଗୋଡ଼ିଗ୍ରାମର ଅନିତା ମଣ୍ଡଳ ନାମ୍ନୀ ମହିଳାଙ୍କୁ ବିଷ ପିଆଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅନିତାଙ୍କ ବାପଘର ଲୋକେ ଏନେଇ ସିଂଲା ଥାନାରେ ଅଭିଯୋଗ କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମାମଲା ରୁଜୁ ହେବ ବୋଲି ସିଂଲା ଥାନା ଓଆଇସି ଭୁବନ କୁମାର ସେଠୀ କହିଛନ୍ତି। ଅନିତାଙ୍କ ବାପଘର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୬ ତାରିଖରେ ଝିଅ ଘର ଗାଁର ଜଣେ ପଡ଼ୋଶୀ କାକା ଭଗବାନ ମଣ୍ଡଳଙ୍କୁ ଫୋନ କରି ଅନିତା ବାଲେଶ୍ୱର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଇଥିଲେ। ବାପଘର ଲୋକେ ଡାକ୍ତରଖାନାରେ ପହଞ୍ଚି ଝିଅକୁ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରିବାରୁ ଶାଶୁଙ୍କ ପରକୀୟା ପ୍ରୀତି ଦେଖି ଦେବାରୁ ତାଙ୍କୁ ମାର୍‌ପିଟ କରିବା ସହିତ ଜବରଦସ୍ତ ପାଟିକୁ ଚିପି ଧରି ବିଷ ପିଆଇ ଦେଇଥିବା କହିଥିଲା।

ଲଙ୍କାର ପ୍ରବେଶ ଦ୍ୱାରରେ ଲଙ୍କଦେବୀ।

ହନୁମାନଙ୍କ ଦ୍ୱାରା ସୀତା ଠାବ,ଲଙ୍କା ଦହନ

ବଡ଼ଗାଁ,୨୯।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଚାଲିଥିବା ରାମଲୀଳା ଯାତ୍ରାର ଦ୍ୱାଦଶ ଦିନରେ ହନୁମାନଙ୍କ ଦ୍ୱାରା ସୀତା ଠାବ ଓ ଲଙ୍କା ଦହନ ମଞ୍ଚସ୍ଥ ହୋଇଥିଲା। ସୁଗ୍ରୀବଙ୍କ ରାଜାଭିଷେକ ପରେ ଲଙ୍କା ଯିବାକୁ ପ୍ରସ୍ତୁତି ଆରମ୍ଭ କରିଥିଲେ। ସୁଗ୍ରୀବ ଚାରି ଦିଗକୁ ଦୂତ ପଠାଇ ସମସ୍ତ ବାନର ରାଜାଙ୍କୁ ଡକାଇଥିଲେ। ହନୁମାନ, ନଳ, ନୀଳ, ସୁଷାଣ ଆଦିଙ୍କ ସହିତ ବିଚାର ବିମର୍ଶ କରିବା ପରେ ଜାମ୍ବବାନଙ୍କ ପରାମର୍ଶକ୍ରମେ ହନୁମାନ ଶ୍ରୀରାମଙ୍କ ଆଶୀର୍ବାଦ ନେଇ ଲଙ୍କା ଅଭିମୁଖେ ଯାତ୍ରା କଲେ। ଲଙ୍କା ଗଡର ରକ୍ଷକ ସଂଘିକା ଓ ସୁରସା ହନୁମାନଙ୍କୁ ରୋକିବାରେ ଗଦା ପ୍ରହାର କରି ଉଭୟଙ୍କୁ ମାରିଦେଇଥିଲେ। ଏହାପରେ ଲଙ୍କାଦେବିଙ୍କୁ ଗଦା ପ୍ରହାର କରି ନିର୍ବଳ କରି ଭ୍ରମର ରୂପ ଧାରଣ କରି ଲଙ୍କାରେ ପ୍ରବେଶ କରିଥିଲେ। ଉଆସ,ଘୋଡାଶାଳ, ଶୟନ କକ୍ଷରେ ଖୋଜାଖୋଜି କର ନ ପାଇବାରୁ ଅଶୋକ ବନକୁ ଯାଇ ଖୋଜିଥିଲେ। ଏକ ବୃକ୍ଷ ମୂଳରେ ଜଣେ ଅପୂର୍ବ ସୁନ୍ଦରୀ ବସିଥିବା ଦେଖି ସେଠାକୁ ବାସ୍ତବ ରୂପ ଧରି ଯାଇଥିଲେ ଓ ରାମ ନାମ ଉଚ୍ଚାରଣ କରିଥିଲେ। ଏହାପରେ ସୀତାଙ୍କୁ ଶ୍ରୀରାମଙ୍କ ମୁଦ୍ରିକା ଦେଖାଇ ସମସ୍ତ ଘଟଣା ଜଣାଇଥିଲେ। ହନୁମାନ ସୀତାଙ୍କୁ ପିଠିରେ ବସାଇ ନେଇଯିବାକୁ କହିବାରୁ ସୀତା ମନାକରି ତାଙ୍କର ମଥାମଣି ଦେଇ ରାମଙ୍କ ଠାରେ ବାର୍ତ୍ତା ଦେବାକୁ କହିଥିଲେ। ହନୁମାନ ସେଠାରୁ ପ୍ରସ୍ଥାନ କଲାବେଳେ କ୍ଷୁଧା ମେଣ୍ଟାଇବା ପାଇଁ ଲଙ୍କାର ମଧୁବନରେ ଫଳ ଖାଇଥିଲେ। ଏହି ଖବର ରାବଣଙ୍କ ପାଖକୁ ଯିବାରୁ ସେ ବାନରକୁ ଧରି ଆଣିବା ପାଇଁ ଅକ୍ଷୟ କୁମାରଙ୍କୁ ପଠାଇଥିଲେ। ଯୁଦ୍ଧରେ ଅକ୍ଷୟ କୁମାରଙ୍କ ମୃତ୍ୟୁ ହୋଇଥିଲା। ଏହାଶୁଣି ରାବଣ ପ୍ରଚଣ୍ଡ କ୍ରୋଧିତ ହୋଇ ଇନ୍ଦ୍ରଜିତଙ୍କୁ ପଠାଇଥିଲେ। ଇନ୍ଦ୍ରଜିତ ନାଗଫାଶ ବାଣରେ ହନୁମାନଙ୍କୁ କାବୁ କରି ଦରବାରକୁ ନେଇଥିଲେ। ଦରବାରରେ ହନୁମାନଙ୍କ ଲାଞ୍ଜରେ ବସ୍ତ୍ର ଗୁଡ଼ାଇ ନିଆଁ ଲଗେଇ ଦେଇଥିଲା। ଏହାପରେ ହନୁମାନ ସେଇ ନିଆଁକୁ ବ୍ୟାପ୍ତ କରି ଲଙ୍କା ଦହନ କରିଥିଲେ। ଏହି ବିଷୟବସ୍ତୁରେ ରାମ, ଲକ୍ଷ୍ମଣ, ସୀତା, ହନୁମାନ, ଲଙ୍କଦେବୀ, ଇନ୍ଦ୍ରଜିତ, ସୁଗ୍ରୀବ, ନଳ, ନୀଳ, ଅଙ୍ଗଦ, ସୁସେଣ ଚରିତ୍ରରେ ଲୁଲୁ ପାଣିଗ୍ରାହୀ, ଦୀପକ ପୃଷ୍ଟେଟ, ଟୁନୁ ପାଣିଗ୍ରାହୀ, ଦୀପ ପଣ୍ଡା, ରାଜେଶ ଚକ୍ରବର୍ତ୍ତୀ, ବୀର ପଶାୟତ, କୈଳାଶ କର୍ସେଲ, ଅଙ୍କୁର କର ଅଭିନୟ କରିଥିଲେ।

ବୀରମହାରାଜପୁରରେ ବିଜେଡିର ନିର୍ବାଚନୀ ପ୍ରଚାର

ଅମରପାଲି,୨୯।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଧାନ ସଭା ନିର୍ବାଚନ ମଣ୍ଡଳୀ ର ବିଜେଡି ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ଓ ବିଜେଡିର ବଲାଙ୍ଗୀର ଏମ୍‌ପି ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ଲୋକଙ୍କୁ ନିବେଦନ କରିଛନ୍ତି ଦଳର କର୍ମକର୍ତ୍ତା। ଏନେଇ ସେମାନେ ବୀରମହାରାଜପୁର ବ୍ଲକର ବିଭିନ୍ନ ଗ୍ରାମରେ ନିର୍ବାଚନୀ ପ୍ରଚାର କରିଛନ୍ତି। ବୀରମହାରାଜପୁରର ସୀମାବର୍ତ୍ତି ଗରିଆମୁଣ୍ଡା ଗ୍ରାମକୁ ଆରମ୍ଭ ହୋଇଥିଲା ବିଜେଡିର ନିର୍ବାଚନୀ ପ୍ରଚାର। ଶତାଧିକ ବିଜେଡି କର୍ମକର୍ତ୍ତା ଓ ସମର୍ଥକ ଏକ ଶୋଭାଯାତ୍ରାରେ ଯାଇ ବିଜେଡି ପାଇଁ ଭୋଟ ପ୍ରଚାର କରିଛନ୍ତି। ପର୍ଯ୍ୟାୟକ୍ରମେ ପିତମହୁଲ ପଞ୍ଚାୟତର ଠାକୁରଗଡ, ଡୁଲେଶ୍ୱର, ପିତାମହୁଲ, ଟେଭାପଦର, ଆମ୍ବଶରଭଟା ଗ୍ରାମକୁ ଯାଇ ଭୋଟ ପ୍ରଚାର କରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡିର ଜନହିତକର ଯୋଜନା ଓ ବିକାଶମୂଳକ କାମକୁ ଦେଖି ଭୋଟ ଦେବାକୁ ନିବେଦନ କରିଥିଲେ। ପରେ ଖଣ୍ଡହତା ପଞ୍ଚାୟତର ସାହାଜଲଥା, ବଡକିରାସିରା, ଖଣ୍ଡହତା, ବୁରବୁଡା ଆଦି ଗ୍ରାମରେ ପ୍ରଚାର କରାଯାଇଥିଲା। ଖଣ୍ଡହତା ଗ୍ରାମରେ ଏନେଇ ଦଳୀୟ କର୍ମୀ ଓ ସମର୍ଥକଙ୍କୁ ନେଇ ଏକ ସଭା ହୋଇଥିଲା। ବିଜେଡି ବ୍ଲକ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଜେଡି ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ଯୋଗଦେଇ ଡବଲ ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିବା ସହିତ କିଭଳି ଭାବେ ବିଜେଡିର ଭୋଟ ହାର ବଢିବ ସେନେଇ କର୍ମୀମାନେ କାମ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ଉପସଭାପତି କିଶୋର ହୋତା, ରଞ୍ଜିତ ରଥ, ଶ୍ରୀନିବାସ ଚାନ୍ଦ,ପ୍ରଦୀପ ମିଶ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜ ଗୋପାଳ ପାଣିଗ୍ରାହୀ, ପ୍ରେମାନନ୍ଦ ଜଟି, ରଘୁବୀର ପାଣିଗ୍ରାହୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ବହଳପଦର ପଞ୍ଚାୟତର ଚିଙ୍ଗିରାନାଲି, ଭାଲୁଡୁଙ୍ଗୁରୀ, ବହଳପଦର, ଅମରପାଲି, ଗୌଡ଼ଗାଡ ଆଦି ଗ୍ରାମକୁ ଯାଇ ଭୋଟ ପ୍ରଚାର କରିଥିଲେ। ଶେଷରେ ଘିଚାପାଲି ନିକଟସ୍ଥ ମେଟାକାନି ଛକରେ ଲୁଡୁରପଙ୍କ ପଞ୍ଚାୟତର କର୍ମୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ବଣାଇଁ ବିଧାନସଭା ଆସନ ପାଇଁ ଭୀମସେନଙ୍କ ନାମାଙ୍କନପତ୍ର ଦାଖଲ

ବଣାଇଁ, ୨୯।୪ (ପ୍ରଦୀପ ତ୍ରିପାଠୀ)

ବଣାଇଁ ବିଧାନସଭା କ୍ଷେତ୍ର ପାଇଁ ବିଜେଡି ପ୍ରାର୍ଥୀ ଭୀମସେନ ଚୌଧୁରୀ ସୋମବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରଥମେ ବଣାଇଁର ପ୍ରସିଦ୍ଧ ଶୈବପୀଠ ବାବା ବାଣେଶ୍ୱର ମନ୍ଦିରରେ ଶତାଧିକ ସମର୍ଥକଙ୍କ ଗହଣରେ ପୂଜାର୍ଚ୍ଚନା କରିବା ପରେ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ବିଜେଡି ସୁନ୍ଦରଗଡ଼ ଜିଲା ଲୋକ ସଭା ପ୍ରାର୍ଥୀ ପଦ୍ମଶ୍ରୀ ଡ. ଦିଲ୍ଲୀପ ତିର୍କୀ, ବିଜେଡି ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ହାଲୁ ମୁଣ୍ଡାରି, କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ବଣାଇଁ ବିଧାନସଭା କ୍ଷେତ୍ର ପର୍ଯ୍ୟବେକ୍ଷକ ଷ୍ଟାଲିନ ପରିଜାଙ୍କ ସମେତ ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା ଓ ବହୁ ଦଳୀୟ ନେତାଙ୍କ ଗହଣରେ ନାମାଙ୍କନପତ୍ର ଦାଖଲ କରିଥିଲେ। ସୂଚନା ଅନୁଯାୟୀ, ଏହି ବିଧାନସଭା କ୍ଷେତ୍ର ପାଇଁ

ସଂକ୍ଷେପରେ

ବାଇକ ଦୁର୍ଘଟଣା: ଜଣେ ମୃତ

ରାଉରକେଲା, ୨୯।୪(ସଙ୍ଗୀତା ଜେନା): ଝିରପାଣି ଥାନା ଅନ୍ତର୍ଗତ ଇଲେକ୍ଟ୍ରିକ୍ ଅଫିସ ସମ୍ମୁଖରେ ରବିବାର ବିଳମ୍ବିତ ରାତିରେ ବାଇକ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଜଣେ ଯୁବକଙ୍କ ସୋମବାର ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ଏ ନେଇ ପୋଲିସ ମାମଲା ନଂ. ୭୫/୨୪ ରୁଜୁ କରିଛି। ସୂଚନାଯୋଗ୍ୟ, ରବିବାର ବିଳମ୍ବିତ ରାତିରେ ୨ ଯୁବକ ବାଇକ ଯୋଗେ ଝିରପାଣି ଆଡକୁ ଯାଉଥିଲେ। ସେଠାରେ ଏକ ମଇଁଷି ଉପରେ ବାଇକ ଚଢ଼ାଇ ଦୁହେଁ ଛିଟିକି ପଡ଼ିଥିଲେ। ଉଭୟଙ୍କୁ ପ୍ରଥମେ ରାଉରକେଲା ସରକାରୀ ଡାକ୍ତରଖାନା ଓ ପରେ ଜେପି ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା।

ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରାଉରକେଲା,୨୯।୪(ବିନେଶ ମିଶ୍ର): ତରକେରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷୟିତ୍ରୀ ରେଣୁବାଳା ରାଉତରାୟଙ୍କ ଅବସରକାଳୀନ ସଭା ପୂର୍ବତନ ପ୍ରଧାନଶିକ୍ଷକ ଅନନ୍ତ ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଇଓ ବେଣୁଧର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୋନା ପର୍ବତର ସିଆର୍‌ସିସି ସତ୍ୟାନନ୍ଦ ପରିଡା, ଶିକ୍ଷକ ବଳରାମ ଦାସ, ଆର୍ତ୍ତତ୍ରାଣ ଜେନା, କାର୍ତ୍ତିକ ଚନ୍ଦ୍ର ମିଶ୍ର, ଆନନ୍ଦ ଚନ୍ଦ୍ର ମଲ୍ଲିକ, କୁମର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ରେଣୁବାଳାଙ୍କ ଦୀର୍ଘଆୟୁ କମନା ଓ ନିରାମୟ ଜୀବନ ପାଇଁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ରାୟ, ଅର୍ଚ୍ଚନା ମିଶ୍ର, ହରିହର ବେହେରା ପ୍ରମଖ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଚକ୍ରଧର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

ରେଳବାଇ କାର୍ଯ୍ୟାଳୟରେ ବିଜେଡି ପ୍ରାର୍ଥୀଙ୍କ ପ୍ରଚାର

ବନ୍ଧମୁଣ୍ଡା,୨୯।୪(ସୁବ୍ରତ ଦେ): ରାଉରକେଲା ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ଶାରଦା ପ୍ରସାଦ ନାୟକ ତାଙ୍କ ସମର୍ଥକଙ୍କ ସହ ସୋମବାର ବନ୍ଧମୁଣ୍ଡାର ବିଭିନ୍ନ ରେଳବାଇ କାର୍ଯ୍ୟାଳୟ ଗଳିରେ ପ୍ରଚାର କରିଥିଲେ। ଶାରଦା ନାୟକ ପ୍ରଥମେ ବନ୍ଧମୁଣ୍ଡା ଇଲେକ୍ଟ୍ରିକ ଶେଡ୍‌ରେ ପହଞ୍ଚି ସେଠାରେ ଉପସ୍ଥିତ ଥିବା ରେଳବାଇ ଅଧିକାରୀ ଏବଂ କର୍ମଚାରୀଙ୍କୁ ଭେଟି ଭୋଟ ମାଗିଥିଲେ। ପରେ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟାଳୟରେ ପହଞ୍ଚି ଭୋଟ ଭିକ୍ଷା କରିଥିଲେ।

ବିଜେଡିରେ ପୁଣି ସାମିଲ ହେଲେ ସମିତି ସଭ୍ୟା

କୁଆଁରମୁଣ୍ଡା,୨୯।୪(ମହେନ୍ଦ୍ର କୁମାର ସାହୁ): ଦିନକ ପୂର୍ବେ ବିଜେଡି ଛାଡ଼ି ଭାଜପାରେ ମିଶିଥିବା କୁଆଁରମୁଣ୍ଡା ସମିତି ସଭ୍ୟା ତିଲୋତ୍ତମା ତନ୍ତୀ ସୋମବାର ପୁଣି ନିଷ୍ପତ୍ତି ବଦଳାଇ ନିଜର ପୁରୁଣା ଦଳକୁ ଫେରିଛନ୍ତି। ଏ ନେଇ ତିଲୋତ୍ତମା ନିଜ ପ୍ରତିକ୍ରିୟାରେ କହିଛନ୍ତି, ମୋର ପରିବାର ଲୋକଙ୍କ ଚାପରେ ମୁଁ ପୁଣି ବିଜେଡିକୁ ଫେରଲି। ଏହି ଅବସରରେ କୁଆଁରମୁଣ୍ଡା ବ୍ଲକ ବିଜେଡି ସଭାନେତ୍ରୀ ମିନାକ୍ଷୀ ବାରିକ, ପ୍ରିତା ପତି ପ୍ରମୁଖ ତିଲୋତ୍ତମା ଓ ତାଙ୍କର ସମର୍ଥକଙ୍କୁ ଉତ୍ତରୀୟ ଦେଇ ଦଳକୁ ଫେରାଇ ଆଣିଛନ୍ତି।

ଭାଜପା ନେତା କର୍ମୀଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

୩ ବିଧାନସଭା ଆସନ ପାଇଁ ନାମାଙ୍କନ ଦାଖଲ କଲେ ପ୍ରାର୍ଥୀ

ରାଉରକେଲା,୨୯।୪
(ବିପ୍ଳବ ରଞ୍ଜନ ଦାଶ/ସଙ୍ଗୀତା ଜେନା)

ରାଉରକେଲା, ରଘୁନାଥପାଲି ଓ ବୀରମିତ୍ରପୁର ବିଧାନସଭା ଆସନ ପାଇଁ ସୋମବାର ଭାଜପାର ୩ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ରାଉରକେଲା ବିଧାନସଭା ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ, ରଘୁନାଥପାଲିର ବିଧାୟକ ପ୍ରାର୍ଥୀ ଦୁର୍ଗା ତନ୍ତୀ ଓ ବୀରମିତ୍ରପୁରର ବିଧାୟକ ପ୍ରାର୍ଥୀ ଶଙ୍କର ଓରାମ ବିର୍ସାଛକସ୍ଥିତ ହନୁମାନ ମନ୍ଦିରରେ ବୈଦିକ ପୂଜାର୍ଚ୍ଚନା ସାରି ୨୦ହଜାରୁ ଊର୍ଦ୍ଧ୍ୱ ନେତା, କର୍ମୀ ଓ ସମର୍ଥକଙ୍କ ସହିତ ପ୍ରାର୍ଥିପତ୍ର ଦାଖଲ ପାଇଁ ରାଉରକେଲା ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଶୋଭାଯାତ୍ରା କରିଥିଲେ। ପ୍ରଥମେ ରଘୁନାଥପାଲି ଭାଜପା ବିଧାୟକ ପ୍ରାର୍ଥୀ ଦୁର୍ଗା ତନ୍ତୀ ରିଟର୍ନିଂ ଅଫିସର ତଥା ରାଉରକେଲା ଅତିରିକ୍ତ ଜିଲାପାଳଙ୍କଠାରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପରେ ବୀରମିତ୍ରପୁର ଭାଜପା ବିଧାୟକ ପ୍ରାର୍ଥୀ ଶଙ୍କର ଓରାମ ରିଟର୍ନିଂ ଅଫିସର ତଥା ଅତିରିକ୍ତ ଉପଜିଲାପାଳଙ୍କ

ଲୋକାରଣ୍ୟ ହେଲା ସହର

ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ରାଉରକେଲା ବିଧାୟକ ପ୍ରାର୍ଥୀ ଦିଲୀପ ତାଙ୍କ ୧୦ହଜାର ସମର୍ଥକଙ୍କ ସହିତ ରିଟର୍ନିଂ ଅଫିସର ତଥା ପାନପୋଷ ଉପଜିଲାପାଳଙ୍କ ପାଖରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ଶୋଭାଯାତ୍ରାରେ ଦିଲୀପ ରାୟଙ୍କ ସ୍ତ୍ରୀ ପୂଜାଙ୍କ ସମେତ ରାଉରକେଲା ସହରର ବିଭିନ୍ନ ସଂଗଠନ, ଅନୁଷ୍ଠାନ ଓ ଛାମୁଆ ନେତା ଓ କର୍ମୀମାନେ ସାମିଲ ହୋଇଥିଲେ। ଏଥିସହ ଉକ୍ତ ୩ଟି ନିର୍ବାଚନମଣ୍ଡଳୀରେ ନାମାଙ୍କନ ପାଇଁ ୪ରୁ ଊର୍ଦ୍ଧ୍ୱ ଫର୍ମ ଅନ୍ୟ ସ୍ୱାଧୀନ ପ୍ରାର୍ଥୀମାନେ ଗ୍ରହଣ କରିଥିଲେ। ରାଉରକେଲା ନିର୍ବାଚନମଣ୍ଡଳୀରେ ରିଟର୍ନିଂ ଅଫିସର ତଥା ପାନପୋଷ ଉପଜିଲାପାଳ ବିଜୟ ନାୟକ, ୨ଜଣ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର ଯଥା ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ, ବିଶ୍ରା ତହସିଲଦାର ମନୀଷା ମଧୁଲିକା ହେମ୍ବ୍ରମଙ୍କ ନେତୃତ୍ୱରେ ପ୍ରକ୍ରିୟା କରାଯାଇଥିଲା। ସେହିପରି ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ନାମାଙ୍କନ ପାଇଁ ରିଟର୍ନିଂ ଅଫିସର ଅତିରିକ୍ତ ଉପଜିଲାପାଳ ସରୋଜ ମିଶ୍ରଙ୍କ ନେତୃତ୍ୱରେ ୨ ଜଣ

ନାମାଙ୍କନ କେନ୍ଦ୍ରରେ ପହଞ୍ଚିଲେ ଏମ୍‌ପି ଓରାମ

ସୁନ୍ଦରଗଡ଼ ଏମ୍‌ପି ପ୍ରାର୍ଥୀ ଜୁଏଲ ଓରାମ ଶୋଭାଯାତ୍ରାରେ ଆସି ନାମାଙ୍କନ କେନ୍ଦ୍ର ଅର୍ଥାତ୍ ପାନପୋଷ ଉପଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ମୋଦିଙ୍କ ଆଶାକୁ ରାଜ୍ୟବାସୀ ନିଶ୍ଚିତ ଭାବେ ସାକାର କରିବେ। ବିପୁଳ ସଂଖ୍ୟାରେ ଭୋଟଦେଇ ଭାଜପାକୁ ସଂଖ୍ୟା ଗରିଷ୍ଠତା କରାଇବେ ବୋଲି ଓରାମ କରିଥିଲେ। ଆସନ୍ତା ୨ ତାରିଖରେ ସୁନ୍ଦରଗଡ଼ଠାରେ ଓରାମ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ସୂଚନା ମଧ୍ୟ ଦେଇଥିଲେ।

ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର କୁଆଁରମୁଣ୍ଡା ବିଡିଓ ଗଙ୍ଗାରାମ ବୁଡେକ, ବୀରମିତ୍ରପୁର ତହସିଲଦାର ଗୌରୀ ନାୟକ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ରଘୁନାଥପାଲି ପାଇଁ ରିଟର୍ନିଂ ଅଫିସର ତଥା ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନେତୃତ୍ୱରେ ଏଏସ୍‌ଓ ଲାଠିକଟା ବିଡିଓ ମାନସ ସାହୁ ଓ ଲାଠିକଟା ତହସିଲଦାର ଅଥର୍ବ ତାଟି ପ୍ରମୁଖ ନାମାଙ୍କନ ପ୍ରକ୍ରିୟା ସମ୍ପାଦନ କରିଥିଲେ। ସୂଚନାଯୋଗ୍ୟ, ରାଉରକେଲା, ରଘୁନାଥପାଲି ଓ ବୀରମିତ୍ରପୁର ବିଧାନସଭାରେ ମୋଟ ମତଦାତା ହେଉଛନ୍ତି ୬ଲକ୍ଷ ୪୧ ହଜାର ୪୭୬। ସେଥିରୁ ୩ଲକ୍ଷ ୨୦ହଜାର ୩୮୭ ପୁରୁଷ ଓ ୩ ଲକ୍ଷ ୨୧ ହଜାର ୦୮ ମହିଳା। ସେହିପରି ରାଉରକେଲାରେ ୨ ଲକ୍ଷ ୧୨ହଜାର ୮୭୬, ରଘୁନାଥପାଲିରେ ୧ଲକ୍ଷ ୮୨ ହଜାର ୮୨୩, ବୀରମିତ୍ରପୁରରେ ୨ ଲକ୍ଷ ୪୩ହଜାର୮୨୩ ଭୋଟର ରହିଛନ୍ତି। ରାଉରକେଲାରେ ୧୯୭ ବୁଥ୍, ରଘୁନାଥପାଲିରେ ୧୯୩ ଓ ବୀରମିତ୍ରପୁରରେ ୩୦୧ଟି ବୁଥ୍ ରହିଛି। ସେଥିମଧ୍ୟରୁ ରାଉରକେଲା ନିର୍ବାଚନମଣ୍ଡଳୀରେ ୪୧ଟି ମଡେଲ ବୁଥ୍, ୩୫ଟି ସକ୍ଷୀ ବୁଥ୍, ୩୨ଟି ସମ୍ବେଦନଶୀଳ ବୁଥ୍ ରହିଛି। ରଘୁନାଥପାଲିରେ ୪୨ଟି ମଡେଲ ବୁଥ୍, ୩୬ଟି ସକ୍ଷୀ ବୁଥ୍ ଓ ୯ଟି ସମ୍ବେଦନଶୀଳ ବୁଥ୍ ରହିଛି। ଅନୁରୂପ ଭାବେ ବୀରମିତ୍ରପୁରରେ ୫୯ଟି ମଡେଲ ବୁଥ୍, ୩୦ଟି ସକ୍ଷୀ ବୁଥ୍, ୩୬ଟି ସମ୍ବେଦନଶୀଳ ବୁଥ ରହିଛି। ମହିଳାଙ୍କ ପାଇଁ ସକ୍ଷୀ ବୁଥ୍ ବ୍ୟବସ୍ଥା କରାଯାଇଛି।

ପାନ, ଗୁଟ୍‌ଖା ଦୋକାନରେ ଆୟକର ବିଭାଗର ଚଢ଼ାଉ

ଖଡ଼ିଆଳ,୨୯।୪ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ସହରରେ ଜିଏସ୍‌ଟି ଫାଙ୍କି ଅଭିଯୋଗରେ ଆୟକର ବିଭାଗ ପକ୍ଷରୁ ପାନ ଗୁଟ୍‌ଖା ଦୋକାନରେ ଚଢ଼ାଉ କରାଯାଇଛି। ଏକସମୟରେ ଦୋକାନୀଙ୍କ ଘର, ଗୋଦାମ ଗୃହ ଓ ଦୋକାନ ଉପରେ ଚଢାଉ ହୋଇଥିଲା। ବିଭାଗର ସହକାରୀ କମିଶନର ପ୍ରିୟବ୍ରତ ଗଡତିଆଙ୍କ ନେତୃତ୍ୱରେ ନନ୍ଦ କିଶୋର ଜାଲ, କ୍ଷୀରୋଦ ଭୋଇ, ଯତୀନ କୁମାର ବାଗ ପ୍ରମୁଖ ଅଧିକାରୀ ଚଢାଉରେ ସାମିଲ ହୋଇଥିଲେ। ପୋଲିସ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଚଢାଉ ସରିବା ପରେ ସମ୍ପୃକ୍ତ

ଏକ ଦୋକାନରେ ଚଢାଉ କରାଯାଉଛି।

ବ୍ୟକ୍ତିଙ୍କ ନାମ ଓ କେତେ ପରିମାଣର ସାମଗ୍ରୀ ଜବତ କରାଯାଇଛି ତାହା ଗଡ଼ତିଆ ପ୍ରକାଶ କରିଥିଲେ।

କାରରୁ ୨ଲକ୍ଷ ୮ହଜାର ଜବତ

ବନ୍ଧମୁଣ୍ଡା,୨୯।୪(ସୁବ୍ରତ ଦେ)

ବନ୍ଧମୁଣ୍ଡା ପୋଲିସ ସୋମବାର ବନ୍ଧମୁଣ୍ଡା ଡି-ସେକ୍ଟରରେ ଥିବା ପୋଲିସ ଚେକ ପୋଷ୍ଟରେ ଏକ କାରରୁ ୨ ଲକ୍ଷ ୮ ହଜାର ଟଙ୍କା ଜବତ କରିଛି। ଚେକ ପୋଷ୍ଟରେ ଗାଡ଼ି ଯାଞ୍ଚ କରିବା ସମୟରେ ରାଉରକେଲାଠାରୁ ବିଶ୍ରା ଅଭିମୁଖେ ଯାଉଥିବା ଏକ କାରକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ କାରରେ ଥିବା ଏକ ବ୍ୟାଗରୁ ୨ ଲକ୍ଷ ୮ ହଜାର ଟଙ୍କା ଜବତ କରାଯାଇଥିଲା। କାରରେ ବସିଥିବା ବ୍ୟକ୍ତି ଜଣକ କହିଛନ୍ତି, ସେ ଜଣେ କଣ୍ଟ୍ରାକ୍ଟର। ବିଶ୍ରା ଅଞ୍ଚଳରେ ତାଙ୍କର ଅଙ୍ଗନୱାଡି ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ କିଛି ସାମଗ୍ରୀ କିଣିବା ପାଇଁ ସିଏ ଏହି ଟଙ୍କା ନେଇ ବିଶ୍ରାକୁ ଯାଉଥିବା କହିଥିଲେ।

ମାନବ ଶୃଙ୍ଖଳ କାର୍ଯ୍ୟକ୍ରମରେ ୫ଶହ କର୍ମଚାରୀଙ୍କ ଅଂଶଗ୍ରହଣ

ରାଉରକେଲା,୨୯।୪(ବିପ୍ଳବ ରଞ୍ଜନ ଦାଶ)

ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଆର୍‌ଏସପିର ସୁରକ୍ଷା ଇନିୟରିଂଙ୍ଗ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଆୟୋଜିତ ହୋଇଯାଇଛି। ଅଭିଯାନକୁ ନେଇ କାରଖାନାର ବିଭିନ୍ନ ବିଭାଗର ଅଧିକାରୀ, ଠିକା ଶ୍ରମିକ, ବିଭାଗୀୟ ସୁରକ୍ଷା ଅଧିକାରୀ ଏବଂ ଏଜେନ୍ସି ସୁରକ୍ଷା ଅଧିକାରୀଙ୍କ ସମେତ ପ୍ରାୟ ୫ଶହ କର୍ମଚାରୀ ଏକ ସୁଦୀର୍ଘ ମାନବ ଶୃଙ୍ଖଳ ସୃଷ୍ଟି କରିବାରେ ଅଂଶଗ୍ରହଣ କରିଥିଲେ। ଏଥିସହିତ ଅଂଶଗ୍ରହଣକାରୀ ମାନେ ଅଂଶଗ୍ରହଣ ପୂର୍ବକ ହିଟ ଷ୍ଟ୍ରୋକ୍ ରୋକିବା ଉପରେ ବିଶେଷ ଧ୍ୟାନ ପ୍ରଦାନ କରିବା ସହିତ ସଡକ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିଥିଲେ। ଏହି ମାନବ ଶୃଙ୍ଖଳ ଅଭିଯାନ ଆରଏସପିର ମୁଖ୍ୟ ଫାଟକରୁ ଡିଜାଇନ କୋଠା ଯାଏଁ ବ୍ୟାପିଥିଲା। ଏଥିସହିତ ଓଆରଏସ ଓ ଟାଟା ଗ୍ଲୁକୋଜ ପ୍ୟାକେଟ ମଧ୍ୟ ପଥଚାରୀଙ୍କୁ ବଣ୍ଟନ କରାଯାଇଥିଲା। ଅଭିଯାନକୁ ସୁରକ୍ଷା ଇନିୟରିଂଙ୍ଗ ବିଭାଗର ଜିଏମ ଅବକାଶ ବେହେରା ଏବଂ ସୁରକ୍ଷା ଇନିୟରିଂଙ୍ଗ ଦଳ ପରିଚାଳନା କରିଥିଲେ। କଂଟ୍ରାକ୍ଟ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏମଆରଡି ଛକ୍ ନିକଟରେ ଷ୍ଟିକରିଙ୍ଗ ଅଭିଯାନ କରାଯାଇଥିଲା। ଯେଉଁଠାରେ କି ସୁରକ୍ଷିତ ବାହନ ଚାଳନା ପାଇଁ ଯାନ ଗୁଡିକର ଦୃଶ୍ୟମାନତା ଗୁଡିକୁ ଉନ୍ନତ କରିବା ନିମନ୍ତେ ଠିକା କର୍ମଚାରୀମାନଙ୍କ ସାଇକେଲରେ ପ୍ରତିଫଳିତ ଷ୍ଟିକର ଲଗା ଯାଇଥିଲା। ବୃତିଗତ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପ୍ରସଙ୍ଗରେ ଏକ ବିତର୍କ ମଧ୍ୟ ଆୟୋଜିତ ହେବା ସହିତ ବିଜେତାଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସୁରକ୍ଷା ଇନିୟରିଂଙ୍ଗ ବିଭାଗର ଏଜିଏମ ବି.କେ ପାଢୀ ଓ ସିନିୟର ମ୍ୟାନେଜର ୟୁ ସି ସିଂ ପରିଚାଳନା କରିଥିଲେ। ଏହି ସମସ୍ତ ପ୍ରୟାସ ଆରଏସପି କର୍ମଚାରୀଙ୍କ ସୁରକ୍ଷା ଓ ଉନ୍ନତୀ ପାଇଁ ପ୍ରତିବଦ୍ଧତାର ଏକ ନିଦର୍ଶନ ଅଟେ।

ଆରଏସପି ସୁରକ୍ଷା ଇନିୟରିଂଙ୍ଗ ବିଭାଗ କର୍ମଚାରୀ ମାନବ ଶୃଙ୍ଖଳ ସଚେତନ ବାର୍ତ୍ତା ପ୍ରଦାନ କରୁଛନ୍ତି।

ପ୍ରଥମ ରୟାଲ ଓପନ୍ କରାଟେ ଚାମ୍ପିୟନଶିପ୍ ଉଦ୍‌ଯାପିତ

ରାଉରକେଲା,୨୯।୪(ସଙ୍ଗୀତା ଜେନା)

ସେକ୍ଟର-୫ ଭଞ୍ଜଭବନଠାରେ ରବିବାର ସନ୍ଧ୍ୟାରେ ଓଡ଼ିଶା ସିତାରିୟୁ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ୍ ପକ୍ଷରୁ ଆୟୋଜିତ ଦ୍ୱିଦିବସୀୟ ପ୍ରଥମ ରୟାଲ ଓପନ୍ କରାଟେ ଚାମ୍ପିୟନଶିପ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ମୁଖ୍ୟ ନିର୍ଦ୍ଦେଶକ (ଓଡ଼ିଶା) ତଥା ପରୀକ୍ଷକ ଧର୍ମେନ୍ଦର ସିଂହ, ସଭାପତି ରାଜେଶ ପ୍ରସାଦ ଦାସ, ସମ୍ପାଦକ ଶିବପ୍ରସାଦ ନାଥ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ୪ ରାଉଣ୍ଡରେ ପ୍ରତିଯୋଗିତା ହେବା ସହ ସିନିଅର ବର୍ଗ ପକ୍ଷରୁ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା। ଉକ୍ତ ଦ୍ୱିଦିବସୀୟ କରାଟେ ପ୍ରତିଯୋଗିତାରେ ର।ଜଗ।ଙ୍ଗପୁର, ସୁନ୍ଦରଗଡ଼, ରାଉରକେଲା, ଜାମସେଦପୁର, ଭୁବନେଶ୍ୱର,ଟିଟିଲାଗଡ଼, ବଲାଙ୍ଗୀର ଆଦିରୁ ୧୫୦ ପ୍ରତିଯୋଗୀ ଅଂଶ ଗ୍ରହଣ

ଭଞ୍ଜଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପରୀକ୍ଷକ ଓ କୃତୀ ପ୍ରତିଯୋଗୀ।

କରାଟେ ଚାମ୍ପିୟନଶିପ୍ ଉଦ୍‌ଯାପିତ କରିଥିଲେ। ସବ୍ ଜୁନିଅରବର୍ଗରେ ୨୦ଜଣ, ଜୁନିଅର ବର୍ଗରେ ୭୦ ଜଣ, ସିନିଅର ବର୍ଗରେ ୫୦ ଜଣ ଓ କ୍ୟାଡେଟ୍ ବର୍ଗରେ ୧୦ ଜଣ ଅଂଶ ଗ୍ରହଣ କରିଛନ୍ତି। ଫାଇନାଲ ରାଉଣ୍ଡରେ ୩୦ ଜଣ ସ୍ୱର୍ଣ୍ଣ, ୧୮ ଜଣ ରୌପ୍ୟ ଓ ୭୦ ଜଣ ବ୍ରୋଞ୍ଜ ତଥା ଅନ୍ୟମାନେ ଅଂଶଗ୍ରହଣ ପାଇଁ ସାର୍ଟିଫିକେଟ ପାଇଥିଲେ। ଉକ୍ତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରୀକ୍ଷକ ଧର୍ମେନ୍ଦର ସିଂହ ଏହାକୁ ପରିଚାଳନା କରିଥିବା ବେଳେ ସୁରେଶ ଷଣ୍ଢ, ରାଜେଶ ମେହେର, ଶିବୁ ପ୍ରସାଦ ଗୁପ୍ତା, ରେହନ କାପାଡିଆ, ଆନନ୍ଦ ମଲ୍ଲିକ , ଆୟନ ପାତ୍ର, ସୁଶାନ୍ତ ବିଶ୍ୱାଳ, ଦେବୀଦତ୍ତା ମହାନ୍ତ, ନାରାୟଣ ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ସୁସ୍ଥ ବୃତ୍ତିଗତ ଅଭିବୃଦ୍ଧି ନିମନ୍ତେ ମହିଳା ସମାଜ ପ୍ରତିଦ୍ୱନ୍ଦ୍ୱୀ ହେବା ଆବଶ୍ୟକ

ରାଉରକେଲା,୨୯।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଏଚଆରଡି କେନ୍ଦ୍ରରେ ଚାଲିଥିବା ମହିଳା ଅଧିକାରୀଙ୍କ ନେତୃତ୍ୱ ବିକାଶ ଓ ପ୍ରବନ୍ଧନ ଉତ୍ପାଦକତା ବିଷୟବସ୍ତୁ ଆଧାରିତ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଆର୍‌ଏସପି ଭାରାପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଯୋଗଦେଇ ଏକ ସୁସ୍ଥ ବୃତିଗତ ଅଭିବୃଦ୍ଧି ନିମନ୍ତେ ମହିଳା ଅଧିକାରୀମାନେ ଅଧିକରୁ ଅଧିକ ଦକ୍ଷ ହେବା ଆବଶ୍ୟକ ବୋଲି କର୍ମଶାଳାରେ ଉପସ୍ଥିତ ୨୫ଜଣ ମହିଳା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡ. ବି.କେ ହୋତା ଏବଂ କାର୍ମିକ ପ୍ରସାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଉପସ୍ଥିତ ଥିଲେ। ବି-ମୋର କନସଲଟିଙ୍ଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେଲର ପୂର୍ବତନ ନିର୍ଦ୍ଦେଶକ ଡ.ସୋଏବ ଅହମ୍ମଦ, ରୋଶେନ ଯୋଶେଫ ଏବଂ ଅଜୟ ଯୋଶେଫ ପ୍ରମୁଖ ଫ୍ୟାକଲ୍ଟି ସଦସ୍ୟ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ପରେ ଏସଆର ସୂର୍ଯ୍ୟବଂଶୀ,ତରୁଣ ମିଶ୍ର ମହିଳା ଅଧିକାରୀଙ୍କ ନେତୃତ୍ୱକାରୀ ଭୂମିକା ଓ ଗୁରୁଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଅଂଶଗ୍ରହଣ କାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ୩ଦିନିଆଁ କର୍ମଶାଳାରେ ସର୍ବାଧିକ ପଏଣ୍ଟ ହାସଲ କ

ଜନ୍ମଦିନର ଶୁଭେଚ୍ଛା

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଗୁନ୍‌ଗୁନ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ବଜାରରେ ମହିନ୍ଦ୍ରାର 'ଅଲ୍ ନ୍ୟୁ ଏକ୍ସୟୁଭି ୩ଏକ୍ସଓ'

ଭୁବନେଶ୍ୱର,୨୯।୪ (ଅଭୟ ଦାଶ)

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ଏକ୍ସୟୁଭି ୩ଏକ୍ସଓ'ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ମୁମ୍ବାଇଠାରେ ଆୟୋଜିତ ସ୍ୱତନ୍ତ୍ର ଅନାବରଣ ଉତ୍ସବରେ ଏହାର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏପରିକି ଏସୟୁଭି ବର୍ଗ (ସେଗମେଣ୍ଟ)ରେ ଏକ ନୂତନ ବେଞ୍ଚମାର୍କ ସୃଷ୍ଟି କରିବ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ଏକ୍ସୟୁଭି ୩ଏକ୍ସଓ'ରେ ଅନେକ ବୈଶିଷ୍ଟ୍ୟ ସାମିଲ ଥିଲାବେଳେ ସୁରକ୍ଷା ଦୃଷ୍ଟି କୋଣରୁ ମଧ୍ୟ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ଅନ୍ତର୍ଭୁକ୍ତ ରହିଛି। ଏ ସମ୍ପର୍କରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ(ଅଟୋମୋଟିଭ ଡିଭିଜନ)ର ସଭାପତି ଭିଜୟ ନକ୍ରା କହିଛନ୍ତି, ଅଲ୍ ନ୍ୟୁ ଏକ୍ସୟୁଭି ୩ଏକ୍ସଓ'କୁ ଉନ୍ମୋଚନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଉକ୍ତ ମଡେଲରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ଓ ସୁରକ୍ଷା ବ୍ୟବସ୍ଥା ସାମିଲ ଥିଲାବେଳେ ଏସୟୁଭି ବର୍ଗ (ସେଗମେଣ୍ଟ)ରେ ଏହା ଏକ ନୂତନ ବେଞ୍ଚମାର୍କ ସୃଷ୍ଟି କରିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଏହି ମଡେଲ ୮ଟି ଆକର୍ଷଣୀୟ କଲର ସହ ବଜାର ମୂଲ୍ୟ (ଏକ୍ସ ଶୋ'ରୁମ) ୭.୪୯ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।

ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୨୯।୪

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୯୪୧ (୯୪୧.୧୨) ପଏଣ୍ଟ ବଢି ୭୪,୬୭୧(୭୪,୬୭୧.୨୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସଇ)ର ନିଫ୍ଟି-୫୦ରେ ମଧ୍ୟ ୨୨୩ (୨୨୩.୪୫) ପଏଣ୍ଟ ବୃଦ୍ଧି ଘଟି ୨୨,୬୪୩(୨୨,୬୪୩.୪୫) ଅଙ୍କରେ କାରବାର ବନ୍ଦ କରିଥିଲା।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

SHUBHRA RANJAN
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

ଆଡ୍‌ଭାର୍ଲଡ
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମ୍ଫେଡ୍ ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍‌କ ପତାକା, କାଗଜ ମାଲ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, ଜିନେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟି ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଖପଟି, ମୁଖା, ଫୋମ୍‌ବ୍ୟାନର, ଟିୟର ଷ୍ଟିକ୍, ବ୍ୟାଜ୍, ୩ଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ଯୁପି-ଏଚ୍‌ଡ଼ି, ସେକ୍ଟର ୫, ନୋଏଡ଼ା
9810432170
7606841840

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପହିଲାରୁ ଫୁଲ୍ ପଇସା ଭାସୁଲ ସେଲ୍

ଭୁବନେଶ୍ୱର,୨୯।୪

ରିଲାଏନ୍ସ ଗ୍ରୁପର ଅଗ୍ରଣୀ କମ୍ପାନୀ ତଥା ରିଟେଲ ପ୍ଲାଟଫର୍ମ ସ୍ମାର୍ଟ ବଜାର ଓ ଜିଓ ମାର୍ଟର ଲୋକପ୍ରିୟ ଅଫର 'ଫୁଲ ପଇସା ଭାସୁଲ ସେଲ୍'ର ଶୁଭାରମ୍ଭ ୨୦୨୪ ମେ ୧ରୁ ଆରମ୍ଭ ହେଉଛି। ଏପରିକି ପ୍ଲାଟଫର୍ମର ଏଡିଶନ ୨୦୨୪ ମେ ୧ରୁ ୫ ପର୍ଯ୍ୟନ୍ତ ଜାରି ରହିବ (ଉପଲବ୍ଧ) ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ଏହି ଏଡିଶନରେ ଗ୍ରାହକମାନେ ଗ୍ରୋସେରୀ, ଫ୍ୟାଶନ ଆଣ୍ଡ ହୋମ ପ୍ରଡକ୍ଟସ ଭଳି ଅନେକ କିଛି ଅତ୍ୟାବଶ୍ୟକ ସାମଗ୍ରୀ ଉଭୟ ଜିଓ ମାର୍ଟ ଆପ ଓ ସ୍ମାର୍ଟ ବଜାର ଆଉଟଲେଟରୁ ସୁଲଭ ମୂଲ୍ୟ ଓ ଆକର୍ଷଣୀୟ ରିହାତିରେ ପାଇପାରିବେ। ଉଲ୍ଲେଖଯୋଗ୍ୟ, ପ୍ରଥମ ଥର ପାଇଁ ଏହି ଅଫର ଜିଓ ମାର୍ଟ ଜରିଆରେ ରିହାତି ସୁବିଧା ରିଲାଏନ୍ସର ଅଗଣିତ ଗ୍ରାହକଙ୍କୁ ଯୋଗାଇ ଦିଆଯିବ।

ହିଣ୍ଡାଲ୍‌କୋର ପ୍ରୋଜେକ୍ଟ 'ଜ୍ଞାନାର୍ଜନ'

ଭୁବନେଶ୍ୱର,୨୯।୪

ଆଦିତ୍ୟ ବିର୍ଲା ଗ୍ରୁପର ଅଗ୍ରଣୀ କମ୍ପାନୀ ହିଣ୍ଡାଲ୍‌କୋର ବହୁ ପ୍ରତୀକ୍ଷିତ ତଥା ଅଭିନବ ପ୍ରକଳ୍ପ 'ଜ୍ଞାନାର୍ଜନ' ନିକଟରେ ହୀରାକୁଦଠାରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ବିଶେଷ କରି ପଞ୍ଚମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଅଗ୍ରଣୀ ଶିକ୍ଷାନୁଷ୍ଠାନଗୁଡିକରେ ପ୍ରବେଶ କରାଇବା ପାଇଁ ଏହା ଲକ୍ଷ୍ୟ ରଖିଛି। ସେହିଭଳି ଏହି ପ୍ରକଳ୍ପ ବୁର୍ଲାର ଆଲୋକ ସହିତ ସହଭାଗିତା ଜରିଆରେ ହୀରାକୁଦର ସାଇ ୱାର୍ଲଡ ସ୍କୁଲ ଏବଂ ମହମ୍ମଦପୁରର ସରକାରୀ ନୋଡାଲ ହାଇସ୍କୁଲ ଠାରେ ନିଜର ଶିକ୍ଷାକେନ୍ଦ୍ର ସ୍ଥାପନ କରିଛି।

ଏ ସମ୍ପର୍କରେ ହିଣ୍ଡାଲ୍‌କୋର ବିଜ୍‌ନେସ ହେଡ୍ (ମାଇନିଂ ଓ କ୍ଲଷ୍ଟର ହେଡ୍ ସମ୍ବଲପୁର) କୈଳାସ ପାଣ୍ଡେ କହିଛନ୍ତି, ଜ୍ଞାନାର୍ଜନ ପ୍ରୋଜେକ୍ଟ ଶିକ୍ଷାଗତ ସଶକ୍ତୀକରଣ ଏବଂ ଗୋଷ୍ଠୀର ପ୍ରଗତି ନିମନ୍ତେ ଆରମ୍ଭ ହୋଇଛି। ସେହିପରି ଶିକ୍ଷାଗତ ଦିଗରୁ ଉର୍ଦ୍ଧ୍ୱରେ ଏହି ପ୍ରକଳ୍ପ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବାକୁ ପ୍ରବନ୍ଧ ଲିଖନ, ତର୍କ, ଗୀତ, ନୃତ୍ୟ ଏବଂ ପ୍ରଶ୍ନୋତ୍ତର ଆଦି ଅତିରିକ୍ତ କାର୍ଯ୍ୟକଳାପ ଏବଂ ଜଟିଳ ଚିନ୍ତନ ଉପରେ ମଧ୍ୟ ଗୁରୁତ୍ୱ ଦେଉଛି। ବିଶେଷ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଟିଡିଆଖାନା ଏବଂ ହୀରାକୁଦ ଡ୍ୟାମ୍ ଭଳି ପ୍ରମୁଖ ସ୍ଥାନକୁ କ୍ଷେତ୍ର ପ୍ରଦର୍ଶନସ୍ତରୀୟ ଗସ୍ତ ଅନନ୍ୟ ଅନୁଭୂତି ପ୍ରଦାନ କରୁଥିବାବେଳେ ଯୋଗ ଅଧିବେଶନ ଶାରୀରିକ ଏବଂ ମାନସିକ କଲ୍ୟାଣକୁ ମଧ୍ୟ ପ୍ରୋତ୍ସାହିତ କରୁଛି।

ମନେ ପଡ଼ନ୍ତି

ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୱ ତାରାମଣୀ ମିଶ୍ର
ସ୍ୱାମୀ: ୱ ଉଦୟନାଥ ମିଶ୍ର
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୪।୨୦୧୦
ଜୀବନର ଚଲାପଥରେ ଆସ୍ତେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୮୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୱ ପ୍ରଫେସର ରମାକାନ୍ତ ଜେନା
ଆବିର୍ଭାବ : ୨୪.୦୩.୧୯୩୬
ମହାପ୍ରୟାଣ : ୨୦.୦୪.୨୦୨୪
ଆଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା।
ଶୋକସନ୍ତପ୍ତ :
ପରିବାର, ଆତ୍ମୀୟ ସ୍ୱଜନ ଓ ବନ୍ଧୁବର୍ଗ
ଧ-୧୯୪

ଜେଇଇ ମେନ୍‌ରେ କିଟ୍ ଏଚ୍‌ଏସ୍‌ଏସ୍‌ର ବାଜିମାତ୍

ଭୁବନେଶ୍ୱର,୨୯।୪

କିଟ୍ ହାୟର ସେକେଣ୍ଡାରୀ ହାଇସ୍କୁଲ ବା କିଟ୍ ଏଚ୍‌ଏସ୍‌ଏସ୍ ସଦ୍ୟ ପ୍ରକାଶିତ ଜେଇଇ ମେନ-୨୦୨୪ ପରୀକ୍ଷା ଫଳାଫଳରେ ବାଜିମାତ୍ କରିଛି। (କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଭୂତପୂର୍ବ ସଫଳତା ଅର୍ଜନ କରିଛନ୍ତି)। ଏପରିକି ବିଦ୍ୟାଳୟର ମୋଟ ୪୫ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧ଜଣ ଶ୍ରେଷ୍ଠ ତାଲିକାରେ ସ୍ଥାନିତ ହୋଇ ଅନୁଷ୍ଠାନର ଗୌରବ ବଢାଇବା ସହ ଆଗାମୀ ବର୍ଷ ପରୀକ୍ଷା ଦେବାକୁ ଆଗ୍ରହୀ ଛାତ୍ରୀଛାତ୍ରଙ୍କ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଉଲ୍ଲେଖଯୋଗ୍ୟ,ଜେଇଇ ମେନ୍-୨୦୨୪ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରମାନଙ୍କ ମଧ୍ୟରୁ ବିଦ୍ୟାଳୟର ସୁଭକ୍ତ ସାହାନୀ ୯୬% ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସମ୍ମାନ ସମାରୋହରେ ଯୋଗଦେଇ ଅନୁଷ୍ଠାନର ଚେୟାରମ୍ୟାନ ତଥା ପ୍ରତିଷ୍ଠାତା ସଭାପତି ଡ. ଚିତ୍ତରଞ୍ଜନ ମିଶ୍ର, ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଓ ରସାୟନ ବିଭାଗ ମୁଖ୍ୟ ଡ. ରୁଦ୍ର ମୋହନ ନନ୍ଦ କୃତୀ ଛାତ୍ରୀଛାତ୍ରମାନଙ୍କୁ ଉତ୍ତରୀୟ ଓ ମେମେଣ୍ଟୋ ଦେଇ ସମର୍ଦ୍ଧିତ କରିଥିଲେ। ଉକ୍ତ ଅନୁଷ୍ଠାନରେ ପାରମ୍ପରିକ ଯୁକ୍ତ୨ ପାଠ ସହ ସ୍ୱତନ୍ତ୍ର ଭାବେ ତାଲିମପ୍ରାପ୍ତ ଅଭିଜ୍ଞ ଅଧ୍ୟାପନାମଣ୍ଡଳୀଙ୍କ ଦ୍ୱାରା ଆଶାୟୀ ଛାତ୍ରୀଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ କରାଯାଇଥାଏ। ଏପରିକି ଆଗ୍ରହୀ ଛାତ୍ରୀଛାତ୍ରମାନେ ନିୟମିତ ଯୁକ୍ତ୨ ବିଜ୍ଞାନ ସହ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ସଫଳତା ନିମନ୍ତେ ଶିକ୍ଷକମାନଙ୍କ ନିରନ୍ତର ଚେଷ୍ଟା ଛାତ୍ରୀଛାତ୍ରମାନଙ୍କ ସଫଳତା ପଛର ଅନ୍ୟତମ କାହାଣୀ ବୋଲି ଅନୁଷ୍ଠାନର ସଭାପତି ତଥା କିଟ୍ ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ସଦସ୍ୟ ଡ. ଚିତ୍ତରଞ୍ଜନ ମିଶ୍ର ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ।

ଇଆଇପିଏଲ୍ ସହ ଏଚ୍‌ଡିଏଫ୍‌ସି କ୍ୟାପିଟାଲର ସହଭାଗିତା

ଭୁବନେଶ୍ୱର,୨୯।୪

ଏଚ୍‌ଡିଏଫ୍‌ସି କ୍ୟାପିଟାଲ ଆଡଭାଇଜର୍ସ ଲିମିଟେଡ ଏବଂ ଏଲଡେକୋ ଇନ୍‌ଫ୍ରାଷ୍ଟ୍ରକଚର ଆଣ୍ଡ ପ୍ରପର୍ଟିଜ ଲିମିଟେଡ (ଇଆଇପିଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ସ୍ଥାପନ ହୋଇଛି। ଏପରିକି ସାରା ଭାରତରେ ଆବାସିକ ପ୍ରକଳ୍ପଗୁଡ଼ିକର ବିକାଶ ପାଇଁ ଉଭୟ ସଂସ୍ଥା ଲକ୍ଷ୍ୟ ରଖିଥିବା ବେଳେ ମିଳିତ ପ୍ଲାଟଫର୍ମର ଆକାର ୩୫୦ କୋଟି ଟଙ୍କାରୁ ଆରମ୍ଭ ହୋଇ ବର୍ତ୍ତମାନ ୮୫୦ କୋଟି ଟଙ୍କାରେ ରହିଛି। ଦେଶରେ ବୃଦ୍ଧି ହେଉଥିବା ଆବାସିକ ଚାହିଦାକୁ ସମାଧାନ କରିବା ଲାଗି ଉଭୟ ସଂସ୍ଥା ଏକ ସଂକଳ୍ପବଦ୍ଧ ପ୍ରତିବଦ୍ଧତାକୁ ଦର୍ଶାଇଛନ୍ତି।

ଏ ସମ୍ପର୍କରେ ଏଲଡେକୋ ଗ୍ରୁପର ଅଧ୍ୟକ୍ଷ ପଙ୍କଜ ବଜାଜ କହିଛନ୍ତି, ଏଚ୍‌ଡିଏଫ୍‌ସି କ୍ୟାପିଟାଲ ସହିତ ଆମର ସହଭାଗିତା ଠିକ୍ ସମୟରେ ହୋଇଛି। ଦୀର୍ଘ ଦିନର ଅବନତି ପରେ ବର୍ତ୍ତମାନ ପ୍ରିମିୟମ ହାଉସିଂ ପ୍ରକଳ୍ପର ଚାହିଦା ମଧ୍ୟ ବଢ଼ିଛି। ଏପରିକି ଆମେ ଏହି ଚାହିଦାକୁ ପୂରଣ ପାଇଁ ନିଜକୁ ପ୍ରସ୍ତୁତ କରୁଛୁ।

ଏଚ୍‌ଡିଏଫ୍‌ସି କ୍ୟାପିଟାଲ ସହିତ ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଆରମ୍ଭ କରିଥିବା ସବୁ ପ୍ରକଳ୍ପ ଲାଗି ବହୁତ ଭଲ ପ୍ରତିକ୍ରିୟା ହାସଲ କରିଛୁ। ବାସ୍ତବରେ ଆମେ ଆମର ନୋଏଡା ପ୍ରକଳ୍ପ 'ଏଲଡେକୋ ଲା ଭିଡାବେଲା' ଆସନ୍ତା ସପ୍ତାହରେ ଶୁଭାରମ୍ଭ ହେବାକୁ ଯାଉଛି। ଏହା ସହିତ ୭୦୦ କୋଟି ଟଙ୍କାର ବ୍ୟବସାୟ ହେବାର ଆଶା ରଖିଛୁ। ଉକ୍ତ ପ୍ଲାଟଫର୍ମରେ ବିବିଧ ମିଶ୍ରଣ ରହିଛି, ଯାହା ଦ୍ୱିତୀୟ ସହରର ଟାଉନଶିପ, ଏନସିଆରର ଉଚ୍ଚବୃଦ୍ଧି ଓ ଋଷିକେଶ ଏବଂ ଗୋଆ ପରି ସ୍ଥାନରେ ଏହାର ବିସ୍ତାର ହେବା ଆଶା ରହିଛି।

ସେହିଭଳି ଏଚ୍‌ଡିଏଫ୍‌ସି କ୍ୟାପିଟାଲ ଆଡଭାଇଜର୍ସ ଲିମିଟେଡର ଏମ୍‌ଡି ତଥା ସିଇଓ ଭିପୁଲ ରୁଙ୍ଗଟା କହିଛନ୍ତି, ଏଲଡେକୋ ଗ୍ରୁପ ସହ ଆମର ନିରନ୍ତର ସହଯୋଗ ବିକାଶ ଓ ବିତରଣର ଏକ ଭଲ ଟ୍ରାକ ରେକର୍ଡ଼ ରହିଛି। ଏହା ସହିତ ଶୀର୍ଷ ରେଟେଡ ଡେଭଲପରମାନଙ୍କ ସହ ଭାଗୀଦାରି କରିବାର ରଣନୀତିକୁ ମଧ୍ୟ ଆଲୋକିତ କରିଥାଏ। ଏହି ବିନିଯୋଗ ମାଧ୍ୟମରେ ଭାରତର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ସହରରେ ସୁଲଭ ମୂଲ୍ୟରେ ଗୃହ ବିକାଶ ଲକ୍ଷ୍ୟ ରଖିଛୁ।

Classified Everyday

0674-2580101, 2549949

REAL ESTATE

SALE

Plot for sale near Trisulia, CISF Campus CDA, RERA approved (RP/07/2023/01069), (www.rera.odisha.gov.in). Contact- 7008513309. D-192

ଭୁବନେଶ୍ୱର ନଖରା ତ୍ରିନାଥବଜାର ନିକଟବର୍ତ୍ତୀ **30ft.** ରୋଡ୍, ଘରବାଡ଼ି **boundary** ଇଲେକ୍ଟ୍ରିସିଟି ସୁବିଧା ଥାଇ **Govt. Road**କୁ ଲାଗି **SC** ପ୍ଲଟ୍ ବିକ୍ରିହେବା **9777617151, 9090142564.** D-75951

ଭୁବନେଶ୍ୱରରେ ସବୁଠୁ ଶସ୍ତାରେ ଘରବାଡ଼ି ପ୍ଲଟ୍ କିଣନ୍ତୁ। Sqft.- 1850/-, 950/-, 650/-. 9938016295. D-75952

Ready to move 2BHK flat for sale @ 20 lakh near Gudiapokhari, Bhubaneswar. Call- 9437631769. D-093

Land for sale:- (Under BDA), Mouza/RI Office- Brahmanasadangi, Near Tankapani-Bentapur Road from Sai Temple, BBSR, Area- 6 acres, Price 1acre-5 crores for- Housing Project, Educational Institution, Hospital, Industry, Farming, no middle man, Price negotiable, Ph: 9938677366, 8249806871. D-148

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar NH-16** ଏବଂ **Sum-2 Hospital**ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। **6371200121.** D-75949

Shoproom (10' x 10') 2Nos. near Biju Patnaik College mainroad Jayadev Vihar, Bhubaneswar. Contact- 7008296802. D-187

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୍ୱ୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Monalisa massage Club: All types Body massage with hiprofile smart lady rooms service available. 9708545108. D-190

Relax, Refresh your Body, Mind at Saikrupa Spa with best therapies. 8984068077. D-094

Newly open Jyoti SPA positively health benefits (Expert therapist). 8458067955. D-76116

Relax, refresh your body, mind by expert therapist. Contact- 9938843929. D-76117

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75734

Newly open SPA positively health benefits with expert therapist. 8658466886. D-76115

AFFIDAVIT

By virtue of an affidavit sworn before the Executive Magistrate, Nuapada, I Dusmanta Sabar, S/o- Kubermani Sabar, R/o/ Village- Suklimundi, P.O.- Gandamer, Dist.- Nuapada, Odisha do hereby declare that I have been issued with an Aadhaar Card vide No. xxxxxxxx 2338 in which me and my father's name spelling is incorrect. I want to correct my name and my father's name. D-185

By affidavit in the Court of Executive Magistrate, Kanika, Kendrapara, CF No.-52AA 540007 dtd. 20.04.2024, I have been recognized, indentified & known as Hrusikesha Sahoo, S/o- Mahapatra Madan Mohan Sahoo, At- Patarpur, P.O.- Katana, P.S.- Rajkanika, Dist.- Kendrapara for all purposes. D-193

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ବେଆଇନ ଭାବେ ଡାଲି ମହଜୁଦ ରଖିଲେ କଡ଼ା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୯।୪ (ଅନୁରାଧା ମହାରଣା)

ଡାଲି ବେଆଇନ ଭାବେ ମହଜୁଦ ରଖୁଥିବା ବ୍ୟବସାୟୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କ

ମୁଖ୍ୟମନ୍ତ୍ରୀ ଯାହା କୁହନ୍ତି, ତାହା କାମରେ କରି ଦେଖାନ୍ତି: ପାଣ୍ଡିଆନ

କାଲିମେଳା, ମାଥିଲି, କୋଟପାଡ଼ରେ ନିର୍ବାଚନୀ ସଭା

ମାଲକାନଗିରି/କାଲିମେଳା/କୋଟପାଡ଼, ୨୯।୪ (ଦୁର୍ଯ୍ୟୋଧନ ପାତ୍ର/ଜୀବନକୃଷ୍ଣ ଦାସ/କେ.ରାଜଶେଖର ରାଓ)

କାଲିମେଳା ଷ୍ଟାଡିୟମ୍‌ରେ ସୋମବାର ଆୟୋଜିତ ନିର୍ବାଚନୀ ସଭାରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ଓ ଅନ୍ୟ ନେତୃବୃନ୍ଦ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା କୁହନ୍ତି, ତାହା କାମରେ କରି ଦେଖାନ୍ତି ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି। ମାଲକାନଗିରି ଜିଲା କାଲିମେଳା, ମାଥିଲି ଓ କୋରାପୁଟ ଜିଲାର କୋଟପାଡ଼ରେ ସୋମବାର ପ୍ରଚାର ବେଳେ ସେ ଏହା କହିଛନ୍ତି। ସେ ପ୍ରଥମେ ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କାଲିମେଳା ଷ୍ଟାଡିୟମରେ ଆୟୋଜିତ ନିର୍ବାଚନୀ ସମାବେଶରେ ଯୋଗ ଦେଇଥିଲେ। ଏଠାରେ ଜିଲାର ବିକାଶ କଥା କହିବା ସହ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା ବିଷୟରେ ବୁଝାଇବା ସହ ବିଗତ ଦିନରେ କାଲିମେଳାବାସୀଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରାଯାଇଥିବା ପାଣ୍ଡିଆନ୍ କହିଛନ୍ତି। ଏଠାରେ ମେ ୧୩ରେ ନିର୍ବାଚନ ଅଛି। ତେଣୁ ମାଲକାନଗିରି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ମାନସ ମାଡକାମି ଓ ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝିଙ୍କୁ ବିଜୟୀ କରାଇବା ଲାଗି ଭୋଟରଙ୍କୁ ସେ ଅନୁରୋଧ କରିଛନ୍ତି। ସଭାରେ ଯୋଡ଼ିଶଙ୍ଖ ବଜାଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ସହ ଓଡ଼ିଶା ପ୍ରଗତି ଓ ଉନ୍ନତିରେ ସାହାଯ୍ୟ କରିବାକୁ ସେ ଅନୁରୋଧ କରିଛନ୍ତି। ଓଡ଼ିଶାରେ ଡବଲ ଇଞ୍ଜିନ ନୁହେଁ, ନବୀନ ଇଞ୍ଜିନ କାମ କରୁଛି। କାଲିମେଳାରେ ମଧ୍ୟ ପୂର୍ବରୁ ବୋମା ଓ ଗୁଳି ଫୁଟୁଥିଲା, ଶାନ୍ତି ନ ଥିଲା, ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ଏଠାରେ ଶାନ୍ତି ଫେରିଛି ବୋଲି ପାଣ୍ଡିଆନ କହିଛନ୍ତି। ମାଲକାନଗିରିରେ ପୁଞ୍ଜିନିବେଶ ହେବା ସହ ଯୁବକଙ୍କ ପାଇଁ ରୋଜଗାର ସୁଯୋଗ ବଢ଼ିବ। ତେଣୁ ବିଜେଡିର ଉଭୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିବାକୁ ସେ କହିଛନ୍ତି। ଗତଥର ମାଲକାନଗିରି ଜିଲାରୁ ଜଣେ ବିଧାୟକ ପ୍ରାର୍ଥୀ ଜିତିଥିଲେ। ହେଲେ ଗତ ୫ ବର୍ଷ ହେଲା ତାଙ୍କର ଦେଖା ଦର୍ଶନ ମିଳୁନି। ସେ କେଉଁ ବିକାଶମୂଳକ କାମ କରିଛନ୍ତି, କେଉଁ ରାସ୍ତା କାମ କରିଛନ୍ତି ବୋଲି ପାଣ୍ଡିଆନ ପ୍ରଶ୍ନ କରିବା ସହ ମାଲକାନଗିରି ଜିଲାକୁ ମୁଖ୍ୟମନ୍ତ୍ରୀ ଏତେ ଭଲ ପାଆନ୍ତି ଯେ, ସବୁ ବଡ଼ ବଡ଼ ଯୋଜନା ଏହି ଅଞ୍ଚଳରୁ ଆରମ୍ଭ ହୋଇଛି। ୨୦୦୮ରେ ମୁଖ୍ୟମନ୍ତ୍ରୀ ପ୍ରଥମେ ମାଲକାନଗିରିରୁ ୨ ଟଙ୍କିଆ ଚାଉଳ ଯୋଜନା ଆରମ୍ଭ କରିଥିଲେ। ସ୍ୱାଭିମାନ ଅଞ୍ଚଳବାସୀଙ୍କ ଅନୁରୋଧ କ୍ରମେ ମାଲକାନଗିରିରୁ ଐତିହାସିକ ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ ହୋଇଛି ବୋଲି ପାଣ୍ଡିଆନ କହିଛନ୍ତି।

କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ମାନସ ମାଡକାମୀ ଓ ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଉପସ୍ଥିତ ରହି ଭାଷଣ ଦେଇଛନ୍ତି। ପରେ କର୍ମୀମାନଙ୍କ ସହ ଆଲୋଚନା କରି ପାଣ୍ଡିଆନ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାଥିଲି ବ୍ଲକ ହାଟପଦାରେ ଆୟୋଜିତ ନିର୍ବାଚନୀ ସଭାକୁ ସମ୍ବୋଧିତ କରିଛନ୍ତି। ସେଠାରେ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଓ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ବିଜେଡି ବିଧାୟିକା ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଜିତାଇବାକୁ ସେ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀଙ୍କ ସହ କାଲିମେଳା ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, ପଡ଼ିଆ ବ୍ଲକ ବିଜେଡି ସଭାପତି ଏମ୍‌ଡି ଫାରୁକ, ବ୍ଲକ କାର୍ଯ୍ୟକାରୀ ସଭାପତି ଡି. ବିଶ୍ୱନାଥ ରେଡ୍ଡୀ, କାଲିମେଳା ବ୍ଲକ ଅଧ୍ୟକ୍ଷା ସୁବାସିନୀ ସୋଡ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

ଶେଷରେ ପାଣ୍ଡିଆନ କୋଟପାଡ଼ ବ୍ଲକ ଭୈରବ ପଡିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଛନ୍ତି। ଚଳିତ ନିର୍ବାଚନରେ ବିଜେଡିକୁ ଭୋଟଦେଇ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ କରିବାକୁ ସେ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ଚନ୍ଦ୍ର ଶେଖର ମାଝି, ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଓ ବିଧାୟିକା ପଦ୍ମିନୀ ଦିଆନ ଉପସ୍ଥିତ ଥିଲେ।

କଂଗ୍ରେସରୁ ସମ୍ପର୍କ ଛିନ୍ନ କଲେ ଦୁଲାଲ

ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ବଦଳାଇବା ପରେ ନିଷ୍ପତ୍ତି

ସମ୍ବଲପୁର, ୨୯।୪ (ପ୍ରମୋଦ ବହିଦାର)

ଦୁଲାଲ ଚନ୍ଦ୍ର ପ୍ରଧାନ

ସମ୍ବଲପୁର ଲୋକ ସଭା ଆସନରେ ପୂର୍ବ ଘୋଷିତ କଂଗ୍ରେସ ପ୍ରାର୍ଥୀ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପ୍ରାର୍ଥିତ୍ୱ ପ୍ରତ୍ୟାହାର କରିଛି କଂଗ୍ରେସ। ତାଙ୍କ ସ୍ଥାନରେ ପୂର୍ବତନ ମନ୍ତ୍ରୀ ତଥା ଏମ୍‌ପି ନଗେନ୍ଦ୍ର ପ୍ରଧାନଙ୍କୁ ସମ୍ବଲପୁର ଲୋକ ସଭା ଆସନରେ ପ୍ରାର୍ଥୀ ଘୋଷଣା କରିଛି କଂଗ୍ରେସ। ଯାହାକୁ ନେଇ ଦୁଲାଲଙ୍କ ସମର୍ଥକଙ୍କ ସହିତ ସମ୍ବଲପୁରରେ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତାଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ଦୁଲାଲ ସୋମବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ଭାରତୀୟ ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ନିକଟକୁ ପ୍ରେରଣ କରିଥିବା ଜଣାପଡ଼ିଛି।

ରବିବାର କଂଗ୍ରେସ ପକ୍ଷରୁ ଓଡ଼ିଶାର ୨ଟି ଲୋକ ସଭା ଆସନ ଓ ୮ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ଏଥିରେ ଅପ୍ରତ୍ୟାଶିତ ଭାବେ ପୂର୍ବ ଘୋଷିତ କଂଗ୍ରେସ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଦୁଲାଲଙ୍କୁ ପରିବର୍ତ୍ତନ କରି ନୂତନ ଭାବେ ନଗେନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ପୂର୍ବରୁ ପ୍ରାର୍ଥୀ ହୋଇଥିବା ଦୁଲାଲ ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ନେଇ ନିଜ ସଂସଦୀୟ କ୍ଷେତ୍ରରେ ପ୍ରଚାର ମଇଦାନକୁ ଓହ୍ଲାଇ ସାରିଥିଲେ। ଏଭଳି ପରିସ୍ଥିତିରେ ପ୍ରାର୍ଥୀତ୍ୱ ପରିବର୍ତ୍ତନ ତାଙ୍କୁ ମର୍ମାହତ କରିଥିଲା। ସୋମବାର ସେ କଂଗ୍ରେସ ସହିତ ଦୀର୍ଘ ୩୨ ବର୍ଷର ସମ୍ପର୍କକୁ ଛିନ୍ନ କରିଛନ୍ତି। ତେବେ ସେ କେଉଁ ଦଳକୁ ଯିବେ ନିଷ୍ପତ୍ତି ନେଇ ନାହାନ୍ତି। ତେବେ ଖୁବ୍‌ଶୀଘ୍ର ସେ ବିଜେଡିରେ ଯୋଗ ଦେଇପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ବାଲେଶ୍ୱର: ଦଳ ବଦଳରୁ ବିଶୃଙ୍ଖଳା

ବାଲେଶ୍ୱର, ୨୯।୪ (ମାନସ ବିଶ୍ୱାଳ)

ନିର୍ବାଚନ ସମୟରେ ରାଜନୈତିକ ନେତାମାନେ ଦଳ ପରିବର୍ତ୍ତନ କରିବା ନୂଆ କଥା ନୁହେଁ। ହେଲେ ବାଲେଶ୍ୱର ଜିଲାରେ ଏହାର ମାତ୍ରା ଅଧିକ ହୋଇଛି। ବିଭିନ୍ନ ଦଳରେ ଥିବା ଆଶାୟୀମାନେ ଟିକେଟ ନ ପାଇ ଦଳ ଡେଉଁଥିବା ଦେଖିବାକୁ ମିଳୁଛି। ଏହି ଦଳ ବଦଳକାରୀ ନେତାଙ୍କୁ ଦଳର ଶୃଙ୍ଖଳିତ କର୍ମୀମାନେ ଗ୍ରହଣ ନ କରିପାରିବାରୁ ବିଶୃଙ୍ଖଳା ସୃଷ୍ଟି ହେଉଛି। ଯେଉଁ ନେତାମାନେ ଦଳ ବିରୁଦ୍ଧରେ ବିଶୋଦ୍‌ଗାର କରୁଥିଲେ, ସେମାନଙ୍କୁ ହଠାତ୍ ତଳସ୍ତରର କର୍ମୀ ଗ୍ରହଣ କରିପାରୁ ନାହାନ୍ତି। ଦଳୀୟ ଶୃଙ୍ଖଳା ଦୃଷ୍ଟିରୁ ଦଳୀୟ ବୈଠକ ଓ ରାଲିକୁ ଆସୁଛନ୍ତି, କିନ୍ତୁ ସେତେଟା ଉତ୍ସାହ ଦେଖାଯାଉ ନାହିଁ। ତାଙ୍କ ପ୍ରିୟ ନେତାଙ୍କୁ ଟିକେଟ ନ ଦେଲେ ସଂଘବଦ୍ଧ ଭାବରେ ଦଳରୁ ଇସ୍ତଫା ଦେବା ପାଇଁ ଦଳର ମୁଖିଆଙ୍କୁ ଧମକ ଦେଉଛନ୍ତି। ଆଉ କେହି କେହି ଟିକେଟ ଆଶାରେ ଦଳ ଛାଡ଼ି ଦେଇ ଅନ୍ୟ ଦଳରେ ଯୋଗଦେବାରେ ଲାଗିଛନ୍ତି।

ନୀଳଗିରି ବିଧାନସଭାରୁ ଭାଜପା ବିଧାୟକ ଚତୁରତାର ସହ ବିଜେଡିରେ ଯୋଗଦେଇ ଟିକେଟ ନେବାକୁ ଚାହିଁଥିଲେ। କିନ୍ତୁ ସେଠାରେ ବିଜେଡି ନେତା ସନ୍ତୋଷ ଖଟୁଆଙ୍କୁ ସମସ୍ତ କର୍ମୀ ଓ ନିର୍ବାଚିତ ନେତା ଛାଡ଼ି ଯାଉନାହାନ୍ତି। ସନ୍ତୋଷଙ୍କୁ ଟିକେଟ ନ ମିଳିଲେ ଭୟଙ୍କର ସ୍ଥିତି ଉପୁଜିବ ବୋଲି ଚିନ୍ତା କରି ବିଜେଡି ଉକ୍ତ ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଘୋଷଣା କରିପାରୁନାହିଁ।

ରେମୁଣା ନିର୍ବାଚନମଣ୍ଡଳୀର ବିଜେଡିର ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଟିକେଟ ନ ପାଇବା ଆଶଙ୍କାରେ କଂଗ୍ରେସରେ ଯୋଗଦେଇ ଟିକେଟ ହାତେଇଛନ୍ତି। ସେହିପରି ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଦଳରୁ ବହିଷ୍କାର ହେବା ପରେ ଅନେକ ଆଶାୟୀ ବିଧାୟକ ହେବାର ସ୍ୱପ୍ନ ଦେଖିଥିଲେ। ବହୁ ପୁରୁଖା ନେତା ବିଜେଡିରୁ ଟିକେଟ ପାଇଁ ଆଶା କରୁଥିବା ବେଳେ ଦଳର ମୁଖିଆ ଜଣେ ମହିଳା ସରପଞ୍ଚଙ୍କୁ ପ୍ରାର୍ଥୀନୀ କରିଛନ୍ତି। ଅଭିଜ୍ଞତା ନ ଥିବାରୁ ଦଳୀୟ କର୍ମୀଙ୍କୁ ମନେଇବାରେ ସମୟ ଯାଉଛି।

ଭୋଗରାଇ ବିଜେଡିରେ ପ୍ରାର୍ଥୀ ପରିବର୍ତ୍ତନ କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ଅନନ୍ତ ଦାସଙ୍କ ବଦଳରେ ଗୌତମବୁଦ୍ଧ ଦାସଙ୍କୁ ଟିକେଟ ମିଳିଛି। କଂଗ୍ରେସ ବହୁ ପୂର୍ବରୁ ତାର ପ୍ରାର୍ଥୀ ସତ୍ୟଶିବ ଦାସଙ୍କୁ ଘୋଷଣା କରିସାରିଛି।

ଜଳେଶ୍ୱରରେ ବିଜେଡି ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ବିରୋଧ କରିବାରୁ ଜଣେ ପୁରୁଖା ନେତା ବ୍ରଜମୋହନ ପ୍ରଧାନଙ୍କୁ ଭାଜପା ଟିକେଟ ଦେଇଛି। ତାଙ୍କୁ ଭାଜପାର ନେତା ଓ କର୍ମୀମାନେ ଗ୍ରହଣ କରି ନ ପାରି ବିରୋଧ କରୁଛନ୍ତି।

ସୋର ନିର୍ବାଚନମଣ୍ଡଳୀରେ ଭଦ୍ରକ ଜିଲା ଧାମନଗରର ରାଜକିଶୋର ଦାସଙ୍କୁ ଭାଜପା ପ୍ରାର୍ଥୀ କରିଛି। ଦୀର୍ଘଦିନ ଧରି ସେ ସୋର ନିର୍ବାଚନମଣ୍ଡଳୀରେ ପଶିପାରୁନାହାନ୍ତି। ସେଠାକାର କର୍ମୀ ଓ ନେତା ତାଙ୍କୁ ବିରୋଧ କରୁଛନ୍ତି। ଅନ୍ୟପକ୍ଷରେ ବିଜେଡିରୁ ଟିକେଟ ପାଇ ନ ଥିବା ବିଧାୟକ ପର୍ଶୁରାମ ଧଡ଼ା ଶୁକ୍ରବାର ଭାଜପାରେ ଯୋଗଦେଇଛନ୍ତି। ଉକ୍ତ ନିର୍ବାଚନମଣ୍ଡଳୀରେ ଟିକେଟ ପରିବର୍ତ୍ତନ କରାଯିବା ଚର୍ଚ୍ଚା ହେଉଛି।

ବାଲେଶ୍ୱର ଲୋକସଭା ପ୍ରାର୍ଥୀ ଭାବରେ ୩ଟି ପ୍ରମୁଖ ଦଳ ପ୍ରାର୍ଥୀ ଘୋଷଣା କରିଛନ୍ତି। ଭାଜପାରୁ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କଂଗ୍ରେସରୁ ଶ୍ରୀକାନ୍ତ ଜେନା ଓ ବିଜେଡିରୁ ଲେଖାଶ୍ରୀ ସାମନ୍ତସିଂହାର। କିନ୍ତୁ ଲେଖାଶ୍ରୀ ନିଜ ରାଜନୈତିକ କ୍ୟାରିୟରରେ ବିଗତ ୧୦ବର୍ଷ ଧରି ପ୍ରାୟ ପ୍ରତ୍ୟେକ ଦିନ ଗଣମାଧ୍ୟମରେ ବିଜେଡି ସରକାରଙ୍କ ବିରୋଧରେ ଭିନ୍ନ ଭିନ୍ନ ଘଟଣାକୁ ନେଇ କଟାକ୍ଷ କରୁଥିଲେ। ହଠାତ୍ କିଛିଦିନ ପୂର୍ବରୁ ବିଜେଡିରେ ଯୋଗଦେଇ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେଡିର ପ୍ରାର୍ଥିନୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତାଙ୍କର କୌଣସି ନିଜସ୍ୱ ସଙ୍ଗଠନ ନ ଥିବାରୁ ବିଜେଡିର କେତେକ ନେତା ଓ କର୍ମୀଙ୍କ ଉପରେ ଭରସା କରିବାକୁ ବାଧ୍ୟ ହୋଇଛନ୍ତି। ଲୋକସଭା କ୍ଷେତ୍ରର ନୀଳଗିରି, ଭୋଗରାଇ, ରେମୁଣା, ବସ୍ତା, ଜଳେଶ୍ୱର ବିଧାନସଭା କ୍ଷେତ୍ରରେ କର୍ମୀମାନଙ୍କର ବିଦ୍ରୋହ କିପରି ଭାବରେ ସମାଧାନ ହେବ ତାହା ଏବେ ବଡ଼ ପ୍ରଶ୍ନ।

ସମ୍ବଲପୁର ଏମ୍‌ପିଙ୍କ ଇସ୍ତଫା ଗୁଜବ

ଭାଜପାରେ ଅଛି, ଫେସ୍‌ବୁକ ଆକାଉଣ୍ଟ ହ୍ୟାକ୍ ହୋଇଛି: ନିତେଶ

ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ

ଦେବଗଡ଼, ୨୯।୪ (ଶଶାଙ୍କ ଶେଖର ଝାଙ୍କର)

ମୁଁ ସୁସ୍ଥ ଅଛି ଓ ଭାଜପାରେ ଅଛି। ଭାଜପା ପାଇଁ ପ୍ରଚାର ମଧ୍ୟ କରିବି। 'ମୋର ଫେସ୍‌ବୁକ ଆକାଉଣ୍ଟ ହ୍ୟାକ୍ କରାଯାଇଛି' ବୋଲି ଭାଜପା ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ପ୍ରକାଶ କରିଛନ୍ତି। ଗଙ୍ଗଦେବଙ୍କ ଫେସ୍‌ବୁକ ଆକାଉଣ୍ଟରେ ଏକ ପୋଷ୍ଟ କରାଯାଇଥିଲା। ଯେଉଁଥିରେ 'ମୋର ଦେହ ଅସୁସ୍ଥତା କାରଣରୁ ମୁଁ କିଛିଦିନ ପାଇଁ ରାଜନୈତିକ କାର୍ଯ୍ୟକଳାପରୁ ବିରତି ନେଇ ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଉଛି, ଆପଣ ଆମର ବାମଣ୍ଡା ରାଜପରିବାର ତଥା ମୋର ଧର୍ମପତ୍ନୀ ଅରୁନ୍ଧତୀ କୁମାରୀ ଦେବୀଙ୍କୁ ସହଯୋଗ ଓ ଆଶୀର୍ବାଦ ଦେବେ ବୋଲି ଆଶା ଏବଂ କାମନା କରୁଛି' ବୋଲି ଉଲ୍ଲେଖ କରାଯାଇଛି। ଏ ନେଇ ମତାମତ ଲୋଡିବା ନିମନ୍ତେ ଗଙ୍ଗଦେବଙ୍କୁ ଯୋଗାଯୋଗ କରାଯାଇଥିଲା। ଏହାର ଉତ୍ତରରେ ସେ କହିଥିଲେ ଯେ, ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି ଓ ଏବେ ମଧ୍ୟ ଭାଜପାରେ ସକ୍ରିୟ ଅଛି। ମୁଁ ଭାଜପା ପାଇଁ ପ୍ରଚାର ମଧ୍ୟ କରିବି। ଯଦି ମୋର ଅସୁସ୍ଥତା ଓ ଇସ୍ତଫା ଦେଇଥିବା ନେଇ ଫେସ୍‌ବୁକ୍‌ରେ ପୋଷ୍ଟ କରାଯାଇଛି, ତାହା କେବଳ ଗୁଜବ। ମୋର ଫେସ୍‌ବୁକ୍ ଆକାଉଣ୍ଟ କେହି ହ୍ୟାକ କରି ଏହାର ଅପବ୍ୟବହାର ଓ ଅପପ୍ରଚାର କରୁଛନ୍ତି। ଏଣୁ ଏକଥାକୁ କେହି ବିଶ୍ୱାସ ନ କରନ୍ତୁ ବୋଲି ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

'ଓଡ଼ିଆ ଅସ୍ମିତାକୁ ଜାଗ୍ରତ କରି ରାଜ୍ୟକୁ ୧ ନମ୍ବର କରିବା'

ଠାକୁରଗଡ଼ରେ ଅନୁଷ୍ଠିତ ପରିବର୍ତ୍ତନ ସମାବେଶ ଓ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଅନ୍ୟ ନେତାମାନେ।

ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଚାର

ଅନୁଗୋଳ, ୨୯।୪ (ଅମିତ କୁମାର ସାମଲ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/ ବଇଣ୍ଡା (ପରିକ୍ଷିତ ସାହୁ)

ଓଡ଼ିଶାରେ ପ୍ରଥମ ଥର ଓ କେନ୍ଦ୍ରରେ ତୃତୀୟ ଥର ପାଇଁ ଭାଜପା ସରକାର ହେବ। ଓଡ଼ିଶାରେ ସର୍ବାଧିକ ସିଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସପକ୍ଷରେ ଯିବ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଓଡ଼ିଆ ଅସ୍ମିତାକୁ ଜାଗ୍ରତ କରି ଓଡ଼ିଶାକୁ ୧ ନମ୍ବର ରାଜ୍ୟ ଭାବରେ ଗଢ଼ିତୋଳିବା ପାଇଁ ଭାଜପାକୁ ଭୋଟ ଦେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଅନୁଗୋଳ ଜିଲା ଆଠମଲ୍ଲିକରେ ନିର୍ବାଚନ ପ୍ରଚାର ବେଳେ ଲୋକଙ୍କୁ ନିବେଦନ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ପ୍ରଥମେ ଆଠମଲ୍ଲିକ ନିର୍ବାଚନମଣ୍ଡଳୀର କୃତିବାସପୁରରେ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇ କଂଗ୍ରେସ ନେତା ସିଦ୍ଧେଶ୍ୱର ସାହୁ, ସର୍ବେଶ୍ୱର ପ୍ରଧାନଙ୍କ ସମେତ ଶତାଧିକ ନେତା, କର୍ମୀ ଏବଂ ସାମାଜିକ କର୍ମୀଙ୍କୁ ଦଳକୁ ସ୍ୱାଗତ କରିଥିଲେ। ପରେ ଠାକୁରଗଡ଼ଠାରେ ଅନୁଷ୍ଠିତ ବିଶାଳ ରୋଡ୍ ଶୋ'ରେ ସାମିଲ ହୋଇ ଭାଜପାକୁ ଆଶୀର୍ବାଦ କରିବା ପାଇଁ ନିବେଦନ କରିଥିଲେ। ଏହାପରେ ଠାକୁରଗଡ଼ରେ ଅନୁଷ୍ଠିତ ପରିବର୍ତ୍ତନ ସମାବେଶ ଓ ମିଶ୍ରଣ ପର୍ବରେ ଯୋଗଦେଇଥିଲେ। ବିଜେଡି ଛାଡ଼ିଥିବା ପ୍ରକାଶ ଡାଙ୍ଗଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ଶତାଧିକ ନେତା ଓ କର୍ମୀଙ୍କୁ ଦଳରେ ସାମିଲ କରିଥିଲେ। ଧର୍ମେନ୍ଦ୍ରଙ୍କ ସହ ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁ ମଧ୍ୟ ଭୋଟ ଭିକ୍ଷା କରିଥିଲେ। ତାଙ୍କ ସହ ରମେଶ ଚନ୍ଦ୍ର ସାଏ, ଦିଲୀପ ପ୍ରଧାନ ଓ ଜିଲାର ବିଭିନ୍ନ ପଦବୀରେ ଥିବା ଭାଜପାର ନେତା, କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ଲୁଟ ଚାଲିଥିବାରୁ ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶାରେ ବିକାଶ ହେଉନାହିଁ। ରୋଜଗାର ଉପଲବ୍ଧ କରିବାରେ ଓଡ଼ିଶା ବିଫଳ ହୋଇଛି। ମହିଳା ସୁରକ୍ଷାରେ ରାଜ୍ୟ ଶେଷ ତାଲିକାରେ ଅଛି। ଏପ୍ରିଲରେ ପୁରୀ ସହରରେ ହଇଜା ହେବା କ'ଣ ବିକାଶ କୁହାଯିବ। ନବୀନ ପଟ୍ଟନାୟକ ଭିଡିଓରେ ଅଛନ୍ତି। ଓଡ଼ିଆ ଲୋକଙ୍କୁ ଘୃଣା କରୁଥିବା ଲୋକମାନଙ୍କ ହାତରେ ଓଡ଼ିଶାର ରିମୋର୍ଟ ଅଛି। ରାବଣ ଓ କଂସର ମଧ୍ୟ ଏହିପରି ଅହଂକାର ଥିଲା। ଲୋକମାନେ ତାଙ୍କର ଗର୍ବ ଓ ଅହଂକାରକୁ ଭଙ୍ଗ କରିବେ। ଭାଜପା ସରକାର ଆସିଲେ ବେନାମୀ ସମ୍ପତ୍ତି ଥିବା ଲୋକଙ୍କ ସ୍ଥାନ ଜେଲ ଭିତରେ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ।

ବିଜେଡିରେ ମିଶିଲେ ଛତ୍ରପୁର ଭାଜପା ନେତା

ଭୁବନେଶ୍ୱର, ୨୯।୪ (ଅନିଲ ଦାସ)

ଗଞ୍ଜାମ ଜିଲା ଅନ୍ତର୍ଗତ ଛତ୍ରପୁର ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା ନେତା ଓ କର୍ମୀ ସୋମବାର ଶଙ୍ଖଭବନ ଠାରେ ରାଜ୍ୟସଭା ସଦସ୍ୟ ଡ. ସସ୍ମିତ ପାତ୍ର ଓ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଦେବାନନ୍ଦ

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୩୦/୨୦୨୪ Bhubaneswar, Tuesday, April 30/ 2024

କେକେଆରର ଷଷ୍ଠ ବିଜୟ

କୋଲକାତା,୨୯।୪

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌କୁ ୭ ଉଇକେଟରେ ଜିତି କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଷଷ୍ଠ ବିଜୟ ହାସଲ କରିଛି। ଦିଲ୍ଲୀ ୨୦ ଓଭରରେ ୯ ଉଇକେଟ ହରାଇ ୧୫୩ ରନ୍ କରିଥିଲା। ଜବାବରେ କେକେଆର ୧୬.୩ ଓଭରରେ ୩ ଉଇକେଟ ହରାଇ ୧୫୭ ରନ୍ କରିଥିଲା।

ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବ୍ୟାଟିଂ କରିଥିଲା। ପୃଥ୍ୱୀ ଶ(୧୩) ଓ ଜ୍ୟାକ୍ ଫ୍ରେଜର ମ୍ୟାଗୁର୍କ(୧୨) ବିଫଳ ହୋଇଥିବା ବେଳେ ଦଳ ୩୭ ରନ୍‌ରେ ୩ ଉଇକେଟ ହରାଇଥିଲା। ରିଷଭ ପନ୍ତ(୨୭) ଓ ଅଭିଷେକ ପୋରେଲ(୧୮) ଇନିଂସ ସଜାଡିବାକୁ ଉଦ୍ୟମ କରିଥିଲେ। ମଧ୍ୟକ୍ରମରେ ଅକ୍ଷର ପଟେଲ(୧୫), ଟ୍ରିଷ୍ଟାନ ଷ୍ଟବ୍ସ(୪) ଓ କୁମାର କୁଶାଗ୍ର(୧) ଆଉଟ ହେବାରୁ ଦିଲ୍ଲୀ ୧୧୧ ରନ୍‌ରେ ୮ ଉଇକେଟ ହରାଇଥିଲା। ତେବେ କୁଲଦୀପ ଯାଦବ ୨୬ ବଲ୍ ଖେଳି ୫ ଚୌକା ଓ ୧ ଛକା ସହ ସେ ୩୫ ରନ୍ କରି ଶେଷ ଯାଏ ଅପରାଜିତ ଥିଲେ। କେକେଆର ପକ୍ଷରୁ ବରୁନ୍ ଚକ୍ରବର୍ତ୍ତୀ ୩ ଉଇକେଟ ନେଇଥିବା ବେଳେ ବୈଭବ ଅରୋରା ଓ ହର୍ଷିତ ରାଣା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୫୪ ରନ୍‌ର ଲକ୍ଷ୍ୟ ନେଇ ଫିଲ୍ ସଲ୍ଟ(୬୮) ଓ ସୁନୀଲ ନାରିନ୍(୧୫) କୋଲକାତା ପକ୍ଷରୁ ଦ୍ରୁତ ଆରମ୍ଭ କରିଥିଲେ। ଉଭୟ ଖେଳାଳି ପ୍ରଥମ ଉଇକେଟରେ ୭୯ ରନ୍ ଯୋଡିଥିଲେ। ସଲ୍ଟ ମାତ୍ର ୩୩ ବଲ୍ ଖେଳି ୭ ଚୌକା ଓ ୫ ଛକା ସହ ୬୮ ରନ୍ କରିଥିଲେ। ମାତ୍ର ୪ ରନ୍ ମଧ୍ୟରେ ଫିଲ ସଲ୍ଟ ଓ ରିଙ୍କୁ ସିଂ(୧୧) ଆଉଟ ହୋଇଥିଲେ। ତେବେ ଅଧିନାୟକ ଶ୍ରେୟସ ଆୟର ଓ ଭେଙ୍କଟେଶ ଆୟର ଅବିଭାଜିତ ୫୭ ରନ୍ ଯୋଡି କୋଲକାତାକୁ ବିଜୟୀ କରିଥିଲେ। ଶ୍ରେୟସ ୨୩ ବଲ୍ ଖେଳି ୩ ଚୌକା ଓ ୧ ଛକା ସହ ୩୩ ରନ୍ କରିଥିଲେ। ଅନ୍ୟ ପକ୍ଷରେ ଭେଙ୍କଟେଶ ଆୟର ୨୩ ବଲ୍ ଖେଳି ୨ ଚୌକା ଓ ୧ ଛକା ସହ ୨୬ ରନ୍ କରିଥିଲା। ଦିଲ୍ଲୀ ପକ୍ଷରୁ ଅକ୍ଷର ପଟେଲ ୨ ଓ ଲିଜାଡ ୱିଲିୟମ୍ସ ୧ ଉଇକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୫୩/୯ (କୁଲଦୀପ ଯାଦବ-୩୫*, ରିଷଭ ପନ୍ତ-୨୭, ଅଭିଷେକ ପୋରେଲ-୧୮, ବରୁନ୍ ଚକ୍ରବର୍ତ୍ତୀ-୩/୧୬, ହର୍ଷିତ ରାଣା-୨/୧୮, ବୈଭବ ଅରୋରା-୨/୨୯)। କୋଲକାତା ନାଇଟ ରାଇଡର୍ସ ୧୬.୩ ଓଭରରେ ୧୫୭/୩(ଫିଲ ସଲ୍ଟ-୬୮, ଶ୍ରେୟସ ଆୟର-୩୩*, ଭେଙ୍କଟେଶ ଆୟର-୨୬*, ଅକ୍ଷର ପଟେଲ-୨/୨୫, ଲିଜାଡ୍ ୱିଲିୟମ୍ସ-୧/୩୮)।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବରୁନ ଚକ୍ରବର୍ତ୍ତୀ।

ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

ଲକ୍ଷ୍ନୌ ବନାମ ମୁମ୍ବାଇ

ସ୍ଥାନ: ଲକ୍ଷ୍ନୌ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଆଇପିଏଲ୍ ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ	ରନ ହାର
ରାଜସ୍ଥାନ ରୟାଲ୍ସ	୯	୮	୧	୧୬	+୦.୬୯୪
କୋଲକାତା ନାଇଟ ରାଇଡର୍ସ	୯	୬	୩	୧୨	+୦.୦୯୬
ଚେନ୍ନାଇ ସୁପର କିଙ୍ଗ୍ସ	୯	୫	୪	୧୦	+୦.୮୧୦
ସନ୍‌ରାଇଜର୍ସ ହାଇଦ୍ରାବାଦ	୯	୫	୪	୧୦	+୦.୦୭୫
ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ	୯	୫	୪	୧୦	+୦.୦୫୯
ଦିଲ୍ଲୀ କ୍ୟାପିଟାଲ୍ସ	୧୧	୫	୬	୧୦	-୦.୪୪୨
ଗୁଜରାଟ ଟାଇଟନ୍ସ	୧୦	୪	୬	୮	-୧.୧୧୩
ପଞ୍ଜାବ କିଙ୍ଗ୍ସ	୯	୩	୬	୬	-୦.୧୮୭
ମୁମ୍ବାଇ ଇଣ୍ଡିଆନ୍ସ	୯	୩	୬	୬	-୦.୨୬୧
ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ	୧୦	୩	୭	୬	-୦.୪୧୫

ଗୋଲ୍‌ସ୍କୋର କରିବା ପରେ ଜର୍ଜ ପେରେରା ଡିଆଜ୍।

ଫାଇନାଲରେ ମୁମ୍ବାଇ ସିଟି, ମୋହନ ବାଗାନ

ଇଣ୍ଡିଆନ୍ ସୁପର ଲିଗ୍

ମୁମ୍ବାଇ,୨୯।୪

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି ମୁମ୍ବାଇ ସିଟି ଏଫ୍‌ସି। ଦ୍ୱିତୀୟ ସେମି ଫାଇନାଲରେ ଏଫ୍‌ସି ଗୋଆକୁ ଏଗ୍ରିଗେଟ ୫-୨ରେ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲା ମୁମ୍ବାଇ। ପ୍ରଥମ ଚରଣ ମ୍ୟାଚ୍‌ରେ ଦଳ ୩-୨ରେ ଆଗୁଆ ରହିଥିବା ବେଳେ ସୋମବାର ଦ୍ୱିତୀୟ ଚରଣ ମ୍ୟାଚରେ ଦଳ ୨-୦ରେ ବିଜୟୀ ହୋଇଛି। ଦଳ ପକ୍ଷରୁ ଜର୍ଜ ପେରେରା ଡିଆଜ(୬୯ ମିନିଟ) ଓ ଲାଲିଆଞ୍ଜୁଲା ଛାଙ୍ଗଟେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହା ସହିତ ଲିଗ୍ ପର୍ଯ୍ୟାୟରେ ପ୍ରଥମ ଦୁଇ ସ୍ଥାନରେ ଥିବା ମୋହନ ବାଗାନ ସୁପର ଜାଏଣ୍ଟ୍ସ ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଫାଇନାଲ ମ୍ୟାଚ୍ ମେ ୪ ତାରିଖରେ ଖେଳାଯିବ।

ପ୍ରଥମ ଚରଣର ସେମି ଫାଇନାଲରେ ମ୍ୟାଚ୍‌ର ପ୍ରଥମ ୯୦ ମିନିଟ ଗୋଆ ୨-୦ରେ ଆଗୁଆ ରହିଥିଲା। ତେବେ ୬ ମିନିଟର ଇଞ୍ଜୁରୀ ଟାଇମରେ ୩ଟି ଗୋଲ ଦେଇ ମୁମ୍ବାଇ ଆଗୁଆ ରହିଥିଲା। ଲାଲିଆଞ୍ଜୁଲା ଛାଙ୍ଗଟେ ଡବଲ୍ ଗୋଲ ଦେଇଥିବା ବେଳେ ବିକ୍ରମ ପ୍ରତାପ ସିଂ ଗୋଟିଏ ଗୋଲ ଦେଇଥିଲେ। ୩-୨ରେ ଆଗୁଆ ରହିଥିବା ମୁମ୍ବାଇ ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଗୋଆ ମ୍ୟାଚ୍‌ର ୫୪ ପ୍ରତିଶତ ସମୟ ବଲ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ବିଜୟୀ ହୋଇ ପାରି ନ ଥିଲା। ୬୯ ତମ ମିନିଟରେ ପେରେରା ଡିଆଜ୍ ମୁମ୍ବାଇ ପକ୍ଷରୁ ଗୋଟିଏ ଗୋଲ ଦେଇଥିଲେ। ୮୩ ତମ ମିନିଟରେ ଛାଙ୍ଗଟେ ଅନ୍ତିମ ଗୋଲ ଦେଇଥିଲେ।

ଓଡ଼ିଶା ରାଜ୍ୟ ଜୁ-ଜିତ୍‌ସୁ ସଂଘର କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର, ୨୯।୪ (ବିଜୟ ରଣା): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଓଡ଼ିଶା ରାଜ୍ୟ ଜୁ-ଜିତ୍‌ସୁ ସଂଘ (୨୦୨୪-୨୮)ର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ତରଞ୍ଜନ ସ୍ୱାଇଁ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଗୌରୀ ମହାନ୍ତି, ଶୁଭାଶିଷ ମହାପାତ୍ର, ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ ଓ ଖାରବେଳ ମଲିକ ପ୍ରମୁଖ ଉପ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ହରିପ୍ରସାଦ ପଟ୍ଟନାୟକ ସମ୍ପାଦକ ଏବଂ ଦୀପକ କୁମାରୀ ସାମନ୍ତରା, ମୀର ଅଜମତ ଅଲୀ ଯୁଗ୍ମ ସମ୍ପାଦକ ଓ ହିମାଂଶୁ ଶେଖର ଦାସ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ଚିନ୍ମୟୀ ଭୂୟାଁ ଓ ସନ୍ଦୀପ ଦାସ କାର୍ଯ୍ୟକାରିଣୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ବିଶେଷ ସଫଳତା ହାସଲ କରିଥିବା ଅନୁପମା ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସେଣ୍ଟିଲ କୁମାରଙ୍କୁ ଟାଇଟଲ

ଟ୍ରଫି ସହ ଭେଲାଭାନ ସେଣ୍ଟିଲକୁମାର।

ପ୍ୟାରିସ, ୨୯।୪ (ପି.ଟି.)

ଭାରତର ଭେଲାଭାନ ସେଣ୍ଟିଲକୁମାର ଏଠାରେ ବ୍ୟାଚ୍ ଓପନ ଚ୍ୟାଲେଞ୍ଜର ଇଭେଣ୍ଟ ଜିତିଛନ୍ତି। ଏହା ହେଉଛି ତାଙ୍କର ୮ମ ପ୍ରଫେସନାଲ ସ୍କ୍ୱାଶ ଆସିସଏଶନ (ପିଏସ୍‌ଏ) ଟୁର୍ ଟାଇଟଲ। ବିଶ୍ୱର ୬୮ନମ୍ବର ମାନ୍ୟତାପ୍ରାପ୍ତ ସେଣ୍ଟିଲ କୁମାର ଫାଇନାଲରେ ଫ୍ରାନ୍ସର ମେଲଭିଲ୍ ସ୍କିଆନିମାନିକୋଙ୍କୁ ୧୧-୬, ୧୧-୯, ୧୧-୬ରେ ହରାଇ ଦେଇଛନ୍ତି। ଏଠାରେ ଟପ୍ ସିଡ୍ ମାନ୍ୟତା ପାଇଥିବା ସେଣ୍ଟିଲକୁମାର ହେଉଛନ୍ତି ଚେନ୍ନାଇ ବାସିନ୍ଦା।

ଦୀପିକା କୁମାରୀ ପୁନର୍ବାର ଟପ୍ସରେ

ନୂଆଦିଲ୍ଲୀ, ୨୯।୪ (ପି.ଟି.): ନିକଟରେ ସାଂଘାଇରେ ଶେଷ ହୋଇଥିବା ବିଶ୍ୱକପ୍‌ରେ ଏକ ରୌପ୍ୟ ଜିତିଥିବା ପୂର୍ବତନ ବିଶ୍ୱର ନମ୍ବର ୱାନ ତୀରନ୍ଦାଜ ଦୀପିକା କୁମାରୀଙ୍କୁ ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ପୁନର୍ବାର ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ରେ ସାମିଲ କରାଯାଇଥିବା କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ସୋମବାର ଘୋଷଣା କରାଯାଇଛି। ୨୦୨୨ ଡିସେମ୍ବରରେ ମାତୃତ୍ୱ ଲାଭ ପରେ ଦୀପିକା ସମଗ୍ର ସିଜନ ତୀରନ୍ଦାଜୀରୁ ଦୂରେଇ ଯାଇଥିଲେ। ନିକଟରେ ସେ ଖେଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ମଞ୍ଚରେ ତାଙ୍କର ପ୍ରଦର୍ଶନ ଭଲ ରହିଛି। ୨୯ବର୍ଷୀୟା ରିକର୍ଭ ଆର୍ଚର ହେଉଛନ୍ତି ଜଣେ ୩ ଥର ଅଲିମ୍ପିଆନ। ଚଳିତବର୍ଷ ପ୍ରାରମ୍ଭରେ ସେ ଏସିଆ କପ୍‌ରେ ପଦକ ଜିତିପାରିଛନ୍ତି। ପୁରୁଷ ବ୍ୟକ୍ତିଗତ ଇଭେଣ୍ଟରେ ଧୀରଜ ବୋମାଦେବରା ଗତବର୍ଷ ବ୍ୟାଙ୍କକଠାରେ ରୌପ୍ୟ ପଦକ ଜିତିବା ପରେ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିପାରିଛନ୍ତି। ଆଉ କେବଳ ଗୋଟିଏ ମାତ୍ର କ୍ୱାଲିଫାଇଂ ଟୁର୍ନାମେଣ୍ଟ ହେବାକୁ ବାକି ରହିଛି। ଏହା ତୁର୍କୀର ଆଣ୍ଟାଲ୍ୟାଠାରେ ଜୁନ୍ ୧୫ ଓ ୧୬ରେ ଅନୁଷ୍ଠିତ ହେବ। ଅନ୍ୟ ଜଣେ ତୀରନ୍ଦାଜ ମୃଣାଳ ଚୌହାନଙ୍କୁ ଟପ୍ସର ଡେଭଲପମେଣ୍ଟ ଗ୍ରୁପ୍‌ରେ ସାମିଲ କରାଯାଇଥିବାବେଳେ ପ୍ରବୀଣ ଯାଦବଙ୍କୁ ଡେଭଲପମେଣ୍ଟ ଟୁ କୋର୍ ଗ୍ରୁପ୍‌ରୁ ଏବଂ ପାରା-ପାୱାରଲିଫ୍ଟର ଅଶୋକଙ୍କୁ ଟପ୍ସ କୋର୍ ଗ୍ରୁପ୍‌ରେ ସାମିଲ କରାଯାଇଥିବା କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଏକ ବିବୃତିରେ କୁହାଯାଇଛି।

ରନର୍‌ଅପ୍ ଟ୍ରଫି ସହ କିଟ୍ ବାଳିକା ଓ ବାଳକ ରଗ୍‌ବୀ ଦଳ।

ଚାମ୍ପିୟନ୍ସ ଟ୍ରଫି ଭେନ୍ୟୁ ଘୋଷଣା କଲା ପିସିବି

ଲାହୋର,୨୯।୪(ପି.ଟି.)

ଆସନ୍ତା ୨୦୨୫ ଆଇସିସି ଚାମ୍ପିୟନ୍ସ ଟ୍ରଫି ପାକିସ୍ତାନରେ ଖେଳାଯିବ। ଏହା ପୂର୍ବରୁ ସୋମବାର ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ପକ୍ଷରୁ ୩ଟି ଭେନ୍ୟୁ ଘୋଷଣା କରାଯାଇଛି। ପିସିବି ପକ୍ଷରୁ ପ୍ରକାଶିତ ସୂଚନା ଅନୁସାରେ କରାଚୀ, ଲାହୋର ଓ ରାଓ୍ୱଲପିଣ୍ଡିକୁ ଏହି ଆଇସିସି ଇଭେଣ୍ଟ ପାଇଁ ଚୟନ କରାଯାଇଛି। ଭାରତୀୟ କ୍ରିକେଟ ଦଳ ପାକିସ୍ତାନରେ ଖେଳିବାକୁ ଅନିଚ୍ଛା ପ୍ରକାଶ କରିଥିବା ବେଳେ ଏହା ହାଇବ୍ରିଡ ମଡେଲରେ ମଧ୍ୟ ଖେଳାଯାଇପାରେ। ଶେଷ ଥର ଚାମ୍ପିୟନ୍ସ ଟ୍ରଫି ପାଇଁ ମଧ୍ୟ ଅନୁମତି ନ ମିଳେ ତେବେ ମଧ୍ୟ ଆଇସିସି ସମାନ ଭାବରେ ହାଇବ୍ରିଡ ମଡେଲ ପାଇଁ ୨୦୧୭ରେ ଚାମ୍ପିୟନ୍ସ ଟ୍ରଫି ଇଂଲଣ୍ଡରେ ଖେଳା ଯାଇଥିଲା। ଆସନ୍ତା ଫେବୃଆରୀ- ମାର୍ଚ୍ଚ ୨୦୨୫ ମଧ୍ୟରେ ଏହି ଟୁର୍ନାମେଣ୍ଟ ଖେଳାଯିବାର ସମ୍ଭାବନା ରହିଛି।

ପୂର୍ବରୁ ଭାରତୀୟ କ୍ରିକେଟ ଦଳକୁ ପାକିସ୍ତାନରେ ମ୍ୟାଚ୍ ଖେଳିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଅନୁମତି ମିଳି ନ ଥିଲା। ଫଳରେ ଏସିଆ କପ୍ କ୍ରିକେଟ ହାଇବ୍ରିଡ୍ ମଡେଲରେ ଖେଳା ଯାଇଥିଲା। ସମାନ ଢଙ୍ଗରେ ଯଦି ଅନୁସରଣ କରିବାର ସମ୍ଭାବନା ରହିଛି। ଏହା ସହ କୌଣସି ସଦସ୍ୟ ରାଷ୍ଟ୍ର ଏହାର ସରକାରଙ୍କ ନିୟମକୁ ଅଣଦେଖା କରିପାରିବେ ନାହିଁ ବୋଲି ଆଇସିସି କହିଛି।

ଅନ୍ୟପକ୍ଷରେ ପିସିବି ଚେୟାରମ୍ୟାନ୍ ମୋହସିନ୍ ନକ୍‌ଭି ଲାହୋରରେ ଏକ ଖବରଦାତା ସମ୍ମିଳନୀ କରି ଭେନ୍ୟୁ ସମ୍ପର୍କରେ ଘୋଷଣା କରିଛନ୍ତି। ପାକିସ୍ତାନରେ ଖେଳା ଯିବାକୁ ଥିବା ମ୍ୟାଚ୍‌ଗୁଡିକୁ ନେଇ ଆଇସିସିକୁ ପ୍ରସ୍ତାବ ଦିଆଯାଇଛି ବୋଲି ନକ୍‌ଭି କହିଛନ୍ତି। ଆଇସିସିର ସୁରକ୍ଷା ପରିଷଦ ପାକିସ୍ତାନ ଗସ୍ତ କରିଥିଲେ।

୧୭ ବର୍ଷରୁ କମ୍ ଜାତୀୟ ସ୍କୁଲ୍ ରଗ୍‌ବୀ

ଓଡ଼ିଶାକୁ ୨ ରୌପ୍ୟ

ଭୁବନେଶ୍ୱର, ୨୯।୪ (ସରୋଜ କେନା): ପୁଣେର ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ଜାତୀୟ ସ୍କୁଲ୍ ରଗ୍‌ବୀ ଟୁର୍ନାମେଣ୍ଟରେ ଓଡ଼ିଶା ଦଳ ଦୁଇଟି ରୌପ୍ୟ ପଦକ ବିଜୟୀ ହୋଇଛି। ଉଭୟ ବାଳକ ଓ ବାଳିକା ବର୍ଗରେ ଓଡ଼ିଶା ଦଳ ରନରଅପ୍ ରହିଥିଲା। ବାଳକ ଦଳ ଫାଇନାଲରେ ବିହାର ନିକଟରୁ ୧୭-୧୨ରେ ପରାଜିତ ହୋଇଥିଲା। ଅନ୍ୟ ପକ୍ଷରେ ବାଳିକା ଦଳ ବିହାର ନିକଟରୁ ୦୫-୩୬ ପଏଣ୍ଟରେ ପରାସ୍ତ ହୋଇ ରନରଅପ୍ ହୋଇଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଭୟ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

୨୨ ଜଣିଆ ଓଡ଼ିଶା ମହିଳା ଦଳ ଘୋଷଣା

ଭୁବନେଶ୍ୱର,୨୯।୪ (ସରୋଜ କେନା)

ରାଜମାତା ଜିଜାବାଈ ଫୁଟବଲ ଟୁର୍ନାମେଣ୍ଟ

ରାଜମାତା ଜିଜାବାଈ ଫୁଟବଲ ଟୁର୍ନାମେଣ୍ଟ ପାଇଁ ୨୨ ଜଣିଆ ଓଡ଼ିଶା ମହିଳା ଫୁଟବଲ ଦଳ ସୋମବାର ଘୋଷଣା କରାଯାଇଛି। ମେ ୧ରୁ ୧୫ ଯାଏ କୋଲକାତାରେ ଏହି ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଓଡ଼ିଶା ଦଳରେ ୩ ଜଣ ଗୋଲକିପର, ୬ ଜଣ ଡିଫେଣ୍ଡର, ୭ ଜଣ ମିଡ ଫିଲ୍ଡର ଓ ୬ ଜଣ ଫରୱାର୍ଡ ଖେଳାଳିଙ୍କୁ ସାମିଲ କରାଯାଇଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତା ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

ଓଡ଼ିଶା ଦଳ: ଗୋଲକିପର- ସ୍ୱନ୍ଦିତା ଦାସ, ମଞ୍ଜୁ ଗଞ୍ଜୁ ଓ ସାକ୍ରୋ ହେମ୍ବ୍ରମ। ଡିଫେଣ୍ଡର- ଜୁଲି କିଶାନ, ଅମୃତା ନାୟକ, ପିପିଲି ମହାନ୍ତି, ଶିବାନୀ ମୁଣ୍ଡାରୀ, ସୁବାସିନୀ ସାହା ଓ ପ୍ରଜ୍ଞା କିଶାନ। ମିଡଫିଲ୍ଡର-ଦୀପା ନାୟକ, ସୁମିତ୍ରା ହେମ୍ବ୍ରମ, ମୁନିକା ମିଞ୍ଜ, ଜାହ୍ନବୀ କିଷାନ, ସତ୍ୟବତୀ ଖାଡିଆ, ବନ୍ୟା କବିରାଜ, ଶୀଲା ସିଂ। ଫରୱାର୍ଡ- ମାଳତୀ ମୁଣ୍ଡା, ସେରଟୋ ଲିଣ୍ଡା କମ୍, ପ୍ରତିମା ଓରାମ, ପ୍ୟାରୀ ଖାଖା, ସୁଭଦ୍ରା ସାହୁ ଓ ମନୀଷା ନାୟକ।

ଓଡ଼ିଶା ସିନିୟର ମହିଳା ଫୁଟବଲ ଦଳ।

ଇଂଲଣ୍ଡକୁ ହରାଇ କ୍ୱାର୍ଟରରେ ଭାରତ

ଚେଙ୍ଗଡୁ,୨୯।୪(ପି.ଟି.)

ଥୋମାସ୍ କପ୍

ଥୋମାସ୍ କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିୟନ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଇଂଲଣ୍ଡକୁ ଏକପାଖିଆ ୫-୦ରେ ପରାସ୍ତ କରିବା ସହ ଗ୍ରୁପ୍ ସି'ରେ ସ୍ଥାନ ପାଇଥିବା ଭାରତ କ୍ୱାର୍ଟରରେ ପ୍ରବେଶ କରିଛି। ପୂର୍ବରୁ ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡକୁ ୪-୧ରେ ହରାଇଥିଲା। କ୍ରମାଗତ ଦ୍ୱିତୀୟ ବିଜୟ ସହ ଭାରତ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଛି। ରବିବାର ଭାରତୀୟ ସଟଲର୍ ଏଚ୍ ଏସ୍ ପ୍ରଣୟ ପ୍ରଥମ ମ୍ୟାଚ୍‌ରେ ୨୧-୧୫, ୨୧-୧୫ ସେଟରେ ହ୍ୟାରି ହୁଆଙ୍ଗଙ୍କୁ ପରାସ୍ତ କରି ୧-୦ରେ ଆଗୁଆ ରହିଥିଲେ। ବିଶ୍ୱ ମାନ୍ୟତାର ଏକ ନମ୍ବର ଡବଲ୍ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଦ୍ୱିତୀୟ ମ୍ୟାଚକୁ ୨୧-୧୭, ୧୯-୨୧ ଓ ୨୧-୧୫ ସେଟରେ ଜିତି ନେଇଥିଲେ। ୨୦୨୨ ବିଶ୍ୱ ଚାମ୍ପିୟନଶିପ ବ୍ରୋଞ୍ଜ ପଦକ ବିଜୟୀ ଯୋଡ଼ି ୧ ଘଣ୍ଟା ୫ ମିନିଟ ସମୟ ନେଇ ବେନ୍ ଲେନ୍ ଓ ସିନ୍ ଭେଣ୍ଡିଙ୍କୁ ପରାସ୍ତ କରିଥିଲେ। ସେହିପରି ପୂର୍ବତନ ବିଶ୍ୱ ମାନ୍ୟତାର ଏକ ନମ୍ବର ଖେଳାଳି କିଡାମ୍ବି ଶ୍ରୀକାନ୍ତ ୨୧-୧୬, ୨୧-୧୧ ସେଟରେ ନଦୀମ ଡାଲଭିଙ୍କୁ ହରାଇବା ସହ ଭାରତକୁ ୩-୦ରେ ଆଗୁଆ କରିଥିଲେ।

ମ୍ୟାଚ୍ ଜିତିବା ପରେ ଏମ୍.ଆର. ଅର୍ଜୁନ ଓ ଧ୍ରୁବ କପିଳା।

ରିଭର୍ସ ଡବଲ୍ସରେ ଭାରତ ପକ୍ଷରୁ ଏମ୍.ଆର. ଅର୍ଜୁନ ଓ ଧ୍ରୁବ କପିଳା ୨୧-୧୭, ୨୧-୧୯ରେ ରୋରି ଇଷ୍ଟନ ଓ ଆଲେକ୍ସ ଗ୍ରୀନଙ୍କୁ ପରାସ୍ତ କରିଥିଲେ। ସେହିପରି ଅନ୍ତିମ ସିଙ୍ଗଲ୍ସ ମ୍ୟାଚ୍‌କୁ ୨୪ ବର୍ଷୀୟ କିରଣ ଜର୍ଜ ଜିତି ନେଇଥିଲେ। ୨୧-୧୮, ୨୧-୧୨ ସେଟରେ ସେ ଚୋଲାନ କାୟାନଙ୍କୁ ପରାସ୍ତ କରିଥିଲେ। ଭାରତ ଏହାର ଅନ୍ତିମ ଗ୍ରୁପ ମ୍ୟାଚ୍‌ରେ ଗ୍ରୁପ୍ ଟପ୍ସର ଇଣ୍ଡୋନେସିଆକୁ ଭେଟିବ। ରେକର୍ଡ ୧୪ ଥର ଚାମ୍ପିୟନ ହୋଇଥିବା ଇଣ୍ଡୋନେସିଆ ସହ ମ୍ୟାଚ ପରେ ଗ୍ରୁପ୍ ସି'ର ପ୍ରଥମ ୨ ସ୍ଥାନ ନିର୍ଦ୍ଧାରଣ ହେବ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ପୃଷ୍ଠା–୧୨+୮
ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୩୦/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Tuesday, Arpil 30/2024 Page 20 SAMBALPUR

ଗର୍ବ, ଉତ୍ସାହର ସହ ମତଦାନ କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର, ୨୯।୪(ଅସମାପିକା ସାହୁ)

ନିର୍ବାଚନରେ ଗର୍ବ ଏବଂ ଉତ୍ସାହର ସହ ମତଦାନ କରିବାକୁ ରାଜ୍ୟପାଳ ରଘୁବର ଦାସ ସୋମବାର ଓଡ଼ିଶାବାସୀଙ୍କୁ ଆହ୍ୱାନ କରିଛନ୍ତି। ସାରା ଦେଶରେ ସର୍ବାଧିକ ମତଦାନ କରି ଆମ ରାଜ୍ୟ ଓଡ଼ିଶା ଇତିହାସ ସୃଷ୍ଟି କରୁ। ଆସନ୍ତୁ ଏକାଠି ହୋଇ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମତଦାନ କରିବା ବୋଲି ସେ କହିଛନ୍ତି। ଏକ ଭିଡିଓ ବାର୍ତ୍ତାରେ ରାଜ୍ୟପାଳ କହିଛନ୍ତି, ଏହି ନିର୍ବାଚନରେ ଆପଣ ଦେଶ ଓ ରାଜ୍ୟର ବିକାଶ, ସମୃଦ୍ଧି ପାଇଁ ସରକାର ଚୟନ କରିବାକୁ ମତଦାନ କରିବେ। ୪ଟି ପର୍ଯ୍ୟାୟରେ ଆପଣଙ୍କ ଲୋକସଭା/ବିଧାନସଭା ସହ ଜଡ଼ିତ ମତଦାନରେ ଭାଗ ନିଅନ୍ତୁ। ବିକାଶରେ ଆପଣଙ୍କର ଅଂଶଗ୍ରହଣ ସୁନିଶ୍ଚିତ କରନ୍ତୁ ଏବଂ ଦେଶରେ ରେକର୍ଡ ସଂଖ୍ୟକ ମତଦାନ କରିବାର ଗୌରବ ଓଡ଼ିଶା ପ୍ରାପ୍ତ କରୁ। ଏଥିସହିତ ଜଣେ ସଚେତନ ନାଗରିକ ଭାବେ ଭୋଟ ଦେବାକୁ ଆପଣଙ୍କ ଆଖପାଖର ଲୋକଙ୍କୁ ନିବେଦନ କରନ୍ତୁ। ସେହିଭଳି ପ୍ରଥମଥର ଭୋଟ ଦେଉଥିବା ଯୁବପିଢ଼ିଙ୍କୁ ମଧ୍ୟ ଏକ ବିକଶିତ ଓଡ଼ିଶା ଏବଂ ଭାରତ ଗଠନ ପାଇଁ ଗର୍ବ ଓ ଗୌରବ ସହିତ ଭୋଟ୍ ଦେବାକୁ ରାଜ୍ୟପାଳ ଅପିଲ କରିଛନ୍ତି।

ପ୍ରଚଣ୍ଡ ରୌଦ୍ରତାପ: ସମ୍ବଲପୁର ଜୁ–ରେ ତୃଷାର୍ତ୍ତ ହରିଣମାନେ ସୋମବାର ଗଛଛାଇ ତଳେ ଥିବା ପାଣିକୁଣ୍ଡରୁ ପାଣି ପିଉଛନ୍ତି। (ଫଟୋ: ବି.ଶଙ୍କର)

୫ରୁ ପାଣି ଯୋଗାଣ ବନ୍ଦ, ଚିନ୍ତାରେ ତଳମୁଣ୍ଡ ଚାଷୀ

ବରଗଡ଼,୨୯।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ମୁଖ୍ୟ କେନାଲ

ବରଗଡ଼ ମୁଖ୍ୟ କେନାଲରେ ଆସନ୍ତା ମେ ୫ ତାରିଖ ଅପରାହ୍ନ ୫ଟାରୁ ପାଣି ଯୋଗାଣ ବନ୍ଦ ହେବ। ଏ ନେଇ ବରଗଡ଼ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା–୧୬୭୧–୭୨ ତା ୨୯।୪।୨୦୨୪ରିଖରେ ଉଲ୍ଲେଖ ରହିଛି। କେନାଲ ତଳମୁଣ୍ଡରେ ରହିଥିବା ଅନେକ ଧାନ ଫସଲରେ ଏବେ କେଣ୍ଡା ଧରୁଥିବାବେଳେ ପାଣି ବନ୍ଦ ହେଲେ ତାହା ଉଜୁଡ଼ିଯିବା ଆଶଙ୍କା ରହିଛି। ଏହାକୁ ନେଇ ଉକ୍ତ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଛି। ଅପରପକ୍ଷେ ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ଅନ୍ୟବର୍ଷ ତୁଳନାରେ ଏଥର ଆଗୁଆ କେନାଲ ପାଣି ଯୋଗାଣ ବନ୍ଦ ନିଷ୍ପତ୍ତି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

ହୀରାକୁଦ ଜଳଭଣ୍ଡାର ଜିରୋ ପଏଣ୍ଟରୁ ବରଗଡ଼ ମୁଖ୍ୟ କେନାଲ ବାହାରିଛି। ଏହି କେନାଲରୁ ବାହାରିଥିବା ଶାଖା କେନାଲ ଦେଇ ବରଗଡ଼ ଜିଲାର ବରଗଡ଼, ଅତାବିରା, ଭେଡ଼େନ, ବରପାଲି ବ୍ଲକ ଅଞ୍ଚଳର ଚାଷଜମିକୁ ପାଣି ଯୋଗାଣ ଯୋଗୁ ଚାଷୀମାନେ ଚାଷକାର୍ଯ୍ୟ କରିଥାନ୍ତି। ସେହିପରି ସୁବର୍ଣ୍ଣପୁର ଏବଂ ବଲାଙ୍ଗୀର ଜିଲାର ଆଂଶିକ ଚାଷଜମି ମଧ୍ୟ ବରଗଡ଼ ମୁଖ୍ୟ କେନାଲର ପାଣି ଉପରେ ନିର୍ଭର କରିଥାଏ। ରବିଋତୁରେ ବରଗଡ଼ ଜିଲାରେ ହୋଇଥିବା ସମୁଦାୟ ୭୫ ହଜାର ୩୩୪ହେକ୍ଟର ଧାନଚାଷରୁ ସର୍ବାଧିକ ୬୧ ହଜାର ହେକ୍ଟର ଜମିରେ ଧାନଚାଷ ବରଗଡ଼ ମୁଖ୍ୟ କେନାଲରୁ ଆସୁଥିବା ପାଣି ଦ୍ୱାରା ହୋଇଛି। ବାକି ଜମିର ଧାନଚାଷ ଉଠାଜଳସେଚନ ପ୍ରକଳ୍ପ, ଚେକ୍‌ଡ୍ୟାମ ଆଦି ପ୍ରକଳ୍ପ ପାଣିରୁ ହୋଇଛି। ତେବେ ଧାନ ଫସଲ ସମ୍ପୂର୍ଣ୍ଣ ନ ହେଉଣୁ ଆଗୁଆ କେନାଲ ପାଣି ବନ୍ଦ ଚାଷୀଙ୍କ ମଧ୍ୟରେ ଭାଳେଣି ସୃଷ୍ଟି କରିଛି।

ବରଗଡ଼ ମୁଖ୍ୟ କେନାଲ ଜିରୋ ଆର୍‌ଡିଠାରୁ ୨୫ କି.ମି. ପର୍ଯ୍ୟନ୍ତ କେନାଲ କଂକ୍ରୀଟକରଣ କାମ ହାତକୁ ନିଆଯାଇଛି ଏବଂ ସେହି ଦୃଷ୍ଟିରୁ ମେ ୫ ତାରିଖରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ କେନାଲ ପାଣି ବନ୍ଦ କରିବା ପାଇଁ ସ୍ଥିର କରାଯାଇଥିବା ବରଗଡ଼ ଜଳସେଚନ ବିଭାଜନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବିଗତବର୍ଷରେ ମେ ୧୦ ତାରିଖରେ କେନାଲ ପାଣି ବନ୍ଦ କରାଯାଉଥିଲା ଏବଂ ଜୁନ ୧୫ ତାରିଖ ପୁଣି କେନାଲରେ ପାଣି ଛଡ଼ାଯାଉଥିଲା। କିନ୍ତୁ ଏଥର ଚାଷ କାର୍ଯ୍ୟ ଚାଲିଥିବାବେଳେ ପ୍ରଥମ ଥର ପାଇଁ ଶାଖା କେନାଲଗୁଡ଼ିକରେ ପର୍ଯ୍ୟାୟକ୍ରମେ ସପ୍ତାହକୁ ୨୪ ଘଣ୍ଟା ପାଣି ବନ୍ଦ କରି ଦିଆଯାଉଥିଲା। ଆଉ ଏବେ ଆଗୁଆ ପାଣି ବନ୍ଦ କରି ପୁଣି ବିଳମ୍ବରେ ପାଣି ଛଡ଼ାଯିବା ନିଷ୍ପତ୍ତି ଚାଷୀଙ୍କୁ ଦୁର୍ବିଶ ମୁହଁକୁ ଠେଲିଦେବା ନେଇ ଏକ ଷଡ଼ଯନ୍ତ୍ର ଛଡ଼ା ଅନ୍ୟ କିଛି ନୁହେଁ ବୋଲି ଚାଷୀନେତା ରମେଶ ମହାପାତ୍ର କହିଛନ୍ତି। କେନାଲ ତଳମୁଣ୍ଡ ଅର୍ଥାତ୍ ଭେଡ଼େନ ବ୍ଲକ ସିଆଲଖଣ୍ଡହଥା ପଞ୍ଚାୟତ ଖଲିଆପାଲି ଗ୍ରାମର ଚାଷୀ ଅୟସକାନ୍ତ ଖୁଣ୍ଟିଆ କହିଛନ୍ତି, ସେ କେନାଲ ପାଣିରେ ୧୨ ଏକର ଜମିରେ ଧାନଚାଷ କରିଛନ୍ତି। ଫସଲ ଭଲ ହୋଇଛି, କିନ୍ତୁ ମେ ୫ ତାରିଖରେ ପାଣି ବନ୍ଦ ହୋଇଗଲେ ତାଙ୍କ ଫସଲ ଧୂଳିସାତ୍ ହୋଇଯିବ ବୋଲି ସେ କହିଛନ୍ତି। ସେହିପରି ଭେଡ଼େନ ବ୍ଲକ ଅଇଁଲାପାଲି ଗ୍ରାମର ଚାଷୀ ଶେଖରାଜ ଦିୱାଲା କହିଛନ୍ତି, ସେ ୭ ଏକର ଜମିରେ ଧାନଚାଷ କରିଛନ୍ତି। ଧାନକେଣ୍ଡା ଧରୁଛି। ଅନ୍ତତଃ ୧୦ ତାରିଖ ପର୍ଯ୍ୟନ୍ତ କେନାଲରେ ପାଣି ଛଡ଼ାଗଲେ ଯାଇ ତାଙ୍କ ଫସଲ ରକ୍ଷା ପାଇବ ବୋଲି ସେ କହିଛନ୍ତି। କେନାଲ ପାଣି ଅଭାବରୁ ଯଦି ଧାନ ଫସଲ ନଷ୍ଟ ହୁଏ, ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ମାଧ୍ୟମରେ ଚାଷୀମାନେ ଏହାର ଜବାବ୍ ଦେବେ ବୋଲି ଚାଷୀ ନେତା ଏକାଦଶିଆ ସାହୁ କହିଛନ୍ତି।

ବରଗଡ଼ ମୁଖ୍ୟ କେନାଲ।

୧୫ ଦିନ ଡରେଇଲାଣି ତାତି, ୪୫ ଡିଗ୍ରୀ ଟପିବ

ଭୁବନେଶ୍ୱର, ୨୯।୪ (ଅସମାପିକା ସାହୁ)

ରାଜ୍ୟରେ ଗତ ୧୫ ଦିନ ହେଲାଣି ପ୍ରବଳ ଖରାତାତି ସହ ଗୁଳୁଗୁଳି ଜାରି ରହିଛି। ଚଳିତବର୍ଷର ଏହା ହେଉଛି ଦ୍ୱିତୀୟ ପର୍ଯ୍ୟାୟ ଗ୍ରୀଷ୍ମପ୍ରବାହ। ଏହା ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୫ ଓ ୬ ତାରିଖ ଦୁଇଦିନ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥିଲା। ଏହାପରେ ୧୫ ତାରିଖରୁ ଆଜି ପର୍ଯ୍ୟନ୍ତ ଛଟପଟ ହେଉଛି ସାରା ରାଜ୍ୟ। ଗତବର୍ଷ ଏପ୍ରିଲରେ ସର୍ବାଧିକ ୫ଦିନ ଗ୍ରୀଷ୍ମପ୍ରବାହ ହୋଇଥିଲା। ଏବେ ଆହୁରି ୪ଦିନ ଏପରିସ୍ଥିତି ଲାଗି ରହିବା ସମ୍ଭାବନା ଥିବାବେଳେ ଆସନ୍ତା ଦୁଇଦିନ ଭୀଷଣ ଗ୍ରୀଷ୍ମ ପ୍ରବାହ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଏଥିପାଇଁ ବିଭିନ୍ନ ଜିଲାକୁ ଦୁଇଦିନ ପାଇଁ ରେଡ୍ ୱାର୍ନିଂ ଜାରି କରାଯାଇଛି। ମଙ୍ଗଳବାର ରାଜଧାନୀ ଭୁବନେଶ୍ୱରର ତାତି ଆହୁରି ଭୟଙ୍କର ହେବ। ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିପାରେ। ତେଣୁ କଟକ– ଭୁବନେଶ୍ୱର ପାଇଁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ହେଉଥିବାରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ବାରମ୍ବାର ପରାମର୍ଶ ଦିଆଯାଉଛି।

ସୋମବାର ମଧ୍ୟ ରାଜ୍ୟର ୩୨ ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିବା ବେଳେ ୪ ସହରରେ ୪୪ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରେକର୍ଡ କରାଯାଇଛି। ତେବେ ବାରିପଦା ୪୪.୮ ଡିଗ୍ରୀ ସହ ରାଜ୍ୟର ଉତ୍ତପ୍ତ ସହର ଥିବାବେଳେ ଦେଶର ୪ର୍ଥ ସ୍ଥାନରେ ରହିଥିଲା। ସେହିପରି ଅନୁଗୋଳରେ ୪୪.୩, ବୌଦ୍ଧ ୪୪.୧, ତାଳଚେର ୪୪, ଟିଟିଲାଗଡ଼ ୪୩.୫, ଢେଙ୍କାନାଳ ୪୩.୨, ଭବାନୀପାଟଣା, ନୟାଗଡ଼, ମାଲକାନଗିରି, ବଲାଙ୍ଗୀର, କେନ୍ଦୁଝର ଓ ନୂଆପଡ଼ାରେ ୪୩, ଝାରସୁଗୁଡ଼ା ଓ ସମ୍ବଲପୁରରେ ୪୨.୯, କଟକ ଓ ଯାଜପୁରରେ ୪୨.୫, ରାଉରକେଲା ୪୨.୪, କେନ୍ଦ୍ରାପଡ଼ା ଓ ଭଦ୍ରକରେ ୪୨, ସୋନପୁର ଓ ହୀରାକୁଦରେ ୪୧.୯, ସୁନ୍ଦରଗଡ଼ ୪୧.୮, ପାରଳାଖେମୁଣ୍ଡି ୪୧.୭, ବାଲେଶ୍ୱର, ଫୁଲବାଣୀ ଓ ବରଗଡ଼ରେ ୪୧.୪, ଭୁବନେଶ୍ୱରରେ ୪୧.୩, ଖୋର୍ଦ୍ଧା ୪୧, ଛତ୍ରପୁର, ୪୦.୮, ଚାନ୍ଦବାଲି ୪୦.୭, ଜଗତ୍‌ସିଂହପୁର ୪୦.୬ ଓ ରାୟଗଡ଼ାରେ ୪୦ ଡିଗ୍ରୀ ତାପମତ୍ରା ରେକର୍ଡ କରାଯାଇଛି। ସେପଟେ ମଙ୍ଗଳବାର ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କଟକ ଓ ଖୋର୍ଦ୍ଧା ଜିଲାରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଥିବାବେଳେ ସମ୍ବଲପୁର, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବଲାଙ୍ଗୀର, ସୋନପୁର, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ନୟାଗଡ଼, ନବରଙ୍ଗପୁର, ଦେବଗଡ଼, ନୂଆପଡ଼ା, ସୁନ୍ଦରଗଡ଼, ରାୟଗଡ଼ା ଓ ଝାରସୁଗୁଡ଼ାକୁ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି ହୋଇଛି।

ଅଂଶୁଘାତରେ ଆଉ ଜଣେ ମୃତ

ଭୁବନେଶ୍ୱର, ୨୯।୪ (ଅସମାପିକା ସାହୁ)

ରାଜ୍ୟରେ ଅଂଶୁଘାତରେ ଆଉ ଜଣଙ୍କର ମୃତ୍ୟୁ ଘଟିଛି। ଏହାକୁ ମିଶାଇ ରାଜ୍ୟରେ ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟା ୨ରେ ପହଞ୍ଚିଛି। ମୃତ ବ୍ୟକ୍ତି ଜଣଙ୍କ ଢେଙ୍କାନାଳ ଜିଲାର ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଅଂଶୁଘାତରେ ୨୫୭ଜଣ ଆକ୍ରାନ୍ତ ହୋଇଛନ୍ତି। ସୁନ୍ଦରଗଡ଼ରେ ସର୍ବାଧିକ ୬୦ଜଣ ଓ ମୟୂରଭଞ୍ଜରେ ୪୦ଜଣ ଅଂଶୁଘାତରେ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗର ତଥ୍ୟରୁ ଜଣାପଡିଛି। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ବାଲେଶ୍ୱର ଭୋଗରାଇରେ ଜଣେ ବ୍ୟକ୍ତିଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିଲା। ଏ ନେଇ ଗତ ୧୯ ତାରିଖରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଥିଲେ। ତେବେ ଏହାବ୍ୟତୀତ ରାଜ୍ୟରେ ବିଭିନ୍ନ ସ୍ଥାନରେ ଅଂଶୁଘାତଜନିତ ମୃତ୍ୟୁ ନେଇ ଅଭିଯୋଗ ଆସୁଥିଲେ ମଧ୍ୟ ଆବଶ୍ୟକ ପ୍ରମାଣ ନ ଥିବାରୁ ତାହା ସରକାରୀ ଭାବେ ଘୋଷଣା ହୋଇପାରି ନାହିଁ। ଅନେକ କ୍ଷେତ୍ରରେ ଲୋକେ ଘଟଣା ସମ୍ପର୍କରେ ଥାନା କିମ୍ବା ପ୍ରଶାସନକୁ ନ ଜଣାଇ ମୃତଦେହକୁ ସତ୍କାର କରିଦେଇଥିବା ଜଣାପଡିଛି।

୫ ଆନ୍ତଃ ରାଜ୍ୟ ଡକାୟତ ଗିରଫ, ମାରଣାସ୍ତ୍ର ଜବତ

ଗିରଫ ଡକାୟତ ଓ ଜବତ ମାରଣାସ୍ତ୍ର

ନୂଆପଡ଼ା,୨୯।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା ଖରିଆର ରୋଡ ଜୋଙ୍କ ଥାନା ପୋଲିସ ଶନିବାର ରାତ୍ରିରେ ପାଟ୍ରୋଲିଂ କରୁଥିବା ସମୟରେ ୫ ଆନ୍ତଃ ରାଜ୍ୟ ଡକାୟତଙ୍କୁ ଧରିବାରେ ସଫଳ ହୋଇଛି। ସେମାନେ ହେଲେ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ବାଗବାହାର ଥାନା ପୋଟରପଡା ୱାର୍ଡ ନଂ.୧୪ର ବିରୁ ନାଗ (୨୮), ରବି କୁମାର ପାଣ୍ଡେ (୨୨), ଆସୁ ଦାସ (୧୯), ଓମ୍ ସାଗର (୧୯) ଓ ରୁପେଶ ତାଣ୍ଡି (୧୯)। ସେମାନଙ୍କଠାରୁ ପୋଲିସ ଗୋଟିଏ ଦେଶୀ ବନ୍ଧୁକ, ଦୁଇଟି ମୋବାଇଲ, ୩ଟି ଛୁରି ଓ ଗୋଟିଏ କଟୁରି ଜବତ କରିଛି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ସୀମାନ୍ତ ଅଞ୍ଚଳରେ ଯାଞ୍ଚ କଡାକଡି କରୁଛି। ଜୋଙ୍କ ଥାନା ଅଧିକାରୀ ଗୁରୁଦେବ କର୍ମୀ ଓ ଏସ୍‌ଆଇ ସୀତାକାନ୍ତ ଖମାରୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଖରିଆର ରୋଡ ଓ ଛତିଶଗଡ ସୀମାନ୍ତ ଜୋଙ୍କ ନଦୀ କୂଳରେ ପାଟ୍ରୋଲିଂ କରୁଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ଆନ୍ତଃ ରାଜ୍ୟ ଡାକାୟତ ଦଳକୁ କାବୁ କରିବାରେ ସକ୍ଷମ ହୋଇଛନ୍ତି। ଏହି ଡକାୟତ ଦଳ ଜୋଙ୍କ ନଦୀ କୂଳ ଶାନ୍ତି ଉଦ୍ୟାନ ନିକଟରେ ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିବାବେଳେ ପୋଲିସ ହାବୁଡରେ ପଡିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୯୯/୨୪) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିବା ଏସ୍‌ଆଇ ଅରବିନ୍ଦ ମେହେର ସୂଚନା ଦେଇଛନ୍ତି।

ମଧ୍ୟପ୍ରଦେଶରୁ ଜଣଙ୍କୁ ଧରିଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୨୯।୪ (ସତ୍ୟଜିତ୍ ରାଉତ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ରେ ଥିବା ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍)ର ଆକାଉଣ୍ଟରୁ ନକଲି ଚେକ୍ ଜରିଆରେ ୯.୬ କୋଟି ଟଙ୍କା ହଡ଼ପ ଘଟଣାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ଏହି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ମଧ୍ୟପ୍ରଦେଶରୁ ଗିରଫ କରିଛି ଇଓଡବ୍ଲ୍ୟୁ। ସେ ହେଲେ ମଧ୍ୟପ୍ରଦେଶ ବାଲଘାଟ ଜିଲା କିର୍ନାପୁର ଥାନା ଅନ୍ତର୍ଗତ ବଙ୍ଗାଲିତୋଳାର ପୋମେଶ ଟେମ୍ବାରେ। ଶୁକ୍ରବାର ପୋମେଶଙ୍କୁ ଗିରଫ ପରେ ବାଲଘାଟ ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇ ସୋମବାର ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ପୋମେଶଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମଧ୍ୟପ୍ରଦେଶର ଏକ ମାଓବାଦୀପ୍ରବଣ ଗ୍ରାମରେ ପୋମେଶ ମୋବାଇଲ ସୁଇଚ୍ ଅଫ୍ କରି ଲୁଚିଥିବାବେଳେ ସ୍ଥାନୀୟ ପୋଲିସ ଓ ସିଏପିଏଫ୍ ଯବାନଙ୍କ ସହାୟତାରେ ଇଓଡବ୍ଲ୍ୟୁ ତାଙ୍କୁ ଧରିବାରେ ସକ୍ଷମ ହୋଇଛି।

ମୟୂରଭଞ୍ଜ ଜିଲା ପରିଷଦ ଦ୍ୱାରା ପରିଚାଳିତ ଉକ୍ତ ଆକାଉଣ୍ଟରୁ ଟଙ୍କା ହଡ଼ପ ଜଣାପଡିବା ପରେ ବ୍ୟାଙ୍କର ଚିଫ୍ ମ୍ୟାନେଜର ସୁଜାତା କାନୁନ୍‌ଗୋ ସ୍ଥାନୀୟ ଭଞ୍ଜପୁର ଥାନାରେ ଏତଲା ଦେଇଥିଲେ। ଏପ୍ରିଲ ୧୯ରେ ପୋଲିସ ମାମଲା (ନଂ.୯୫/୨୦୨୪) ରୁଜୁକରିଥିଲା। ପରେ ଇଓଡବ୍ଲ୍ୟୁ ଏହାର ତଦନ୍ତ ଭାର ନେଇ ନିଜ ପକ୍ଷରୁ ଏକ ମାମଲା (ନଂ.୫/୨୦୨୪) ରୁଜୁ କରିଥିଲା। ଅଭିଯୁକ୍ତମାନେ ଗତ ଏପ୍ରିଲ ୧୦ରୁ ୧୮ ତାରିଖ ମଧ୍ୟରେ ୪ଟି ଚେକ୍ ଜରିଆରେ ଡିଏମ୍‌ଏଫ୍ ଜମାଖାତାରୁ ମୋଟ ୯ କୋଟି ୫୬ ଲକ୍ଷ ୭୬ ହଜାର ୬୦୦ଟଙ୍କା ନେଇ ପିଟି କନ୍‌ଷ୍ଟ୍ରକ୍ସନ୍ ଆଣ୍ଡ୍ ସପ୍ଲାୟର ଓ ଏସ୍‌କେ ଏଣ୍ଟରପ୍ରାଇଜେସ୍ ଆକାଉଣ୍ଟକୁ ଟ୍ରାନ୍ସଫର୍ କରିଥିଲେ। ତେବେ ଗିରଫ ପୋମେଶ୍ ଉକ୍ତ କମ୍ପାନୀର ମାଲିକ ବୋଲି ତଦନ୍ତବେଳେ ଜଣାପଡିଥିଲା।

ଶିଳାନ୍ୟାସ ହେଲା, ପୁନରୁଦ୍ଧାର ହେଲାନି

ସୁବର୍ଣ୍ଣପୁର ସହରରେ ଜଳାଶୟ ପୁନରୁଦ୍ଧାର

ସୋନପୁର,୨୯।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରରେ ୪ଟି ଜଳାଶୟର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ପୌରପରିଷଦକୁ ଗତ ବର୍ଷ ୬କୋଟି ୩୩ଲକ୍ଷ ଟଙ୍କାର ଅନୁଦାନ ମିଳିଥିଲା। ରାଜ୍ୟ ନଗର ଉନ୍ନୟନ ବିଭାଗ ପ୍ରଦତ୍ତ ଅର୍ଥରେ ସହରର ନୂଆବନ୍ଧ, ଗୋବିନ୍ଦ ବନ୍ଧ, ନଳିନୀ ଛକ ବନ୍ଧ ଓ ଆମ୍ବେଡକର ଛକ ନିକଟସ୍ଥ ହାତକାଟି ବନ୍ଧର ପୁନରୁଦ୍ଧାର ପାଇଁ ନିଷ୍ପତ୍ତି ହୋଇଥିଲା। ଏପରିକି ୨୦୨୩ ଏପ୍ରିଲ ୧୬ ତାରିଖରେ ଗୋବିନ୍ଦ ବନ୍ଧ ଓ ନୂଆବନ୍ଧର ଉନ୍ନତୀକରଣ ପାଇଁ ପୌରପରିଷଦ ପକ୍ଷରୁ ଶିଳାନ୍ୟାସ ଉତ୍ସବ ଆୟୋଜିତ ହୋଇଥିଲା। ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଶିଳାନ୍ୟାସ କରିଥିଲେ। ତେବେ ଶିଳାନ୍ୟାସ ପରେ ପୋଖରୀ ପୁନରୁଦ୍ଧାର କରିବାକୁ ସମସ୍ତେ ଭୁଲିଗଲେ। ଏପରିକି ଗୋଟିଏ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ପରିଷଦ ପକ୍ଷରୁ ଟେଣ୍ଡର ଆହ୍ୱାନ କରିବାକୁ ସମସ୍ତେ ଯେପରି ଭୁଲି ଯାଇଛନ୍ତି।

ଜନସଂଖ୍ୟା ବୃଦ୍ଧି, ଭୂତଳ ଜଳସ୍ତର ହ୍ରାସ ଓ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜଳ ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଉଛି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅମୃତ ମହୋତ୍ସବ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୨ ଏପ୍ରିଲ ମାସରେ ଅମୃତ ସରୋବର ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଦେଶର ସବୁ ଜିଲାରେ ୭୫ଟି ଲେଖାଏ ଅମୃତ ସରୋବର ଖନନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅନୁରୂପ ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ଭୂତଳ ଜଳସ୍ତର ବୃଦ୍ଧି ପାଇଁ ପୁରୁଣା ପୋଖରୀର ପୁନରୁଦ୍ଧାରକୁ ଗୁରୁତ୍ୱ ଦିଆଯାଇଛି। ଏହି ଯୋଜନାରେ ଜିଲା ସଦର ମହକୁମାର ୪ଟି ପୋଖରୀ ପୁନରୁଦ୍ଧାର ପାଇଁ ସରକାରଙ୍କ ପକ୍ଷରୁ ଅନୁମତି ମିଳିଥିଲା। ତେବେ ଏଷ୍ଟିମେଟ୍, ଡିପିଆର ପ୍ରସ୍ତୁତି ଓ ପୁନଃ ସ

ସଂକ୍ଷେପରେ

ଯୁବକ ସାଇବର ଠକେଇର ଶିକାର

ଲାଞ୍ଜିଗଡ, ୨୯।୪(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବେନଗାଁ ପଞ୍ଚାୟତ ବିଜେପୁର ଥାନା ଅନ୍ତର୍ଗତ ପଦ୍ମଥୋପା ଗ୍ରାମର ହରିହର ନାଏକ ନାମକ ଯୁବକ ସାଇବର ଠକେଇର ଶିକାର ହେଇଛନ୍ତି। ତାଙ୍କ ଏକାଉଣ୍ଟରୁ ୩୭ ହଜାର ୪୪୮ ଟଙ୍କା କଟିଯିବା ପରେ ଠକେଇର ଶିକାର ହୋଇଥିବା ଜାଣି ଭବାନୀପାଟଣାସ୍ଥିତ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବିଗତ କିଛିଦିନ ହେବ ଲୋକଙ୍କୁ ବିଭିନ୍ନ ହ୍ୱାଟ୍ସଆପ ଗ୍ରୁପରେ ଏସିଆଇ ୟୋନୋ ଇନ୍‌ଷ୍ଟଲ କରିବାକୁ ମେସେଜ ଲିଙ୍କ ଆସୁଛି। ଏହି ଲିଙ୍କ୍‌ରେ କ୍ଲିକ କରି ୟୋନୋ ଆପ ଇନ୍‌ଷ୍ଟଲ କଲେ ୭୩୪୫ ଟଙ୍କା ରିୱାର୍ଡ ମିଳିବ ବୋଲି କୁହାଯାଇଥିବାରୁ ହରିହର ଏଇ ଲିଙ୍କ୍‌ରେ କ୍ଲିକ କରିଥିଲେ। ଏହାପରେ ତାଙ୍କ ଏକାଉଣ୍ଟରୁ ପ୍ରଥମ ପର୍ଯ୍ୟାୟରେ ୨୯୦୦, ଦ୍ୱିତୀୟରେ ୧୭, ୪୬୬ ଓ ତୃତୀୟ ପର୍ଯ୍ୟାୟରେ ୧୭୦୮୨ ଟଙ୍କା କଟିଯାଇଥିଲା। ଏହାସହ ତାଙ୍କ ଫୋନରେ ଥିବା ସମସ୍ତଙ୍କ ମୋବାଇଲ ନମ୍ବର ଓ ଗ୍ରୁପକୁ ଏହି ଲିଙ୍କ୍ ସେୟାର ହୋଇଯାଇଥିଲା। ସେ ବ୍ୟାଙ୍କ ସହିତ ଯୋଗାଯୋଗ କରିବା ପରେ ସାଇବର ଲୁଟେରାଙ୍କ ଶିକାର ହୋଇଥିବା ଜାଣି ଭବାନୀପାଟଣା ସାଇବର ଥାନାରେ ଅଭିଯୋଗ କରିଥିଲେ। ଏସ୍‌ବିଆଇ ପକ୍ଷରୁ ୟୋନୋ ଆପ ଇନ୍‌ଷ୍ଟଲ ପାଇଁ ବ୍ୟାଙ୍କ ବ୍ୟତୀତ କାହାକୁ ଅନୁମତି ଦିଆଯାଇନାହିଁ। ଏହାଛଡା ସାଇବର ବିଶେଷଜ୍ଞଙ୍କ ତରଫରୁ କୌଣସି ଅଜଣା ଲିଙ୍କଙ୍କୁ ନ ଖୋଲିବାକୁ ପରାମର୍ଶ ଦିଆଯାଇଛି। ନିଜ କଷ୍ଟ ଉପାର୍ଜିତ ଅର୍ଥରାଶିକୁ ସାଇବର ଲୁଟେରା ଲୁଟିନେବା ପରେ ଏବେ ହରିହର ମୁଣ୍ଡରେ ହାତ ଦେଇ ବସିଛନ୍ତି।

ଝାରକୁମୁଣ୍ଡା ଗ୍ରାମରେ ଚାରି ଗ୍ରନ୍ଥ ପଠନ

ଅମରପାଲି, ୨୯।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଝାରକୁମୁଣ୍ଡା ଗ୍ରାମରେ ଚାରି ଗ୍ରନ୍ଥ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ଦୁଇଶହ ବ୍ରାହ୍ମଣ ଏଥିରେ ଯୋଗଦେଇ ଗ୍ରନ୍ଥ ପାଠ କରିଥିଲେ। ଏଥିରେ କୃଷ୍ଣଚନ୍ଦ୍ର ମିଶ୍ର ସପତ୍ନିକ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ସକାଳୁ ଗ୍ରାମବାସୀ ଏକାଠି ହୋଇ ପୂଜାର୍ଚ୍ଚନା କରିଥିଲେ। ଗ୍ରାମରେ ଏକ ପ୍ରକାର ଆଧ୍ୟାତ୍ମିକ ପରିବେଶ ଅନୁଭୂତ ହୋଇଥିଲା। ଏହି ଅବସର ରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

ଅଙ୍ଗନୱାଡି କର୍ମୀ-ଏସ୍‌ଏମ୍‌ସି ଅତିରିକ୍ତ କମିଶନର ମୁହାଁମୁହିଁ

ଜିଲାପାଳଙ୍କ କାର୍ଯ୍ୟାଳୟରେ ଆନ୍ଦୋଳନରତ ଅଙ୍ଗନୱାଡି କର୍ମୀମାନେ।

- ଅତିରିକ୍ତ ଜିଲାପାଳଙ୍କ ହସ୍ତକ୍ଷେପ ପରେ ସମସ୍ୟା ସମାଧାନ
- ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବା ନେଇ ଅଙ୍ଗନୱାଡିଙ୍କ ସହମତି

ସମ୍ବଲପୁର, ୨୯।୪ (ଭବାନୀ ଶଙ୍କର ଭୋଇ)

ନିର୍ବାଚନକୁ ସୁଚାରୁ ପରିଚାଳନା କରିବା ଦିଗରେ ଅଙ୍ଗନୱାଡି କର୍ମୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ନିର୍ବାଚନ କାର୍ଯ୍ୟରେ ସାମିଲ ହେବା ପାଇଁ ସୋମବାର ଅଙ୍ଗନୱାଡି କର୍ମୀମାନଙ୍କୁ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲକୁ ଡକାଇବା ପରେ ସେଠାରେ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଅଙ୍ଗନୱାଡି କର୍ମୀମାନେ ନିର୍ବାଚନ କାର୍ଯ୍ୟରୁ ବିରତ ରହିବାକୁ ଘୋଷଣା କରିବା ଭଳି ସ୍ଥିତି ଉପୁଜିଥିଲା। ହେଲେ ଉପରିସ୍ଥ ଅଧିକାରୀଙ୍କ ହସ୍ତକ୍ଷେପ ପରେ ସମସ୍ୟାର ସମାଧାନ ହୋଇଛି।

ଅଭିଯୋଗ ଅନୁସାରେ ଅଙ୍ଗନୱାଡି କର୍ମୀମାନଙ୍କ ମୋବାଇଲରେ ସୋମବାର ସକାଳ ୮ଟାରେ ଅଞ୍ଚଳର କିଛି ସ୍ୱେଚ୍ଛାସେବୀମାନଙ୍କୁ ନେଇ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲରେ ହେବାକୁ ଥିବା ବୈଠକରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ କେତେକ କର୍ମୀ ସାଥୀରେ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଜିଲାସ୍କୁଲରେ ପହଞ୍ଚିଥିଲେ। ସେଠାରେ ସମ୍ବଲପୁର ମହାନଗର ନିଗମର ଅତିରିକ୍ତ କମିଶନର ତଥା ନିର୍ବାଚନ ଅଧିକାରୀ ଶୁଭଜିତା ମହାନ୍ତି ଅଙ୍ଗନୱାଡି କର୍ମୀମାନଙ୍କୁ ସିଡିପିଓ ଅଫିସ ଯାଇ ସେଠାରୁ ଫର୍ମ ଏବଂ ନୋଟିସ୍ ନେଇ ନିଜ ଅଞ୍ଚଳରେ ଥିବା ସ୍କୁଲଗୁଡିକରେ ଲଗାଇ ତାର ଫଟୋ ଅଫିସ ନମ୍ବରରେ ପଠାଇବାକୁ କହିଥିଲେ। ତେବେ କର୍ମୀମାନେ କହିଥିଲେ ଯେ ଆମେ ୨୭୦ ଜଣ କର୍ମୀ ସିଡିପିଓ କାର୍ଯ୍ୟାଳୟ ଯିବା ବଦଳରେ କାହାକୁ ପଠାଇ ଫର୍ମ ଏବଂ ନୋଟିସଗୁଡିକ ଆଣି ସମସ୍ତଙ୍କୁ ଦେଲେ ସୁବିଧା ହେବ ବୋଲି କହିଥିଲେ। ବର୍ତ୍ତମାନ ତାଳଫଟା ଖରାରେ ୨୭୦ ଜଣ ଅଙ୍ଗନୱାଡି କର୍ମୀ ସିଡିପିଓ କାର୍ଯ୍ୟାଳୟ କେମିତି ଯିବେ ପୁଣି ଫର୍ମ ନେଇ କେତେବେଳେ ନୋଟିସ ଛାପିବେ ବୋଲି ପ୍ରଶ୍ନ କରିଥିଲେ। ତେବେ ଏତିକିରେ ଅତିରିକ୍ତ କମିଶନର ରାଗି ଯାଇ ସମସ୍ତଙ୍କୁ କୌଣସି ବୈଠକ ହେବ ନାହିଁ, କୁଆଡେ ଗେଟ୍‌ଆଉଟ ବୋଲି କହିଥିବା ଅଙ୍ଗନୱାଡି କର୍ମୀ ମାନେ ଅଭିଯୋଗ କରିଛନ୍ତି। ବୈଠକ ଡାକି ଅପମାନିତ କରିଥିବାରୁ ସାମୂହିକ ଭାବେ ନିର୍ବାଚନ ପ୍ରକ୍ରିୟାରୁ ସେମାନେ ବିରତ ରହିବେ ବୋଲି ଘୋଷଣା କରିଥିଲେ। ଏହାପରେ ନିଷ୍ପତ୍ତି ବିଷୟରେ ସିଡିପିଓଙ୍କ ଜଣାଇଥିଲେ। ସିଡିପିଓ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କୁ ଭେଟି ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କୁ ଭେଟି ଅଙ୍ଗନୱାଡି କର୍ମୀମାନେ ସମସ୍ତ ଘଟଣା ବିଷୟରେ ଜଣାଇବା ସହ ନିର୍ବାଚନ ପ୍ରକ୍ରିୟାରେ ଆଉ ସାମିଲ ହେବେ ନାହିଁ ବୋଲି କହିଥିଲେ। ତେବେ ଅତିରିକ୍ତ ଜିଲାପାଳ ସମ୍ପୃକ୍ତ ଅତିରିକ୍ତ କମିଶନରଙ୍କୁ ଡକାଇ ଏନେଇ ତାଗିଦ୍ କରିଥିଲେ। ଅଙ୍ଗନୱାଡି କର୍ମୀ ମାନେ କରୁଥିବା ସେବା ବଦଳରେ ତାଙ୍କୁ ଅପମାନ ଦେବାଭଳି ବ୍ୟବହାର କାହିଁକି କଲେ ତାକୁ ନେଇ ଅତିରିକ୍ତ କମିଶନରଙ୍କୁ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ପ୍ରଶ୍ନ କରିଥିଲେ। ଏହାପରେ ଅଙ୍ଗନୱାଡି କର୍ମୀଙ୍କୁ ଭୁଲ ହୋଇଥିବା ନେଇ କହିବା ପରେ ସମସ୍ୟାର ସମାଧାନ ହୋଇଥିଲା। ଜିଲାର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇସାରିଥିବାରୁ ସମସ୍ତେ ମିଳିମିଶି ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପାଇଁ ସହଯୋଗ କରିବାକୁ ଅତିରିକ୍ତ ଜିଲାପାଳ କର୍ମୀମାନଙ୍କୁ ବୁଝାଇଥିଲେ। ଏହାପରେ ଅଙ୍ଗନୱାଡି କର୍ମୀ ମାନେ ମଧ୍ୟ ଆଗକୁ ଯେମିତି ଏଭଳି ଘଟଣା ନହେବ ତାପ୍ରତି ଦୃଷ୍ଟି ଦେବାକୁ ଜିଲା ପ୍ରଶାସନକୁ ଅନୁରୋଧ କରିଥିଲେ। ପ୍ରଶାସନର ଆଶ୍ୱାସନା ପରେ ନିବାଚନ ପ୍ରକ୍ରିୟାରେ ସାମିଲ ହେବା ନେଇ ସହମତି ପ୍ରକାଶ ପାଇଥିଲା।

ଦେବଗଡ଼ ଜିଲାରେ ପ୍ରତ୍ୟେକ ସୋମବାର ସରକାରୀ କର୍ମଚାରୀମାନେ ପିନ୍ଧିବେ ସମ୍ବଲପୁରୀ ବସ୍ତ୍ର, ଏହି ଅବସରରେ ଦେବଗଡ ତହସିଲ କର୍ମଚାରୀମାନେ ସମ୍ବଲପୁରୀ ବସ୍ତ୍ର ପିନ୍ଧିଛନ୍ତି।

କୁଚିଣ୍ଡାରେ ବିଜେଡି କାର୍ଯ୍ୟକର୍ତ୍ତା ସମ୍ମିଳନୀ

କର୍ମୀ ସମାବେଶରେ ବିଜେଡି ନେତୃବର୍ଗ।

କୁଚିଣ୍ଡା, ୨୯।୪(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପଡିଆରେ ବିଜେଡି ପକ୍ଷରୁ ସୋମବାର ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ସଂଗଠନ ସମ୍ପାଦକ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ବିଜୟ ପାଇଁ ଗୁରୁମନ୍ତ୍ର ଦେଇଛନ୍ତି। ଏହି ଅବସରରେ ପ୍ରଣବ କହିଛନ୍ତି ଯେ, କୁଚିଣ୍ଡାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚୁର ଅର୍ଥ ଦେଇଛନ୍ତି। ଆପଣମାନେ ଯେତେ ବେଳେ ଯାହା ମାଗିଛନ୍ତି, ମୁଖ୍ୟମନ୍ତ୍ରୀ ତାହା ଦେଇଛନ୍ତି। ତେଣୁ ତାଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଆଗାମୀ ନିର୍ବାଚନରେ ଉଭୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରାନ୍ତୁ। ଏହି ସମାବେଶରେ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ, ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ର, ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, କେନ୍ଦ୍ରପଡ଼ା କଲ୍ୟାଣ ବୋର୍ଡ ଉପଦେଷ୍ଟା ତଥା ଯୁବନେତା ସଞ୍ଜିତ ମହାନ୍ତି, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ୍ କୁମାର ମହାନ୍ତି, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଜିଲା ଉପସଭାପତି ପ୍ରଦୀପ ମିଶ୍ରଙ୍କ ସମେତ ବହୁସଂଖ୍ୟକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

ପୂର୍ବତନ ସରପଞ୍ଚଙ୍କ ପରଲୋକ

କର୍ଲାମୁଣ୍ଡା, ୨୯।୪(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ କଂଗ୍ରେସ ନେତା ଘନଶ୍ୟାମ ସାହୁଙ୍କ ୯୪ବର୍ଷ ବୟସରେ ସୋମବାର ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ସେ ରିଷିଡା ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି, ଜଳଛାୟା ପ୍ରକଳ୍ପର ଅଧ୍ୟକ୍ଷ ଭାବେ ମଧ୍ୟ ଦୟିତ୍ୱ ନିର୍ବାହ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟ ଓ ବନ୍ଧୁ ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

ଗୋପାଲମାଲରେ ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

ଗୋପାଲମାଲରେ ଅନୁଷ୍ଠିତ ପ୍ରଚାର ସଭାରେ ମଞ୍ଚାସୀନ ବିଜେଡି ନେତା।

ସମ୍ବଲପୁର, ୨୯।୪ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବିଜୁ ଜନତା ଦଳ ତରଫରୁ ସୋମବାର ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର ୧୯ ଅର୍ନ୍ତଗତ ଗୋପାଲମାଲଠାରେ ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ନିର୍ବାଚନୀ ପ୍ରଚାର କରିଥିଲେ। ସେ କହିଥିଲେ ଆପଣମାନେ ଗତ ନିର୍ବାଚନରେ ସମ୍ବଲପୁରରେ ଭାଜପା ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ହେଲେ ଗତ ୫ ବର୍ଷ ଧରି ସେମାନେ ଉଭାନ ହୋଇଯାଇଥିଲେ। ବର୍ତ୍ତମାନ ନିର୍ବାନ ଆସିବାରୁ ଘରୁ ବାହାରି ପୁଣି ଭୋଟ ମାଗୁଛନ୍ତି। ଭୋଟ ନେବା ପରେ ଉଭାନ ହୋଇଯାଉଥିବା ଭାଜପାର ନେତାମାନଙ୍କୁ ମିଷ୍ଟର ଇଣ୍ଡିଆ ବୋଲି ସମ୍ବୋଧନ କରିଥିଲେ ରୋହିତ। ତେଣୁ ଚଳିତ ନିର୍ବାଚନରେ ଆମର ମିଷ୍ଟର ଇଣ୍ଡିଆ ଦରକାର ନାହିଁ, ଦୌଡୁଥିବା ବିଧାୟକ ଏବଂ ଏମ୍‌ପି ଦରକାର। ବିଧାୟକ ଓ ଏମ୍‌ପିଙ୍କ ଅପାରଗତା ହେତୁ ଜନତାଙ୍କ ମୌଳିକ ସମସ୍ୟାର ସମାଧାନ ହୋଇପାରି ନ ଥିବା ପୂଜାରୀ ଅଭିଯୋଗ କରିଥିଲେ। ଗତଥର ଭଳି ଭୁଲ ନକରି ଚଳିତ ଥର ବିଧାୟକ ଭାବେରେ ରୋହିତ ପୂଜାରୀ ଏବଂ ଏମ୍‌ପି ଭାବରେ ପ୍ରଣବ ପ୍ରକାଶ ଦାସଙ୍କୁ ଶଙ୍ଖଚିହ୍ନ ଭୋଟ ଦେବାକୁ ନିବେଦନ କରିଥିଲେ । କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

ଭାରତ ବିକାଶ ପରିଷଦ ହୀରାକୁଦ ଶାଖାର ଶପଥ ଗ୍ରହଣ ସମାରୋହ

ସମ୍ବଲପୁର, ୨୯।୪ (ଭବାନୀ ଶଙ୍କର ଭୋଇ)

ଭାରତ ବିକାଶ ପରିଷଦ ହୀରାକୁଦ ଶାଖା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୋମବାର ହୀରାକୁଦ ଶାଖାର ବର୍ଷ ୨୦୨୪-୨୫ର ସଦସ୍ୟମାନଙ୍କର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଛି। ସଙ୍ଗଠନ ସମ୍ପାଦକ ସରୋଜ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାରତ ବିକାଶ ପରିଷଦର ଶ୍ରୀନିବାସ ପଣ୍ଡା ମୁଖ୍ୟ ଅତିଥି, ପଶ୍ଚିମ ପ୍ରାନ୍ତ ମହିଳା ଓ ବାଳ ବିକାଶ ସଚିବ ରଶ୍ମିରେଖା ଜେନା ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସଭାପତି ବ୍ରହ୍ମାନନ୍ଦ ସାହୁ ହୀରାକୁଦ ଶାଖାର ବିବରଣୀ ପ୍ରଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ଆଚାର୍ଯ୍ୟ ହୀରାକୁଦ ଶାଖାର ରୂପରେଖ ଏବଂ କାର୍ଯ୍ୟକ୍ରମ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଭାରତ ବିକାଶ ପରିଷଦର ୫ଟି ସ୍ତମ୍ଭ ସଂସ୍କାର, ସେବା, ସହଯୋଗ, ସମ୍ପର୍କ ଓ ସମର୍ପଣ ସହ ସଦସ୍ୟମାନଙ୍କର କର୍ତ୍ତବ୍ୟ ଉପରେ ବିବୃତି ରଖିଥିଲେ। ମୁଖ୍ୟ ଅତିଥି ଦେଶ ଓ ଜାତି ପାଇଁ ଆମ ସମସ୍ତଙ୍କର ଆବଶ୍ୟକତା ଥିବା କହିଥିଲେ। ମୁଖ୍ୟ ଅତିଥି ସମସ୍ତ ସଭ୍ୟ ମାନଙ୍କୁ ପଦ ଓ ଦାୟିତ୍ୱର ଶପଥ ପାଠ କରାଇଥିଲେ। ନିକଟରେ ହୋଇଥିବା ପ୍ରତିଯୋଗିତାରେ ୨୮ଜଣ ସଫଳ ପ୍ରତିଯୋଗୀଙ୍କୁ ସମ୍ମାନୀତ କରାଯାଇଥିଲା। ବରିଷ୍ଠ ସଦସ୍ୟ ବିପିନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

ଆସ ଆମେ ପଢ଼ିବା କାର୍ଯ୍ୟକ୍ରମ

ବରଗଡ଼, ୨୯।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବନ୍ଧପଡ଼ାରେ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ପକ୍ଷରୁ ଆସ ଆମେ ପଢ଼ିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିଶୁଶ୍ରୀର ସଭାପତି ମନୋରଞ୍ଜନ ମେହେର ସଭାପତିତ୍ୱ କରିଥିଲେ। ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶିଶୁଶ୍ରୀ ଅନୁଷ୍ଠାନର ସଭ୍ୟାସଭ୍ୟ ଯୋଗଦେଇ ପିଲାମାନଙ୍କୁ ଗଳ୍ପ, କବିତା, ଗୀତ, ନୃତ୍ୟ ମାଧ୍ୟମରେ ମନୋରଞ୍ଜନ କରିବା ସହିତ ପାଠ୍ୟପୁସ୍ତକରୁ ଶିକ୍ଷାଦାନ କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ରାଣାପ୍ରତାପ ସ୍କୁଲ ମୋ ସ୍କୁଲ ଅଭିଯାନ କମିଟି ଅଧ୍ୟକ୍ଷ ନନ୍ଦକିଶୋର ଅଗ୍ରୱାଲ, ଟିକେଲାଲ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ରେଣୁଦାସ ଶର୍ମା, ଅର୍ଜୁନ ସେଟ୍, ସଂଘମିତ୍ରା ପଟେଲ, ଦୟାନିଧି ମହାପାତ୍ର, ଦୁଃଖିସେବକ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷାଦାନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଖାତା, କଲମ ବଣ୍ଟନ କରାଯାଇଥିଲା। ଆବାହକ ଡ. ରବିନାରାୟଣ ସାହୁ ପିଲାମାନଙ୍କୁ ଗଳ୍ପ କହିବା ସହିତ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସେହିପରି ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା।

ବନ୍ଧପଡ଼ାରେ ଅନୁଷ୍ଠିତ ଆସ ଆମେ ପଢ଼ିବା କାର୍ଯ୍ୟକ୍ରମ।

ବିଜେଡିରେ ଯୁବ, ମହିଳା କର୍ମୀ ସାମିଲ

ବରଗଡ଼, ୨୯।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ସୋମବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହର ଉପକଣ୍ଠ ତୋରା ଏବଂ ଧାଙ୍ଗେର ମୁଣ୍ଡାପଡ଼ାର ଅନେକ ଯୁବକ ଏବଂ ମହିଳା କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବିଧାୟକ ଦେବେଶ ଆଚାର୍ଯ୍ୟ, ବରିଷ୍ଠ ବିଜେଡି ନେତା ସମିତ ଆଚାର୍ଯ୍ୟ, ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, କମଳ ତାଣ୍ଡି ପ୍ରମୁଖ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଏବଂ ବିଧାୟକ ଆଚାର୍ଯ୍ୟଙ୍କ ବ୍ୟକ୍ତିତ୍ୱରେ ଅନୁପ୍ରାଣୀତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି।

ବିଧାୟକଙ୍କ ଗହଣରେ ନୂତନ ଭାବେ ବିଜେଡିରେ ଯୋଗଦେଇଥିବା କର୍ମୀବୃନ୍ଦ।

ବୀରମହାରାଜପୁରରେ ଆଇନ ଦିବସ ପାଳିତ

ଆଇନ ଦିବସ ସଭାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ପାଖରେ ଆଇନଜୀବୀମାନେ।

ଅମରପାଲି, ୨୯।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ବାରିଷ୍ଟର ମଧୁବାବୁଙ୍କ ଜୟନ୍ତି ବା ଆଇନ ଦିବସ ପାଳିତ ହୋଇଯାଇଛି। ସଂଘ ସମ୍ପାଦକ ଭାରତଲାଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପ୍ରଥମେ ମଧୁବାବୁଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତି ଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘ ସହସମ୍ପାଦକ ବିଭୂତି ଭୂଷଣ ହୋତା, ସଭ୍ୟ ସୁଶିଲ ପାଣିଗ୍ରାହୀ, ସବିତା ପଣ୍ଡା, ଯୁଧିଷ୍ଠିର ସାହୁ, ଚିତ୍ତରଞ୍ଜନ ସେଠୀ, ସଞ୍ଜୀବ ପ୍ରଧାନଙ୍କ ସହିତ ସଂଘର ବହୁ ସଦସ୍ୟ ଉପସ୍ଥିତ ରହି ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥଲେ । ସେହିପରି ସାମ୍ବାଦିକ ଭବନ ପରିସର ମଧୁବାବୁଙ୍କ ଜୟନ୍ତି ପାଳନ ଅବସରରେ ଆଇନଜୀବୀ ରଞ୍ଜନ କର, ଶିକ୍ଷାବିତ୍ ସୁଧୀର କୁମାର ହୋତା, ସତ୍ୟବାନ ପୁରୋହିତ ଯୋଗଦେଇ ମଧୁବାବୁଙ୍କ ସ୍ମୃତି ଚାରଣ କରିଥିଲେ

ସମ୍ବଲପୁର ଲୋକ ସଭା କ୍ଷେତ୍ରରେ ୧୪ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର

ସମ୍ବଲପୁର,୨୯।୪(ପ୍ରମୋଦ ବହିଦାର)

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ସକାଶେ ସମ୍ବଲପୁର ସହିତ ମୋଟ ୬ଟି ଲୋକ ସଭା ଓ ୪୨ଟି ବିଧାନସଭା ଆସନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ସମ୍ବଲପୁର ଲୋକ ସଭା ଆସନ ସହିତ ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମ୍ବଲପୁର, ରେଙ୍ଗାଲି, ରେଢ଼ାଖୋଲ, କୁଚିଣ୍ଡା, ଦେବଗଡ଼, ଛେଣ୍ଡିପଦା ଓ ଆଠମଲ୍ଲିକ ଆଦି ୭ଟି ବିଧାନସଭା ଆସନରେ ଆସନ୍ତା ମେ ୨୫ରେ ଭୋଟ ଗ୍ରହଣହେବ। ସୋମବାର ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ମେ ୭ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ଅନୁଷ୍ଠିତ ହେବ। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ମେ ୯ ତାରିଖ ଧାର୍ଯ୍ୟ ହୋଇଛି। ଉକ୍ତଦିନ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ବିଭିନ୍ନ ପ୍ରାର୍ଥୀଙ୍କ ଚୂଡ଼ାନ୍ତ ତାଲିକା ମଧ୍ୟ ପ୍ରକାଶିତ ହେବେ।

ଆସନ୍ତା ମେ ୨୫ ତାରିଖରେ ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ସମସ୍ତ ୭ଟି ବିଧାନସଭା ଆସନରେ ଭୋଟ ଗ୍ରହଣ କରାଯିବ। ସେଥିମଧ୍ୟରୁ କୁଚିଣ୍ଡା ଓ ରେଢ଼ାଖାଲରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ଦେବଗଡ଼ରେ

ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ପାଇଁ ବିଜ୍ଞପ୍ତି ପ୍ରକାଶ

ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଓ ଅନ୍ୟ ସମସ୍ତ ଆସନରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ସମ୍ବଲପୁର ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ମୋଟ ୧୭୬୨ଟି ବୁଥରେ ଭାଟ୍ ଗ୍ରହଣ କରାଯିବ। ସେଥିମଧ୍ୟରୁ ସମ୍ବଲପୁରରେ ୧୮୯ଟି, ରେଙ୍ଗାଲିରେ ୨୩୫ଟି ରେଢ଼ାଖୋଲରେ ୨୫୨ଟି, କୁଚିଣ୍ଡା ୨୭୨ଟି, ଦେବଗଡ଼ରେ ୩୩୮ଟି, ଛେଣ୍ଡିପଦାରେ ୨୨୭ଟି ଓ ଆଠମଲ୍ଲିକରେ ୨୪୯ଟି ବୁଥରେ ଭୋଟ ଗ୍ରହଣ କରାଯିବ। ଏଥରେ ସମଗ୍ର ଲୋକସଭା ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଗତ ୭ ଲକ୍ଷ ୪୨ ହଜାର ୨୧୪ ପୁରୁଷ ଓ ୭ ଲକ୍ଷ ୩୬ ହଜାର ୭୫୬ ଜଣ ମହିଳା ଏହିପରି ମୋଟ ୧୪ ଲକ୍ଷ ୭୮ ହଜାର ୨୩୮ ଜଣ ଭୋଟର ବିଭିନ୍ନ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ।

ସୋମବାର ପ୍ରଥମ ଦିବସରେ କେହି ପ୍ରାର୍ଥୀ ପତ୍ର ଦାଖଲ କରି ନ ଥିବା ବେଳେ ମାତ୍ର ତିନୋଟି ଫାର୍ମ ବିକ୍ରୟ ହୋଇଛି। ମଙ୍ଗଳବାର ବିଜେଡିର ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ସହିତ ସମ୍ବଲପୁର ଓ ରେଙ୍ଗାଲି ବିଧାସଭା ବିଜେଡି ପ୍ରାର୍ଥୀ ଇଂ. ରୋହିତ ପୂଜାରୀ ଓ ସୁଦର୍ଶନ ହରିପାଲ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଜଣା ପଡ଼ିଛି। ସେହିପରି ମେ ୨ରେ ଭାଜପା ଲୋକ ସଭା ପ୍ରାର୍ଥୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରେଙ୍ଗାଲି ଭାଜପା ପ୍ରାର୍ଥୀ ନାଉରୀ ନାଏକ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଥିବା ବେଳେ ଭାଜପାର ସମ୍ବଲପୁର ବିଧାନସଭା ପ୍ରାର୍ଥୀ ବିଧାୟକ ଜୟନାରାୟଣ ମିଶ୍ର ମେ ୩ରେ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଦଳୀୟ ସୂତ୍ରରୁ ପ୍ରକାଶ।

ଯାଦବ ସଂଘର ଭୋଟର ସଚେତନତା

ସମଲେଶ୍ୱରୀ ମନ୍ଦିର ଛକରେ ଯାଦବ ସଂଘ ସଦସ୍ୟମାନେ ଭୋଟର ସଚେତନତା କରିବା ସହ ଦହି ସରବତ ବଣ୍ଟନ କରୁଛନ୍ତି।

ସମ୍ବଲପୁର,୨୯।୪(ବି.ଶଙ୍କର)

ସମ୍ବଲପୁର ଯାଦବ ସଂଘ ପକ୍ଷରୁ ଭୋଟର ସଚେତନତା ସମଲେଶ୍ୱରୀ ମନ୍ଦିର ଛକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଯାଦବ ସଂଘ ସଦସ୍ୟମାନେ ସମବେତ ହୋଇ ଜନସାଧାରଣଙ୍କୁ ଭୋଟ ଦେବାକୁ ବୁଝାଇବା ସହ ଥଣ୍ଡା ପାନୀୟ ଜଳ(ଦହି ସରବତ) ବିତରଣ କରିଥିଲେ। ଏଥିସହିତ ମତଦାନ ପାଇଁ ଭୋରଟରମାନଙ୍କୁ ମତଦାନ କେନ୍ଦ୍ରକୁ ଯାଇ ଭୋଟ ଦେଇ ନିଜ ଅଧିକାର ସାବ୍ୟସ୍ତ କରିବାକୁ ଲୋକଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହରର ବିଭିନ୍ନ ଜନବହୁଳ ସ୍ଥାନରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଲୋକଙ୍କୁ ସଚେତନ କରିବାକୁ ଯାଦବ ସଂଘ ସ୍ଥିର କରିଛି। ସଂଘ ସଭାପତି ଭୋଲାଶଙ୍କର ମହତମଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସମ୍ପାଦକ ହେମନ୍ତ ଗହୀର, ମୁଖ୍ୟ ଉପଦେଷ୍ଟା କୃଷ୍ଣଚନ୍ଦ୍ର ବାଗ, ସୁରେନ୍ଦ୍ର କୁମାର ବଗର୍ତ୍ତି, ବରିଷ୍ଠ ସଦସ୍ୟ ବଳରାମ ମଟାରୀ, ଜୟକିଶୋର ଜାଲ, ଗୁଣନିଧି ରାଉତ, ବିଜୟଲକ୍ଷ୍ମୀ ବେହେରା, କାନନ ନାଗ, ଶିବଶମ୍ଭୁ ଯାଦବ, ମନବୋଧ ବଗର୍ତ୍ତି, ଲେଲୁର୍ଯ୍ୟ ନାଗ, ହରିହର ଷଣ୍ଟ, ରାଜୁ ପୋଢ, ନବ ଜାଲ, ଜଗଦୀଶ ମଲ୍ଲିକ, ନିଖିଳ ନାଗ, କ୍ଷିତୀଶ ବାଗ ଘନାଶ୍ୟାମ ମହାକୁର, ସତ୍ୟ ଦେଓ ପ୍ରମୁଖଙ୍କ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଜଙ୍ଗଲରୁ ଯୁବତୀଙ୍କ ଗଳିତ ମୃତଦେହ ଜବତ

କୁଚିଣ୍ଡା,୨୯।୪(ବିରଞ୍ଚି ଦର୍କା)

- ମୃତାଙ୍କ ବାପା ଆଣିଲେ ହତ୍ୟା ଅଭିଯୋଗ
- ୫ଦିନ ତଳେ ଘରୁ ନିଖୋଜ ହୋଇଯାଇଥିଲେ

ସମ୍ବଲପୁର ଜିଲା ମହୁଲପାଲି ଥାନା ଗୋଛରା ପଞ୍ଚାୟତ ଲଇଗୁରା ସୁରୁପଡା ଗ୍ରାମ ସମୀପ ଭାଲୁବେର୍ଣ୍ଣା ଜଙ୍ଗଲରୁ ରବିବାର ରାତିରେ ପୋଲିସ ଜଣେ ଯୁବତୀ(୨୫)ଙ୍କ ଗଳିତ ମୃତଦେହ ଜବତ କରିଛି। ମୃତା ଥାନା ଅନ୍ତର୍ଗତ ଲଇଗୁରା ସୁରୁପଡାର ବୋଲି ଚିହ୍ନଟ କରାଯାଇଛି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ସୋମବାର ପୋଲିସ କୁଚିଣ୍ଡା ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରିଛି। ମୃତ୍ୟୁକୁ ନେଇ ସାଧାରଣରେ ନାନା ଆଲୋଚନା ହେଉଥିବା ବେଳେ ଯୁବତୀଙ୍କ ବାପା ଝିଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷରେ ପୋଲିସ ବିଭିନ୍ନ ଦିଗକୁ ତର୍ଜମା କରି ତଦନ୍ତକୁ ଆଗକୁ ବଢାଇଛି।

ସୂଚନା ଅନୁଯାୟୀ, ଗତ ୨୩ତାରିଖ ମଙ୍ଗଳବାର ସନ୍ଧ୍ୟାରେ ଯୁବତୀ ଜଣକ ଘରେ ଏକା ଥିବାବେଳେ ତାଙ୍କ ମା' ବାପା ପରିବାରର ଅନ୍ୟ ସଦସ୍ୟଙ୍କ ସହ ଗ୍ରାମର କସାନପଡାରେ ହେଉଥିବା ନାମଯଜ୍ଞ ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ୧୧ଟାରେ ସେମାନେ ଘରକୁ ଫେରିବା ବେଳେ ଯୁବତୀ ଜଣକ ଘରେ ନଥିବା ଦେଖିବାକୁ ପାଇଥିଲେ। ରାତିସାରା ଖୋଜାଖୋଜି ପରେ ବି ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ବୁଧବାର ସକାଳେ ଏ ନେଇ ଯୁବତୀଙ୍କ ବାପା ମହୁଲପାଲି ଥାନାରେ ଏତଲା ଦେଇଥିଲେ। ନିଖୋଜର ୫ଦିନ ପରେ ରବିବାର ଗ୍ରାମର ଛେଳି ଚରାଳିମାନେ ଭାଲୁବେର୍ଣ୍ଣା ଜଙ୍ଗଲରେ ଏକ ଶାଳଗଛ ମୂଳେ ଜଣେ ମହିଳାଙ୍କ ଗଳିତ ମୃତଦେହ ଥିବା ଦେଖି ଗ୍ରାମକୁ ଖବର ଦେଇଥିଲେ। ଖବର ପାଇ ନିଖୋଜ ଯୁବତୀଙ୍କ ବାପା ଜଙ୍ଗଲକୁ ଯାଇ ଏକ ଛୋଟ ଶାଳଗଛରେ ଜଣେ ମହିଳାଙ୍କ ମୃତଦେହ ବନ୍ଧା ହୋଇଥିବା ଦେଖିଥିଲେ। ପିନ୍ଧା କପଡାରୁ ଏହା ତାଙ୍କ ଝିଅର ବୋଲି ସେ ଚିହ୍ନଟ କରିଥିଲେ। ଖବରପାଇ ମହୁଲପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପୋଲିସର କହିବାନୁଯାୟୀ, ସମ୍ପୃକ୍ତା ଯୁବତୀଙ୍କ ମାନସିକ ଅବସ୍ଥା ଭଲ ନଥିଲା। ହୁଏତ ସେ ମାନସିକ ଅବସାଦଗ୍ରସ୍ତ ହୋଇ ଗାଁ ପାଖ ଜଙ୍ଗଲକୁ ଯାଇ ଆତ୍ମହତ୍ୟା କରିଥାଇ ପାରନ୍ତି। ହେଲେ ମୃତାଙ୍କ ପିତା ଏହାକୁ ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ତାଙ୍କ ଝିଅକୁ ଜଙ୍ଗଲକୁ ନେଇ କେହି ହତ୍ୟା କରି ଗଛରେ ବାନ୍ଧି ଆତ୍ମହତ୍ୟାର ରୂପ ଦେଇଥିବା ଅଭିଯୋଗ କରିଛନ୍ତି। ପୋଲିସ ଉଚିତ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡାଙ୍କୁ ପଚାରିବାରୁ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହା ସ୍ପଷ୍ଟ ହୋଇଯିବ ବୋଲି ସେ କହିଛନ୍ତି।

ସତ୍‌ସଙ୍ଗରେ ଯୋଗଦେଲେ ପ୍ରଣବ ପ୍ରକାଶ

ଧନକଉଡା ସତ୍‌ସଙ୍ଗ ବିହାରରେ ଅନୁଷ୍ଠିତ ସତ୍‌ସଙ୍ଗରେ ପ୍ରଣବ ପ୍ରକାଶ ଦାସ ।

ସମ୍ବଲପୁର,୨୯।୪(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ଧନକଉଡାସ୍ଥିତ ସତ୍‌ସଙ୍ଗ ବିହାରରେ ରବିବାର ରାତିରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଜେଡି ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଆଶୀର୍ବାଦ ନେଇଥିଲେ । ଦେହ ଓ ମନକୁ ଶାନ୍ତ ରଖିବାରେ ସତସଙ୍ଗ ବିଶେଷ ସହାୟକ ହୁଏ । ନିର୍ବାଚନ ସମୟରେ ସତ୍‌ସଙ୍ଗ ମିଳିବା ମୋ ପାଇଁ ଦୁର୍ଲଭ ବୋଲି କହିଥିଲେ । ସମ୍ବଲପୁର ସହରରେ ଅନେକ କାମ କରିବା ବାକି ରହିଛି । ଏହି ଐତିହାସିକ ସହରକୁ ଶାନ୍ତ ଓ ସମୃଦ୍ଧ କରିବାକୁ ଆଗାମୀ ଦିନରେ କାମ କରିବି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ବଲପୁରକୁ ସମୃଦ୍ଧ କରିବା ପାଇଁ ଆଗାମୀ ଦିନରେ ଅନେକ ଯୋଜନା ରହିଛି । ଏଠାରେ ଉପସ୍ଥିତ ଥିବା ଗୁରୁଜନ ମତେ ସଦ୍‌ବାଟ ବତାଇବେ ବୋଲି ମୁଁ ନିବେଦନ କରୁଛି ବୋଲି ପ୍ରଣବ ପ୍ରକାଶ କହିଥିଲେ। ଏହି ଅବସରରେ ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ମଧ୍ୟ ଉପସ୍ଥିତ ଥିଲେ ।

୫୯ତମ ସାମୂହିକ ବ୍ରତୋପନୟନ

ସମ୍ବଲପୁର,୨୯।୪(ବି.ଶଙ୍କର)

ସମ୍ବଲପୁର ଝାଡୁଆପଡ଼ା ଆରଣ୍ୟକ ମଣ୍ଡପରେ ୫୯ତମ ସାମୂହିକ ବ୍ରତପୋନୟନ ଅନୁଷ୍ଠିତ ହୋଇଯାଇଛି। ଆରଣ୍ୟକ ସେବା ସଂସ୍ଥା, ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ କମିଟି ଓ ଯୁବ ଉଦୟନ ମିଳିତ ଭାବେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ ୨୩ ଜଣ ବ୍ରାହ୍ମଣଙ୍କର ବ୍ରତ ହୋଇଥିଲା। ବ୍ରତ କାର୍ଯ୍ୟକୁ ପଣ୍ଡିତ ରବିନାରାୟଣ ପଣ୍ଡା, ଅମରେନ୍ଦ୍ର ପୂଜାରୀ ମହେଶ୍ୱର ନାୟକ, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ସଚ୍ଚିଦାନନ୍ଦ ମିଶ୍ର, ଉତ୍ତମ ରଥ, ଅମିତ ମିଶ୍ର, ନିଗମାନନ୍ଦ ପୂଜାରୀ, ଯୋଗେଶ୍ୱର ବାବୁ ପ୍ରମୁଖ ପଣ୍ଡିତମାନେ ସଞ୍ଚାଳନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ବ୍ରହ୍ମଗିରି ବିଧାୟକ ଲଲିଟେନ୍ଦୁ ବିଦ୍ୟାଧର ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆରଣ୍ୟକ ସେବା ସଂସ୍ଥା ସଭ୍ୟ ସଞ୍ଜୟ କୁମାର ମିଶ୍ର, ଶୁଭେନ୍ଦ୍ର ପଣ୍ଡା, ଚନ୍ଦ୍ରଶେଖର ପାଢ଼ୀ, ସଞ୍ଜୀବ ପାଢ଼ୀ, ପ୍ରାଣରଞ୍ଜନ ପଣ୍ଡା, ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ସୌମିତ୍ର ପୂଜାରୀ, ନରେନ୍ଦ୍ର ସାହୁ, ସିଲୁ ପରିଚ୍ଛା, ପିଙ୍କୁ ପାତ୍ର, ମାନଭଞ୍ଜନ ରାଉତ, ସତ୍ୟନାରାୟଣ ଜେନା, ଧିନା ପ୍ରଧାନ, ଗୋପ ବାରିକ, ପ୍ରବୀଣ ଦୀକ୍ଷିତ, ହିମାଂଶୁ ପତି ପ୍ରମୁଖ ପରିଚାଳନା କରିଥିଲେ।

ବାବା ସାହେବଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ

ଅମରପାଲି,୨୯।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଂହା ପଞ୍ଚାୟତ ବଡ଼ଖମାର ଗ୍ରାମରେ ସୋମବାର ସନ୍ଧ୍ୟାରେ ବାବାସାହେବ ଆମ୍ବେଡ଼କରଙ୍କ ୧୩୩ ତମ ଜୟନ୍ତୀ ପାଳିତ ହୋଇଯାଇଛି। ସନ୍ତୋଷ କୁମର ମହାନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଆମ୍ବେଦକର ସେବାସଂଘ ସଭାପତି ଧିମାନ ଅନାଦୀ ଜଗଦଲା ମୁଖ୍ୟ ଅତିଥି, ସ୍ୱେଚ୍ଛାସେବୀ ଶାନ୍ତି ଜଗଦଲା ମୁଖ୍ୟବକ୍ତା ଏବଂ ଭୀମ ଆର୍ମି ସୁବର୍ଣ୍ଣପୁର ଜିଲ ସଭାପତି ଧୀମାନ ପ୍ରଦୀପ ଜାଲ ଓ ଧୀମାନ ନବୀନ ଭୋଇ ସମ୍ମାନୀତ ଅତିଥିଭାବେ ଯୋଗଦାନ କରି ଆମ୍ବେଡ଼କରଙ୍କ ମାନବ ସମାଜ ପ୍ରତି ଅବଦାନ ଉପରେ ଆଲୋଚନା କରିଥିଲେ।

ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିମାନେ।

ବରିଷ୍ଠ ଆମ୍ବେଡ଼କରପ୍ରେମୀ ଗଦାଧର ବାଦୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧର୍ମୁ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଭୀମ ପାଠଶାଳାର ଛାତ୍ରୀଛାତ୍ରମାନେ ବିଲମ୍ବିତ ରାତ୍ରି ପର୍ଯ୍ୟନ୍ତ ନୃତ୍ୟ ଗୀତ ପରିବେଷଣ କରିଥିଲେ ।

ଭାଜପା ଛାଡ଼ିଲେ ପୂର୍ବତନ ଅନୁସୂଚିତ ଜାତିମୋର୍ଚ୍ଚା ଜିଲା ସଭାପତି

ଅମରପାଲି,୨୯।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଭାଜପାର ପୂର୍ବତନ ଅନୁସୂଚିତ ଜାତିମୋର୍ଚ୍ଚାର ଜିଲା ସଭାପତି ତଥା ବୀରମହାରାଜପୁର ବ୍ଲକ ସୁବଳୟା ନିବାସୀ ରାଜେଶ ସେଠୀ ଦଳରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତାଫା ପତ୍ର ଦଳର ଜିଲା ସଭାପତିଙ୍କ ନିକଟକୁ ପଠେଇଥିବା ସୂଚନା ଦେଇଛନ୍ତି। ପୁରୁଣା କର୍ମୀଙ୍କୁ ଅଣଦେଖା କରାଯାଉଥିବାର ଅଭିଯୋଗ କରି ସେ ଦଳରୁ ଇସ୍ତାଫା ଦେଇଥିବା ଜଣାପଡ଼ିଛି। ତେବେ ସେ ଆଗକୁ କେଉଁ ଦଳରେ ଯୋଗଦେବେ ତାହା ଜଣାପଡି ନାହିଁ।

ରାଜେଶ ସେଠୀ

ଜଗନ୍ନାଥ ସଂସ୍କୃତିରେ ଶକ୍ତିପୂଜାର ପରମ୍ପରା ଶୀର୍ଷକ ଆଲୋଚନାଚକ୍ର

କୁଚିଣ୍ଡା,୨୯।୪(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁନ୍ତରା ଆଠଗାଁ ଛକ ସ୍ଥିତ ମା' ସମଲେଶରୀ ପୀଠ କଲ୍ୟାଣ ମଣ୍ଡପରେ ଜଗନ୍ନାଥ ସଂସ୍କୃତିରେ ଶକ୍ତିପୂଜାର ପରମ୍ପରା ଶୀର୍ଷକ ରାଷ୍ଟ୍ରୀୟ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଋଷିକୂଳ ସେବାଶ୍ରମ ଟ୍ରଷ୍ଟ ଅଧକ୍ଷ ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀଜୀଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ବିଶିଷ୍ଟ ସଂସ୍କୃତ ପ୍ରବକ୍ତା ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ମୁଖ୍ୟବକ୍ତା, ଦିଲ୍ଲୀ ଲାଲବାହାଦୁର ଶାସ୍ତ୍ରୀ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାଗିରଥି ନନ୍ଦ, ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ଆଚାର୍ଯ୍ୟ ଜ୍ଞାନରଞ୍ଜନ ପଣ୍ଡା, ରାଉରକେଲା ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟ ଆଚାର୍ଯ୍ୟ ଚନ୍ଦ୍ରଧ୍ୱଜ ମାଝି ବକ୍ତାଭାବେ ଯୋଗଦାନ କରିଥିଲେ। ଅତିଥିମାନେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶକ୍ତିପୂଜା ପରମ୍ପରା ଉପରେ ଆଲୋଚନା କରିଥିଲେ। ବେଦ ଓ ସଂସ୍କୃତ ଅଧୟନ ଦ୍ୱାରା ସମାଜରେ ଶାନ୍ତି ପ୍ରତିଷ୍ଠା, ନାରୀ ଶକ୍ତି ଜାଗରଣ ପାଇଁ ବୈଦିକ ଓ ନୈତିକ ଜ୍ଞାନର ପ୍ରଚାର ପ୍ରସାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ସରୋଜ କୁମାର ରଥ, ଅବସରପ୍ରାପ୍ତ ଅଧକ୍ଷ ଅତୁଲ୍ୟ କୁମାର ମହାକୁଡ଼ ମଞ୍ଚାସୀନ ଥିଲେ। ମଣିପୁର ସଂସ୍କୃତ ମହାବିଦ୍ୟାଳୟ ପ୍ରଫେସର ବୁଦ୍ଧେଶ୍ୱର ଷଡଙ୍ଗୀ ସଭା ପରିଚାଳନା କରିଥିଲେ। କୁନ୍ତରା ମହାବିଦ୍ୟାଳୟ ସଂସ୍କୃତ ଅଧାପକ ତରୁଣ କୁମାର ପୃଷ୍ଠେ ଅତିଥି ପରିଚୟ, ସ୍ୱାଗତ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଋଷିକୁଳ ସଂସ୍କୃତ ବିଦ୍ୟାଳୟ ପ୍ରଧାନଶିକ୍ଷକ ପଣ୍ଡିତ ଶ୍ୟାମ ସୁନ୍ଦର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧାପିକା ଶାଶ୍ୱତୀ ମେହେର, ରତ୍ନମଞ୍ଜରୀ ସାହୁ, ଦୀପିକା ବେହେରା,ବର୍ଷା ମୁଦୁଲି, ଅଧାପକ ଯୋଗେନ୍ଦ୍ର ମୁଦୁଲି, ରାଜେଶ ମାକର, ତୁଲାରାମ ଦଣ୍ଡସନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ବିଚାର ପ୍ରକ୍ରିୟାରେ ଆହୁରି ସୁଧାର ଆବଶ୍ୟକ

ସମ୍ବଲପୁର,୨୯।୪(ବି.ଶଙ୍କର)

ଆଇନଜୀବୀ ଦିବସରେ ୫ ବରିଷ୍ଠ ଆଇନଜୀବୀ ସମ୍ବର୍ଦ୍ଧିତ

ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ରବିବାର ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ସତ୍ୟନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଆଇଆଇଏମ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଇନ ଶିକ୍ଷା ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ମହାଦେବ କହିଥିଲେ ଯେ, ଉଚ୍ଚତର ଶିକ୍ଷା ସହିତ ପ୍ରଗତିର ପ୍ରଗାଢ଼ ସମ୍ପର୍କ ରହିଛି। ତେଣୁ ସଂପ୍ରତି ଭାରତର ଶିକ୍ଷା ପଦ୍ଧତି ପରିବର୍ତ୍ତନ ହେବା ଦରକାର। ସେହିପରି ବିଚାର ପ୍ରକ୍ରିୟା ଉପରେ ମଧ୍ୟ ଅନେକ ସୁଧାର ଆଣିବା ଆବଶ୍ୟକତା ରହିଛି। ମଧୁବାବୁଙ୍କ ସ୍ୱପ୍ନର ଓଡ଼ିଶା

ଝାରସୁଗୁଡା ବିଧାନସଭା ଆସନ ପାଇଁ କଂଗ୍ରେସ ପକ୍ଷରୁ ଅମ୍ରିତା ବିଶ୍ୱାଳ ଓ ଭାଜପା ପକ୍ଷରୁ ଟଙ୍କଧର ତ୍ରିପାଠୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି। ବ୍ରଜରାଜନଗର ବିଧାନସଭା ଆସନ ପାଇଁ କଂଗ୍ରେସ ପକ୍ଷରୁ କିଶୋର ପଟେଲ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ଝାରସୁଗୁଡାରୁ ୨, ବ୍ରଜରାଜନଗର ୨ ନାମାଙ୍କନ ପତ୍ର ଦାଖଲ

ଝାରସୁଗୁଡ଼ା,୨୯।୪ (ସଞ୍ଜୟ ମାଲି)

ଝାରସୁଗୁଡା ଜିଲାର ୨ଟି ନିର୍ବାଚନମଣ୍ଡଳୀ ଝାରସୁଗୁଡା ଓ ବ୍ରଜରାଜନଗରରେ ରଜନୀତି ସରଗରମ ହୋଇ ଉଠିଛି। ସୋମବାର ଝାରସୁଗୁଡା ଓ ବ୍ରଜରାଜନଗର ଉଭୟ ବିଧାନସଭା ଆସନ ପାଇଁ ୨ଜଣ ପ୍ରାର୍ଥୀ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନାମାଙ୍କନ ଦାଖଲ ପରେ ଉକ୍ତ ଦଳର କର୍ମୀମାନଙ୍କ ମଧ୍ୟରେ ଏକ ପ୍ରକାର ଉତ୍ସାହର ଲହରି ଖେଳିଯାଇଛି। ଝାରସୁଗୁଡା ବିଧାନସଭା ଆସନ ପାଇଁ ଭାଜପା ପକ୍ଷରୁ ଟଙ୍କଧର ତ୍ରିପାଠୀ ଓ କଂଗ୍ରେସ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ଅମ୍ରିତା ବିଶ୍ୱାଳ ନିଜ ସମର୍ଥକଙ୍କ ସହିତ ଏକ ବିଶାଳ ଶୋଭାଯାତ୍ରାରେ ସହର ବେହେରାମାଲ ଛକରୁ ବାହାରି ଉପଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଉପଜିଲାପାଳ ସବ୍ୟସାଚୀ ପଣ୍ଡାଙ୍କ ପାଖରେ ନିଜ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି ବ୍ରଜରାଜନଗର ବିଧାନସଭା ଆସନ ପାଇଁ କଂଗ୍ରେସ ପକ୍ଷରୁ କିଶୋର ପଟେଲ ସହରସ୍ଥିତ ବେହେରାମାଲରେ ଥିବା ଏକ ଘୋରୋଇ ହୋଟେଲରୁ ନିଜ ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ବାହାରି ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ କାର୍ଯ୍ୟାଳୟରେ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। ବ୍ରଜରାଜନଗର ବିଧାନସଭା ଆସନରୁ ଆଉ ଜଣେ ସିପିଆଇ ପ୍ରାର୍ଥୀ ରମେଶ ଚନ୍ଦ୍ର ତ୍ରିପାଠୀ ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ କାର୍ଯ୍ୟାଳୟରେ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। ମଙ୍ଗଳବାର ଆମ୍ ଆଦମୀ ପାର୍ଟି ପକ୍ଷରୁ ବ୍ରଜରାଜନଗର ବିଧାନସଭା ଆସନ ପାଇଁ ସ୍ଥାନୀୟ ଶିକ୍ଷିତ ଯୁବ ନେତା କୁମୁଦ ରଞ୍ଜନ ପ୍ରସାଦ ନିଜର ପ୍ରାର୍ଥୀପତ୍ର ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି।

ତରଭା ଫକୀର ବାବା ମସଜିଦରେ ହଜ୍ ପ୍ରଶିକ୍ଷଣ ଶିବିର

ତରଭା, ୨୯।୪(ମାନଭଞ୍ଜନ ମିଶ୍ର)

ସାଉଦି ଆରବର ମକ୍କା ମଦିନା ବିଶ୍ୱ ମୁସଲମାନ ଭକ୍ତଙ୍କ ବଡ଼ ଧାର୍ମିକ ପୀଠ। ପ୍ରତିବର୍ଷ ମୁସଲମାନ ଭକ୍ତ ସେଠାକୁ ଯାଇଥାନ୍ତି । ଏଥର ହଜ ଯାତ୍ରା ପୂର୍ବରୁ ବଲାଙ୍ଗୀର, କଳାହାଣ୍ଡି, ବରଗଡ଼, କୋରାପୁଟ, ରାୟଗଡ଼ା, ସମ୍ବଲପୁର, ନୂଆପଡ଼ା, ଝାରସୁଗୁଡ଼ା ପ୍ରଭୃତି ୮ ଜିଲାର ୫୭ ଜଣ ଭକ୍ତ ସୋମବାର ତରଭା ଫକୀର ବାବାଙ୍କ ମସ୍‌ଜିଦରେ ପହଞ୍ଚିଥିଲେ। ସାମୂହିକ ନମାଜ ପାଠ ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ପ୍ରଦାନ ସହ ପୁସ୍ତିକା ବଣ୍ଟନ କରାଯିବା ପରେ ଭକ୍ତଙ୍କୁ ଓଡ଼ିଶା ରାଜ୍ୟ ୱାକଫ ବୋର୍ଡ ଓ ତରଭା ମସ୍‌ଜିଦ କମିଟି ତରଫରୁ ଔଷଧ, ଲୁଙ୍ଗି, ଟୱେଲ କିଟ୍ ବଣ୍ଟନ କରାଯାଇଥିଲା । ଏବର୍ଷ ଓଡ଼ିଶାରୁ ପ୍ରାୟ ୫୨୭ ଜଣ ମକ୍କା ମଦିନା ଯାଉଥିବା ଓ ଆସନ୍ତା ମେ ୯ରୁ ୨୫ ତାରିଖ ଭିତରେ ଓଡ଼ିଶାରୁ ଭକ୍ତମାନେ ଯାତ୍ର କରିବେ ବୋଲି ହଜ କମିଟି ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମକୁ ତରଭା ମସ୍‌ଜିଦ ମଜାର କମିଟି ସଭାପତି ଅଜନବି ଖାଁ ଅଧ୍ୟକ୍ଷତା କରିଥିଲେ।

ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା

ଦେବଗଡ଼,୨୯।୪ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାର ସମସ୍ତ ନିର୍ବାଚନ ଖର୍ଚ୍ଚ ପରିଚାଳନା ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀ/ପ୍ରାର୍ଥୀମାନଙ୍କ ଖର୍ଚ୍ଚର ସବିଶେଷ ତଥ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଗଙ୍ଗା ସିଭାଇୟା (ଆଇଆର୍‌ଏସ) ଯୋଗଦେଇ ପ୍ରାର୍ଥୀ/ପ୍ରାର୍ଥୀଙ୍କ ଖର୍ଚ୍ଚର ବିବରଣି କିଭଳି ତଦାରଖ କରିବେ ସେ ସମ୍ପର୍କରେ ଜିଲାରେ ନିଯୁକ୍ତ ଖର୍ଚ୍ଚ ନିରୀକ୍ଷଣ ଅଧିକାରୀ ଓ ବିଭିନ୍ନ ସ୍କ୍ୱାଡ୍‌ଙ୍କୁ ପଚାରିବୁଝିଥିଲେ। ଜିଲାର ବିଧାନ ସଭା ଓ ଲୋକ ସଭା ନିମନ୍ତେ ଖର୍ଚ୍ଚ ସମ୍ବନ୍ଧୀୟ କାର୍ଯ୍ୟଖସଡା କିଭଳି ପ୍ରସ୍ତୁତ ହୋଇଛି ସେ ସମ୍ପର୍କରେ ସମୀକ୍ଷା କରି ସନ୍ତୋଷବ୍ୟକ୍ତ କରିଥିଲେ। ବିଶେଷ ଭାବେ ଜନ ସାଧାରଣ ଯେଭଳି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲାପଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟ ବିଭିନ୍ନ ଖର୍ଚ୍ଚ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିବା ସହ ନିର୍ବାଚନକୁ କିଭଳି ଶାନ୍ତିପୂର୍ଣ୍ଣ ଓ ମୁକ୍ତ କରାଯାଇ ପାରିବ ସେଥି ନେଇ ସମସ୍ତେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲ୍ଲୁଙ୍ଗ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଡେପୁଟୀ କଲେକ୍ଟର (ନିର୍ବାଚନ) ଏଜଲିନ ବାରା, ସହକାରୀ ଜିଲାପାଳ ହେମନ୍ତ ସିଂ, ତାପସ କୁମାର ମହାନ୍ତ, ରାଜୀବ ଲୋଚନ ନାୟକ, ରିଆମାଳ ବ୍ଲକ ବିଡିଓ ଉଗ୍ରସେନ ଓରାମ, ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ତିଲେଇବଣି ବିଡିଓ ରଘୁନାଥ ପାଣିଗ୍ରାହୀ, କୋଷାଗାର ଅଧିକାରୀ ସୁରେଶ ଚନ୍ଦ୍ର ମାଝି, ରିଆମାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ, ଅତିରିକ୍ତ ତହସିଲଦାର ପ୍ରେମପ୍ରକାଶ ହରୋ, ବାରକୋଟ ତହସିଲର ଅତିରିକ୍ତ ତହସିଲଦାର ବବ୍ରୁବାହନ ଦତ, ଜିଲା ପରିଷଦ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଆଶିଷ ରଞ୍ଜନ ବାରିକି ଓ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକରେ ଉପସ୍ଥିତ ଅଧିକାରୀବୃନ୍ଦ।

ବିଏସ୍‌ପିର ରାଧାକାନ୍ତ, ସ୍ୱାଧୀନ ଭାବେ ଦୟାସାଗରଙ୍କ ନାମାଙ୍କନ

ବିଏସ୍‌ପିରୁ ରାଧାକାନ୍ତ ତାଣ୍ଡି ନିଜ ସମର୍ଥକଙ୍କ ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଯାଉଛନ୍ତି।

ସ୍ୱାଧୀନ ପ୍ରାର୍ଥୀ ଦୟା ସାଗର ମହାନନ୍ଦ ସମର୍ଥକଙ୍କ ସହ ନାମାଙ୍କନ ଭରିବାକୁ ଯାଉଛନ୍ତି।

ଅମରପାଲି,୨୯।୪(ପୀତାମ୍ବର ସାହୁ)

ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସୋମବାର ବିଧାୟକ ପ୍ରାର୍ଥୀ ଭାବେ ଦୁଇ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ଥିବା ଏହି ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଦୟାସାଗର ମହାନନ୍ଦ ଓ ବହୁ ଜନ ସମାଜ ପାର୍ଟିରୁ ରାଧାକାନ୍ତ ତାଣ୍ଡି ପ୍ରାର୍ଥୀପତ୍ର ଦାଖଲ କରଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବାହ୍ନରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ଏକ

ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ

ଶୋଭାଯାତ୍ରାରେ ବାହାରି ଉପଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଉଭୟେ ସମର୍ଥକଙ୍କ ସହିତ ପହଞ୍ଚି ନାମାଙ୍କନ ଦାଖଲ କରିଛନ୍ତି । ଆସନ୍ତା ୩ ତାରିଖ ନାମାଙ୍କନ ଦାଖଲର ଶେଷ ଦିବସ ଥିବା ବେଳେ ଶାସକ ବଜେଡ ୨ ତାରଖରେ ଏବଂ ଭାଜପା ଓ କଂଗ୍ରେସ ୩ ତାରିଖରେ ନାମାଙ୍କନ ଦାଖଲ କରିବେ ବୋଲି ସୂଚନା ମିଳିଛି।

‘ମୁଁ ସ୍ରଷ୍ଟା’ ଶୀର୍ଷକ କବିତା ଆସର କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୯।୪ (ସଞ୍ଜୟ ମାଲି)

ଝାରସୁଗୁଡା ବୁଢ଼ାପଡା ବୁରୋମାଲସ୍ଥିତ ସ୍ୱତନ୍ତ୍ର ଦିବ୍ୟାଙ୍ଗ ବିଦ୍ୟାଳୟ ପ୍ରକ୍ଷାଳୟରେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜୟନ୍ତୀ ତଥା ସ୍ୱାଭିମାନ ଦିବସ ଉପଲକ୍ଷେ ‘ମୁଁ ସ୍ରଷ୍ଟା’ ଶୀର୍ଷକ କବିତା ଆସର ଡିଡିଏସ ଦ୍ୱାରା ପରିଚାଳିତ ଓ କୁଏଲସ ଇଣ୍ଟର ନ୍ୟାଶନାଲ ଟ୍ରଷ୍ଟ ଓଡିଶା ସହଯୋଗରେ ଭାରତ ରତ୍ନ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏଲଏନ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଶିକ୍ଷାବିତ୍ ନରେନ୍ଦ୍ର କୁମାର ପଣ୍ଡା, ମହିଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷା, ଗୋଲାପୀମୟୀ ଦାସ, ପଶ୍ଚିମାଞ୍ଚଳ ଏକତା ମଞ୍ଚ ଜିଲା ସଂଯୋଜକ ରାଜେଶ ପାଢ଼ୀ, ପିପୁଲ ଫୋରମ ଉପସଭାପତି ତଥା ପଶ୍ଚିମ ଓଡିଶା ମୁଖ୍ୟ ସଞ୍ଜୟ ଜେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିବାବେଳେ ସ୍ୱତନ୍ତ୍ର ଅତିଥି ଭାବେ ଇ. ଅରବିନ୍ଦ ବାରିକ ଓ ବିଦ୍ୟାଳୟର ଯୁଗ୍ମ ସଚିବ ବିଜୟ ସହିଗଲ ଯୋଗଦେଇଥିଲେ। ନୂତନ କବି ସୃଷ୍ଟି କରିବା ଲକ୍ଷ୍ୟ ନେଇ କରୁଥବା କାର୍ଯ୍ୟକ୍ରମ ‘ମୁଁ ସ୍ରଷ୍ଟା’ ପାଇଁ ପରିଷଦ ପ୍ରଶଂସା କରିଥିଲେ। କବିତା ଆସରରେ ୩୮ଜଣ କବିକବୟତ୍ରୀ ନିଜସ୍ୱ ରଚିତ କବିତା ପାଠ କରିଥିଲେ। ଏଥି ସହିତ କିଛି ଶିଶୁ କବି ମଧ୍ୟ ଯୋଗଦେଇ କବିତା ପଢିଥିଲେ। କାର୍ଯ୍ୟକ୍ରମ ପରିଷଦ ପ୍ରତିଷ୍ଠା ତା ବିବେକାନନ୍ଦ ମିଶ୍ରଙ୍କ ପୌରାହିତ୍ୟରେ ହୋଇଥିବା ବେଳେ ସାଧାରଣ ସଚିବ ପଣ୍ଡିତ ନିକୁଞ୍ଜ ବିହାରୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟକ୍ଷ ଅନନ୍ତ ରାମ ସାହୁ ଲକ୍ଷ୍ୟ, ଉଦ୍ଦେଶ୍ୟ ତଥା ପରିଷଦ ସହ ଯୋଡି ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। କବିତା ଆସର ପରିଷଦ ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ପୁଷ୍ପାଞ୍ଜଳି ପଣ୍ଡା, ପ୍ରଭାତ ଚୌହାନ, ଲକ୍ଷ୍ମୀପ୍ରିୟା ପଣ୍ଡା ଉଦଘୋଷଜ ଭାବେ ଦାୟିତ୍ୱ ତୁଲାଇଥିଲେ। ମୁଁ ସ୍ରଷ୍ଟା ଭାବେ କବି ଈଶାନ ଚନ୍ଦ୍ର ମିଶ୍ର, ବସନ୍ତ ନାଥ, ଭକ୍ତଚରଣ ଆଚାର୍ଯ୍ୟ, କମଳ ପଟ୍ଟନାୟକ, ହରେଶ ପାରୁଆ, କମଳ ଲୋଚନ ପୂଜାରୀ, ଅରୁଣ ପାତ୍ର, ରୁଦ୍ର ପ୍ରସାଦ ମଲ୍ଲିକ, ଗୁଣନିଧି ଭୈସା ବରିଷ୍ଠ କବୟିତ୍ରୀ ପ୍ରଣତି ପଟ୍ଟନାୟକ, ଆରତୀ ପଣ୍ଡା, ଶାନ୍ତିଲତା ମିଶ୍ର, ଅଧ୍ୟାପିକା ମନ୍ଦାକିନୀ ଶତପଥି, ପଦ୍ମାବତୀ ମହାପାତ୍ର, ଶୁଚିସ୍ମିତା ଗୁରୁ, ଜ୍ୟୋର୍ତିମୟୀ ବେହେରା, ଜ୍ୟୋତ୍ସ୍ନାମୟୀ ନାଥ, ଲୋପାମୁଦ୍ରା ବିଶ୍ୱାଳ, ସରୋଜିନୀ ପଟେଲ, ଶିବାନୀ ପଟେଲ, ଧରିତ୍ରୀ ପଟେଲ ଯୋଗଦେଇଥିଲେ। ଜେକ ଡାନ୍ସ ଏକାଡେମୀ ପକ୍ଷରୁ ନିର୍ଦ୍ଦେଶକ ଜୟକୃଷ୍ଣ (ଜେକି) ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ମାନେ ମନଲୋଭା ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରିଥିବା ବେଳେ ସେମାନଙ୍କୁ ପରିଷଦ ପକ୍ଷରୁ ‘ନଟରାଜ ସମ୍ମାନ’ ରେ ସମ୍ମାନିତ କରାଯାଇଥିଲା। ନିଜସ୍ୱ ରଚିତ କବି ତା ଉପରେ କଇଁ କବୟିତ୍ରୀମାନଙ୍କୁ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଷା, ଜ୍ଞାନ, ସଂସ୍କୃତି ଓ ପରମ୍ପରା ବିକାଶ ଓ ଆଗାମୀ ପିଢୀକୁ ଓଡ଼ିଆ ଭାଷା ପ୍ରଚାର ପସାର କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ବୋଲି ଭାରତ ରତ୍ନ ସାହିତ୍ୟ ଓ ସଂସ୍କୃତି ପରିଷଦ ପ୍ରତିଷ୍ଠାତା କୋନନ୍ଦ ମିଶ୍ର କହିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପକ୍ଷରୁ ପ୍ରିନସିପାଲ ନମିତା ନାଥ, ଅଫିସ ପ୍ରଶାସିକା ନିହାରିକା ମିଶ୍ର, ଶିକ୍ଷକ ଉପେନ୍ଦ୍ର ଭଇସା, ସୁଲୋଚନା ସାହୁ, ରସରାଜ ବଗର୍ତ୍ତୀ, ଆଲୋକ ଷାଣ୍ଡ, କାନ୍ତା ନାଏକ, ଲାହିତା ମରେଈ, ଲିଳିମା କିଷାନ ସହଯୋଗ କରିଥିଲେ।

ଜଣେ କବୟତ୍ରୀଙ୍କୁ ସମ୍ମାନିତ କରାଯାଉଛି।

ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ରୋକିବାକୁ ତତ୍ପରତା

ଫ୍ଲାଇଂସ୍କ୍ୱାଡ୍ ସହ ବିଭିନ୍ନ ଟିମ୍ ଗଠିତ

ସମ୍ବଲପୁର,୨୮।୪ (ଭବାନୀ ଶଙ୍କର ଭୋଇ)

ଆଗାମୀ ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନ ନାନାବିଧ ପଦକ୍ଷେପ ନେଉଛନ୍ତି। ନିର୍ବାଚନ ମଣ୍ଡଳୀଗୁଡିକରେ ପ୍ରଚାର ଖର୍ଚ୍ଚ, ମାଗଣା ସାମଗ୍ରୀ ବଣ୍ଟନ, ନଗଦ ଟଙ୍କା କିମ୍ବା ଲାଞ୍ଚ ପ୍ରଦାନ, ବେଆଇନ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ, ମଦ, ନିଶା ଦ୍ରବ୍ୟ କିମ୍ବା ଅସାମାଜିକ ତତ୍ତ୍ୱଙ୍କ ଉପଦ୍ରବ ଉପରେ ନଜର ରଖିବାକୁ ୨୪ ଘଣ୍ଟିଆ ସ୍କ୍ୱାଡ ଟିମ୍, ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍, ଯୁଗ୍ମ ପ୍ରବର୍ତ୍ତନ ଟିମ୍ ଏବଂ ଚେକ୍ ପୋଷ୍ଟ ଗଠନ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଆଧାର କରି ସମ୍ବଲପୁର ଲୋକ ସଭା ଅନ୍ତର୍ଗତ ସମସ୍ତ ୭ ବିଧାନସଭା କ୍ଷେତ୍ରରେ ୩ଟି ଲେଖାଏ ଫ୍ଲାଇଂସ୍କ୍ୱାଡ ଟିମ୍ ମୁତୟନ କରାଯାଇଥିବା ନେଇ ପ୍ରଶାସନ ପକ୍ଷରୁ ସୁଚନା ଦିଆଯାଇଛି। ପ୍ରତି ଟିମରେ ଜଣେ ମାଜିଷ୍ଟ୍ରେଟ୍, ଏଏସଆଇଙ୍କ ସହ ୩ ଜଣ ସଶସ୍ତ୍ର ପୋଲିସ କର୍ମଚାରୀ ଓ ଜଣେ ଭିଡିଓଗ୍ରାଫର ରହିଛନ୍ତି।

ନିର୍ବାଚନ କମିଶନର ନିର୍ଦ୍ଦେଶ ଅନୁସାରେ ସି-ଭିଜିଲ୍ ଆପ୍ ଏବଂ ଟୋଲ୍ ଫ୍ରି ନମ୍ବର ୧୯୫୦କୁ ଆସୁଥିବା ଅଭିଯୋଗଗୁଡିକୁ ତତ୍ପରତା ସହିତ ସମାଧାନ କରାଯିବାର ବ୍ୟବସ୍ଥା କରାଯାଇଛି। ବେଆଇନ ନଗଦ ଟଙ୍କା, ମାଗଣା ସାମଗ୍ରୀ, ନିଶାଦ୍ରବ୍ୟ, ମଦ ବଣ୍ଟନ, ଅସ୍ତ୍ରଶସ୍ତ୍ର ପରିବହନ ଉପରେ ନଜର ରଖିବା ପାଇଁ ସହର ତଥା ସହର ବାହାରେ ଯାନବାହନଗୁଡିକୁ ଯାଞ୍ଚ କରାଯାଉଛି। ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ସୋମବାର ସୁଦ୍ଧା ସି-ଭିଜିଲରେ ୧୭୭ଟି ମାମଲା ଆସିଛି ଏବଂ ମୋଟ ୧୦୩୮ ଲକ୍ଷ ଟଙ୍କା ପ୍ରବର୍ତ୍ତନ ବିଭାଗ ପକ୍ଷରୁ ଜବତ କରାଯାଇଛି। ସେହିପରି ସମ୍ବଲପୁର ବିଧାନସଭା କ୍ଷେତ୍ରରେ ମୋଟ ୧୪ଟି ଅଭିଯୋଗ ଆସିଥିବା ବେଳେ ୨ ଲକ୍ଷ ୩ ହଜାର ୫୦୦ ଟଙ୍କା ଜବତ କରାଯାଇଛି। ସି-ଭିଜିଲ ମାଧ୍ୟମରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ, ବ୍ୟୟ ସୀମା ଉଲ୍ଲଂଘନ କରାଯାଉଥିବା ନେଇ ପ୍ରମାଣ ଅପଲୋଡ କରାଯିବାର ବ୍ୟବସ୍ଥା ରହିଛି। ସାଧାରଣ ଲୋକେ ଏହି ଆପ ମଧ୍ୟମରେ ଫଟୋ କିମ୍ବା ଭିଡିଓ କ୍ଲିକ୍ କରି ପଠାଇ ପାରିବେ। ଏହି ଆପ୍ ଜରିଆର ପଠାଯାଇଥିବା ଫଟୋ କିମ୍ବା ତଥ୍ୟ ଆଧାରରେ ୧୦୦ ମିନିଟ୍ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ବୋଲି ପ୍ରଶାସନ ସୂଚନା ଦେଇଛି। ନଗଦ ଟଙ୍କା, ମଦ, ଲାଞ୍ଚ କିମ୍ବା ଅନ୍ୟ କୌଣସି ବେଆଇନ ଜିନିଷ ବଣ୍ଟନ ନେଇ ଅଭିଯୋଗ ଆସିଲେ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସାମଗ୍ରୀ ଜବତ କରିବା ସହ ପ୍ରମାଣ ସଂଗ୍ରହ କରି ଅଭିଯୁକ୍ତ ଏବଂ ସାକ୍ଷୀମାନଙ୍କ ବୟାନ ରେକର୍ଡ କରିବ। ଏହି ଫ୍ଲାଇଂ ସର୍ଭେଲେନ୍ସ ଟିମ୍ ସମସ୍ତ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଏବଂ ଧମକ, ଅସାମାଜିକ ତତ୍ତ୍ୱଙ୍କ ଗତିବିଧି ସମ୍ବନ୍ଧୀୟ ଇତ୍ୟାଦି ଅଭିଯୋଗ,ପ୍ରାର୍ଥୀ ଦ୍ୱାରା ହୋଇଥିବା ଅନୁମୋଦିତ ନିର୍ବାଚନ ଖର୍ଚ୍ଚ ସମ୍ପର୍କିତ ଅଭିଯୋଗଗୁଡିକୁ ତଦାରଖ କରିବ। ସେହିପରି ଭିଡିଓ ସର୍ଭେଲାନ୍ସ ଟିମ୍ ସହାୟତାରେ ଭିଡିଓଗ୍ରାଫ୍, ସମସ୍ତ ପ୍ରମୁଖ ରାଲି, ସାଧାରଣ ସଭା କିମ୍ବା ରାଜନୈତିକ ଦଳମାନଙ୍କ ଦ୍ୱାରା କରାଯାଇଥିବା ଅନ୍ୟାନ୍ୟ ପ୍ରମୁଖ ଖର୍ଚ୍ଚ ଉପରେ ତଦାରଖ କରିବା ବ୍ୟବସ୍ଥା କରାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ କୌଣସି ଅଞ୍ଚଳରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହେବା ଜଣାପଡିଲେ ନାଗରିକମାନଙ୍କୁ ଟୋଲ ଫ୍ରୀ ନମ୍ବର କିମ୍ବା ଆପ ଜରିଆରେ ସୂଚନା ଦେଇ ସହଯୋଗ କରିବାକୁ ଜିଲା ପ୍ରଶାସନ ଅନୁରୋଧ କରିଛି।

ଅହେତୁକ ଦର ବୃଦ୍ଧି, ଲୋକେ ଅତିଷ୍ଠ

ଝାରସୁଗୁଡ଼ା,୨୯।୪ (ସଞ୍ଜୟ ମାଲି)

ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ଗତ କିଛି ଦିନ ହେ ଅହେତୁକ ଦର ବୃଦ୍ଧି ଯୋଗୁ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି। ଗତ କିଛି ଦିନ ହେ ପ୍ରବଳ ଗରମ ଯୋଗୁ ପନିପରିବା ସମେତ ଆଳୁ ଓ ପିଆଜ ଭଳି ଦରବୃଦ୍ଧି ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ପ୍ରବଳ ଗରମରେ ଲୋକେ ପଖାଳ ସହିତ ପିଆଜ ସାଙ୍ଗକୁ ଆଳୁ ଭର୍ତା ବେଶ ପସନ୍ଦ କରିଥାନ୍ତି। ସହରର ପ

ବୁଡେନ ଅଞ୍ଚଳରେ ହାତୀ, ସଚେତନ କଲା ବନ ବିଭାଗ

ପଦ୍ମପୁର,୨୯।୪(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅନ୍ତର୍ଗତ ବୁଡେନ ଅଞ୍ଚଳରେ ତିନୋଟି ହାତୀ ଫୁଲମତିପୁର ଅଞ୍ଚଳରେ ଥିବା ବନବିଭାଗ ଖବର ପାଇଥିଲା। ହାତୀ ପାଟଣାଗଡ଼ ପଟରୁ ଆସିଥିବା ଜଣାପଡ଼ିଥିଲା। ଏହି ହାତୀ ନେଇ ବୁଡେନ ତଥା ଆଖପାଖ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ଖବର ପାଇ ପଦ୍ମପୁର ବନବିଭାଗ ରେଞ୍ଜର ସୁଦାମ ଜଗଦଲାଙ୍କ ନେତୃତ୍ୱରେ ଦୁଇଟି ଟିମ ଗଠନ କରାଯାଇ ହାତୀଙ୍କୁ ଘଉଡାଇବା ସହିତ ଫୁଲମତିପୁର, ବୁଡେନ, ତଥା ଆଖପାଖ ଅଞ୍ଚଳରେ ଡାକବାଜି ଯୋଗେ ସଚେତନତା କରାଯାଉଛି। ବନପାଳ ସରୋଜ କୁମାର ସାହୁ, ଚିନ୍ମୟୀ ମହାପାତ୍ର, ସ୍ୱାତ କେଶରଞ୍ଜନ ବୁଡେକ, ମାନ ଠେଢୁଆଁ, ସମିର ଭଏସା, ମାଧବ ବଗର୍ତ୍ତି, ପ୍ରସନ୍ନ ବିଶ୍ୱାଳ, ପ୍ରସନ୍ନ ପଧାନ, ଗୁଇଠୁ ପ୍ରଧାନ, ଉମେଶ ପ୍ରଧାନ, ପରମେଶ୍ୱର ପ୍ରଧାନ ପ୍ରମୁଖ ସଚେତନ କରୁଛନ୍ତି।

ବରଗଡ଼ ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କୁ ଚାଷୀ ପ୍ରତିନିଧିବୃନ୍ଦ ଫେରାଦ ହୋଇଛନ୍ତି । ଅତାବିରା ଅତିରିକ୍ତ ତହସିଲଦାରଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ।

କେନାଲରେ ପାଣି ଛାଡ଼ିବା ଅବଧି ବଢ଼ାଅ

ଆନ୍ଦୋଳନ ଚେତାବନୀ ଦେଲେ ଚାଷୀ

ବରଗଡ଼/ସରଣ୍ଡା,୨୯।୪
(ପ୍ରେମାନନ୍ଦ ଖମାରୀ/ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ମୁଖ୍ୟ କେନାଲରେ ଆସନ୍ତା ମେ ୫ ତାରିଖରୁ ପାଣି ଯୋଗାଣ ବନ୍ଦ ହେବାକୁ ନେଇ ଚାଷୀ ଅସନ୍ତୋଷ ଦେଖାଦେଇଛି। ଏହି କ୍ରମରେ ସୋମବାର ଚାଷୀ ପ୍ରତିନିଧିମାନେ ବରଗଡ଼ ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ମୋହନ ସେଠୀ, ମୁଖ୍ୟ ଜିଲା କୃଷି ଅଧିକାରୀ ଅମିୟ ସାହୁ ଏବଂ ଅତାବିରା ଅତରିକ୍ତ ତହସିଲଦାର ଅଙ୍କିତ ପଣ୍ଡା, ସହକାରୀ କୃଷି ଅଧିକାରୀ ଟିଙ୍ଗନସେନ କର ଏବଂ କେନାଲ ଏସ୍‌ଡିଓ ରବୀନ୍ଦ୍ର ସେଠୀଙ୍କୁ ଫେରାଦ ହୋଇଥିଲେ। ଅଧିକାରୀମାନଙ୍କୁ ପୃଥକ ଭାବେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅତିକମ୍‌ରେ ଆସନ୍ତା ମେ ୧୦ ତାରିଖ ସୁଦ୍ଧା କେନାଲ ପାଣି ଛଡ଼ାଯିବାକୁ ସ୍ମାରକପତ୍ରରେ ଦାବି ହୋଇଛି। କେନାଲ ପାଣି ଛଡ଼ାଯିବା ଅବଧି ବୃଦ୍ଧି କରା ନ ଗଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ହୀରାକୁଦ ଜଳଭଣ୍ଡାର ଜିରୋ ପଏଣ୍ଟରୁ ବରଗଡ଼ ମୁଖ୍ୟ କେନାଲର ୨୫ କି.ମି କଂକ୍ରୀଟକରଣ କରିବା ଦର୍ଶାଇ ମେ ୧ ତାରିଖରୁ ଜୁନ ମାସ ୩୦ ତାରିଖ ପର୍ଯ୍ୟନ୍ତ କେନାଲ ପାଣି ବନ୍ଦ କରିବାକୁ ପ୍ରଥମେ ଜଳସେଚନ ବିଭାଗ ନିଷ୍ପତ୍ତି ନେଇଥିଲେ। ଏ ନେଇ ଚାଷୀ ଅସନ୍ତୋଷ କୁହୁଳୁଥିବା ଜାଣିବା ପରେ ସୋମବାର ଆଉ ଏକ ବିଜ୍ଞପ୍ତି ପ୍ରକାଶ କରି ମେ ୫ ତାରିଖରୁ ବରଗଡ଼ ମୁଖ୍ୟ କେନାଲରେ ପାଣି ଯୋଗାଣ ବନ୍ଦ କରାଯିବ ବୋଲି ବରଗଡ଼ ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ଉଲ୍ଲେଖ କରିଥିଲେ। ମାତ୍ର ଏହା ଚାଷୀଙ୍କୁ ସନ୍ତୁଷ୍ଟ କରି ପାରି ନାହିଁ। ରୋଟେଶନରେ କେନାଲରେ ପାଣି ଛଡ଼ାଯାଉ ଥିବା ଯୋଗୁ ଚାଷଜମିକୁ ପାଣି ଠିକ୍‌ଭାବେ ମାଡ଼ିପାରୁ ନାହିଁ। ଏପରିକି ତଳମୁଣ୍ଡକୁ ପାଣି ଅପହଞ୍ଚ ହୋଇ ପଡୁଛି। ଧାନ ଅମଳକ୍ଷମ ଅବସ୍ଥାକୁ ପାଖେଇ ଆସିଥିବାବେଳେ ଯଦି ପାଣି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ, ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ଦୃଷ୍ଟି କେନାଲ ପାଣି ଛଡ଼ାଯିବା ଅବଧି ମେ ୧୦ ତାରିଖ ପର୍ଯ୍ୟନ୍ତ ବଢ଼ାଇବାକୁ ଦାବି ହୋଇଛି। ଅତାବିରାରେ ସ୍ମାରକପତ୍ର ପ୍ରଦାନବେଳେ ଚାଷୀନେତା ବିରେନ କର, ସୁରେଶ କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବରଗଡ଼ରେ ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ଏବଂ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ ସମୟରେ ସଂଯୁକ୍ତ କୃଷକ ସଙ୍ଗଠନ ଉପଦେଷ୍ଟା ରମେଶ ମହାପାତ୍ର, ତପନ ମିଶ୍ର, ପ୍ରଶାନ୍ତ ସାହୁଙ୍କ ସମେତ ସରଲା ଏବଂ ଜାମପାଲି ଗ୍ରାମରୁ ଆସିଥିବା ଚାଷୀ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ବର୍ଷା, ରେବତୀ, ରୂପଧରଙ୍କ ନାମାଙ୍କନ ପତ୍ର ଦାଖଲ

ବାପାଙ୍କ ସମାଧି ପୀଠରେ ଭାବବିହ୍ୱଳ ହେଲେ ବିଜେଡି ପ୍ରାର୍ଥିନୀ ବର୍ଷା

ପଦ୍ମପୁର,୨୯।୪(ପ୍ରଦୀପ୍ତ ଦାଶ)

ପଦ୍ମପୁର ବିଧାନସଭା ପାଇଁ ସୋମବାର ୩ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ରିଟର୍ନିଂ ଅଫିସର ତଥା ଉପ ଜିଲାପାଳ ଆଲୋକ ପଟେଲଙ୍କଠାରେ ଦାଖଲ କରିଛନ୍ତି। ବିଜେଡିର ବର୍ଷା ସିଂ ବରିହା, ବହୁଜନ ସମାଜ ପାର୍ଟିର ରୂପଧର କୁମ୍ଭାର ଓ ସ୍ୱାଧୀନ ପ୍ରାର୍ଥୀ ରେବତୀ ଗିରି ନାମାଙ୍କନ ପତ୍ର ରିଟର୍ନିଂ ଅଫିସରଙ୍କଠାରେ ଦାଖଲ କରିଛନ୍ତି। ବିଜେଡିର ପ୍ରାର୍ଥିନୀ ବର୍ଷା ସିଂ ବରିହା ସୋମବାର ସକାଳୁ ମା' ବିନ୍ଧ୍ୟାବସିନୀଙ୍କ ପୂଜାର୍ଚ୍ଚନା କରିବା ପରେ ନିଜ ମା'ଙ୍କ ଆଶୀର୍ବାଦ ନେଇ ସ୍ୱାମୀ ସ୍ମୃତି ସୌରଭ ବଳିୟାର ସିଂ, ଭାଇ ଭୋଜରାଜ ସିଂ ବରିହା ସହିତ ବାପାଙ୍କ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପଦ୍ମପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମରୁ ଆସିଥିବା ଅନେକ ସମର୍ଥକ, ଦଳୀୟ କାର୍ଯ୍ୟକର୍ତ୍ତା, ଶୁଭେଚ୍ଛୁ ଓ ମା'ଭଉଣୀଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲାପାଳଙ୍କ ଅଫିସରେ ପହଞ୍ଚିଥିଲେ। ସେଠାରେ ନିଜର ପ୍ରସ୍ତାବକଙ୍କ ସହିତ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଆଲୋକ ପଟେଲଙ୍କୁ ୨ଟି ନାମାଙ୍କନ ସେଟ ଦାଖଲ କରିଥିଲେ। ଏଥିରେ ନବ କିଶୋର ସାହୁ ଓ ପ୍ରଶାନ୍ତ କୁମାର ମହାନ୍ତି ପ୍ରସ୍ତାବକ ଥିଲେ। ବର୍ଷାଙ୍କ ନାମାଙ୍କନ ଅବସରରେ ବରଗଡ଼ ଲୋକ ସଭା ପାଇଁ ବିଜେଡି ପ୍ରାର୍ଥିନୀ ପରିଣୀତା ମିଶ୍ର, ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପଦ୍ମପୁର ଏନଏସି ଅଧ୍ୟକ୍ଷା ସବିତ୍ରୀ ବାଗ, ପାଇକମାଲ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ଝାରବନ୍ଧ ବ୍ଲକ ଅଧ୍ୟକ୍ଷା ଲିପ୍ସା ପ୍ରଧାନ, ଭୋଜରାଜ ସିଂ ବରିହା, ପ୍ରଶାନ୍ତ ମହାନ୍ତି, ନବକିଶୋର ସାହୁ, ସିଦ୍ଧାର୍ଥ ଶଙ୍କର ମିଶ୍ର, ବିଜୟ କେତନ ପ୍ରଧାନ, ହୃଦାନନ୍ଦ ବାରିକ, ଗୌତମ ସିଂ, ଭରତ ପଣ୍ଡା, ମାରୁତି ମୋହନ ମିଶ୍ର ଯତୀନ୍ଦ୍ର ହାତୀ, ହୃଷୀକେଶ ବରିହା, ସୋନୁ ବାଗଙ୍କ ସମେତ ପ୍ରାୟ ଶତାଧିକ ସମର୍ଥକ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ।

ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ନାମାଙ୍କନ ଦାଖଲ କରୁଛନ୍ତି।

ଶିଖ୍‌ଗୁରୁ ତେକ୍ ବାହାଦୁର ଜୟନ୍ତୀ ସମାରୋହ

ଜୟନ୍ତୀ ସମାରୋହରେ ଆୟୋଜକଙ୍କ ଗହଣରେ ବରଗଡ଼ ବିଧାୟକ ।

ବରଗଡ଼,୨୯।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଗୁରୁଦ୍ୱାରାରେ ଶିଖ୍ ସମାଜର ନବମ ଗୁରୁ ତେକ୍ ବାହାଦୁର ଜୟନ୍ତୀ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ ଆଶିର୍ବାଦ କାମନା କରିଥିଲେ। ଟାଉନ ବିଜେଡି ସଭାପତି କିଶୋର ମିଶ୍ର ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଗୁରୁଦ୍ୱାରା ପ୍ରବନ୍ଧନ କମିଟି ସଭାପତି ସର୍ଦ୍ଦାର ସୁଖୱନ୍ତ ସିଂ, ସମ୍ପାଦକ ଯଶବୀର ସିଂ, ପରିଚାଳନା କମିଟି ସଦସ୍ୟ ସର୍ଦ୍ଦାର ପ୍ରୀତମ ସିଂ, ବଲବିନ୍ଦର ସିଂ, ଇନ୍ଦରଜିତ ସିଂ, କଶ୍ମୀର ସିଂ, ଅବତାର ସିଂ, ଜିତେନ୍ଦର ସିଂ ପ୍ରମୁଖ ବିଧାୟକ ଆଚାର୍ଯ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ବିଜେଡିରେ ମିଶିଲେ କଂଗ୍ରେସ, ଭାଜପାର ବହୁ କର୍ମୀ

ସରଣ୍ଡା,୨୯।୪(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଏନ୍‌ଏସି ଅନ୍ତର୍ଗତ ସରସ୍ୱତୀ ମଣ୍ଡପଠାରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଅତାବିରା ଏନଏସି ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡାଙ୍କ ସଭାପତିତ୍ୱରେ ଧାୟକଙ୍କ ବ୍ୟତୀତ ଲୋକ ସଭା ପ୍ରାର୍ଥୀନୀ ପରିଣିତା ମିଶ୍ର, ଏନଏସି ଅଧ୍ୟକ୍ଷ ବନମାଳୀ ବରିହା, ଉପାଧ୍ୟକ୍ଷ ଅନୁସୂୟା ବିଶାଲ, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ଜିଲା ପରିଷଦ ରଞ୍ଜିତ ସାହୁ ଓ ସତ୍ୟଜିତ ପୁରୋହିତ, ଏସଡିସିସି ବ୍ୟାଙ୍କ ସଭାପତି ନରେନ୍ଦ୍ର ଭୋଇ, ଆରସିଏମଏସ ଅଧ୍ୟକ୍ଷା ରୀତା ସାହୁ, ଉର୍ଜୁଲୁ ତାଣ୍ଡି, ଇଂ. ଭରତ ବେହେରା, ସୁନନ୍ଦା ମେହେର ଜିଲ୍ଲା ପରିଷଦ ପିଙ୍କି ମେହେର,ସମିତି ସଭ୍ୟ ପଦ୍ମିନୀ ଗର୍ତ୍ତିଆ, ସରପଞ୍ଚ ସଂଘ ସଭାପତି ଭାଗବତିଆ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଗତ ଶନିବାର ଶଙ୍ଖ ଭବନରେ ବିଜେଡିରେ ଯୋଗଦାନ କରିଥିବା ଉର୍ଜୁଲୁ ତାଣ୍ଡି, ଭରତ ବେହେରା, ସୁନନ୍ଦା ମେହେରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଛୁରିଆ ନିଜର ବକ୍ତବ୍ୟରେ କହିଥିଲେ ଯେ ଆଜିର ମିଶ୍ରଣ ପର୍ବରେ ୩ ହଜାର ଭାଜପା ଓ କଂଗ୍ରେସ କର୍ମୀମାନେ ବିଜେଡିରେ ଯୋଗଦାନ କରିଛନ୍ତି। ଏଥିରୁ ଜଣାପଡୁଛି ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା କେତେ ଅଧିକ ଅଛି। ଆଜି ନବୀନଙ୍କ ନେତୃତ୍ୱରେ ସମସ୍ତ କ୍ଷେତ୍ରରେ ଓଡ଼ିଶାର ବିକାଶ ହୋଇଛି ଯାହାକି ଭାରତ ବର୍ଷରେ ଉଦାହରଣ ହୋଇପାରିଛି। ପ୍ରଧାନମନ୍ତ୍ରୀ ଦେଉଥିବା ଗ୍ୟାରେଣ୍ଟିର ମୂଲ୍ୟନାହିଁ ମାତ୍ର ବିଜେଡି କାମର ଗ୍ୟାରେଣ୍ଟି ଦେଉଛି। ମୋର ଶେଷ ନିଶ୍ୱାସ ଥିବା ଯାଏ ଲୋକଙ୍କ ସେବା କରିବି। ଚଳିତ ନିର୍ବାଚନରେ ଡବଲ ଶଙ୍ଖକୁ ଭୋଟ ଦେବା ପାଇଁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ହରିଶଙ୍କର ବେହେରା ଓ ସିଦ୍ଧାର୍ଥ ଶଙ୍କର ପଣ୍ଡାଙ୍କ ପରିଚାଳନାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଚକୁଳି ସରପଞ୍ଚ ତ୍ରିନାଥ ପ୍ରଧାନ,ଏଇଁଲାପାଲି ସରପଞ୍ଚ ଡମ୍ବରୁଧର ପାଣ୍ଡେ, ଲାରାସରା ସରପଞ୍ଚ କୀର୍ତ୍ତନ ସେଠ, କୁଲୁଣ୍ଡା ସରପଞ୍ଚ ହେମନ୍ତ ପ୍ରଧାନ, ଟୋପ ସରପଞ୍ଚ ଦୁଲେଶ୍ୱରୀ ଭୁଡ଼ା, ଭେଡେନ ଜୋନ ୧ ଏବଂ ୩ ଜିଲା ପରିଷଦ ପ୍ରାର୍ଥୀ ସୀମା ଭୋଇନା, ଇତିଶ୍ରୀ ଛୁରିଆ, ଅତାବିରା ଏନଏସି ୪ ଏବଂ ୬ ୱାର୍ଡ଼ ପ୍ରାର୍ଥୀ ତପସିନୀ ରୋଗିଦାସ ଓ ସରସ୍ୱତୀ ରୋହିଦାସ, ଭାଜପା ନେତା ମିଳନ ସେଠଙ୍କ ଭାଇ କିରନ ସେଠ, ଶୁଶାନ୍ତ ନାଏକଙ୍କ ସହିତ ଭାଜପା ଏବଂ କଂଗ୍ରେସରୁ ଅନେକ କର୍ମୀ ଯୋଗଦେଇଛନ୍ତି।

ଅତାବିରାଠାରେ ମିଶ୍ରଣ ପର୍ବରେ ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଦିଆଯାଉଛି।

ଖରା ସହ ନିର୍ବାଚନ ତାତି

ନେତାଠୁ କର୍ମୀ ସମସ୍ତେ ବେହାଲ

ପଦ୍ମପୁର,୨୯।୪(ପ୍ରଦୀପ୍ତ ଦାଶ)

ଡହଡହ ଖରାରେ ଚାଲିଛି ବିଭିନ୍ନ ଦଳର ନିର୍ବାଚନ ପ୍ରଚାର ସହିତ ନାମାଙ୍କନ ଦାଖଲ। ସକାଳୁ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁ ନେତାଠାରୁ କର୍ମୀ ସମସ୍ତେ ବେହୋଲ। ପୂର୍ବାହ୍ନ ୧୧ଠାରୁ ଅସହ୍ୟ ଖରା ତାତିରେ ରାସ୍ତା ଶୂନଶାନ ହୋଇ ପଡୁଥିବା ବେଳେ ନିର୍ବାଚନ ପ୍ରଚାର କରୁଥିବା କର୍ମୀ ଓ ପ୍ରାର୍ଥୀ ବେହାଲ ହେଉଛନ୍ତି। ଅନ୍ୟ ବର୍ଷଠାରୁ ଏବର୍ଷ ଏପ୍ରେଲ ମାସରୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି। ମେ ୨୦ ତାରିଖରେ ପଦ୍ମପୁରରେ ନିର୍ବାଚନ ଅନୁଷ୍ଠିତ ହେବ। ତେବେ ତପମାତ୍ର ଆଗକୁ ବୃଦ୍ଧି ପାଇଲେ ସେମାନେ କିପରି ପ୍ରଚାର କରିବେ ଭୋଟର ପାଖକୁ କେମିତି ଯିବେ ସେ ଚିନ୍ତା ଘାରିଲାଣି। ପ୍ରବଳ ଗରମରେ ଭୋଟରମାନେ ବୁଥକୁ ଆସିବେ ନା ନାହିଁ ସେ ଚିନ୍ତାରେ ପ୍ରାର୍ଥୀ ଓ କର୍ମୀ। ସୋମବାର ପଦ୍ମପୁରରେ ବିଜୁ ଜନତା ଦଳରୁ ଆସିଥିବା କର୍ମୀ ଓ ନେତାଙ୍କ ମଧ୍ୟରେ ଏହି ଚର୍ଚ୍ଚା ଯୋର ଧରିଥିଲା।

ଗାଁ ମାଟିର ସନ୍ତାନଙ୍କୁ ଆଶୀର୍ବାଦ ପାଇଁ ଅନୁରୋଧ କଲେ ପ୍ରଦୀପ

ପାଇକମାଳ, ୨୯।୪(ବଡ ଶତପଥୀ)

ବରଗଡ଼ ଜିଲା ପାଇକମାଳସ୍ଥିତ ନୃସିଂହନାଥ ଧର୍ମଶାଳା ପରିସରରେ ଭାଜପାର ଏକ ଆଶୀର୍ବାଦ ସଭା ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏହାକୁ ସରୋଜ ସାମଲ ସଂଯୋଜନା କରିଥିଲେ। ଏହି ସଭାରେ ପାଇକମାଳ ନାଗରିକ କମିଟି, ବ୍ୟବସାୟୀ ସଂଘ ଓ ଅନ୍ୟାନ୍ୟ ସଂଘ ସହିତ ଗ୍ରାମର ଭାଇଭଉଣୀମାନେ ଉପସ୍ଥିତ ହୋଇଥିଲେ। ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ନିଜ ବକ୍ତବ୍ୟରେ ଆଗାମୀ ଦିନରେ ଗାଁ ମାଟି ଓ ବରଗଡ଼ ପାଇଁ ସରକାରଙ୍କ ଉନ୍ନୟନ କାର୍ଯ୍ୟ କରିବାକୁ ସମ୍ପର୍ପିତ ବୋଲି କହିଥିଲେ। ପାଇକମାଳ ବାସିନ୍ଦା ତଥା ଏମ୍‌ପି ପ୍ରାର୍ଥୀ ଭାବେ ପ୍ରଦୀପ ପୁରୋହିତଙ୍କୁ ଭାଜପା ମନୋନୀତ କରିଥିବାରୁ ସେ ଗାଁ ମାଟି ହିସାବରେ ଆଶୀର୍ବାଦ ଭିକ୍ଷା କରିଥିଲେ। ସଭାରେ ପାଇକମାଳ ମହିଳା ଓ ପୁରୁଷ ତଥା ଭଦ୍ରବ୍ୟକ୍ତିମାନେ ସ୍ଥଳସ୍ଥଳି, ହରିବୋଲ ଦେବା ସହ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଆଶୀର୍ବାଦ କରିଥିଲେ।

ଭାରତ ବିକାଶ ପରିଷଦର ଶପଥ ବିଧି ସମାରୋହ

ବରଗଡ଼,୨୯।୪(ପ୍ରେମାନନ୍ଦ ଖମାରୀ)

ଭାରତ ବିକାଶ ପରିଷଦ ପଶ୍ଚିମ ପ୍ରାନ୍ତ ବରଗଡ଼ ଶାଖାର ଶପଥ ବିଧି ସମାରୋହ ଏବଂ ପ୍ରବୃଦ୍ଧ ବର୍ଗଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଡା. ପ୍ୟାରିଲାଲ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏହା ସହିତ ସେ ନୂତନ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ଡା. ପୁରୁଷୋତ୍ତମ ଅଗ୍ରୱାଲ ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ। ପରିଷଦର ସଭାପତି ସନ୍ତୋଷ ପଣ୍ଡା, ସମ୍ପାଦକ ଅରବିନ୍ଦ ଗୁପ୍ତା, ପୃଷ୍ଠପୋଷକ ଡା. ଅର୍ଜୁନ ମେହେର, କୋଷାଧ୍ୟକ୍ଷ ମୁକେଶ ଶର୍ମା, ପଶ୍ଚିମ ପ୍ରାନ୍ତର ସମ୍ପାଦକ ପ୍ରକାଶ ପଟ୍ଟନାୟକ, ରମେଶ ପ୍ରସାଦ ଖାଡ଼ଙ୍ଗା ପ୍ରମୁଖ ଭାରତ ମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ମହିଳା ବିଭାଗ ପ୍ରମୁଖ ତନୁଜା ପାଢ଼ୀ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦର୍ଶନା ଅଗ୍ରୱାଲ ଦେଶାତ୍ମବୋଧକ କବିତା ପାଠ କରିଥିଲେ। ସୁଦାମ ଚରଣ ସା ଏବଂ ପ୍ରାନ୍ତ ସାଧାରଣ ସମ୍ପାଦକ ପ୍ରକାଶ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଶ୍ଚିମପ୍ରାନ୍ତ ସଙ୍ଗଠନ ସମ୍ପାଦକ ଦୁର୍ଗାପ୍ରସାଦ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

ଶପଥ ବିଧି ସମାରୋହରେ ଅତିଥିବୃନ୍ଦ।

ସ୍ୱାଧୀନରେ ନାମାଙ୍କନ ଭରିଲେ କଂଗ୍ରେସ ନେତା

ସ୍ୱାଧୀନ ପ୍ରାର୍ଥୀ ଭାବେ ପାଣ୍ଡବ କର୍ଣ୍ଣ ନାମାଙ୍କନ ଦାଖଲ କରୁଛନ୍ତି ।

ବରଗଡ଼,୨୯।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର କଂଗ୍ରେସ ନେତା ପାଣ୍ଡବ କର୍ଣ୍ଣ ବରଗଡ଼ ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ଉପଜିଲାପାଳ କୁମାର ନାଗଭୂଷଣ ତାଙ୍କ ନାମାଙ୍କନ ପତ୍ର ଗ୍ରହଣ କରିଥିଲେ। ତେବେ କଂଗ୍ରେସ ବରଗଡ଼ ବିଧାନସଭା ଆସନ ପାଇଁ ନିପନ କୁମାର ଦାଶଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଥିବାବେଳେ ଜିଲା କଂଗ୍ରେସ କମିଟି ଉପସଭାପତି ଏବଂ କଂଗ୍ରେସ ପଛୁଆବର୍ଗର ସଭାପତି ପଦବୀରେ ରହିଥିବା କର୍ଣ୍ଣ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। କର୍ଣ୍ଣ ଲରମ୍ଭା କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି ସମେତ ଜିଲା ପରିଷଦ ସଭ୍ୟ ଏବଂ ସରପଞ୍ଚ ଭାବେ ପୂର୍ବରୁ ନିର୍ବାଚିତ ହୋଇ ସାରିଛନ୍ତି। ତାଙ୍କୁ ଏଥର କଂଗ୍ରେସ ବରଗଡ଼ ବିଧାନସଭା ଆସନରୁ ପ୍ରାର୍ଥୀ କରିବ ବୋଲି ସେ ଆଶାବାଦୀ ଥିଲେ। ମାତ୍ର ତାଙ୍କୁ ସେଥିରେ ନିରାଶ ହେବାକୁ ପଡ଼ିଥିଲା ଏବଂ ଗତ କିଛିଦିନ ତଳେ ଏକ ଖବରଦାତା ସମ୍ମିଳନୀରେ ସେ ତାଙ୍କ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହା ସହିତ ଚଳିତ ନିର୍ବାଚନରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ସେତେବେଳେ ଘୋଷଣା କରିଥିଲେ।

ଭାଜପାରେ ଶତାଧିକ ବିଜେଡ, କଂଗ୍ରେସ କର୍ମୀ

ଭେଡେନ,୨୯।୪ (ସୁଦନ ମହାକୁଡ଼)

ବରଗଡ଼ ଜିଲା ଭେଡେନ ରଞ୍ଜିତା ମିନି ଷ୍ଟାଡିୟମରେ ଭେଡେନ ବ୍ଲକ ଭାଜପା କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର

ସଂକ୍ଷେପରେ

ଖଡ଼ିଆଳରେ ଜୋର୍ ଧରିଲା ନିର୍ବାଚନୀ ପ୍ରଚାର

ଖଡ଼ିଆଳ, ୨୯।୪ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ପ୍ରଚାର ଜୋର ଧରିଛି। ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସିନାପାଲି ବ୍ଲକର ଅଦ୍ୟାବଧି କେହି ବିଧାୟକ ହୋଇପାରିନାହାନ୍ତି। ବୋଡ଼େନ ବ୍ଲକ୍‌ର ସ୍ୱର୍ଗତ ଦୁର୍ଯ୍ୟୋଧନ ମାଝି ୫ ଥର ବିଧାୟକ ହୋଇଥିବାବେଳେ ଖଡ଼ିଆଳ ବ୍ଲକ୍‌ର ରାଜା ସ୍ୱର୍ଗତ ଅନୁପ ସିଂଦେଓ ୭ ଥର ବିଧାୟକ ହୋଇଛନ୍ତି। ସେହିପରି ସ୍ୱର୍ଗତ କପିଳ ନାରାୟଣ ତିୱାରୀ, ହିତେଶ କୁମାର ବଗର୍ତ୍ତି ଓ ଅଧିରାଜ ମୋହନ ପାଣିଗ୍ରାହୀ ଥରେ ଲେଖାଏ ବିଧାୟକ ହୋଇସାରିଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଜେଡି ଅଧିରାଜ ପାଣିଗ୍ରାହୀ, ଭାଜପା ପକ୍ଷରୁ ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି ଓ କଂଗ୍ରେସ ଦଳ ଦଳିତ ଅଧିକାର ମଞ୍ଚର ରାଜ୍ୟ ସଭାପତି କମଳ ତାଣ୍ଡିଙ୍କୁ ପ୍ରାର୍ଥୀ କରିଛି। ଏହି ପ୍ରାର୍ଥୀମାନେ ଦଳୀୟ କର୍ମୀଙ୍କୁ ଏକଜୁଟକରି ସମ୍ମିଳନୀ କରିବା ସହ ଘର ଘର ବୁଲି ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ଏହି ୩ ପ୍ରାର୍ଥୀ ଖଡ଼ିଆଳ ସହରର ହୋଇଥିବାବେଳେ ସମସ୍ତଙ୍କର ସଙ୍ଗଠନ ମଧ୍ୟ ରହିଛି।

ବଜ୍ରପାତରେ ଗାଈ ମୃତ

ବେହେରା, ୨୯।୪ (ଭୂପେଶ ତିୱାରୀ): କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ କଦଳୀମୁଣ୍ଡା ଗ୍ରାମରେ ସୋମବାର ବଜ୍ରପାତରେ ଏକ ଗର୍ଭବତୀ ଗାଈର ମୃତ୍ୟୁ ହୋଇଛି। କିଛିଦିନ ହେଲା ଅପରାହ୍ନ ସମୟରେ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ପବନ ଓ ବର୍ଷା ଲାଗିରହିଛି। ସୋମବାର ଅପରାହ୍ନରେ ବର୍ଷା, ପବନ ସାଙ୍ଗକୁ ହଠାତ୍ ବଜ୍ରପାତ ହେବାରୁ ଏକ ଗଛ ତଳେ ଆଶ୍ରୟ ନେଇଥିବା ରୂପଧର ବୋଡକିଆଙ୍କ ଗାଈର ମୃତ୍ୟୁ ଘଟିଥିଲା।

ଖରା ଯୋଗୁ ମଧ୍ୟାହ୍ନରେ ଭବାନୀପାଟଣା ସହର ଖାଁ ଖାଁ।

ତାତିରେ ସିଝୁଛି କଳାହାଣ୍ଡି

ଭବାନୀପାଟଣା, ୨୯।୪ (ଉତ୍ତମ କୁମାର ଦାଶ)

ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମପ୍ରବାହ। ସମଗ୍ର ଓଡ଼ିଶାରେ ପ୍ରବଳ ଗରମ ଅନୁଭୂତ ହେଉଥିବା ବେଳେ ପ୍ରଚଣ୍ଡ ତାତିରେ ସିଝୁଛି କଳାହାଣ୍ଡି। ଝାଞ୍ଜିପବନ ସାଙ୍ଗକୁ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜନଜୀବନ। ଭବାନୀପାଟଣା ସମେତ ଜିଲାର ଜୁନାଗଡ଼, ଧର୍ମଗଡ଼, କେସିଙ୍ଗା ଆଦି ସହରର ତାପମାତ୍ରା ଏବେ ୪୦ ଡିଗ୍ରୀରୁ ଅଧିକ ରହୁଛି। ସତେ ଯେପରି ତତଲା କଡ଼େଇରେ ଭାଜି ହେଉଥିବା ଭଳି ମନେହେଉଛି।

ବିଭିନ୍ନ ସହରରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ

ଏହାକୁ ଦୃଷ୍ଟିରେ ରଖି ସମସ୍ତ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିଛି ଜିଲା ପ୍ରଶାସନ। ଗତ କିଛିଦିନ ହେବ କଳାହାଣ୍ଡିରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଖରା ଓ ତାତିରୁ ରକ୍ଷା ପାଇବା ପାଇଁ କିଏ ମୁଣ୍ଡରେ ଟୋପି, ଗାମୁଛା ପିନ୍ଧିଛନ୍ତି ତ ଆଉ କିଏ କଳା ଚଷମା ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଭୀଷଣ ଖରା ଯୋଗୁ ଲସି ଓ ଆମ୍ବରସ ଦୋକାନରେ ଲୋକଙ୍କ ଭିଡ଼ ଜମୁଛି। ଥଣ୍ଡା ପାନୀୟର ଚାହିଦା ବଢ଼ିଥିବା ବେଳେ ଲସି କିମ୍ବା ସରବତ ପିଇ ଆଶ୍ୱସ୍ତି ଅନୁଭବ କରୁଛନ୍ତି ଲୋକେ। ସକାଳ ହେଲେ ପ୍ରବଳ ଗରମ ଆରମ୍ଭ ହୋଇ ଯାଉଥିବାରୁ ଲୋକଙ୍କ ଚିନ୍ତା ବଢ଼ିଯାଉଛି।

ଦିନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଜିଲାରେ ଅଧିକାଂଶ ଦୋକାନବଜାର ବନ୍ଦ ରହୁଥିବା ବେଳେ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି। ଗତ ସପ୍ତାହେ ଧରି ଜିଲାରେ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲାର ସମସ୍ତ ଡାକ୍ତରଖାନାରେ ଅଂଶୁଘାତର ମୁକାବିଲା ପାଇଁ ବ୍ୟବସ୍ଥା କରିଛି ସ୍ୱାସ୍ଥ୍ୟ ବିଭାଗ। ଏଭଳି ଗରମ ସମୟରେ ଜିଲାର ବିଭିନ୍ନ ଜଙ୍ଗଲରେ ଲାଗିଥିବା ବନାଗ୍ନି ତଥା ବିଭିନ୍ନ ଜମିରେ ଲାଗିଥିବା ନିଆଁ ଚିନ୍ତା ବଢ଼ାଉଛି। ଏହାଛଡ଼ା ଜିଲାର ଅନେକ ଅଞ୍ଚଳରେ ବେଆଇନ ଇଟାଭାଟି ଯୋଗୁ ପରିବେଶ ଅଧିକ ଉତ୍ତପ୍ତ ହେବାରେ ଲାଗିଛି। ଜିଲାର ବିଭିନ୍ନ ନାଳ ପୋଖରୀରେ ପାଣି ଶୁଖିଯିବା କାରଣରୁ ଗୃହପାଳିତ ପଶୁପକ୍ଷୀଙ୍କ ସହିତ ଜଙ୍ଗଲର ବନ୍ୟଜନ୍ତୁଙ୍କୁ ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହେବାକୁ ପଡୁଛି।

ଡ୍ରେନ୍ ନିର୍ମାଣ ପାଇଁ ବିଡିଓଙ୍କୁ ଫେରାଦ

କେସିଙ୍ଗା, ୨୯।୪ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍‌ର ଉତ୍‌କେଲା ଗ୍ରାମପଞ୍ଚାୟତ ଅଧୀନ କୋକୋଡ଼ମାଲ ଗ୍ରାମରେ ଥିବା ନଳକୂଅ ଚାରିପାଖରେ ପାଣି ଜମୁଥିବାରୁ ଦୂଷିତ ପରିବେଶ ସୃଷ୍ଟି କରୁଛି। ଡ୍ରେନ୍ ନିର୍ମାଣକରି ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ବିଡିଓଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି। ସୂଚନାଯୋଗ୍ୟ, ଏହି ନଳକୂପ ଉପରେ ଗ୍ରାମର ଗୁଞ୍ଜେରମାଲ, ମାଝିପଡ଼ା ଓ ନାଏକପଡ଼ାର ୩୦ ପରିବାର ନିର୍ଭରକରନ୍ତି। ପୂର୍ବରୁ ଏହି ନଳକୂପଟି ଏକ ଘରୋଇ ଜମିରେ ଖନନ କରାଯାଇଛି। ତାଙ୍କ ଜମିରେ ପାଣି ଯିବାକୁ ମାଲିକ ବିରୋଧ କରୁଥିବାରୁ ବ୍ୟବହୃତ ପାଣି ନଳକୂପ ଚାରିପାଖରେ ଜମି ରହୁଛି। ଏହାଦ୍ୱାରା ଦୁର୍ଗନ୍ଧ ହେବା ସହ ପଡ଼ାବାସୀ ମ୍ୟାଲେରିଆରେ ଆକ୍ରାନ୍ତ ହେଉଛନ୍ତି। ନଳକୂପ ନିକଟରେ ସରକାରୀ ଜମି ରହିଥିବାରୁ ସେଥିରେ ପାଣି ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ କରିବାକୁ ପଡ଼ାବାସୀ ବିଡିଓଙ୍କୁ ଗୁହାରି କରିଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗା ବିଡିଓ ପଦ୍ମନାଭ ପୁରୋହିତଙ୍କୁ ପଚାରିବାରୁ ଯଥାଶୀଘ୍ର ତଦନ୍ତ କରାଯାଇ ଡ୍ରେନ୍ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି।

ନଳକୂପ ଚାରିପାଖରେ ଜମିରହୁଛି ପାଣି

ଦିବାରାତ୍ର ଭଲିବଲ ପ୍ରତିଯୋଗିତା

ଅତିଥିଙ୍କ ସହ ଖେଳାଳିମାନେ।

ରୁପ୍ରାରୋଡ଼, ୨୯।୪ (ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନଲା ବ୍ଲକ୍ ଅନ୍ତର୍ଗତ ବଡ଼ଧାରପୁର ଯୁବକସଂଘ ପକ୍ଷରୁ ୨୪ତମ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବଡ଼ଧାରପୁର ସରପଞ୍ଚ ପର୍ଶୁରାମ ହରପାଲ, ପିଏସ୍ ମେମ୍ବର ବିଜୟ ହରପାଲ ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଯୁଗଳ କିଶୋର ରଥ ଉଦ୍‌ଘାଟନ କରିଥିଲେ। ନଲା ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତି ମୁଖ୍ୟ ଅତିଥି ଓ ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ସାମାଜିକ କର୍ମୀ ଚିତ୍ତରଞ୍ଜନ ମଣ୍ଡଳ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ ୮ ଦଳ ଭାଗନେଇ ଥିବାବେଳେ ଫାଇନାଲ ମ୍ୟାଚରେ ତୁଣ୍ଡଳା ଦଳ ବିଜେତା ଓ ବଲାଙ୍ଗୀର ଦଳ ଉପବିଜେତା ହୋଇଥିଲା। ଅନୁଷ୍ଠାନର ନେପାଳ ଚନ୍ଦ୍ର ବିଶ୍ୱାଳ, ତୁଷାରକାନ୍ତ ସା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ମିଳନ କୁମାର ଭୋଇ ଓ ଯୁବକ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ଲଙ୍କେଶ୍ୱରୀ ଗ୍ରୁପ୍ ପକ୍ଷରୁ ଜୁନାଗଡ଼ ଡାକ୍ତରଖାନାକୁ କୁଲର ପ୍ରଦାନ

ଜୁନାଗଡ଼, ୨୯।୪ (ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ ସରକାରୀ ଡାକ୍ତରଖାନାର ରୋଗୀମାନଙ୍କୁ ଗରମରୁ ଆଶ୍ୱସ୍ତି ପାଇଁ ସ୍ଥାନୀୟ ଲଙ୍କେଶ୍ୱରୀ ଗ୍ରୁପ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଗ୍ରୁପ ପକ୍ଷରୁ ଡାକ୍ତରଖାନାର ଶିଶୁ, ମହିଳା ଓ ପୁରୁଷ ବର୍ଗର ରୋଗୀଙ୍କ ୱାର୍ଡ ପାଇଁ ସୋମବାର ୩ଟି ଜମ୍ବୋ କୁଲର ପ୍ରଦାନ କରାଯାଇଛି। ଏହାଦ୍ୱାରା ରୋଗୀମାନେ ଗରମରୁ ଆଶ୍ୱସ୍ତି ପାଇବେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଭଗବାନ ପଣ୍ଡା, ଲଙ୍କେଶ୍ୱରୀ ଗ୍ରୁପ ପକ୍ଷରୁ କୁସୁମ ସାହୁ, ସନ୍ତୋଷ ସାହୁ, ବିପିଏମ୍ ଏମ୍ ରାଜଶେଖର, ହିସାବରକ୍ଷକ ସୁଧିର ପାଣିଗ୍ରାହୀ, ଫାର୍ମାସିଷ୍ଟ ଶ୍ୟାମସୁନ୍ଦର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଜମ୍ବୋ କୁଲର ପ୍ରଦାନ ଅବସରରେ ଉପସ୍ଥିତ ଅଧିକାରୀମାନେ।

ସ୍ୱାମୀଙ୍କ ପାଇଁ ଭୋଟ ପ୍ରଚାର କରୁଛନ୍ତି ସ୍ତ୍ରୀ

ନୂଆପଡ଼ା, ୨୯।୪ (ମକାରୁ ବେମାଲ)

ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ହେଭିୱେଟ ନେତା ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବାରୁ ପ୍ରଚାର କାର୍ଯ୍ୟ ଜୋର ଧରିବାରେ ଲାଗିଛି। ୩ଥର ବିଧାୟକ ହୋଇଥିବା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ପାଇଁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମାରାଥନ ପ୍ରଚାର କରୁଥିବା ବେଳେ ପିସିସି ସଭାପତି ଶରତ ପଟ୍ଟନାୟକ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଧରି ପ୍ରଚାର ଆରମ୍ଭ କରିଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝିଙ୍କ ପାଇଁ ଆଦିବାସୀ ଓ ଦଳିତ ଅଣ୍ଟା ଭିଡିଛନ୍ତି। ଏପରିସ୍ଥଳେ ଭାଜପାରୁ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡା ନୂତନ ଚେହେରା ଭାବରେ ନିର୍ବାଚନୀ ମଇଦାନକୁ ଓହ୍ଲାଇ ଭୋଟରଙ୍କ ପାଖକୁ ଯାଉଛନ୍ତି । ଏଥିରେ ମଙ୍ଗ ଧରିଛନ୍ତି ତାଙ୍କ ଧର୍ମପତ୍ନୀ ସୁଚିସ୍ମିତା ପଣ୍ଡା । ନିଜ ସ୍ୱାମୀଙ୍କ ପାଇଁ ସେ ଦିନରାତି ଏକ କରି ଦେଇଛନ୍ତି। ବର୍ତ୍ତମାନ ପ୍ରଚାର ମଇଦାନରେ ସୁଚିସ୍ମିତାଙ୍କୁ ଦେଖିବାକୁ ମିଳୁଛି । ସେ ଭାଜପା ମହିଳା ନେତ୍ରୀଙ୍କ ସହ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଗାଁକୁ ଯାଇ ସ୍ୱାମୀଙ୍କ ପାଇଁ ଭୋଟ ପ୍ରଚାର କରୁଛନ୍ତି।

ପ୍ରଚାର ମଇଦାନରେ ଅନ୍ୟ ନେତ୍ରୀଙ୍କ ସହ ସୁଚିସ୍ମିତା।

ଜୁନାଗଡ଼ରେ ଭାଜପାର ମିଶ୍ରଣ ପର୍ବ

ଜୁନାଗଡ଼, ୨୯।୪ (ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ରବିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜୁନାଗଡ଼ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଶ୍ମି ରଞ୍ଜନ ନାୟକ ଓ ବହୁଜନ ସଂଗ୍ରାମ ସମିତି ସଭାପତି ରଞ୍ଜନ ଜାଲଙ୍କ ସମେତ ବିଜେଡି ଓ କଂଗ୍ରେସର ବହୁ ସମର୍ଥକ ଦଳରେ ସାମିଲ ହୋଇଥିଲେ। ଭାଜପା ଜୁନାଗଡ଼ ବିଧାନସଭା ପ୍ରାର୍ଥୀ ମନୋଜ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ନଗରପାଳ ସୁଧାଂଶୁ ବରାଡ଼, ବରିଷ୍ଠ ନେତା ହିମାଂଶୁ ଶେଖର ବରାଡ଼, ନଗର ସଭାପତି ଶିବରାମ ରାଉତ, ଦିପେନ ସାହୁ, ଲକ୍ଷ୍ମୀ ବାଣୁଆଁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ସ୍ଥାନୀୟ ମା' ଲଙ୍କେଶ୍ୱରୀ ମନ୍ଦିରରୁ ଭାଜପା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ହୋଇଥିଲା।

କଳାହାଣ୍ଡି ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ

ଭବାନୀପାଟଣା, ୨୯।୪ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଓକିଲ ସଂଘ ପକ୍ଷରୁ ଭବାନୀପାଟଣା ନୂତନ କୋର୍ଟଠାରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ସୁଧାଂଶୁ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଓ ନୂଆପଡା ଭିଜିଲାନ୍ସ ବିଚାରପତି ସୀତିକଣ୍ଠ ସାମଲ ମୁଖ୍ୟଅତିଥି, ଡ. ପୁରୁଷୋତ୍ତମ ମିଶ୍ର ମୁଖ୍ୟବକ୍ତା ଓ ରାଜ୍ୟ ସଭା ସାଂସଦ ସୁଜିତ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଆଇନଜୀବୀଙ୍କ ବିଚାର ଉପସ୍ଥାପନା କରିଥିଲେ। ଏହାସହ ମଧୁବାବୁଙ୍କ ଜୀବନଶୈଳୀ ଉପରେ ଆଲୋକପାତ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟକରିବା ପାଇଁ କହିଥିଲେ। ଓକିଲ ସଂଘ ଉପସଭାପତି ଗଣପତି ନାଏକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ସନ୍ତୋଷ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା, ଦାମୋଦର ବିଷୋୟୀ, ମୀନକେତନ ମିଶ୍ରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଉଲ୍ଲେଖନୀୟ ଅବଦାନ ପାଇଁ ଆଇନଜୀବୀ ସଚ୍ଚିତାନନ୍ଦ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସଂଘର ଯୁଗ୍ମ ସମ୍ପାଦକ ସୁଧାଂଶୁ ଶେଖର ନାଏକ ଧନ୍ୟବାଦ ଦେଇଥିଲେ।

ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ

ବେହେରା, ୨୯।୪ (ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଡେଣ୍ଡାପାଳି ଗ୍ରାମରେ ମା' ତାରିଣୀ ଦେବୀଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ସୋମବାର ଶୁଭଖମ୍ବ ସ୍ଥାପନ ହୋଇଛି। ବୈକୁଣ୍ଠ ନାଏକ ଓ ଯଶୋଦା ନାଏକ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ମା' ତାରିଣୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୁଭ ମୁହୂର୍ତ୍ତରେ ଶୁଭଖମ୍ବ ସ୍ଥାପନ ପୂର୍ବକ ଧର୍ମଧ୍ୱଜ ଟଙ୍ଗାଯାଇଥିଲା। ଗ୍ରାମବାସୀ ନାମଯଜ୍ଞ ଦିନ ପର୍ଯ୍ୟନ୍ତ ଆମିଷ ଓ ମଦ୍ୟପାନ ବର୍ଜନ ପାଇଁ ସଂକଳ୍ପ ନେଇଥିଲେ। ମେ ୫ରେ କଳସଯାତ୍ରା ଓ ଅଧିବାସ, ୬ରେ ନାମଯଜ୍ଞ ଓ ୭ରେ ନଗର ପରିକ୍ରମା, ଦଧିହାଣ୍ଡି ଭଗ୍ନ ହେବ। ନାମଯଜ୍ଞ କମିଟି ସଭାପତି ବଳଭଦ୍ର ମାଝି, ସନ୍ତୋଷ ହରେ ମାଝି, ସାନ ନାଏକ, ନବରାମ ନାଏକ, ଆଣିରୁଦ୍ଧ ଗଇଁନ୍ତା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ପୂଜାର୍ଚ୍ଚନାକରି ଶୁଭଖମ୍ବ ସ୍ଥାପନ କରାଯାଉଛି।

କାଳବୈଶାଖୀର ପ୍ରଭାବ

ତାତିରୁ ଆଶ୍ୱସ୍ତି ଦେଲା

ଏକ ଘର ଉପରେ ଗଛ ଭାଙ୍ଗିପଡିଛି।

କୋକସରା, ୨୯।୪ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ପ୍ରବଳ ରୌଦ୍ର ତାପରେ ଜନଜୀବନ ଛଟପଟ ହେଉଥିବା ବେଳେ ସୋମବାର ଅପରାହ୍ନରେ କାଳବୈଶାଖୀ କଳାହାଣ୍ଡି ଜିଲା କୋକସରା ଅଞ୍ଚଳବାସୀଙ୍କୁ ଆଶ୍ୱସ୍ତି ଆଣିଦେଇଛି। ଅନ୍ୟପକ୍ଷରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। ଅପରାହ୍ନରେ ପବନ ସହ ତୁହାକୁ ତୁହା ବର୍ଷା ହୋଇଥିଲା। ଏଥିରେ ବିଦ୍ୟୁତ ଖୁଣ୍ଟ ଉପୁଡିବା ରାସ୍ତା କଡର ହୋର୍ଡିଂ, ବଡ଼ ବଡ଼ ଗଛ ଭାଙ୍ଗି ପଡିଛି। ମୂଷାପାଲି ପଞ୍ଚାୟତ ଗହନାମୁଣ୍ଡା ହରିଜନ ପଡାର ମୁକେଶ ନାଗଙ୍କ ଘରେ ଏକ ବଡ଼ ଗଛ ପଡିଯିବାରୁ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେହି ସମୟରେ ଘରେ ୮ ଜଣ ସଦସ୍ୟ ଅଳ୍ପକେ ରକ୍ଷା ପାଇଛନ୍ତି। ଖବର ପାଇ କୋକସରା ଦମକଳ କର୍ମଚାରୀ ପହଞ୍ଚି ଗଛ କାଟି ପରିବାର ଲୋକଙ୍କୁ ଉଦ୍ଧାର କରିଥିଲେ। କୋକସରାରୁ ଛିଲିପାମାଲ ରାସ୍ତାରେ ଅନେକ ଗଛ ଉପୁଡି ପଡିଥିବା ଦେଖିବାକୁ ମିଳିଛି। ଝଡବର୍ଷା ଯୋଗୁ କୋକସରା ବ୍ଲକ ଅଞ୍ଚଳରେ ବିଦ୍ୟୁତ୍ ସରାବରାହ ବନ୍ଦ ରହିଛି। ଅନ୍ୟପଟେ ପ୍ରବଳ ପବନ ହେବାରୁ ଚାଷୀଙ୍କ ଅମଳକ୍ଷମ ଧାନ ବିଲରେ ଲୋଟି ପଡିଛି। ଫଳରେ ଧାନଫସଲ ନଷ୍ଟ ହେବା ଆଶଙ୍କା ରହିଛି।

ଦଣ୍ଡପାଟ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି

ବେହେରା, ୨୯।୪ (ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳରେ ସୋମବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କଦଳିମୁଣ୍ଡା ଗ୍ରାମରେ ଗଛ ମୂଳରେ ଆଶ୍ରୟ ନେଇଥିବା ଏକ ଗାଈର ବଜ୍ରପାତରେ ମୃତ୍ୟୁ ହୋଇଥିବା ବେଳେ ଧଅଁରପୁର ଗ୍ରାମର ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଭାଙ୍ଗିପଡିଛି। ସେହିପରି ଦଲସର୍ଗି ଗ୍ରାମର ଦୋସାଇ କାଣ୍ଡଙ୍କ ଘରର ଆଜବେଷ୍ଟସ୍ ପବନରେ ଉଡିଯାଇଥିବାବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବେହେରା ଗ୍ରାମ ବନୁଆପଡାର ଏକ ବଡ଼ଗଛ ଉପୁଡିଯାଇ ଜନୈକ ବ୍ୟକ୍ତିଙ୍କ ଘର ଉପରେ ପଡିଯାଇଛି। ବେହେରା ବିଜୁ ଏକ୍ସପ୍ରେସ ୱେ ନିକଟରେ କେତେକ ଦୋକାନ ଘର ଛାତ ଉଡି ରାସ୍ତାରେ ପଡିଛି। ରାସ୍ତାରେ ରହିଥିବା ଅନେକ ଯାନବାହନ ଉପରେ ଗଛ ଡାଳ ପଡି କ୍ଷତିଗ୍ରସ୍ତ ହୋଇଛି। କାଳବୈଶାଖୀ ଯୋଗୁ ଅଞ୍ଚଳର ପନିପରିବା ଫସଲ ନଷ୍ଟ ହୋଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ପ୍ରଶାସନ ତରଫରୁ ଶୀଘ୍ର ତଦନ୍ତ ପୂର୍ବକ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

ଫଟୋ: କାଳବୈଶାଖୀ ପ୍ରଭାବରେ ଏକ ଘରର ଆଜବେଷ୍ଟସ୍ ଉଠିଯାଇଛି।

କାଳବୈଶାଖୀ ପ୍ରଭାବରେ ଏକ ଘରର

ସଂକ୍ଷେପରେ

ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ୱେବିନାର

ଟିଟିଲାଗଡ଼, ୨୯।୪(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସର ମଧ୍ୟରେ ଇକାକ ତରଫରୁ ଏକ ୱେବିନର ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ପ୍ରଣବ କିଶୋର ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରଫେସର ଡ. ହିମାଂଶୁ ଶେଖର ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଥିଲେ। ସେ ବୌଦ୍ଧିକ ସମ୍ପତିଗତ ଅଧିକାର ସମ୍ବନ୍ଧରେ ବିଷଦ ଭାବେ ଆଲୋଚନା କରିଥିଲେ। ଇକାକ୍‌ର ସଂଯୋଜିକା ସମ୍ମିତା ପାଣିଗ୍ରାହୀ ଆବାହକ ଥିବାବେଳେ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ଉମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

ପାଚେରରେ ୪ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ

ଖପ୍ରାଖୋଲ, ୨୯।୪(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଞ୍ଚାୟତ ପାଚେର ଗାଁର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଚାରିଦିନ ହେଲା ବନ୍ଦ ରହିଥିବା ଅଭିଯୋଗ ହୋଇଛି। ପମ୍ପ ମୋଟର ପୋଡ଼ି ଯାଇଥିବାରୁ ଜଳଯୋଗାଣ ସମ୍ପୂର୍ଣ୍ଣ ଠପ ହୋଇଛି। ଗୋଟିଏ ପଟେ ପ୍ରବଳ ଗରମକୁ ଅନ୍ୟ ପଟେ ପାନୀୟ ଜଳ ନ ମିଳିବା ଯୋଗୁଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁସାରେ ଗାଁର ଜନସଂଖ୍ୟା ୧୫ ଶହରୁ ଅଧିକ ହେବ। ଏନେଇ ଖପ୍ରାଖୋଲ ବ୍ଲକ ଗ୍ରାମୀଣ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପ୍ରଧାନଙ୍କୁ ପଚାରିବାରୁ ପାନୀୟ ଜଳ ଯୋଗାଣ ବନ୍ଦ ସମ୍ପର୍କରେ ସୂଚନା ଅଛି। ଦୁଇଦିନ ମଧ୍ୟରେ ପାନୀୟ ଜଳ ଯୋଗାଣ ସ୍ୱଭାବିକ ହେବ ବୋଲି କହିଛନ୍ତି।

ଘଣ୍ଟାପଡ଼ା ରାମଲୀଳାରେ ନାଟକ ଇନ୍ଦ୍ରଜିତ ବଧ, ଲକ୍ଷ୍ମଣ ଶକ୍ତିଭେଦ ମଞ୍ଚସ୍ଥ

ଘଣ୍ଟାପଡ଼ା, ୨୯।୪(ପ୍ରଭାତ କୁମାର ସାହୁ)

କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଗ୍ରାମରେ ଚାଲିଥିବା ରାମଲୀଳାର ଦ୍ୱାଦଶ ଦିନରେ ଇନ୍ଦ୍ରଜିତ ବଧ ଓ ଲକ୍ଷ୍ମଣ ଶକ୍ତିଭେଦ ମଞ୍ଚସ୍ଥ ହୋଇଯାଇଛି। ଶ୍ରୀରଘୁନାଥ ନାଟ୍ୟ ସଂସଦ ଦ୍ୱାରା ପ୍ରତିବର୍ଷ ଶ୍ରୀରାମ ଲୀଳା ପର୍ବକୁ ୧୪ ଦିନ ପର୍ଯ୍ୟନ୍ତ ମହାଆଡମ୍ବରରେ ନାଟକ ମାଧ୍ୟମରେ ପାଳିତ ହୋଇଆସୁଛି। ରବିବାର ସନ୍ଧ୍ୟାରେ ମଞ୍ଚସ୍ଥ ନାଟକରେ ରାମ ଭୂମିକାରେ ଶତ୍ରୁଘ୍ନ ସାହୁ, ଲକ୍ଷ୍ମଣ ରାଜକୁମାର ବିଶି, ସୀତା ଜିତେନ୍ଦ୍ର ପାଣିଗ୍ରାହୀ, ହନୁମାନ ସୁମନ ମହାନ୍ତି, ସୁଗ୍ରୀବ ମୋହନ ରଣା, ବିଭୀଷଣ ଲିଙ୍ଗରାଜ ବିଶି, ରାବଣ କଳାକାହ୍ନୁ ମଲିକ, ଇନ୍ଦ୍ରଜିତ ମାନସ ମହାନ୍ତି, ମନ୍ଦୋଦରୀ ଶେଷଦେବ ମହାଲିକ, ସୁଲୋଚନା ତ୍ରିନାଥ ସେନାପତି ପ୍ରମୁଖ ଅଭିନୟ କରିଥିଲେ। ବାଦ୍ୟ ଯନ୍ତ୍ରରେ ତ୍ରିଲୋଚନ, କିଶୋର, ପରେଶ, ଶରତ, କାର୍ତ୍ତିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିପରି ଶ୍ରୀଜଗନ୍ନାଥ ନାଟ୍ୟ ସଂସଦ ମଧ୍ୟ ଉକ୍ତ ବିଷୟ ନାଟକ ମଞ୍ଚସ୍ଥ କରିଥିଲେ। ରାମଭୂମିକାରେ ଫକିର ରଣା, ଲକ୍ଷ୍ମଣ ଅମରସିଂ ରଣା, ସୀତା ରସରାଜ ସେନାପତି, ହନୁମାନ ବନମାଳି ମଲିକ, ସୁଗ୍ରୀବ ବିଦ୍ୟାଧର ଦେହୁରୀ, ବିଭୀଷଣ ବୀରବାହୁ ମାଝୀ, ରାବଣ ସୁବଳ ପାଣ୍ଡେ, ଇନ୍ଦ୍ରଜିତ ଭୂମିକାରେ ବିରେନ୍ଦ୍ର ଦେହୁରୀ ଅଭିନୟ କରିଥିଲେ।

ଦଧିବାମନ ରାମଲୀଳା : ରାମଙ୍କ ସେତୁବନ୍ଧ ନିର୍ମାଣ

ଲୋଇସିଂହା, ୨୯।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡାର ଦଧିବାମନ ରାମଲୀଳା ଅନୁଷ୍ଠାନ ପକ୍ଷରୁ ରାମଲୀଳା ଅଭିନୟ କରାଯାଉଛି। ରବିବାର ୧୨ତମ ରଜନୀରେ ବିଭୀଷଣଙ୍କ ସରନ୍ ଓ ରାମଙ୍କ ସେତୁ ବନ୍ଧ ନିର୍ମାଣ ପ୍ରସଙ୍ଗ ଅଭିନୀତ କରାଯାଇଥିଲା। ସୋମବାର ଲଙ୍କା ପୋଡି ଦୃଶ୍ୟ ରହିଛି ବୋଲି ଆୟୋଜକ କହିଛନ୍ତି। ୯୪ ବର୍ଷରେ ପର୍ଦାପଣ କରିଥିବା ଏହି ଅନୁଷ୍ଠାନ ପକ୍ଷରୁ ରାମନବମୀ ତିଥିରେ ୧୦୮ କଳସ ଶୋଭାଯାତ୍ରା କରି ନାଟ୍ୟ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ରାମଜନ୍ମ, ସୀତାସ୍ୱୟଂମ୍ବର, ରାମ ବନବାସ, ଭରତ ମିଳନ, ସୀତା ଚୋରି, ବାଳି ବଧ ବିଭିନ୍ନ ରଜନୀରେ ଅଭିନୀତ ହୋଇ ସାରିଛି। ରାମ ଭୂମିକାରେ ଶ୍ରୀକାନ୍ତ ତ୍ରିପାଠୀ, ଲକ୍ଷ୍ମଣ ମହେଶ ତ୍ରିପାଠୀ, ସୀତା ଜ୍ୟୋତିରଞ୍ଜନ ପଧାନ, ରାବଣ ରଞ୍ଜନ ମଲ୍ଲିକ, ଭରତ ଆତ୍ରେୟ ପଧାନ, ହନୁମାନ ଧନୁଜ ପଧାନ, କେଦାର ପଧାନ ଏପରି ପୁରୁଣା ଓ ନବାଗତ କଳାକର ବିଭିନ୍ନ ଭୂମିକାରେ ଅଭିନୟ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରୁଛନ୍ତି। ସଭାପତି ହରିହର ଛୁରିଆ, ଲକ୍ଷ୍ମଣ ସାହୁ, ସୀତାକାନ୍ତ ମିଶ୍ର ସହଯୋଗ କରୁଛନ୍ତି।

୨ ଗିରଫ, ବାଇକ୍ ସହ ଟଙ୍କା ଜବତ

ବଲାଙ୍ଗୀର, ୨୯।୪ (ବୀରେନ୍ଦ୍ର କୁମାର ଝାଙ୍କର)

ଭାରତ ଫାଇନାନ୍ସ ଇନ୍‌କ୍ଲୁଜନ୍ ଲିମିଟେଡ କମ୍ପାନୀର ଜଣେ ଏଜେଣ୍ଟଙ୍କଠାରୁ ୧ ଲକ୍ଷ ୩୯ ହଜାର ୩୭୮ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିବାରେ ପୁଇଁନ୍ତଲା ଥାନା ପୋଲିସ ସଫଳ ହୋଇଛି। ପୋଲିସ ଦୁଇ ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଏକ ପଲସର ବାଇକ୍ ଓଡି୦୩ଏଏ ୯୬୫୮, ୨୨ ହଜାର ୬ ଶହ ଟଙ୍କା, ସୁନା ମୁଦି, ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଗିରଫ ଦୁଇ ଲୁଟେରା ହେଲେ ସୋନପୁର ଜିଲା ତରଭା ଥାନା କମସରା ଗ୍ରାମର ବରୁଣ ନାଗ (୪୦) ଓ ବଲାଙ୍ଗୀର ଜିଲା ତୁଷରା ଥାନା ମଧୁପୁର-ଅର୍ଜୁନପୁର ଗ୍ରାମର ଆଦର୍ଶ ସାହୁ (୨୪)। ଦୁଇ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି।

ବଲାଙ୍ଗୀର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ସୋମବାର ଅପରାହ୍ଣରେ ଟାଉନ୍ ଥାନା ପରିସରରେ ଖବରଦାତା ସମ୍ମିଳନୀ କରି ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି।

ଫାଇନାନ୍ସ କମ୍ପାନୀ ଏଜେଣ୍ଟଙ୍କଠାରୁ ଲୁଟ୍ ଘଟଣାର ପର୍ଦ୍ଦାଫାଶ

ଫାଇନାନ୍ସ କମ୍ପାନୀ ଏଜେଣ୍ଟଙ୍କଠାରୁ ଲୁଟ୍ ଘଟଣାରେ ଗିରଫ ଦୁଇ ଅଭିଯୁକ୍ତଙ୍କୁ ନେଇ ବଲାଙ୍ଗୀର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଟାଉନ୍ ଥାନାରେ ସୂଚନା ଦେଉଛନ୍ତି।

ସେ କହିଥିଲେ ଯେ, ଗତ ଏପ୍ରିଲ ୪ ତାରିଖ ଭାରତ ଫାଇନାନ୍ସ କମ୍ପାନୀ ଏଜେଣ୍ଟ ହେମଚନ୍ଦ୍ର ରଣା ପୁଇଁନ୍ତଲା ଥାନା ରୁବେଲ ଓ ଆଖପାଖ ଗ୍ରାମାଞ୍ଚଳରୁ ବିଭିନ୍ନ ଏସ୍‌ଏଚ୍‌ଜି ଠାରୁ ଇଷ୍ଟଲମେଣ୍ଟ ଟଙ୍କା ସଂଗ୍ରହ କରି ବଇରାସରକୁ ଫେରୁଥିବାବେଳେ ଏକ ନିଛାଟିଆ ସ୍ଥାନରେ ତିନିଜଣ ଅଚିହ୍ନା ଯୁବକ ତାଙ୍କୁ ଅଟକାଇ ମାଡପିଟ କରି ତାଙ୍କଠାରୁ ୧ ଲକ୍ଷ ୩୯ହଜାର ୩୭୮ ଟଙ୍କା ଓ ଅନ୍ୟ ସାମଗ୍ରୀ ଲୁଟି ନେଇ ଫେରାର ହୋଇଯାଇଥିଲେ। ଏନେଇ ରଣା ପୁଇଁନ୍ତଲା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏକ ମାମଲା (ନଂ.୧୫୨/୨୪) ରୁଜୁ କରାଯାଇଥିଲା। ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀଙ୍କ ନିର୍ଦ୍ଦେଶକ୍ରମେ ପୁଇଁନ୍ତଲା ଥାନା ଆଇଆଇସି ଶୁଭରାଜ ଧରୁଆ, ସବ୍‌ଇନ୍ସପେକ୍ଟର ପଙ୍କଜିନୀ ବାଗ ଓ ଅନ୍ୟମାନଙ୍କୁ ନେଇ ଗଠିତ ଟିମ୍ ତଦନ୍ତ ଆରମ୍ଭ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ତୃତୀୟ ଅଭିଯୁକ୍ତ ଜଣକ ଫେରାର ଥିବା ଏସ୍‌ଡିପିଓ ସାହୁ ସୂଚନା ଦେଇଛନ୍ତି। ଗିରଫ ଦୁଇ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ପୁଇଁନ୍ତଲା, ଦେଓଗାଁ, ତୁଷରା ଏବଂ ସୋନପୁର ଜିଲାର ଥାନାମାନଙ୍କରେ ବହୁ ମାମଲା ରହିଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

ନାମାଙ୍କନ କଲେ ପ୍ରଦୀପ ଅମାତ, ମହୀଧର ରଣା

ବୌଦ୍ଧ,୨୯।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାର ଦୁଇଗୋଟି ନିର୍ବାଚନ ମଣ୍ଡଳୀ ବୌଦ୍ଧ ଓ କଣ୍ଟମାଳ ଥିବା ବେଳେ ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୦ରେ ମତଦାନ ହେବ। ଉଭୟ ନିର୍ବାଚନ ମଣ୍ଡଳୀ ପାଇଁ ମେ ୩ ନାମାଙ୍କନର ଶେଷ ଦିନ ଥିବାବେଳେ ତିନି ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ଭାଜପା ଓ ବିଜେଡି ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛନ୍ତି। ସୋମବାର

ନାମାଙ୍କନ ଦାଖଲ ପାଇଁ ମନ୍ତ୍ରୀ ପ୍ରଦୀପ ଅମାତ ଓ ବିଧାୟକ ମହୀଧୀର ରଣା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଶୋଭାଯାତ୍ରାରେ ଯାଉଛନ୍ତି।

ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବିଜେଡି ପକ୍ଷରୁ, କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପକ୍ଷରୁ ବିଧାୟକ ମହୀଧର ରଣା ନାମାଙ୍କନପତ୍ର ଦାଖଲ କରିଛନ୍ତି। ବୌଦ୍ଧ ସହରର ରଘୁନାଥ ମନ୍ଦିରରେ ମନ୍ତ୍ରୀ ପ୍ରଦୀପ ଅମାତ ପୂଜାର୍ଚ୍ଚନା କରିବା ପରେ ଏକ ସୁସଜ୍ଜିତ ଗାଡିରେ ମନ୍ତ୍ରୀ ଅମାତ ଓ ରଣା ରଘୁନାଥ ମନ୍ଦିର ଠାରୁ ବିରାଟ ପଟୁଆରରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ମନ୍ତ୍ରୀ ଅମାତ ଉପଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ବିଧାୟକ ରଣା ଅତିରିକ୍ତ ଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ନାମାଙ୍କନ ସମୟରେ ଏନଏସି ଅଧକ୍ଷା ମୃତ୍ୟୁଞ୍ଜୟ ମିଶ୍ର, ଅଶୋକ ସାହୁ, ପୃଥିରାଜ ମେହେର, ଅମ୍ରିତ ପ୍ରଧାନ ଉପସ୍ଥିତ ଥିଲେ। ନାମାଙ୍କନପତ୍ର ଦାଖଲ ସମୟରେ ହଜାର ହଜାର ସଂଖ୍ୟାରେ ଦଳୀୟ ନେତା ଓ କର୍ମୀ ସାମିଲ ଥିଲେ।

ନିଶା କବଳରେ ଯୁବପିଢି

ଦେଓଗାଁ,୨୯।୪(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକରେ ଯୁବପିଢି ଏବେ ନିଶାକୁ ଆପଣେଇ ନେଇଥିବା ଦେଖିବାକୁ ମିଳିଛି। ନୂଆ ଯୁବପିଢି ଏବେ ମଦ ଦିଗରେ ଆଗ୍ରହ ପ୍ରକାଶ କରୁ ନ ଥିବାବେଳେ କପ୍ ସିରଫ ଓ ଗୋ ଗୋକୁ ନେଇ ଚାରିଆଡେ ନିଶାସେବନ ଚାଲିଥିବା ଅନୁମାନ ହେଉଛି। ମଦ ଦାମ ସହିତ ତୁଳନା କଲେ କପ୍ ସିରଫର ଦାମ ବହୁତ କମ୍ ରହୁଛି। ଏପରିକି ଅଞ୍ଚଳରେ ଥିବା ମେଡିସିନ ଦୋକାନଗୁଡିକରେ ଏବେ କପ୍ ସିରଫ ବିପୁଳ ଚାହିଦା ଢେର ବଢିଛି। ସତେ ଯେପରି କପ୍ ସିରଫ ଓ ଗୋ ଗୋ ଯୁବ ପିଢିକୁ ସମ୍ପୂର୍ଣ୍ଣ କବଳିତ କରିଦେଇଛି। ବର୍ତ୍ତମାନର ଯୁବପିଢି ବା କଲେଜରେ ପାଠପଢୁଥିବା ଛାତ୍ରମାନେ ଗନ୍ଧମୁକ୍ତ ନିଶା ଯୋଗୁଁ ଏହାକୁ ନିଶା ଭାବେ ଆଗ୍ରହସହ ଗ୍ରହଣ କରୁଛନ୍ତି। ଫଳରେ ଅନେକାଂଶରେ ଯୁବପିଢି ପଥଭ୍ରଷ୍ଟ ହୋଇ ଅପରାଧ ଦୁନିଆରେ ସମ୍ପୃକ୍ତ ରହୁଥିବା ନଜିର ରହିଛି। ଅବକାରୀ ଓ ପୋଲିସ ବିଭାଗ ନିରବ ରହୁଛି।

ନାମାଙ୍କନପତ୍ର ଦାଖଲ କଲେ ଏସ୍‌ୟୁସିଆଇ, ଆମ୍ବେଦକ୍ରାଇଟ୍ ପାର୍ଟି ପ୍ରାର୍ଥୀ

ବଲାଙ୍ଗୀର ଲୋକ ସଭା ଆସନ ପାଇଁ ଏସୟୁସିଆଇ (ସି) ପ୍ରାର୍ଥୀ ସୁନୀଲ କୁମାର ଭୋଇ ଜିଲାପାଳ ଅଫିସରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ବଲାଙ୍ଗୀର, ୨୯।୪ (ବୀରେନ୍ଦ୍ର କୁମାର ଝାଙ୍କର)

୨୦୨୪ ନିର୍ବାଚନ ସକାଶେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ବଲାଙ୍ଗୀର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଏମ୍‌ପି ପ୍ରାର୍ଥୀ ଭାବେ ଏସ୍‌ୟୁସିଆଇ (ସି) ପାର୍ଟି ପ୍ରାର୍ଥୀ ଭାବେ ସୁନୀଲ କୁମାର ଭୋଇ ସୋମବାର ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟକୁ ଆସି ନାମାଙ୍କନପତ୍ର ଦାଖଲ କରିଛନ୍ତି। ସୁନୀଲ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଆସି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଜିଲାପାଳ କାର୍ଯ୍ୟାଳୟକୁ ଯାଇ ସେଠାରେ ଜିଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କୁ ନାମାଙ୍କନପତ୍ର ଦାଖଲ କରିଥିଲେ। ସେ କହିଛନ୍ତି ଯେ, ବଲାଙ୍ଗୀର ଜିଲାର ଦାଦନ ଶ୍ରମିକ ସମସ୍ୟାର ସ୍ଥାୟୀ ସମାଧାନ, ପ୍ରତି ପଞ୍ଚାୟତରେ ସରକାରୀ ମଣ୍ଡି ଓ ଶୀତଳ ଭଣ୍ଡାର ନିର୍ମାଣ, ବଲାଙ୍ଗୀର ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଦରଦାମ ବୃଦ୍ଧି ବନ୍ଦ ଓ ଶିକ୍ଷା ତଥା କର୍ମସଂସ୍ଥାନ, ମଦ ବନ୍ଦ କରିବାକୁ ସେ ପ୍ରାଧାନ୍ୟ ଦେବେ। ତାଙ୍କ ଶୋଭାଯାତ୍ରାରେ ବହୁ ଛାତ୍ର ଏବଂ ଗ୍ରାମାଞ୍ଚଳ ଲୋକଙ୍କୁ ଦେଖିବାକୁ ମିଳିଥିଲା। ବଲାଙ୍ଗୀର ଜିଲା ଲୋଇସିଂହା ବିଧାନସଭା ଆସନ ପାଇଁ ସୋମବାର ଆମ୍ବେଦକ୍ରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ ପ୍ରାର୍ଥୀ ଲାଲମନ୍ ନାଗ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଛି। ସେ ତାଙ୍କ ସମର୍ଥକଙ୍କ ସହ ବଲାଙ୍ଗୀର ଏଡିଏମ୍ ଅଫିସକୁ ଆସି ଏଡିଏମ୍ ଡ. ବିଜୟାନନ୍ଦ ସେଠୀଙ୍କୁ ନାମାଙ୍କନପତ୍ର ଦାଖଲ କରିଥିଲେ। ଦୁଇ ପ୍ରାର୍ଥୀଙ୍କୁ ସମ୍ବିଧାନ ସୁରକ୍ଷା ପାଇଁ ଅଧିକାରୀ ଦ୍ୱୟ ଶପଥ ପାଠ କରାଇଥିଲେ।

ନାମାଙ୍କନ ସମୟରେ ଶୋଷରେ ଆଉଟୁପାଉଟୁ ରାଜନୈତିକ କର୍ମୀ

ଜିଲାପାଳଙ୍କ କାର୍ଯ୍ୟାଳୟରେ ପାନୀୟଜଳ ଯୋଗାଣ ଅଚଳ ହୋଇପଡିଛି।

ବୌଦ୍ଧ, ୨୯।୪(ଅଜିତ କୁମାର ବାରିକ)

ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ପାନୀୟଜଳ ଯୋଗାଣ ଅଚଳ

ବୌଦ୍ଧରେ ନିର୍ବାଚନ ପରିଚାଳନାରେ ଯେପରି କୌଣସି ତ୍ରୁଟି ରହିବ ନାହିଁ ସେଥିପାଇଁ ପ୍ରଶାସନ ପକ୍ଷରୁ ଦୀର୍ଘ ଦିନ ପୂର୍ବରୁ ପ୍ରସ୍ତୁତି ବୈଠକ କରି ସେ ସମ୍ପର୍କରେ ବାରମ୍ବାର ସମୀକ୍ଷା ମଧ୍ୟ କରାଯାଉଛି। କିନ୍ତୁ ସବୁ ପ୍ରସ୍ତୁତି ସୋମବାର ନାମାଙ୍କନ କରିବା ପରେ ଫେଲ ମାରିଥିବା ଦେଖିବାକୁ ମିଳିଛି। ସୋମବାର ବୌଦ୍ଧରେ ଶାସକ ଦଳ ବିଜେଡି ପକ୍ଷରୁ ମନ୍ତ୍ରୀ ପ୍ରଦୀପ ଅମାତ ଓ ବିଧାୟକ ମହୀଧର ରଣା ହଜାର ହଜାର ସମର୍ଥକଙ୍କ ଗହଣରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଥିଲେ। ଏପଟେ ବୌଦ୍ଧରେ ୪୪ ଡିଗ୍ରୀ ଉପରେ ପାରଦ ଥିବାବେଳେ ଶୋଭାଯାତ୍ରାରେ ସାମିଲ ହୋଇଥିବା ସମସ୍ତ ରାଜନୈତିକ କର୍ମୀଙ୍କୁ ଗେଟ୍ ବାହାରେ ଅଟକାଇ ଦିଆଯିବା ପରେ କେବଳ ପ୍ରାର୍ଥୀଙ୍କ ସହିତ ନାମାଙ୍କନ ପ୍ରକ୍ରିୟାରେ ସାମିଲ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭିତରକୁ ଛଡାଯାଇଥିଲା। କିନ୍ତୁ ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟରେ ପାନୀୟଜଳର ବ୍ୟବସ୍ଥା କରାଯାଇ ନ ଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ପାନୀୟଜଳ ଯୋଗାଣ ଅଚଳ ହୋଇପଡିଥିବା ଦେଖିବାକୁ ମିଳିଥିଲା। ନାମାଙ୍କନ ପାଇଁ ନିର୍ବାଚନ କମିଶନଙ୍କ ନୂତନ ଗାଇଡ ଲାଇନ ଯୋଗୁ ପ୍ରାୟ ୩ ଘଣ୍ଟା ପ୍ରାର୍ଥୀମାନଙ୍କୁ ରିଟର୍ଣ୍ଣିଂ ଅଧିକାରୀଙ୍କ କାର୍ଯ୍ୟାଳୟ ଭିତରେ ଅଟକା ଯାଇଥିଲା। ଅପେକ୍ଷାରତ ରାଜନୈତିକ ବ୍ୟକ୍ତି ଓ ସରକାରୀ କର୍ମଚାରୀ ଗ୍ରୀଷ୍ମପ୍ରବାହର ଶିକାର ହେବା ସହିତ ପାନୀୟଜଳ ପାଇଁ ଆଉଟୁପାଉଟୁ ହେଉଥିବା ଦେଖିବାକୁ ମିଳିଥିଲା। ନିର୍ବାଚନରେ ଏହିଭଳି ବିଭ୍ରାଟକୁ ନେଇ ରାଜନୈତିକ ବ୍ୟକ୍ତିବିଶେଷ ଅସନ୍ତୋଷ ପ୍ରକାଶ କରିଥିଲେ।

ବୌଦ୍ଧରେ ଜମୁଛି ରାମଲୀଳା ଯାତ୍ରା

ପରିବେଷିତ ହେଲା ନାଟକ ଇନ୍ଦ୍ରଜିତ ବଧ

ବୌଦ୍ଧ, ୨୯।୪(ଅଜିତ କୁମାର ବାରିକ)

ବୌଦ୍ଧଗଡଜାତର ଗଣପର୍ବ ପ୍ରସିଦ୍ଧ ରାମଲୀଳା ପାଇଁ ପୁରାସହର ଜମିଉଠିଛି। ସୋମବାର ତ୍ରୟୋଦଶ ସନ୍ଧ୍ୟାରେ ପରିବେଷିତ ହୋଇଛି ନାଟକ ଇନ୍ଦ୍ରଜିତ ବଧ। ଗୃହଶତ୍ରୁ ଭାଇ ବିଭୀଷଣଙ୍କ ଏକମାତ୍ର ପୁତ୍ର ତରଣୀସେନଙ୍କ ଯୁଦ୍ଧରେ ମୃତ୍ୟୁ ହେବା ପରେ ଲଙ୍କପତି ରାବଣ ମନରେ ଖୁସି ହୋଇ ଅଟହାସ୍ୟ କରିଛି। ଅନ୍ୟପଟେ ସ୍ୱାମୀ ସୁଖ କଣ ଜାଣି ନ ଥିବା ତରଣୀସେନଙ୍କ ସ୍ତ୍ରୀ ପଦ୍ମା ସ୍ୱାମୀଙ୍କ ମୃତ୍ୟୁଖବର ପାଇ ଦୁଃଖରେ ଭାଙ୍ଗି ପଡିବାସହ ପାଗଳିନୀ ସାଜିଛନ୍ତି। ତରଣୀସେନକୁ ଝୁରୁଛି ଲଙ୍କା ମାଟି ଓ ପାଣିପବନ। ତରଣୀସେନକୁ ମରାଇ ଆତ୍ମସନ୍ତୋଷ ଲାଭ କରୁଥିବା ରାବଣ ନିଜ ମାତାଙ୍କ ମୃତ୍ୟୁ ଖବର ପାଇଛି। ହେଲେ ନିଜ ବଂଶର ଅନେକ ପୁତ୍ର ନାତି ବୀର ଯୋଦ୍ଧା ଏଯାଏ ବଞ୍ଚି ରହିଥିବାରୁ ରାବଣ ନିଜକୁ ବଳିୟାନ ମନେ କରିଛି। ନିଜ ଔରଷଜାତ

ରାମଲୀଳା ନାଟକର ଏକ ଦୃଶ୍ୟ।

ଆଜନ୍ମ ବ୍ରହ୍ମଚାରୀ ବୀରବାହୁକୁ ଯୁଦ୍ଧକୁ ପଠାଇବା ପରେ ଶ୍ରୀରାମ ଲକ୍ଷ୍ମଣଙ୍କ ହାତରେ ତାର ମୃତ୍ୟୁ ହୋଇଛି।

ଶେଷରେ ନିଜର ଅଲିଅଳ ପୁତ୍ର ଇନ୍ଦ୍ରଜିତକୁ ଯୁଦ୍ଧ ଭୂମିକୁ ଯିବାକୁ ପଡିଛି। ବୀର ଲକ୍ଷ୍ମଣଙ୍କ ଦ୍ୱାରା ମହା ମାୟା

ଫ୍ୟାଶନ

ସମର ଆଉଟ୍‌ଫିଟ୍

ଆପଣମାନେ ସାଧାରଣତଃ ସିଜନ୍ ଅନୁଯାୟୀ ଡ୍ରେସ୍ ପିନ୍ଧିବାକୁ ପସନ୍ଦ କରନ୍ତି। ଏବେ ଖରାଦିନ ଚାଲିଛି ଏହିଦିନରେ କିପରି ଡ୍ରେସ୍ ପିନ୍ଧିଲେ ତାହା ଆରାମଦାୟକ ହେବ ସେ ସମ୍ପର୍କରେ ଜାଣିବା ଟିପ୍ସ...

ଧଳାରଙ୍ଗର ଡ୍ରେସ୍ ପିନ୍ଧନ୍ତୁ
ଖରାଦିନରେ ନିଜ କପ୍‌ବୋର୍ଡରେ ଧଳାରଙ୍ଗର ଡ୍ରେସ୍ ରଖିବା ସହିତ ଏହାକୁ ପିନ୍ଧନ୍ତୁ। ଏହା ବେଶ୍ ଆରାମଦାୟକ ହୋଇଥାଏ। ଏହି ଧଳାରଙ୍ଗର ଡ୍ରେସ୍ ପିନ୍ଧିବା ଦ୍ୱାରା ଖରା ଏତେ କାଟି ନ ଥାଏ। ଧଳାରଙ୍ଗରେ ଆପଣ ଶର୍ଟ ଡ୍ରେସ୍, ମ୍ୟାକ୍ସି ଡ୍ରେସ୍, ଲଖନଉ ସୁଟ୍, ଅନାରକଲି, ଶାଢ଼ି, ପେନ୍‌ସିଲ୍ ସ୍କର୍ଟ୍ ଟ୍ରାଉଜର ଆଦି ଆପଣ ଟ୍ରାଏ କରିପାରନ୍ତି।

ପ୍ରିଣ୍ଟର ରଖନ୍ତୁ ଖାସ୍ ଧ୍ୟାନ
ଖରାଦିନେ ଫ୍ଲୋରାଲ ପ୍ରିଣ୍ଟର ଡ୍ରେସ୍ ଅଧିକ ପସନ୍ଦ କରାଯାଏ। ଏହି ଦିନରେ ଏହି ଫ୍ଲୋରାଲ ପ୍ରିଣ୍ଟ ଏବଂ ଲାଇଟ୍ କଲର ଡ୍ରେସ୍ କୁଲ୍ ଲୁକ୍ ଦେଇଥାଏ। ଫ୍ଲୋରାଲ ବ୍ୟତୀତ ଚେକ୍ସ, ଷ୍ଟ୍ରାଇପ୍ସ, ଜେମୋଟ୍ରିକ୍ ପ୍ରିଣ୍ଟ ବି ଆପଣାଇପାରିବେ।

କମ୍ଫର୍ଟେବଲ୍ ହେବ ଡ୍ରେସ୍
ଏହିଦିନରେ ସାଧାରଣତଃ ବେଶି ଝାଳ ବହିଥାଏ। ଏଥିପାଇଁ ଏଦିନେ ଟାଇଟ୍ ଏବଂ ଫିଟିଂ ଡ୍ରେସ୍ ପିନ୍ଧିବାକୁ ଆଭୋଏଡ୍ କରିବା ସହ କଟନ୍ ଟି-ଶାର୍ଟ, ପ୍ଲାଜୋ, ଲଙ୍ଗ କୁର୍ତ୍ତି, ପ୍ରିଣ୍ଟେଡ୍ କୁର୍ତ୍ତୀ, ହ୍ୱାଇଟ୍ ଶର୍ଟ, ଲିନେ୍ ଜ୍ୟାକେଟ୍, ଏସିମେଟ୍ରିକଲ ଟପ୍, କର୍ଟନ ଶାଢ଼ି ଆଦି ସମର ପାଇଁ ବେଷ୍ଟ ଅପସନ୍ ହୋଇଥାଏ।

ଇଭିନିଂ ପାର୍ଟି ପାଇଁ ଚୟନ କରନ୍ତୁ ଡ୍ରେସ୍
ପାର୍ଟିରେ ସାଧାରଣତଃ ବ୍ଲାକ୍ କଲର ଡ୍ରେସ୍ ପସନ୍ଦ କରାଯାଏ, କିନ୍ତୁ ଗରମ ଦିନରେ କିଛି ଅଲଗା ପିନ୍ଧିବାକୁ ଚେଷ୍ଟା କରନ୍ତୁ। ଇଭିନିଂ ପାର୍ଟି ଲାଗି ଶିଫନ୍, ଜର୍ଜେଟ, ସିଲ୍କ ୱାନ୍ ସୋଲ୍ଡର, ଅଫ୍ ସୋଲ୍ଡର ଆଦି ଡ୍ରେସ୍ ପିନ୍ଧିପାରିବେ।

ଗ୍ରୀଷ୍ମରେ ରହିବେ ଫିଟ୍

"ଗ୍ରୀଷ୍ମଋତୁରେ ସବୁବେଳେ ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖୁଥିବା ଖାଦ୍ୟ ଖାଆନ୍ତୁ। ବିଶେଷଭାବରେ ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ, ତଟକା ଫଳମୂଳ ଖାଆନ୍ତୁ। କାରଣ ଏଗୁଡ଼ିକରେ ଜଳୀୟ ଅଂଶ ଭରପୂର ହୋଇ ରହିଥାଏ।"

ବର୍ଷତମାମ ବିଭିନ୍ନ ଋତୁ ମଧ୍ୟରେ ବିଶେଷଭାବରେ ଗ୍ରୀଷ୍ମଋତୁରେ ସ୍ୱାସ୍ଥ୍ୟ ପ୍ରତି ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ଏହି ସମୟରେ ମହିଳାମାନେ ଏଥିପ୍ରତି ଦୃଷ୍ଟି ଦେବା ଦରକାର। ଆଜିକାଲି ଅନେକ ମହିଳା ସ୍ୱାବଲମ୍ବୀ ହେବାକୁ ପସନ୍ଦ କରୁଛନ୍ତି। କେବଳ ଜଣେ ଗୃହିଣୀ ନୁହେଁ, କର୍ମଜୀବୀ ହୋଇଥିଲେ ମଧ୍ୟ ଏହି ଋତୁରେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହୁଅନ୍ତୁ। ଉକ୍ତ ଋତୁରେ ଅତ୍ୟଧିକ ଗରମ ସ୍ୱାସ୍ଥ୍ୟ ପାଇଁ ସମସ୍ୟା ସୃଷ୍ଟି କରିଥାଏ। ପ୍ରବଳ ଗରମରେ ବାହାରକୁ ଯିବାକୁ ଥିଲେ ସେଥିପ୍ରତି ସତର୍କ ହୁଅନ୍ତୁ। ତା'ସହ ଏହି ଋତୁରେ ଖାଦ୍ୟପେୟ ଏବଂ ବିଶ୍ରାମ ଆଦି ପ୍ରତି ଧ୍ୟାନ ଦିଅନ୍ତୁ। ଗ୍ରୀଷ୍ମଋତୁରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ କେତେକ ରୋଗ ସୃଷ୍ଟି କରିଥାଏ। ଅଂଶୁଘାତ, ସନ୍‌ବର୍ନ ତନ୍ମଧ୍ୟରୁ ଅନ୍ୟତମ। ତେଣୁ ଏହି ଋତୁରେ ନିଜକୁ ସୁସ୍ଥ ରଖିବା ଲାଗି ନିମ୍ନଲିଖିତ ଟିପ୍ସ ଆପଣେଇପାରନ୍ତି...

ଖାଦ୍ୟପେୟ: ଗ୍ରୀଷ୍ମଋତୁରେ ପ୍ରଥମେ ନିଜର ଖାଦ୍ୟପେୟ ପ୍ରତି ସର୍ତକ ରହିବା ନିହାତି ଦରକାର। ଏହି ଋତୁରେ ଅଧିକ ମସଲାଯୁକ୍ତ ଏବଂ ଗରିଷ୍ଠ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ଏହିଦିନରେ ସବୁବେଳେ ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖୁଥିବା ଖାଦ୍ୟ ଖାଆନ୍ତୁ। ବିଶେଷଭାବରେ ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ, ତଟକା ଫଳମୂଳ ଖାଆନ୍ତୁ। କାରଣ ଏଗଡ଼ିକରେ ଜଳୀୟ ଅଂଶ ଭରପୂର ହୋଇ ରହିଥାଏ। ବିଶେଷଭାବରେ ଖରାଦିନେ ଶରୀରରେ ଜଳ ଶୁଷ୍କତା (ଡିହାଇଡ୍ରେଶନ) ସୃଷ୍ଟି ହେବା ଆଶଙ୍କା ରହିଛି। ତେଣୁ ଏହି ଋତୁରେ ଲେମ୍ବୁପାଣି, ଆଖୁରସ, ଲସି, ପଇଡ଼ ପାଣି ଆଦି ପିଅନ୍ତୁ। ଏସବୁ ମଧ୍ୟ ଶରରୀରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଗ୍ରୀଷ୍ମ ଋତୁରେ ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ତା'ସହ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। କାରଣ ଅସହ୍ୟ ଗରମ ଏବଂ ଗୁଳୁଗୁଳିର ପ୍ରଭାବକୁ ଶରୀରରେ ଜଳୀୟ ଅଂଶ ଅନେକାଂଶରେ ନିୟନ୍ତ୍ରଣ କରିଥାଏ।

ପୋଷାକ : ବିଶେଷଭାବରେ ଋତୁ ଅନୁସାରେ ଡ୍ରେସ୍ ପିନ୍ଧିବାକୁ ପଡ଼ିଥାଏ। ଏଦିନେ ମହିଳାମାନେ ନିଜର ଡ୍ରେସ୍ ପ୍ରତି ନଜର ଦେବା ଆବଶ୍ୟକ। ଏହି ଖରାଦିନରେ ହାଲ୍‌କା ପୋଷାକ ପିନ୍ଧନ୍ତୁ। ଏଭଳି ପୋଷାକ ପିନ୍ଧନ୍ତୁ ନାହିଁ, ଯାହା ଗରମ ସମୟରେ ଆପଣଙ୍କୁ ବ୍ୟତିବ୍ୟସ୍ତ କରିଦେବ। ଏହି ଋତୁରେ ପଲିଷ୍ଟର ପୋଷାକ ଆଦୌ ପିନ୍ଧନ୍ତୁ ନାହିଁ। ଗ୍ରୀଷ୍ମଋତୁରେ ହାଲ୍‌କା ତଥା କଟନରେ ପ୍ରସ୍ତୁତ ପୋଷାକ ପିନ୍ଧିଲେ ଆରାମ ଲାଗିଥାଏ।

ବାହାରକୁ ଯାଉଥିଲେ..
ଗରମ ଯେତେ ପ୍ରବଳ ଅନୁଭୂତ ହେଉଥିଲେ ମଧ୍ୟ ଯଦି କାମ ଅଛି କିମ୍ବା ଆପଣ କୌଣସି ଚାକିରି କରିଛନ୍ତି ତେବେ ବାହାରକୁ ଯିବାକୁ ହିଁ ପଡ଼ିବ। ଏହି ଋତୁରେ ବାହାରକୁ ଯାଉଥିଲେ ପ୍ରଥମେ ସୂର୍ଯ୍ୟଙ୍କର ପ୍ରଖର କିରଣର ପ୍ରଭାବ ଯେପରି ଶରୀର ଉପରେ ନ ପଡ଼ିବ ସେ ନେଇ ସତର୍କ ରୁହନ୍ତୁ। ବିଶେଷଭାବରେ ଧଳା ପୋଷାକ ପିନ୍ଧିଲେ ତାହା ସୂର୍ଯ୍ୟକିରଣକୁ ସହଜରେ ଶରୀର ଭିତରକୁ ପ୍ରବେଶ କରିବାକୁ ଦେଇ ନ ଥାଏ। ଗାଡ଼ି ଚଲାଇବା ସମୟରେ ମୁହଁକୁ .ଭଲଭାବେ ଷ୍ଟୋଲରେ ବାନ୍ଧି ଦିଅନ୍ତୁ। ସାଙ୍ଗରେ ପାଣିବୋତଲ ନେବାକୁ ଭୁଲନ୍ତୁ ନାହିଁ। ଯଦି ବାହାରେ ଅଧିକ ସମୟ ରହୁଛନ୍ତି, ତେବେ ନିୟମିତ ସମୟ ଅନ୍ତରାଳରେ ମୁହଁକୁ ଧୋଇଦିଅନ୍ତୁ। ଏହାଦ୍ୱାରା ଆରାମ ଲାଗିଥାଏ। ପ୍ରବଳ ଖରାରେ ବାହାରେ ବୁଲୁଥିଲେ ଶରୀରରେ ଯେପିର ଜଳ ଶୁଷ୍କତା ଦେଖା ନ ଦିଏ ସେନେଇ ସଚେତନ ରୁହନ୍ତୁ। ଆଖିକୁ ସୁରକ୍ଷା ଦେଉଥିବା ଭଲ ବ୍ରାଣ୍ଡର ସନ୍ ଗ୍ଲାସ୍ ପିନ୍ଧନ୍ତୁ।

କର୍ମଜୀବୀ ହୋଇଥିଲେ..
କର୍ମଜୀବୀ ହୋଇଥିଲେ ଦିନତମାମ ନିଜ କାର୍ଯ୍ୟକ୍ଷେତ୍ରରେ ବ୍ୟସ୍ତ ରହିବାକୁ ପଡ଼ିଥାଏ। ତେଣୁ ସେ ସମୟରେ ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। ଖରାଦିନେ ଅଧିକ ସମୟ ଖାଲି ପେଟରେ ରୁହନ୍ତୁ ନାହିଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ କିଛି ଖାଦ୍ୟ ଖାଇବା ସହ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ।

ସ୍ୱାସ୍ଥ୍ୟ ସତର୍କତା
ଖରାଦିନେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ଏହି ଋତୁରେ ନିଜ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ତେଣୁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। ଘର ଭିତର ଏବଂ ବାହାର ଭାଗ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ମଶା ଉପଦ୍ରବରୁ ରକ୍ଷାପାଇବା ପାଇଁ ମଶାରି ଟାଙ୍ଗି ଶୁଅନ୍ତୁ।

ରୂପଚର୍ଯ୍ୟା: ଖରାଦିନେ ପ୍ରଖର ସୂର୍ଯ୍ୟକିରଣର ପ୍ରଭାବ ଚର୍ମ ବା ସ୍କିନ୍ ଉପରେ ପଡ଼ିଥାଏ। ତେଣୁ ଏହି ସମୟରେ ଚର୍ମ କିପରି ମୁଲାୟମ ରହିବ ସେ ନେଇ ସ୍କିନ୍ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ଏହି ଦିନରେ ସନ୍‌ସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ। କୌଣସି ପାର୍ଟିରେ ଯୋଗଦେବାକୁ ଥିଲେ ହାଲ୍‌କା ମେକ୍‌ଅପ୍ ନିଅନ୍ତୁ। ଏହି ଋତୁରେ ସ୍କିନ୍‌ରେ ଯେମିତି ଶୁଷ୍କତା ଦେଖା ନ ଯାଏ ସେଥିପ୍ରତି ସତର୍କ ରୁହନ୍ତୁ। ଏ ନେଇ ବିୟୁଟି ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।

ସେମାନେ କ'ଣ କରନ୍ତି..

ଗ୍ରୀଷ୍ମଋତୁରେ ଅଧିକ ସତର୍କ ରହେ (ସମୀକ୍ଷା ମହାନ୍ତି, ମହାନଦୀ ବିହାର, କଟକ)
ବର୍ଷକ ୧୨ମାସ ୬ ଋତୁ। ତେଣୁ ଋତୁ ଅନୁଯାୟୀ ମୁଁ ନିଜକୁ ଖାପ୍ ଖୁଆଇ ଚାଲିଥାଏ। ବିଶେଷଭାବରେ ଖରାଦିନେ ମୁଁ ନିଜ ପ୍ରତି ଅଧିକ ସତର୍କ ରହେ। ଯେପରି ଶରୀରରେ ଡିହାଇଡ୍ରେଶନ ନ ହେବ ସେଥିପ୍ରତି ଦୃଷ୍ଟି ଦିଏ। ଏହି ଋତୁରେ ସବୁବେଳେ ହାଲ୍‌କା ତଥା ସହଜରେ ହଜମ ହୋଇପାରୁଥିବା ଖାଦ୍ୟ ଖାଏ। ତା' ସହ ନିଜ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ସତର୍କ ରହେ। ଯେହେତୁ ଗୃହିଣୀ, ତେଣୁ ଏହି ସମୟରେ ପରିବାରର ଅନ୍ୟ ସଦସ୍ୟମାନଙ୍କର ମଧ୍ୟ ଯତ୍ନନେବାକୁ ପଡ଼ିଥାଏ। ଖରାଦିନେ ମୁଁ ପ୍ରଚୁର ପାଣି ପିଏ।

ସ୍ୱାସ୍ଥ୍ୟ ସତର୍କତାକୁ ଗୁରୁତ୍ୱ ଦିଏ (ସରୋଜିନୀ ସାହୁ,ରସୁଲଗଡ଼, ଭୁବନେଶ୍ୱର)
ଯେକୌଣସି ଋତୁ ହେଉ ନା କାହିଁକି, ମୁଁ ନିଜ ସ୍ୱାସ୍ଥ୍ୟ ପ୍ରତି ସବୁବେଳେ ସ୍ୱତନ୍ତ୍ର ଦୃଷ୍ଟି ଦେଇଥାଏ। ଖରାଦିନେ ଯେପରି ଜଳୀୟ ଶୁଷ୍କତାର ସମ୍ମୁଖୀନ ହେବି ନାହିଁ ସେ ନେଇ ସଚେତନ ଥାଏ। ଖରାଦିନ ପାଇଁ ଫ୍ରିଜ୍ ପାଣି ଅପେକ୍ଷା ମାଠିଆରେ ପାଣି ରଖି ଘରେ ସମସ୍ତଙ୍କୁ ପିଇବାକୁ ଦେଉଛି। ସକାଳେ ଟିଫିନ୍‌ରେ ମାଣ୍ଡିଆ ଦହି, ଖରାଦିନେ ପଖାଳ ପ୍ରସ୍ତୁତ କରୁଛି।

ଗୃହିଣୀଙ୍କ ପାଇଁ...

ଖରାଦିନ ଆସିଲା ମାତ୍ରେ ପନିପରିବା ଜଲ୍‌ଦି ନଷ୍ଟ ହୋଇଯାଏ। କିନ୍ତୁ କେତେକ ସାଧାରଣ ଉପାୟ ପାଳନ କରିବା ଦ୍ୱାରା ପନିପରିବା ସତେଜ ରହିପାରିବ,କିପରି ଜାଣନ୍ତୁ କେତୋଟି ଟିପ୍ସ...

ଓଦା ପରିବା ଫ୍ରିଜ୍‌ରେ ରଖନ୍ତୁ ନାହିଁ: ଯଦି ଆପଣ ବଜାରରୁ ପରିବା କିଣୁଛନ୍ତି ତାକୁ ଧୋଇ ସଙ୍ଗେ ସଙ୍ଗେ ଫ୍ରିଜ୍‌ରେ ରଖନ୍ତୁ ନାହିଁ। ଏହା ଭଲଭାବେ ଶୁଖିଗଲା ପରେ ତାକୁ ଫ୍ରିଜ୍‌ରେ ରଖନ୍ତୁ। ଓଦା ପନପରିବା ଜଲ୍‌ଦି ଖରାପ ହୋଇଥାଏ। ଏହାକୁ ଟାଓ୍ୱେଲରେ ପୋଛି ରଖନ୍ତୁ।

ଫ୍ରିଜ୍‌ର ସଠିକ ବ୍ୟବହାର
ଫ୍ରିଜ୍‌ର ତାପମାନ ୧ରୁ ୪ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ରଖନ୍ତୁ, ପନିପରିବା ରଖିବା ସମୟରେ ତାକୁ ଖୋଲା ଫାଙ୍କା ସ୍ଥାନରେ ରଖନ୍ତୁ।

ପେପର ଟାଓ୍ୱେଲ
ପରିବା ରଖିବା ସମୟରେ ପେପର ଟାଓ୍ୱେଲରେ ପନିପରିବାକୁ ଗୁଡ଼ାଇ ରଖନ୍ତୁ। ଏହାଦ୍ୱାରା ପନିପରିବାରେ ଲାଗିଥିବା ଓଦାପଣକୁ ଶୁଖାଇଦେବ। ଫଳରେ ପନିପରିବା ସତେଜ ରହିବ।

ସୌନ୍ଦର୍ଯ୍ୟ

ଖରାଦିନେ ତ୍ୱଚାର ଯତ୍ନ

ପ୍ରବଳ ଖରା ତ୍ୱଚା ଲାଗି କ୍ଷତିକାରକ। ଗ୍ରୀଷ୍ମଋତୁରେ ଏହାକୁ କିପରି ମୁଲାୟମ ତଥା ଆକର୍ଷଣୀୟ ରଖିବେ ସେ ନେଇ କେତୋଟି ଟିପ୍ସ...

ଖରା ଏବଂ ପ୍ରଦୂଷଣ ଏହି ଦୁଇଟି ତ୍ୱଚା ଲାଗି ସବୁଠାରୁ ବଡ଼ ଶତ୍ରୁ। କିନ୍ତୁ ଅଫିସ୍ ଯିବାର ଥିଲେ କିମ୍ବା କୌଣସି କାମରେ ବାହାରକୁ ଯାଉଥିଲେ,ନିଜ ତ୍ୱଚାକୁ ଯେତେ ସମ୍ଭବ ସୁରକ୍ଷିତ ରଖିବା ଦରକାର। ନିଜ ସ୍କିନ୍ କେୟାର ରୁଟିନ୍‌ରେ କିଛି ଘରୋଇ ଉପଚାର ସାହାଯ୍ୟରେ ଆପଣ ନିଜ ତ୍ୱଚାକୁ ସୁରକ୍ଷିତ ରଖିପାରିବେ।

ମଶ୍ଚରାଇଜର : ସକାଳୁ ଘରୁ ବାହାରକୁ ଯିବା ପୂର୍ବରୁ ମଶ୍ଚରାଇଜର ଏବଂ ସନ୍‌ସ୍କ୍ରିନ୍ ଲୋଶନ ଲଗାଇବାକୁ ଭୁଲନ୍ତୁ ନାହିଁ। ଯଦି ରାତିରେ ଶୋଇବା ପୂର୍ବରୁ ସ୍କିନ୍ କେୟାର କରୁଛନ୍ତି ଯେମିତିକି କିଛି ପୋଷକ ତତ୍ତ୍ୱ ଦେଉଛନ୍ତି ତେବେ ଏହାଦ୍ୱାରା ସ୍କିନ୍‌ର ଚମକ ପ୍ରଭାବିତ ହେବନାହିଁ।

କାକୁଡ଼ି: ରାତିରେ ମୁହଁ ସଫାକଲା ପରେ କାକୁଡ଼ିରସ ମୁହଁରେ ଲଗାଇପାରିବେ। କାକୁଡ଼ିରେ ୯୨ ପ୍ରତିଶତ ଜଳ ରହିଛି, ଯାହା ଆପଣଙ୍କ ତ୍ୱଚାକୁ ହାଇଡ୍ରେଟ୍ କରିଥାଏ। ଏହା ଗରମଜନିତ ସମସ୍ୟାକୁ ଠିକ୍ କରିପାରେ। ଆପଣ ପ୍ରତିଦିନ ରାତିରେ ମୁହଁକୁ ଭଲଭାବେ ଧୋଇ ତାକୁ ଶୁଖାଇ ଦିଅନ୍ତୁ। ଏହାପରେ କାକୁଡ଼ିରସକୁ ମୁହଁରେ ହାଲ୍‌କା ଲଗାଇ ରାତି ସାରା ଛାଡ଼ି ଦିଅନ୍ତୁ। ଏହାଦ୍ୱାରା ମୁଖବ୍ରଣଜନିତ ସମସ୍ୟାରୁ ମୁକ୍ତି ମିଳିବା ସହ ମୁହଁ ଅଧିକ ଚମକ ଦେଖାଯାଇଥାଏ।

ଦହି: ଦହି କେଶ ଏବଂ ଶରୀର ଲାଗି ବେଶ୍ ଉପଯୋଗୀ । ଏଥିରେ କ୍ୟାଲ୍‌ସିୟମ, ପ୍ରୋଟିନ୍ ସହ ଭିଟାମିନ୍ 'ଡି' ରହିଛି। ଏହା ତ୍ୱଚାକୁ ଚମକଦାର ରଖିବାରେ ସାହାଯ୍ୟ କରିଥାଏ। ଯଦି ପ୍ରତିଦିନ ତ୍ୱଚାରେ ଦହି ଲଗାଯାଏ ତେବେ ମୁଖବ୍ରଣ ସମସ୍ୟା ଦୂର ହେବା ସହ ଆଖି ତଳେ ଥିବା କଳାଦାଗ ଦୂରହୋଇଥାଏ। ଦହିର ଫେସ୍ ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ପ୍ରତିଦିନ ଅଳ୍ପ ମାତ୍ରାରେ ଦହି ଏକ ପାତ୍ରରେ ନିଅନ୍ତୁ। ସେଥିରେ ୫ମିନିଟ୍ ପର୍ଯ୍ୟନ୍ତ ମସାଜ୍ କରନ୍ତୁ। ଏହାକୁ ରାତିରେ ଧୁଅନ୍ତୁ ନାହିଁ। ସକାଳୁ ମୁହଁକୁ ଭଲଭାବେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ଏପରି କରିବା ଦ୍ୱାରା ନିଜ ତ୍ୱଚାର ଫରକ ଜାଣିପାରିବେ।

ଆଲୋଭେରା : ଯଦି ଆପଣଙ୍କ ତ୍ୱଚା ଝାଉଁଳିଯାଉଛି କିମ୍ବା ସନ୍‌ବର୍ନ ହେଉଛି ତେବେ ଆଲୋଭେରା ଜେଲ୍ ତୁରନ୍ତ ଆପଣଙ୍କୁ ଆରାମ ଦେବ।

ଖାଦ୍ୟରୁଚି

କର୍ନ ସାଲାଡ୍

ଆବଶ୍ୟକ ସାମଗ୍ରୀ
୧ କପ୍ ଫ୍ରୋଜନ୍ ମକା ଦାନା ସିଝା ହୋଇଥିବା । ଛୋଟ ଆକାରରେ କଟାହୋଇଥିବା କାକୁଡ଼ି ଏକତୃତୀୟାଂଶ ଟମାଟୋ, ପିଆଜ, କଞ୍ଚାଲଙ୍କା, ୨ ଚାମଚ ଧନିଆଁପତ୍ର, ୧ ଚାମଚ ଲେମ୍ବୁରସ, ଏକଚତୁର୍ଥାଂଶ ଗୋଲମରିଚ ପାଉଡର, ସ୍ୱାଦ ଅନୁସାରେ ଲୁଣ।

ପ୍ରସ୍ତୁତି ପ୍ରଣାଳୀ
ପ୍ରେସରକୁକରରେ ମଧ୍ୟମ ଆଞ୍ଚରେ ଲୁଣପାଣିରେ ମକାକୁ ଚାରୋଟି ସିଟି ହେବା ପର୍ଯ୍ୟନ୍ତ ସିଝିବାକୁ ଦିଅନ୍ତୁ। ଏହାକୁ ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଧାରୁଆ ଛୁରି ସାହାଯ୍ୟରେ ମକାକୁ ଛଡ଼ାଇ ଏକ ବଡ଼ ପାତ୍ରରେ ରଖନ୍ତୁ। ସେଥିରେ କଟାହୋଇଥିବା କାକୁଡ଼ି, ପିଆଜ, ଟମାଟୋ ଧନିଆଁପତ୍ର, କଞ୍ଚାଲଙ୍କା ଆଦି ପକାନ୍ତୁ। ଏବେ ଏହା ଉପରେ ୧ ଚାମଚ ଲେମ୍ବୁରସ ପକାନ୍ତୁ। ଏବେ ସେଥିରେ ଗୋଲମରିଚଗୁଣ୍ଡ ଏବଂ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଏବେ ଏହାକୁ ଭଲଭାବରେ ମିଶାଇ ଦିଅନ୍ତୁ। ଏବେ ଆପଣଙ୍କ କର୍ନ ସାଲାଡ୍ ପ୍ରସ୍ତୁତ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ